(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୦/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Friday, October 20/2023 | Page 20 | ₹ 7.00

୪୯ଶ ଭାଗ ୩୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 326 | ମୂଲ୍ୟ ₹୭/-




50 years of Trust

No.1 Odisha RETAIL Chain Brand

GD Symbol of Trust

# GUPTA DISTRIBUTORS

MOBILE, CAMERA, LAPTOP, ELECTRONICS, HOME APPLIANCES & FURNITURES

FESTIVE SALE

HURRY LIMITED PERIOD OFFER

COST TO COST DHAMAKA

CHECK OUR PRICE, BEFORE YOU BUY

PICK ANY GIFT ON PURCHASE OF Rs. 10,000/- AND ABOVE

DOUBLE BED SHEET MRP - 1999/- @500/-

ELECTRIC KETTLE 1.8ltr MRP - 1399/- @500/-

EGG BOILER MRP - 699/- @300/-

ADDITIONAL ASSURED GIFT ON EVERY PURCHASE

FREE GIFT: SAMSUNG* TOP LOAD 10KG | SAMSUNG* GALAXY S23 | VIP* STROLLEY | SOUND BAR* | BOROSIL DINNER SET | Buy an OLED & Bring Home a 43 inch Google TV* | & MANY MORE OFFER

0 EASY FINANCE DOWN PAYMENT INTEREST | 1 EMI OFF | 5 YEAR ASK FOR EXTENDED WARRANTY | EXCHANGE OFFER | UPTO 15 YEAR WARRANTY* | ASSURED CASHBACK OF UP TO 1,00,000/-* | ASSURED EXCLUSIVE GIFT COUPONS WORTH AROUND Rs. 25,000/-

ADDITIONAL GIFT TO ALL EMI CARD HOLDER

HDFC BANK We understand your world — 0 DOWN PAYMENT 30 EMI

IDFC FIRST Bank — 10% CASHBACK UPTO Rs. 15,000/-

HDB FINANCIAL SERVICES — 10% CASHBACK UPTO Rs. 10,000/-

LED TV PRICE START ₹7490/- | REFRIGERATOR PRICE START ₹11190/- | AIR CONDITION PRICE START ₹28900/- | WASHING MACHINE PRICE START ₹7990/- | MICROWAVE OVEN PRICE START ₹6990/- | MOBILE Smartphones at EASY no cost EMI | LAPTOP PRICE START ₹29990/- | CAMERA PRICE START ₹42990/- | ACCESSORIES | HOME APPLIANCES

## HOME & OFFICE FURNITURE

UPTO.......... 60% OFF*

HYDRAULIC STORAGE BEDS | 4 SEATER DINING | LCD UNITS | CENTER TABLES WITH MARBLE TOP | WITHOUT STORAGE BEDS | CUSHION HEAD BOARD BEDS | OFFICE TABLE | SPD DINING SETS | DRESSING TABLES | DIWANS | SIDE BOARD UNITS | PREMIUM DINING SETS | SHOE RACKS | STUDY TABLES | LCD UNITS | COFFEE SETS

FREE DELIVERY WITHIN 20 KMS | EASY FINANCE AVAILABLE | GIFT ON EVERY PURACHASE | EXCHANGE FACILITY AVAILABLE

MARRIAGE EXCLUSIVE OFFER ALSO AVAILABLE | FREE INSTALLATION WITHIN MUNICIPALITY AREA

Furniture Available at PATRAPARA (BBSR), CDA (CUTTACK), KALAPATHAR, JAGATSINGHPUR, NIMAPADA, NAYAGARH, BALUGAON, PARADEEP, ATHAGARH, JAJPUR TOWN, ANGUL, PURI & CHANDIKHOLE

FINANCE PARTNER: BAJAJ FINSERV | IDFC FIRST Bank | HDFC BANK We understand your world | HDB FINANCIAL SERVICES

ALL CREDIT & DEBIT CARDS ACCEPTABLE

UP TO 5% INSTANT DISCOUNT* SBI card

*Min. Trxn.: ₹25,000; Max. Discount: ₹4,000 per card. Also valid on EMI Trxns. Validity: 15 Oct - 13 Nov 2023. T&C Apply.

WIDECARE SECURE YOUR PRODUCT WITH EXTENDED WARRANTY

LG | SONY | SAMSUNG | Panasonic | Kelvinator | Godrej | Whirlpool | HITACHI Inspire the Next | VOLTAS | BLUE STAR | DAIKIN | Haier | Carrier | LLOYD | IFB | ONEPLUS | oppo | vivo | DELL | hp | ASUS | EUREKA FORBES | BAJAJ | BOSCH | KUTCHINA | CG Cine Gold | HAVELLS | Nikon | Canon

BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, HANSPAL, Puri Canal Road, Near Hanuman Mandir, Mob: 7735455009, SAMANTARAPUR - NEAR Sanjeevani Medicare Hospital, ASIDE HANUMAN MANDIR, Mob: 9692316302, PATRAPARA – Plot No: 283/2979, Near ICICI Bank, Mob: 7008989313, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- Hospital Square,Grand Road, Mob: 7008989310, JATNI- Near Axis bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, GUPTA FURNITURE PLAZA, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP– Dochaaki, Udaybata, Mob: 7008989316, BARIPADA – Near Roxy Cinema Hall, Mob: 7008989347, ANGUL - NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE – Jena Premium, National Highway, Near RLY Overbridge, Mob: 9692316301, ATHAGARH – Birakishorpur, Athagarh, Mob: 9692316303

*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only/CASH BACK IS SUBJECT TO BANK/CREDIT CARD, Depending on Purchase Value/Under Extended Warranty Scheme*

| | | | |
|---|---|---|---|
| ✸ ଗୁପ୍ତା ଡ଼ିଷ୍ଟ୍ରିବ୍ୟୁଟର୍ସ ର ଶୁଭାରମ୍ଭ କେଉଁ ମସିହାରେ ହୋଇଥିଲା ? | ☐ ୧୯୭୦ | ☐ ୧୯୮୩ | ☐ ୧୯୭୨ |
| ✸ ଅନୁଷ୍ଠାନର ମୁଖ୍ୟ ପରିଚାଳକଙ୍କ ନାମ କ'ଣ ? | ☐ ପି. ଗୁପ୍ତା | ☐ ଆର୍. ଗୁପ୍ତା | ☐ ଡି. ଗୁପ୍ତା |
| ✸ ସାରା ଓଡ଼ିଶାରେ କେତେଗୋଟି ଶାଖା ରହିଅଛି ? | ☐ ୧୫ | ☐ ୨୮ | ☐ ୨୨ |
| ✸ ଗୁପ୍ତାର ପ୍ରଥମ ଷ୍ଟୋର କେଉଁଠାରେ ହୋଇଥିଲା ? | ☐ କଟକ | ☐ ଭୁବନେଶ୍ୱର | ☐ ନୟାଗଡ଼ |

ଏହି କୁପନଟି ସଠିକ୍ ଉତ୍ତର ସହିତ ପୂରଣ କରି, ନିକଟତମ ଗୁପ୍ତା ଡ଼ିଷ୍ଟ୍ରିବ୍ୟୁଟର ଶାଖାରେ ଥିବା LUCKY DRAW BOX ରେ ପକାଇ ଉପହାର ମାନ ଜିତନ୍ତୁ ।

Mob: ....................................................

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୦/୨୦୨୩ | Bhubaneswar, Friday, October 20/2023 | ପୃଷ୍ଠା-୧




ଘରୋଇ ବସ୍ ସଂଘ ପକ୍ଷରୁ ବନ୍ଦ ଡାକରା ଦେବା ପରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଗୁରୁବାର ଗନ୍ତବ୍ୟସ୍ଥଳକୁ ଯିବା ଲାଗି ଯାତ୍ରୀଙ୍କ ପ୍ରବଳ ଭିଡ଼।

## ପାଣି ଡେକ୍‌ଚିରେ ପଡ଼ି ଶିଶୁକନ୍ୟାର ମୃତ୍ୟୁ

ରେଢ଼ାଖୋଲ,୧୯।୧୦
(ଅଚ୍ୟୁତାନନ୍ଦ ପୁରୋହିତ)

ଏକ ଅଭାବନୀୟ ଘଟଣାକ୍ରମେ ଗୁରୁବାର ପାଣିଡେକ୍‌ଚିରେ ପଡ଼ି ୨ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲା ରେଢ଼ାଖୋଲ ସହରରେ ଘଟିଛି ଏହି ଘଟଣା। ସୂଚନାକ୍ରମେ ରେଢ଼ାଖୋଲ ସହର ଦେହୁରିସାହିର ବିବେକା ବେଉରାଙ୍କ ୨ବର୍ଷର ଶିଶୁକନ୍ୟା ନବ୍ୟା ନିବେଦିତା ସକାଳେ ଘରେ ଖେଳୁଥିବା ବେଳେ ଏକ ପାଣିଡେକ୍‌ଚି଼ ଭିତରେ ପଡ଼ିଯାଇଥିଲା। ସେତେବେଳେ କେବଳ ☞ପୃଷ୍ଠା-୨




# ଗଠନ ହେବ ୩ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

ପୁରାତନ ଐତିହ୍ୟ, ସଂସ୍କୃତି, ବିଭିନ୍ନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ତଥା ଗ୍ରନ୍ଥାଗାରଗୁଡ଼ିକର ବିକାଶ ପାଇଁ ରାଜ୍ୟ ସରକାର ୩ଟି ନୂତନ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନ କରିବେ। ସେଗୁଡ଼ିକ ହେଲା ଗ୍ରନ୍ଥାଗାର ନିର୍ଦ୍ଦେଶାଳୟ, ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟ। ଉକ୍ତ ନିର୍ଦ୍ଦେଶାଳୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଲୋକସେବା ଭବନଠାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକରେ ଉକ୍ତ ନିର୍ଦ୍ଦେଶାଳୟ ଗଠନକୁ ଅନୁମୋଦନ କରାଯାଇଛି।

ଐତିହ୍ୟ କ୍ୟାବିନେଟ୍‌ର ପ୍ରଥମ ବୈଠକ ନିଷ୍ପତ୍ତି ଅନୁଯାୟୀ ସର୍ବସାଧାରଣ ଗ୍ରନ୍ଥାଗାର ନିର୍ଦ୍ଦେଶାଳୟ ଗଠନକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଦେଶର ବିଭିନ୍ନ ରାଜ୍ୟରେ ଗ୍ରନ୍ଥାଗାରଗୁଡ଼ିକର ପରିଚାଳନା ନିମିତ୍ତ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ରହିଛି। ରାଜ୍ୟ ସର୍ବସାଧାରଣ ଗ୍ରନ୍ଥାଗାର ନିର୍ଦ୍ଦେଶାଳୟ ଗଠନ ହେଲେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ବିଭିନ୍ନ ଜିଲାରେ ଥିବା ଜିଲା ଗ୍ରନ୍ଥାଗାର ଓ ବ୍ଲକସ୍ତରୀୟ ବିଭିନ୍ନ ଗ୍ରାମୀଣ ଗ୍ରନ୍ଥାଗାରଗୁଡ଼ିକର ସୁପରିଚାଳନା ହୋଇପାରିବ।

ଏହି ନୂତନ ନିର୍ଦ୍ଦେଶାଳୟ ନିମନ୍ତେ ଆବଶ୍ୟକ ପଦବୀ ସୃଷ୍ଟିକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ନିର୍ଦ୍ଦେଶାଳୟ ପାଇଁ ଗ୍ରନ୍ଥାଗାରିକ ସେବା ସଂବର୍ଗ ସୃଷ୍ଟି ସହିତ ସହକାରୀ ଗ୍ରନ୍ଥାଗାରିକ, ଉପଗ୍ରନ୍ଥାଗାରିକ, ସହନିର୍ଦ୍ଦେଶକ/ଗ୍ରନ୍ଥାଗାରିକ, ଉପନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ତଥା ମୁଖ୍ୟ ଗ୍ରନ୍ଥାଗାରିକ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଓ ସର୍ବସାଧାରଣ ଗ୍ରନ୍ଥାଗାର ନିର୍ଦ୍ଦେଶକ ଇତ୍ୟାଦି ପଦବୀ ସୃଷ୍ଟି କରାଯାଇଛି।

ଦ୍ୱିତୀୟ ଐତିହ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ଗଠନ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଓଡ଼ିଶାର ବହୁ ପୁରାତନ ମନ୍ଦିର ଓ ବିଭିନ୍ନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ଆବିଷ୍କୃତ

**କ୍ୟାବିନେଟ ନିଷ୍ପତ୍ତି**

### ଐତିହ୍ୟ, ସଂସ୍କୃତି, ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିର ହେବ ସୁରକ୍ଷା

ହୋଇସାରିଥିବା ବେଳେ ଏବେ ମଧ୍ୟ ବିଭିନ୍ନ କୀର୍ତ୍ତିରାଜି ଆବିଷ୍କୃତ ହେଉଛି। ସ୍ୱତନ୍ତ୍ର ରାଜ୍ୟ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ସ୍ଥାପନ ହେଲେ ଓଡ଼ିଶାର କୋଣ ଅନୁକୋଣରୁ ଆବିଷ୍କୃତ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିଗୁଡ଼ିକର ସଂରକ୍ଷଣ ହୋଇପାରିବ। ଏହି ନୂତନ ନିର୍ଦ୍ଦେଶାଳୟ ନିମନ୍ତେ ଆବଶ୍ୟକ ପଦବୀ ସୃଷ୍ଟି ପାଇଁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହି ନିର୍ଦ୍ଦେଶାଳୟ ପାଇଁ ସହକାରୀ ସଂଗ୍ରାହକ, ସଂଗ୍ରାହକ/ସହନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ତଥା ଅଧୀକ୍ଷକ, ରାଜ୍ୟ ପ୍ରତ୍ନତତ୍ତ୍ୱ ଓ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି। ଏହି ନିର୍ଦ୍ଦେଶାଳୟ ନିମନ୍ତେ ଏକ ସ୍ୱତନ୍ତ୍ର ଯାନ୍ତ୍ରିକ ଶାଖା ମଧ୍ୟ ସୃଷ୍ଟି ହୋଇଛି। ଓଡ଼ିଶାରେ ବହୁ ପୁରାତନ ମନ୍ଦିର ତଥା ବିଭିନ୍ନ ସମୟରେ ପ୍ରତ୍ନତତ୍ତ୍ୱ କୀର୍ତ୍ତିରାଜି ଆବିଷ୍କୃତ ହୋଇଛି ଓ ବର୍ତ୍ତମାନ ମଧ୍ୟ ବିଭିନ୍ନ କୀର୍ତ୍ତିରାଜିର ଆବିଷ୍କାର ହେବାକୁ ଅଛି। ସେସବୁର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ନିମିତ୍ତ ଏହି ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ କାର୍ଯ୍ୟ କରିବ।

ସେହିପରି ତୃତୀୟ ଐତିହ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ସ୍ୱତନ୍ତ୍ର ସଂଗ୍ରହାଳୟ (ମ୍ୟୁଜିୟମ) ନିର୍ଦ୍ଦେଶାଳୟ ଗଠନ କରିବା ପ୍ରସ୍ତାବକୁ ମଧ୍ୟ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟରେ ସଂଗ୍ରହାଳୟଗୁଡ଼ିକର ପରିଚାଳନା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ରହିଛି। ସେହିପରି ଓଡ଼ିଶାର ବିଭିନ୍ନ ସମୟରେ ଆବିଷ୍କୃତ ସମୃଦ୍ଧ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପୃଥିବୀ ବଞ୍ଚିରହୁ






**ଆଜିର ମନ୍ତବ୍ୟ**
" ନିର୍ବାଚନ ସମୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଓ ଆୟକର ବିଭାଗ ପକ୍ଷରୁ ବିପକ୍ଷ ନେତାଙ୍କ ବିରୋଧରେ ଚଢ଼ାଉ ବେଳେ ଆଦର୍ଶ ଆଚରଣବିଧି ପାଳନ କରାଯିବା ଉଚିତ୍। ପ୍ରଧାନମନ୍ତ୍ରୀ ଓ ନିର୍ବାଚନ କମିଶନ ୨ଏଜେନ୍ସିକୁ ରୋକନ୍ତୁ। **-ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡର କାହାକୁ ଭୟ କାହାକୁ**
**ଠାକୁର ଅଛନ୍ତି ଚଉ ବାହାକୁ।**

ଈଶ୍ୱର ସର୍ବତ୍ର ବିଦ୍ୟମାନ। ଈଶ୍ୱରଙ୍କଠାରେ ଆସ୍ଥା ରଖିଥିବା ବ୍ୟକ୍ତି ତାଙ୍କର ସାନ୍ନିଧ୍ୟ ଓ କୃପା ଲାଭ କରୁଥିବାବେଳେ ସେ ଆଶ୍ରିତ ପ୍ରାଣୀଙ୍କୁ ସକଳ ବିପଦରୁ ଉଦ୍ଧାର କରିଥାନ୍ତି। ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଡରୁ ଯଦି କରୁ କାହିଁକି ?**
**କରୁ ଯଦି ଡରୁ କାହିଁକି ?**

କାମ ଆରମ୍ଭ କରିବା ପୂର୍ବରୁ ବା କରିସାରିବା ପରେ ମନରେ ଯଦି ଫଳାଫଳକୁ ନେଇ ସେଭଳି କିଛି ଡର ବା ଭୟ ରହୁଥାଏ, ତେବେ ସେପରି କାମରୁ ନିବୃତ୍ତ ରହିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। କାରଣ ଡରି ଡରି କାମ କରିବା ବା କାମ କରିସାରିବା ପରେ ଡରିବାର ମାନେ କିଛି ରହି ନ ଥାଏ। ଅବସ୍ଥା ଚକ୍ରରେ ଭୟର ସମ୍ମୁଖୀନ ହୋଇ ଦ୍ୱନ୍ଦ୍ୱରେ ପଡ଼ିଥିବା ବ୍ୟକ୍ତିର ଦୟନୀୟ ସ୍ଥିତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ଲ-ନାମାକ୍ଷର ବ୍ୟକ୍ତିଙ୍କର ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ବିବାଦୀୟ ଘଟଣାରେ ପାଟି ଖୋଲିବା ଠିକ୍ ହେବନାହିଁ। ବନ୍ଧୁମାନଙ୍କ ସାହାଯ୍ୟ କାରଣରୁ ଆର୍ଥିକ ସମସ୍ୟାକୁ ସୁଧାରି ନେବେ।

**ବୃଷ**
ସମୟ ଓ ପରିସ୍ଥିତି ବଶତଃ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ସ୍ଥିତି ଲାଗିରହିବ। କର୍ମ କ୍ଷେତ୍ରରେ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ବ୍ୟସ୍ତତା ମଧ୍ୟ ବଢ଼ିଯିବ। ବ-ନାମାକ୍ଷର ବ୍ୟକ୍ତି ରାଜନୀତି ଓ କ୍ରୀଡ଼ା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ**
ସମସ୍ତ ସୁବିଧା ଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ କାମଗୁଡ଼ିକ ନ ହୋଇପାରିବା କାରଣରୁ ବ୍ୟସ୍ତ ହେବେ। ଋଣ ଭାରରେ ଅତିଷ୍ଠ ହେବାକୁ ପଡ଼ିବ ଓ ତାହା ହିଁ ଦୁଶ୍ଚିନ୍ତାର କାରଣ ହେବ। ହଠାତ୍ କୌଣସି ବ୍ୟକ୍ତିଙ୍କ ସହାୟତାରୁ କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲିତ ରହିବ। ଘ-ନାମାକ୍ଷର ବ୍ୟକ୍ତିମାନେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**କର୍କଟ**
ପରୋକ୍ଷ ଶତ୍ରୁତା ହେତୁ ଭଲ କାମ କଲେ ମଧ୍ୟ ସମାଲୋଚିତ ହେବା ବ୍ୟତୀତ କିଛି ଲାଭ ହେବନି। ହେ-ନାମାକ୍ଷର ଅନ୍ୟମନସ୍କ ରହି ବିଭିନ୍ନ ସମସ୍ୟାକୁ ଡାକି ଆଣିପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ**
କୌଣସି ନୂତନ କାମର ଯୋଜନା କରିବେ ଓ ସଫଳତା ମଧ୍ୟ ପାଇବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖା ଦେଇପାରେ। ମ-ନାମାକ୍ଷର ବ୍ୟକ୍ତି ସହକର୍ମୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ। ପାରିବାରିକ ସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବ।

**କନ୍ୟା**
ବନ୍ଧୁଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ନିଜ ପରିସରର ବ୍ୟକ୍ତିମାନଙ୍କ ଦ୍ୱାରା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିନେବେ କିନ୍ତୁ ବିବାଦୀୟ ଘଟଣରେ ଚିନ୍ତିତ ରହିବେ। ପୂ-ନାମାକ୍ଷର ବ୍ୟକ୍ତିମାନଙ୍କ ସକାଶେ ବସ୍ତ୍ରଭୂଷଣ ଓ ଧାତୁ ଅଳଙ୍କାର ପ୍ରାପ୍ତି ଯୋଗ ରହିଛି।

**ତୁଳା**
କୌଣସି ନୂତନ କର୍ମାରମ୍ଭ କରିବେ ଓ ଏଥିରେ ସହଯୋଗ ଅବଶ୍ୟ ମିଳିବ। ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ତ-ନାମାକ୍ଷର ବ୍ୟକ୍ତିମାନେ ନୂତନ ଘର ସାଜସଜ୍ଜାରେ ମଜିରହିପାରନ୍ତି।

**ବିଛା**
କୌଣସି କାମରେ ବ୍ୟସ୍ତତା ବଢ଼ିଯାଇପାରେ କିନ୍ତୁ କୌଣସି ଅସୁବିଧା ହେବ ନାହିଁ। ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ। ନ-ନାମାକ୍ଷର ବ୍ୟକ୍ତିମାନେ ପାରିବାରିକ ସମସ୍ୟା ସମାଧାନରେ ସଫଳ ହେବେ।

**ଧନୁ**
ଆଜି ହଠାତ୍ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। କର୍ମକ୍ଷେତ୍ରରେ ଉପଯୁକ୍ତ ଭାବେ ସମ୍ମାନିତ ହୋଇପାରନ୍ତି। ଭ-ନାମାକ୍ଷର ବ୍ୟକ୍ତି ପିଲାମାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇପାରନ୍ତି।

**ମକର**
ପାରିବାରିକ ସମସ୍ୟାର ସରଳ ସମାଧାନ କରି ମନକୁ ହାଲୁକା କରିବେ। ଖ-ନାମାକ୍ଷର ବ୍ୟକ୍ତି ନିକଟ ସମ୍ପର୍କୀୟମାନଙ୍କ ସହ କଳହରେ ଲିପ୍ତ ରହିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଲାଗିରହିବ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ସଭାସମିତି କ୍ଷେତ୍ରରୁ ମନ ଖୁସି ରହିବ।

**କୁମ୍ଭ**
ପରିବାରରେ ଘଟିଯାଇଥିବା କେତେକ ଅତୀତ ଘଟଣାକୁ ସ୍ମରଣ କରି ଅନୁତାପ କରିବେ। ଶ-ନାମାକ୍ଷର ବ୍ୟକ୍ତି କଳା, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ। ଗତକାଲିର ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ।

**ମୀନ**
ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ଦ-ନାମାକ୍ଷର ବ୍ୟକ୍ତିମାନଙ୍କୁ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଅସୁବିଧାରେ ପଡ଼ିବେ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

ଆଜି ଆଶ୍ୱିନ ଶୁକ୍ଳ ଷଷ୍ଠୀ ଶୁକ୍ରବାର, ମୃଣ୍ମୟୀ ଦେବୀଙ୍କ ବିଲ୍ୱାଧିବାସ, ପୀଠେ ମହାସପ୍ତମୀ ପୂଜା, ଅକ୍ଟୋବର୨୦ତାରିଖ, ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ, ଆନ୍ତର୍ଜାତିକ ଶିଶୁ ଦିବସ, ଯୋଗେଶ ଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ମୂଳା/ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୬ ଗତେ ଘ.୦୬।୩୨ ମଧ୍ୟେ, ଘ.୦୭।୧୮ ଗତେ ଘ.୦୮।୩୮ ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା ୧୦।୦୫ ଗତେ ଘ.୧୧।୩୧ ମଧ୍ୟେ ରାହୁକାଳ।

# କଟକ, କେନ୍ଦ୍ରାପଡ଼ା ଜିଲ୍ଲାର ୮,୭୦୪ ପ୍ରକଳ୍ପ ପାଇଁ ୩୧୧ କୋଟି ମଞ୍ଜୁର

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଚତୁର୍ଥ ଦିବସରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଓ କେନ୍ଦ୍ରାପଡ଼ା ଜିଲାରେ ଶୁଭାରମ୍ଭ କରିଛନ୍ତି। କଟକ ଏବଂ କେନ୍ଦ୍ରାପଡ଼ା ଜିଲାର ୧୩ ନିର୍ବାଚନମଣ୍ଡଳୀର ୮,୭୦୪ ପ୍ରକଳ୍ପ ପାଇଁ ୩୧୧କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ଜନ ଅଭିଯୋଗ ଶୁଣାଣି ଭିତ୍ତିରେ ଏହି ଦୁଇ ଜିଲାର ୫୩ ବିକାଶମୂଳକ ପ୍ରକଳ୍ପ ପାଇଁ ୩୫୬କୋଟି ଟଙ୍କା ମଞ୍ଜୁର କରାଯାଇଛି। ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ହିସାବରେ କଟକ ଜିଲାର ୮ଟି ନିର୍ବାଚନମଣ୍ଡଳୀକୁ ମିଳିଛି ୧୮୬ କୋଟି ୫୦ ଲକ୍ଷ ଟଙ୍କା। ବଡ଼ମ୍ବା, ଚୌଦ୍ୱାର-କଟକ, ବାଙ୍କୀ, ଆଠଗଡ଼, ନିଆଳି, କଟକ ସଦର, ସାଲେପୁର ଓ ମାହାଙ୍ଗା ନିର୍ବାଚନମଣ୍ଡଳୀର ୩୭୩ ଗ୍ରାମ ପଞ୍ଚାୟତରେ ୫,୩୫୧ଟି ପ୍ରକଳ୍ପ ହେବ। ସେହିପରି କେନ୍ଦ୍ରାପଡ଼ା ଜିଲାର ୫ଟି ନିର୍ବାଚନମଣ୍ଡଳୀ ପାଇଁ ୧୨୪ କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ମହାକାଳପଡ଼ା, କେନ୍ଦ୍ରାପଡ଼ା, ପାଟକୁରା, ରାଜନଗର ଓ ଆଳି ନିର୍ବାଚନମଣ୍ଡଳୀର ୨୪୯ ଗ୍ରାମପଞ୍ଚାୟତରେ ୩,୩୫୩ଟି ପ୍ରକଳ୍ପ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ। ଗାଁରେ ଇଣ୍ଟରନେଟ୍ ସଂଯୋଗ ସହ ବିଜ୍ଞାନ ପାର୍କ ହେବ। ଦକ୍ଷତା ବିକାଶ କେନ୍ଦ୍ର ଏବଂ ୱାର୍କସ ହବ୍ ହେବ। ଏଥିସହ ବ୍ୟାଙ୍କିଂ ସୁବିଧା ମିଳିବ। ଏହି କାର୍ଯ୍ୟକ୍ରମରେ ଗାଁର ପ୍ରାଥମିକ ସ୍କୁଲଗୁଡ଼ିକ ମଧ୍ୟ ସାମିଲ ହେବ। ଏହା ଏକ ଆଧୁନିକ, ସଶକ୍ତ, ପ୍ରଗତିଶୀଳ ତଥା ସଂସ୍କୃତି ସଚେତନ ରାଜ୍ୟ ଭାବେ ଓଡ଼ିଶାର ପରିଚୟକୁ ଆହୁରି ଉଜ୍ଜ୍ୱଳ କରିବ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଭୂମି। ବିଶ୍ୱ ପ୍ରେମ, ଶାନ୍ତି, ସଦ୍ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା । ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର

## ଆମ ଓଡ଼ିଶା ନବୀନ ଓଡ଼ିଶା

### ଗ୍ରାମାଞ୍ଚଳ ପାଇଁ ଅପାପ ସୁଯୋଗ ଆଣିବ 'ଆମ ଓଡ଼ିଶା ନବୀନ ଓଡ଼ିଶା': ମୁଖ୍ୟମନ୍ତ୍ରୀ




ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟ ସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୫-ଟି ସଚିବ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଯୋଗୁ ଓଡ଼ିଶାର ଗାଁଗୁଡ଼ିକ ବିକାଶର କେନ୍ଦ୍ର ହେବ। ଗାଁ ଲୋକଙ୍କୁ ଆଉ ସହର ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ତାଙ୍କ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଞ୍ଚଳ ପାଇଁ ଯେଉଁ ଯେଉଁ ପ୍ରକଳ୍ପ ସବୁ ମଞ୍ଜୁର କରିଛନ୍ତି, ସେ ସମ୍ପର୍କରେ ପାଣ୍ଡିଆନ ସୂଚନା ଦେଇଥିଲେ।

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଲୋକଙ୍କ ପ୍ରସ୍ତାବିତ ପ୍ରକଳ୍ପ ଓ ଆବଶ୍ୟକତାକୁ ଦେଖି ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। କଟକ ଜିଲାର ବଡ଼ମ୍ବା ଅଞ୍ଚଳରେ ସାତକୋଶିଆ ଜୈବବିବିଧତା ପର୍ଯ୍ୟଟନ କେନ୍ଦ୍ର ପାଇଁ ୯.୮୫ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ମା' ପ୍ରଗଳା ପୀଠ ପାଇଁ ୫.୨୭ କୋଟି, ମା' ଭଟ୍ଟାରିକା ପୀଠ ପାଇଁ ୮.୫୭ କୋଟି, ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଡାଏଲିସିସ୍ କେନ୍ଦ୍ର ପାଇଁ ୧୫.୬୬ କୋଟି, ବଡ଼ମ୍ବା ମୋହନ ସୁବୁଦ୍ଧି ଡିଗ୍ରୀ କଲେଜ ପାଇଁ ୧.୨୫ କୋଟି, ନରସିଂହପୁର ଜୁନିୟର କଲେଜ ପାଇଁ ୧.୨୫ କୋଟି, କାନପୁର ଆଞ୍ଚଳିକ ମହାବିଦ୍ୟାଳୟ ପାଇଁ ୧.୨୫ କୋଟି, ବାଣେଶ୍ୱରୀ ପର୍ଯ୍ୟଟନ କ୍ଷେତ୍ର ପାଇଁ ୧.୮୦ କୋଟି, ନରସିଂହପୁର ଆମ ହସ୍ପିଟାଲ ପାଇଁ ୪.୧୬ କୋଟି ଟଙ୍କା ମଞ୍ଜୁର ହୋଇଛି । ସେହିପରି ବାଙ୍କୀ ଅଞ୍ଚଳରେ ମା' ଚର୍ଚ୍ଚିକା ପୀଠ ଉନ୍ନତୀକରଣ ପାଇଁ ୧୧.୦୩ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ବାଙ୍କୀ ସ୍ୱୟଂଶାସିତ ଡିଗ୍ରୀ କଲେଜ ପାଇଁ ୧.୫୦ କୋଟି, କଳାପଥର ଧଳାପଥର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୦.୫୦ କୋଟି, ଅଂଶୁପା ଡିଗ୍ରୀ କଲେଜ ପାଇଁ ୦.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି । ଆଠଗଡ଼ ଅଞ୍ଚଳରେ ବାବା ଧବଳେଶ୍ୱର ମନ୍ଦିର ପାଇଁ ୧୭.୫୦ କୋଟି, ସାପୁଆ ନଦୀର ସେତୁ ପାଇଁ ୬.୧୪ କୋଟି, ଗୋପବନ୍ଧୁ ଡିଗ୍ରୀ ବିଜ୍ଞାନ କଲେଜ ପାଇଁ ୧ କୋଟି, ନୂଆପାଟଣା ଚୈତନ୍ୟ ସାହୁ ଯୁକ୍ତ୨ କଲେଜ ପାଇଁ ୦.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି । ନିଆଳି ଅଞ୍ଚଳରେ ମାଧବାନନ୍ଦ ଜୀଉ ମନ୍ଦିର ପାଇଁ ୪.୮୪ କୋଟି, ଗୋବିନ୍ଦପୁର ଡିଗ୍ରୀ କଲେଜ ପାଇଁ ୧.୫୦ କୋଟି, ବ୍ରାହ୍ମଣଝରିଲୋ ଡିଗ୍ରୀ କଲେଜ ପାଇଁ ୧.୨୫ କୋଟି, ଦୋଳଗୋବିନ୍ଦ ବ୍ରଜ କିଶୋର ଡିଗ୍ରୀ କଲେଜ କସର୍ଦା ପାଇଁ ୧ କୋଟି, ଅଢ଼ଙ୍ଗପୁର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପାଇଁ ୧.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। କଟକ ସଦର ଅଞ୍ଚଳରେ ନେମାଳ ଅଚ୍ୟୁତାନନ୍ଦ ଦାସ ପୀଠ ପାଇଁ ୨୩.୦୩ କୋଟି, ପରମହଂସ ପୀଠର ଉନ୍ନତୀକରଣ ପାଇଁ ୪.୯୬ କୋଟି, ଚିତ୍ରୋତ୍ପଳା ନଦୀ ଉପରେ ସେତୁ ପାଇଁ ୫୩.୦୪ କୋଟି, କନ୍ଦରପୁର ଡିଗ୍ରୀ କଲେଜ ପାଇଁ ୧.୨୫ କୋଟି, ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଛି । ସେହିପରି ସାଲେପୁର ଅଞ୍ଚଳରେ ମଧୁବାବୁଙ୍କ ଜନ୍ମସ୍ଥଳୀର ବିକାଶ ପାଇଁ ୨୧.୦୨ କୋଟି, ସାଲେପୁର ସ୍ୱୟଂଶାସିତ କଲେଜ ପାଇଁ ୧.୫୦ କୋଟି, ବହୁଗ୍ରାମ କଲେଜ ପାଇଁ ୨ କୋଟି, ଟାଙ୍ଗୀ ମହାବିଦ୍ୟାଳୟ ପାଇଁ ୦.୫୦ କୋଟି, ଟାଙ୍ଗୀଠାରେ ଆମ ହସ୍ପିଟାଲ ପାଇଁ ୩.୬୦ କୋଟି ଟଙ୍କା ମଞ୍ଜୁର ହୋଇଛି । ଏହିପରି କଟକ ଜିଲାରେ ସମୁଦାୟ ୩୨ଟି ପ୍ରକଳ୍ପ ପାଇଁ ୨୧୩.୫୫ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ବୋଲି ୫-ଟି ସଚିବ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳରେ ମା' ରାମଚଣ୍ଡୀ ମନ୍ଦିର ପାଇଁ ୫.୮୭ କୋଟି, ଜମ୍ବୁ ଲକ୍ ଏରିଆ ସୌନ୍ଦର୍ଯ୍ୟକରଣ ପାଇଁ ୭.୫୦ କୋଟି, ମାର୍ଶାଘାଇ ଡିଗ୍ରୀ କଲେଜ ଓ ଉଚ୍ଚ ମାଧ୍ୟମିକ ସ୍କୁଲ ପାଇଁ ୨ କୋଟି, ବାୟାବାବା ଡିଗ୍ରୀ କଲେଜ ପାଇଁ ୧ କୋଟି, ହୁକିଟୋଲା ପର୍ଯ୍ୟଟନ କ୍ଷେତ୍ର ପାଇଁ ୧.୮୭ କୋଟି ଟଙ୍କା ମଞ୍ଜୁର ହୋଇଛି। କେନ୍ଦ୍ରାପଡ଼ା ଅଞ୍ଚଳରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ଓ ଉଚ୍ଚ ମାଧ୍ୟମିକ ସ୍କୁଲ ପାଇଁ ୨.୭୫ କୋଟି, ତୁଳସୀ ମହିଳା ମହାବିଦ୍ୟାଳୟ ପାଇଁ ୧.୭୫ କୋଟି, ବିରୂପା କଲେଜ ପାଇଁ ୧ କୋଟି, ବଳଦେବ ଜୀଉ ମନ୍ଦିର ପାଇଁ ୫.୯୫ କୋଟି ଟଙ୍କା ମଞ୍ଜୁର ହୋଇଛି। ପାଟକୁରା ଅଞ୍ଚଳରେ ଦଧିବାମନ ଜୀଉ ପାଇଁ ୪.୯୬ କୋଟି, ଲୋକନାଥ ଡିଗ୍ରୀ କଲେଜ ଓ ଉଚ୍ଚମାଧ୍ୟମିକ ସ୍କୁଲ ପାଇଁ ୨ କୋଟି, କରିଲୋପାଟଣା ଡିଗ୍ରୀ କଲେଜ ପାଇଁ ୧.୨୫ କୋଟି, କରିଲୋପାଟଣା ଉଚ୍ଚମାଧ୍ୟମିକ ସ୍କୁଲ ପାଇଁ ୧ କୋଟି, ଉତ୍କଳ ଗ୍ରାମୀଣ ପ୍ରଦ୍ୟୁମ୍ନର ଗ୍ରୁପ୍ ଲାଗି ୦.୨୫ କୋଟି ଟଙ୍କା ମଞ୍ଜୁର ହୋଇଛି। ରାଜନଗର ଅଞ୍ଚଳରେ ସାତଭାୟା ଲୋକଙ୍କ ଥଇଥାନ ପାଇଁ ୨୨.୫୨ କୋଟି, କେରଡ଼ାଗଡ଼ ବାୟାବାବା ମଠ ପାଇଁ ୪.୯୬ କୋଟି, ବଗପାଟିଆ ପଞ୍ଚୁବରାହୀ ମନ୍ଦିର ପାଇଁ ୪.୯୪ କୋଟି, କେରଡ଼ାଗଡ଼ ଜଗନ୍ନାଥ ମନ୍ଦିର ପାଇଁ ୩.୦୩ କୋଟି, ବ୍ରାହ୍ମଣୀ ସେତୁ ପାଇଁ ୫୯.୮୭ କୋଟି ଟଙ୍କା ମଞ୍ଜୁର ହୋଇଛି। ଆଳି ଅଞ୍ଚଳରେ ଲକ୍ଷ୍ମୀବରାହ ଜୀଉ ମନ୍ଦିର ପାଇଁ ୭.୯୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି କେନ୍ଦ୍ରାପଡା ଜିଲାରେ ୨୧ଟି ପ୍ରକଳ୍ପ ପାଇଁ ୧୪୨.୪୩ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ୫-ଟି ସଚିବ କହିଛନ୍ତି।

କେନ୍ଦ୍ରାପଡ଼ା ଜିଲାର ସିକିମ୍ ରୟତମାନଙ୍କୁ ଖୁବ୍‌ଶୀଘ୍ର ଜମିପଟ୍ଟା ଦିଆଯିବ । ଏହା ଦ୍ୱାରା ଜିଲାର ୫୦ ହଜାର ପରିବାର ଉପକୃତ ହେବେ। ସେମାନଙ୍କ ଦୀର୍ଘଦିନର ସମସ୍ୟା ଦୂର ହେବ ବୋଲି ପାଣ୍ଡିଆନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ଶଶିଭୂଷଣ ବେହେରା, ସାବିତ୍ରୀ ଅଗ୍ରୱାଲ, ଧ୍ରୁବଚରଣ ସାହୁ, ଦେବୀ ପ୍ରସାଦ ମିଶ୍ର, ସୌଭିକ୍ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ପ୍ରମୋଦ ମଲ୍ଲିକ, ଚନ୍ଦ୍ର ସାରଥି ବେହେରା, ପ୍ରଶାନ୍ତ ବେହେରା, ପ୍ରତାପ ଜେନା, ଜିଲା ପରିଷଦ ସଭାପତି, ସଦସ୍ୟଗଣ, ବ୍ଲକ ଚେୟାରମ୍ୟାନ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗନେଇ ଗାଁ ଗାଁରେ ବିକାଶର ନୂଆ ଯୁଗ ଆସିଛି ବୋଲି ମତପ୍ରକାଶ କରିଛନ୍ତି। ସେମାନେ କହିଥିଲେ, ଗତ ୨୩ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ଓଡ଼ିଶାରେ ନିରନ୍ତର ବିକାଶ ଚାଲିଛି। ଏହି କାର୍ଯ୍ୟକ୍ରମରେ ଉଭୟ ଜିଲାର ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବଡ଼ ଭଉଣୀଙ୍କ ଆଶୀର୍ବାଦ ନେଲେ ରାଜ୍ୟପାଳ ରଘୁବର ଦାସ



ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ରଘୁବର ଦାସ ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି। ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସ୍ଥାନରେ ରଘୁବରଙ୍କୁ ଅବସ୍ଥାପିତ କରାଯାଇଛି। ରଘୁବରଙ୍କୁ ରାଜ୍ୟପାଳଭାବେ ନିଯୁକ୍ତ କରାଯିବା ପରେ ତାଙ୍କୁ ସବୁଆଡ଼ୁ ଶୁଭେଚ୍ଛା ଏବଂ ଅଭିନନ୍ଦନର ସୁଅ ଛୁଟୁଛି। ଝାଡ଼ଖଣ୍ଡର ଭାଜପା ନେତାମାନେ ରଘୁବରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅପରପକ୍ଷରେ ପରମ୍ପରା ଅନୁଯାୟୀ ରଘୁବର ଗୁରୁବାର ବଡ଼ଭଉଣୀଙ୍କଠାରୁ ଆଶୀର୍ବାଦ ନେଇଛନ୍ତି। ସାନ ଭାଇର ମଥାରେ ଚନ୍ଦନ, ସିନ୍ଦୂର ଲଗାଇ ଦୀପ ବନ୍ଦାପନା କରିଛନ୍ତି ବଡ଼ ଭଉଣୀ।

ଏହି ଅବସରରେ ରଘୁବର ପୁରୁଣା ଦିନର ସଂଘର୍ଷମୟ ସ୍ମୃତିକୁ ମନେ ପକାଇଛନ୍ତି। ଏଥିସହ ସେ ନିଜକୁ ଭାଗ୍ୟବାନ ବୋଲି ମନେ କରିଛନ୍ତି। ଟାଟା ଷ୍ଟିଲରେ ଜଣେ ସାଧାରଣ କର୍ମଚାରୀ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିବା ରଘୁବର ପରବର୍ତ୍ତୀ ସମୟରେ ରାଜନୀତିରେ ପ୍ରବେଶ କରିବା ସହ ବିଭିନ୍ନ ଦାୟିତ୍ୱ ତୁଲାଇଛନ୍ତି। ମୁଖ୍ୟମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଝାଡ଼ଖଣ୍ଡବାସୀଙ୍କ ସେବା କରିବା ତାଙ୍କ ପାଇଁ ଏକ ବରଦାନ ଥିଲା। ତାଙ୍କୁ ରାଜ୍ୟପାଳ ଭଳି ଏକ ସାମ୍ବିଧାନିକ ପଦବୀରେ ଅବସ୍ଥାପିତ କରିଥିବାରୁ ସେ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ଜଣେ ଲୋକପ୍ରିୟ ନେତା ଭାବେ ଓଡ଼ିଶାବାସୀଙ୍କ ସେବା କରୁଛନ୍ତି। ତେଣୁ ଓଡ଼ିଶାର ବିକାଶ ପାଇଁ ସେ ସବୁ ପ୍ରକାର ଚେଷ୍ଟା କରିବେ ବୋଲି ରଘୁବର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଗଠନ ହେଲା...

ଐତିହାସିକ, ସାଂସ୍କୃତିକ, କଳା କୀର୍ତ୍ତିରାଜିଗୁଡ଼ିକର ସଂରକ୍ଷଣ ଏବଂ ଏହା ଉପରେ ଗବେଷଣା ଓ ପ୍ରଚାର ନିମିତ୍ତ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ସଂଗ୍ରହାଳୟ ନିମିତ୍ତ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ନିର୍ଦ୍ଦେଶାଳୟ ନିମନ୍ତେ ନୂତନ ପଦବୀ ସୃଷ୍ଟି ପାଇଁ ମଧ୍ୟ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି ନିର୍ଦ୍ଦେଶାଳୟ ସହକାରୀ ସଂଗ୍ରାହକ, ସଂଗ୍ରାହକ/ ସହ-ନିର୍ଦ୍ଦେଶକ, ଉପ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ତଥା ଅଧୀକ୍ଷକ, ରାଜ୍ୟ ସଂଗ୍ରହାଳୟ ଓ ସଂଗ୍ରହାଳୟ ନିର୍ଦ୍ଦେଶକ ପଦବୀ ସୃଷ୍ଟି ହେବ। ଏହା ଦ୍ୱାରା ରାଜ୍ୟର କଳା, ଭାସ୍କର୍ଯ୍ୟ ଓ ଐତିହ୍ୟଗୁଡିକର ସୁଚାରୁରୂପେ ସଂରକ୍ଷଣ, ପରିଚାଳନା ଓ ଗବେଷଣା ସହ ଉପଯୁକ୍ତ ପ୍ରଚାର ହୋଇପାରିବ।

ଏଥିସହିତ ରାଜ୍ୟ ସରକାର ରାଜ୍ୟରେ ସାର ସଂଗ୍ରହ ଓ ଆଗୁଆ ମହଜୁଦ ପାଇଁ କର୍ପସ ପାଣ୍ଠିର ପରିମାଣ ବୃଦ୍ଧି କରିଛନ୍ତି। ଓଡ଼ିଶା ରାଜ୍ୟ ସମବାୟ ବିପଣନ ମହାସଂଘ ଏବଂ ଓଡ଼ିଶା କୃଷି ଶିଳ୍ପ ନିଗମ ଜରିଆରେ ରାଜ୍ୟର ମୋଟ ଆବଶ୍ୟକତାର ପ୍ରାୟ ୨୦ରୁ ୨୫ ପ୍ରତିଶତ ସାର ମହଜୁଦ କରାଯାଉଛି। ଏଥିପାଇଁ ଏହି ଦୁଇ ସଂସ୍ଥାକୁ ପ୍ରତି ବର୍ଷ ଯଥାକ୍ରମେ ୯୦ କୋଟି ଟଙ୍କା ଏବଂ ୧୦ କୋଟି ଟଙ୍କାର କର୍ପସ ପାଣ୍ଠି ବିନା ସୁଧରେ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଛି। ରାଜ୍ୟରେ ସାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୨୪-୨୫ ବର୍ଷଠାରୁ ଓଡ଼ିଶା ରାଜ୍ୟ ସମବାୟ ବିପଣନ ମହାସଂଘ ପାଇଁ ଥିବା କର୍ପସ ପାଣ୍ଠିର ପରିମାଣ ପ୍ରତି ବର୍ଷ ୯୦ କୋଟିରୁ ୧୫୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସମବାୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏଥିସହିତ ଓଡ଼ିଶା କୃଷି ଶିଳ୍ପ ନିଗମ ପାଇଁ ଥିବା କର୍ପସ ପାଣ୍ଠିର ବ୍ୟବସ୍ଥାକୁ ବନ୍ଦ କରାଯାଇଛି। ଏହି ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ୍ ଆସନ୍ତା ୫ବର୍ଷ (୨୦୨୩-୨୪ରୁ ୨୦୨୭-୨୮) ପାଇଁ ୭୦୦ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ମଧ୍ୟ ମଞ୍ଜୁରୀ ଦେଇଛି। କର୍ପସ ପାଣ୍ଠି ବୃଦ୍ଧି ଦ୍ୱାରା ରାଜ୍ୟର ସମୁଦାୟ ଆବଶ୍ୟକତାର ୫୦ ପ୍ରତିଶତ ସାର ଓଡ଼ିଶା ରାଜ୍ୟ ସମବାୟ ବିପଣନ ମହାସଂଘ ଜରିଆରେ ପ୍ରତିବର୍ଷ ଆଗୁଆ ମହଜୁଦ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ସାରକୁ ରାଜ୍ୟର ଚାଷୀମାନଙ୍କୁ ଠିକ୍ ସମୟରେ ଏବଂ ଉପଯୁକ୍ତ ମୂଲ୍ୟରେ ପଞ୍ଜୀକୃତ ଖୁଚୁରା ବ୍ୟବସାୟୀ, ମୁଖ୍ୟତଃ ସମବାୟ ସମିତି ମାଧ୍ୟମରେ ଯୋଗାଇ ଦିଆଯାଇପାରିବ।

ଆଗାମୀ ୫ ବର୍ଷ ପାଇଁ ସଘନ କୃଷି କାର୍ଯ୍ୟକ୍ରମ ସହିତ ବିଲୁପ୍ତପ୍ରାୟ ଫସଲର ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ୪୮୧୯୪.୦୮ ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି। କୃଷି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

ଏହି ଯୋଜନାକୁ ବୈଜ୍ଞାନିକ ଏବଂ ପ୍ରଗତିଶୀଳ ଉପାୟରେ କାର୍ଯ୍ୟକାରୀ କରାଯିବ। ଏହା ଡାଲି, ତୈଳବୀଜ, ଫାଇବର (କପା ଓ ଝୋଟ) ଓ ମକା ଫସଲର ଆୟତନ, ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧିରେ ସହାୟକ ହେବ। ଏହା କୃଷକ ଉତ୍ପାଦକ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଗ୍ରହୀ କୃଷକ ଗୋଷ୍ଠୀ ମାଧ୍ୟମରେ ଉତ୍ପାଦର ବଜାରରେ ବିକ୍ରିବଟା, ଏକକୀକରଣ, ପ୍ରାଥମିକ ପ୍ରକ୍ରିୟାକରଣ ଏବଂ ବଜାର ସଂଯୋଗୀକରଣ ଦ୍ୱାରା କୃଷିକୁ ଲାଭଜନକ କରିବା ସହ କୃଷକର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବାରେ ସହାୟକ ହେବ। ନୂତନ ଭାବେ କାର୍ଯ୍ୟକାରୀ କରାଯାଇଥିବା 'ମୁଖ୍ୟମନ୍ତ୍ରୀ ମକା ମିଶନ'କୁ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାଦ୍ୱାରା ରାଜ୍ୟରେ ମକାର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ପାଇବ। ଏହାକୁ ମୂଲ୍ୟଯୁକ୍ତ କରାଯିବା ସହ ବଜାରୀକରଣର ସୁବିଧା ଉପଲବ୍ଧ କରାଯାଇପାରିବ। ଏହା ଗ୍ରାମାଞ୍ଚଳରେ ରୋଜଗାର ଯୋଗାଇବା ସହ କୃଷି ଓ ସହଯୋଗୀ କ୍ଷେତ୍ରରେ ରାଜ୍ୟର କୃଷକଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିବ। ଏହାଦ୍ୱାରା କୃଷି କ୍ଷେତ୍ରର ଦ୍ରୁତ ଆଧୁନିକୀକରଣ ହେବ ଏବଂ କୃଷି କ୍ଷେତ୍ରରେ ନୂତନ ପ୍ରଯୁକ୍ତି ପଦ୍ଧତିର ବିନିଯୋଗ ହେବ। ଏଥିସହିତ କ୍ୟାବିନେଟ୍ ବୈଠକରେ ମୋଟ ୧୬ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

### ପାଣି ଡେକ୍‌ଚିରେ...

ଶିଶୁର ମା' ଘରେ ଥିଲେ ମଧ୍ୟ କାମ ବ୍ୟସ୍ତତା ଯୋଗୁ ଜାଣିପାରି ନ ଥିଲେ। ଶିଶୁକୁ ଦେଖି ନ ପାରି ସେ ଘର ବାହାରେ ଖୋଜାଖୋଜି କରିଥିଲେ। ପରେ ଡେକ୍‌ଚିରେ ଥିବା ପାଣିରେ ବୁଡ଼ିଯାଇଥିବା ଦେଖିଥିଲେ। ସେଠାରୁ ତାକୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନା ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିବେକାଙ୍କ ୨ଝିଅ ମଧ୍ୟରୁ ନବ୍ୟା ସାନ ଥିଲା।

# ମିଳିଲାନି ଲିଖିତ ପ୍ରତିଶ୍ରୁତି: ଆଜିଠୁ ବସ୍ ଧର୍ମଘଟ

**ଭୁବନେଶ୍ୱର,୧୯।୧୦ (ଅନିଲ ଦାସ)**

ରାଜ୍ୟ ସରକାରଙ୍କଠାରୁ ଲିଖିତ ପ୍ରତିଶ୍ରୁତି ମିଳିଲା ନାହିଁ। ଘରୋଇ ବସ୍ ମାଲିକ ସଂଘ ଡାକରାରେ ଶୁକ୍ରବାରଠାରୁ ସମଗ୍ର ରାଜ୍ୟରେ ବସ୍ ଧର୍ମଘଟ କରାଯିବ। ସରକାର ଲିଖିତ ପ୍ରତିଶ୍ରୁତି ନ ଦେବାରୁ ମାଲିକ ସଂଘ ବସ୍ ଧର୍ମଘଟ ନିଷ୍ପତ୍ତିରେ ଅଟଳ ରହିଛି। ସକାଳ ୬ଟାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସ୍ ଧର୍ମଘଟ ଜାରିରହିବ ବୋଲି ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି। ସେ କହିଛନ୍ତି, ଅନିଚ୍ଛା ସତ୍ତ୍ୱେ ବାଧ୍ୟହୋଇ ଧର୍ମଘଟ କରୁଛୁ। ପୂଜା ସମୟରେ ଯାତ୍ରୀଙ୍କୁ ହଇରାଣ କରିବା ଉଦ୍ଦେଶ୍ୟ ନୁହେଁ। ଏଥିପାଇଁ ଯାତ୍ରୀଙ୍କଠାରେ କ୍ଷମାପ୍ରାର୍ଥନା କରୁଛୁ।

ଘରୋଇ ବସ୍ ମାଲିକ ସଂଘର ଏହି ନିଷ୍ପତ୍ତି ଫଳରେ ଯାତ୍ରୀ ପରିବହନ ସେବା ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଦଶହରା ପାଇଁ ଶୁକ୍ରବାରଠାରୁ ସ୍କୁଲ ଓ ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଯେଉଁମାନେ ଗାଁକୁ କିମ୍ବା ବନ୍ଧୁବାନ୍ଧବ ଘରକୁ ଯିବା ପାଇଁ ବାହାରିଛନ୍ତି ସେମାନେ ଚିନ୍ତାରେ ପଡ଼ି ଯାଇଛନ୍ତି। ଅନେକ ଲୋକ ଆଗୁଆ ସିଟ୍ ବୁକ୍ କରିଛନ୍ତି। ବସ୍ ଧର୍ମଘଟ ଖବର ସମସ୍ତଙ୍କୁ ନିରାଶ କରିଛି।

ଧର୍ମଘଟ କଥା ଶୁଣି ଗୁରୁବାର ରାଜ୍ୟର ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଦୂରଦୂରାନ୍ତ ଯିବାକୁ ଥିବା ଯାତ୍ରୀମାନେ ବସ୍‌ଷ୍ଟାଣ୍ଡ ମୁହାଁ ହୋଇଛନ୍ତି। ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଓ କଟକର ନେତାଜୀ ଟର୍ମିନାଲରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଟିକେଟ ଖଣ୍ଡେ ପାଇବାକୁ ଯାତ୍ରୀମାନେ କାକୁତିମିନତି ହେଉଛନ୍ତି। ରାଜ୍ୟର ଅନ୍ୟ ଅଞ୍ଚଳ ବସ୍‌ଷ୍ଟାଣ୍ଡରେ ସମାନ ଅବସ୍ଥା ଦେଖିବାକୁ ମିଳିଛି।

ଜିଲା ମୁଖ୍ୟାଳୟକୁ ସରକାରଙ୍କ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ଘରୋଇ ବସ୍ ମାଲିକ ସଂଘ ଏଭଳି ଚରମ ନିଷ୍ପତ୍ତି ନେଇଛି। ଘରୋଇ ବସ୍‌ଗୁଡ଼ିକରେ ଦୈନିକ ପ୍ରାୟ ୭ରୁ ୧୦ ଲକ୍ଷ ଲୋକ ଯାତାୟାତ କରନ୍ତି। ବନ୍ଦ ଡାକରା ଯୋଗୁ ଘରୋଇ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଏହା ରାଜ୍ୟର ପରିବହନ ସେବାକୁ ଗୁରୁତର ପ୍ରଭାବିତ କରିବା ଆଶଙ୍କା ସୃଷ୍ଟି ହୋଇଛି।

ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ମୁଖ୍ୟାଳୟକୁ ବସ୍ ଚଳାଚଳକୁ ବିରୋଧ କରି ଅକ୍ଟୋବର ୧୦ ତାରିଖରେ ଘରୋଇ ବସ୍ ମାଲିକ ସଂଘ ଧର୍ମଘଟ ଡାକରା ଦେଇଥିଲା। ତେବେ ଏହାକୁ ଏଡ଼ାଇବା ପାଇଁ ଅକ୍ଟୋବର ୯ ତାରିଖରେ ସଂଘର କର୍ମକର୍ତ୍ତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଲୋଚନା କରି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଅବିଭକ୍ତ କୋରାପୁଟ ଜିଲାରେ ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ସଦର ମହକୁମାକୁ ବସ୍ ଚଳାଚଳ କରୁଛି। ଏହାକୁ ଘରୋଇ ବସ୍ ମାଲିକମାନେ ବିରୋଧ କରି ଧର୍ମଘଟ ଡାକରା ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି।




# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଓଡ଼ିଶା ବିଭାଗୀୟ ମୁଖ୍ୟ ଦପ୍ତର କର୍ମଚାରୀ

**ଭୁବନେଶ୍ୱର,୧୯।୧୦ (ଅନୁରାଧା ମହାରଣା)**

ଓଡିଶା ବିଭାଗୀୟ ମୁଖ୍ୟ ଦପ୍ତର ସେକ୍ସନ ଅଫିସର ସଂଘ ଓ ଅମଲା ସଂଘ କର୍ମକର୍ତ୍ତାଙ୍କ ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଭେଟିଛନ୍ତି। ୨୦୧୮ରୁ କ୍ୟାଡର ପୁର୍ନଗଠନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକୃତି ପାଇଥିବା ମୂଳ ପଦବୀକୁ ଏଏସ୍‌ଓ ଭାବେ ଘୋଷଣା କରିବା, ପ୍ରତିଷ୍ଠାନ ଅଧିକାରୀ ପଦବୀକୁ କନିଷ୍ଠ ପ୍ରଥମ ଶ୍ରେଣୀ ମାନ୍ୟତା ଦେବା ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ (ଲେଭଲ – ୧) ପଦବୀ ସୃଷ୍ଟି କରିବା ଆଦି ବିଭିନ୍ନ ଦାବି ନେଇ ସଂଘ ପକ୍ଷରୁ ଆଲୋଚନା କରାଯାଇଛି। ମୁଖ୍ୟ ଶାସନ ସଚିବ ଏ ବିଷୟଟିକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ଦେଇଥିବା କୁହାଯାଇଛି। ଆଲୋଚନାରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ମଧ୍ୟ ଉପସ୍ଥିତ ଥିଲେ। ପ୍ରତିନିଧିମଣ୍ଡଳୀରେ ସଂଘର ବରିଷ୍ଠ ଉପଦେଷ୍ଟା ପ୍ରଭାତ ମହାନ୍ତି, ଶିଶିର କୁମାର ମିଶ୍ର, ସେକ୍ସନ ଅଫିସର ସଂଘର ସାଧାରଣ ସମ୍ପାଦକ ଭୁବନ ବିହାରୀ ମହାପାତ୍ର, ଅମଲା ସଂଘର ଉପସଭାପତି ସମରେଶ ମହାନ୍ତି ଓ ସାଧାରଣ ସମ୍ପାଦକ ରଶ୍ମି ରଞ୍ଜନ ପାଢ଼ୀ ପ୍ରତିନିଧିତ୍ୱ କରିଥିଲେ।

# ‘ମୋ ସରକାର’ ଅଭିଯୋଗର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୯।୧୦ (ଅସମାପିକା ସାହୁ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ‘ମୋ ସରକାର’ ପ୍ରକୋଷ୍ଠରେ କାର୍ଯ୍ୟରତ କେତେଜଣ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଉକ୍ତ ଅଭିଯୋଗଗୁଡ଼ିକୁ ଅନୁଧ୍ୟାନ କଲା ପରେ ଜଣାପଡ଼ିଲା ଯେ, ଏଗୁଡ଼ିକ ମୁଖ୍ୟତଃ ଶିକ୍ଷକମାନଙ୍କର ପେନ୍‌ସନ୍, ଅବସରକାଳୀନ ପ୍ରାପ୍ୟ ଓ ସରକାରୀ କାର୍ଯ୍ୟରେ ଅବହେଳା ସମ୍ବନ୍ଧୀୟ ଥିଲା। ଏହି ଆଧାରରେ ବିଭାଗ ତରଫରୁ ବିଭାଗୀୟ ଅଧିକାରୀଙ୍କୁ ସମ୍ପୃକ୍ତ ଜିଲା କାର୍ଯ୍ୟାଳୟ(ଭଦ୍ରକ, କଳାହାଣ୍ଡି ଓ ଯାଜପୁର)ଗୁଡ଼ିକୁ ତଦନ୍ତ ନିମନ୍ତେ ପଠାଯାଇଥିଲା। ତଦନ୍ତରୁ ଜଣାପଡ଼ିଲା ଯେ, ଅଭିଯୋଗଗୁଡ଼ିକର ସତ୍ୟତା ରହିଛି। ତେଣୁ ଉକ୍ତ ତଦନ୍ତ ରିପୋର୍ଟ ଆଧାରରେ ବିଭାଗ ତରଫରୁ ସମ୍ପୃକ୍ତ ବିଭାଗୀୟ ନିର୍ଦ୍ଦେଶକମାନଙ୍କୁ ଏହି କର୍ମଚାରୀଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

## ସରକାରୀ ଡାକ୍ତରଙ୍କ ଘରୋଇ ଚିକିତ୍ସା ବନ୍ଦ ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନ

**କଟକ,୧୯।୧୦ (କାର୍ତ୍ତିକ ସାହୁ)**

ସରକାରୀ ଡାକ୍ତର ଘରୋଇ ଚିକିତ୍ସା କରିବା ଚାକିରି ନିୟମ ବହିର୍ଭୁତ। ସରକାରୀ ମେଡିକାଲର ଡାକ୍ତରଙ୍କ ଏହି ଘରୋଇ ଚିକିତ୍ସା ବନ୍ଦ ପାଇଁ ଯେତେ ଉଦ୍ୟମ କରାଗଲେ ବି ଫଳ ଶୂନ। ଡାକ୍ତରମାନେ ଏହାକୁ ମାନୁ ନ ଥିବାରୁ ସରକାରୀ ଡାକ୍ତରଖାନାରେ ରୋଗୀମାନେ ଅବହେଳାର ଶିକାର ହେଉଛନ୍ତି। ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ସରକାରୀ ଡାକ୍ତରଖାନାରୁ ରୋଗୀଙ୍କୁ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ସେଠାରେ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟ ଶୋଷଣର ଶିକାର ହେଉଛନ୍ତି। ତେଣୁ ସରକାରୀ ଚାକିରି କରିଥିବା ଡାକ୍ତରଙ୍କୁ ଘରୋଇ ଚିକିତ୍ସା ବନ୍ଦ ଲାଗି ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ଜେନା ହାଇକୋର୍ଟରେ ଗୁରୁବାର ଏକ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଓ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।






କିନ୍ତୁ ହେ ମାନବାତ୍ମା ! ତୁମେ ଦୁଃଖକୁ ଖୋଜିଲୋଡି ଡାକିଆଣନା। କାରଣ, ଦୁଃଖ କାମ୍ୟ ନୁହେଁ। କେବଳ ସେହି ଦିବ୍ୟ ଆନନ୍ଦର ଅନୁସନ୍ଧାନ କରି ଚାଲ। ଦୁଃଖକଷ୍ଟ ତ ଆସିବ ତୁମ ପାଖକୁ ଦିବ୍ୟ ବିଧାନ ଅନୁସାରେ କିନ୍ତୁ ତାହା ଆସିବ ତୁମ ଲାଗି ପ୍ରୟୋଜନ ହିସାବରେ। ସେହି ଦୁଃଖ ବେଦନାର ଅନ୍ତର ଭିତରେ ତୁମେ ଆବିଷ୍କାର କରିବ ସୁଖର ସାରସତ୍ତ୍ୱ। –ଶ୍ରୀଅରବିନ୍ଦ



# ପୃଥିବୀ ବଞ୍ଚିରହୁ



ଡିକେନ୍ସ କାମୁଗିଶା

ମାନବ ଓ ପରିବେଶ ଅଧିକାର ପାଇଁ ଦୀର୍ଘଦିନ ହେଲା ସ୍ୱର ଉଠାଇ ଆସୁଥିଲେ ବି ଏବକାର ଚରମ ପାଣିପାଗ ଘଟଣାଗୁଡ଼ିକର ତୀବ୍ରତାକୁ ନେଇ ମୁଁ ଅତ୍ୟନ୍ତ ଭୟଭୀତ। ଆମେ ଏକ ଜଳବାୟୁ ଜରୁରୀ ସ୍ଥିତି ମଧ୍ୟରେ ରହିଥିବା ସ୍ପଷ୍ଟ ହେଉଛି। ଅତୀତର ପିଢ଼ି ଦେଖୁଥିବା ସର୍ବନାଶକ ବିପର୍ଯ୍ୟୟସବୁ ଏବେ ଆମ ପାଇଁ ସାଧାରଣ ହୋଇଯାଇଛି। ପ୍ରଳୟଙ୍କରୀ ବନ୍ୟା ଏବଂ ଗମ୍ଭୀର ମରୁଡ଼ି ଉଗାଣ୍ଡା ଓ ଆଫ୍ରିକା ମହାଦେଶର ଉତ୍ତର-ପୂର୍ବାଞ୍ଚଳରେ ଅନେକ ଶହ ଲୋକଙ୍କ ଜୀବନ ନେବା ସହ ଲକ୍ଷାଧିକ ଲୋକଙ୍କୁ ବିସ୍ଥାପିତ କରିଛି। ନିକଟରେ ଭୀଷଣ ବନ୍ୟା ଲିବ୍ୟାର ସହରଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଏହି ଘଟଣାଗୁଡ଼ିକ କେବଳ ପ୍ରକୃତି ଯୋଗୁ ହେଉଛି ତାହା ନୁହେଁ, ଏହା ପଛରେ ଅନେକ କାରଣ ରହିଛି। ଅର୍ଦ୍ଧଶତାବ୍ଦୀ ହେଲା ଆମେ ଜାଣୁଛୁ ଯେ, ଜୀବାଶ୍ମ ଇନ୍ଧନ ବ୍ୟବହାର ପୃଥିବୀର ତାପମାତ୍ରା ବୃଦ୍ଧି କରୁଛି ଏବଂ ଜଳବାୟୁ ପରିବର୍ତ୍ତନର ବିନାଶକାରୀ ପରିଣାମ ଅଛି। ହେଲେ ତାହାକୁ ନିରନ୍ତର ବ୍ୟବହାର କରିଆସୁଛୁ। ନିକଟରେ ଦକ୍ଷିଣ ଫ୍ରାନ୍ସରେ ହୋଇଥିବା ଜଳବାୟୁ ପ୍ରତିବାଦର ଏକ ଆକର୍ଷଣୀୟ ଛବିରେ ଜଳବାୟୁ ଆକ୍ଟିଭିଷ୍ଟମାନେ ଅଗ୍ଲୀ ନଦୀର ଶୁଷ୍କ ଶଯ୍ୟାରେ ଫ୍ରାନ୍ସର ବୃହତ୍ ତୈଳ କମ୍ପାନୀ ଟୋଟାଲ ଏନର୍ଜିକୁ ଦାୟୀ କରି ସ୍ଲୋଗାନ୍ ଲେଖିଥିଲେ। ଏବକାର ସ୍ଥିତି ପାଇଁ ବିଶେଷକରି ବିଶ୍ୱରେ ସର୍ବାଧିକ ସବୁଜଗୃହ ବାଷ୍ପ ନିର୍ଗମନ କରୁଥିବା କେତୋଟି ହାତଗଣତି ଧନୀ ଦେଶ ବେଶି ଦାୟୀ ବୋଲି ଏହି ସ୍ଲୋଗାନ ସ୍ପଷ୍ଟ ସୂଚିତ କରିଛି।

କିନ୍ତୁ ଜୀବାଶ୍ମ ଇନ୍ଧନ କମ୍ପାନୀଗୁଡ଼ିକ ବାସ୍ତବରେ ଦୋଷୀ। ଏହିସବୁ କମ୍ପାନୀ ପୃଥିବୀର ସମ୍ପଦକୁ ଲୁଟୁଛନ୍ତି। ତୈଳ କମ୍ପାନୀଗୁଡ଼ିକ ୧୯୭୦ ଦଶନ୍ଧିରୁ ସେମାନଙ୍କ କାର୍ଯ୍ୟକଳାପର ପରିବେଶ ଉପରେ କ'ଣ ପ୍ରଭାବ ରହିଛି, ସେ ସମ୍ପର୍କରେ ଜାଣିଥିଲେ। କିନ୍ତୁ ସେମାନେ ଏହି ନିଷ୍କର୍ଷକୁ ଲୁଚାଇ ରଖି ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଭୁଲ୍ ତଥ୍ୟ ପ୍ରକାଶ କରୁଥିଲେ। ସାରା ବିଶ୍ୱରେ ଆମେ ଦେଖୁଥିବା ଅତ୍ୟଧିକ ତାପମାତ୍ରା ଓ ଅପ୍ରତ୍ୟାଶିତ ବିପର୍ଯ୍ୟୟଗୁଡ଼ିକ ହିଁ ସେମାନଙ୍କ କାର୍ଯ୍ୟକଳାପର ପରିଣାମ। ବିଶ୍ୱ ତାପନକୁ ରୋକିବାକୁ ହେଲେ ଜୀବାଶ୍ମ ଇନ୍ଧନ ବ୍ୟବହାର କମାଇବାକୁ ହେବ ଏବଂ ତା' ଉପରେ ନିର୍ଭରଶୀଳତାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଡ଼ିବ। ଉଭୟ ଇଣ୍ଟରଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ୍ (ଆଇପିସିସି) ଏବଂ ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା (ଆଇଇଏ) ଏହା କରିବାକୁ ଏକ ଉପାୟ ଉପରେ ଗୁରୁତ୍ୱ ଦେଇଛନ୍ତି, ଯେଉଁଥିରେ ତୁରନ୍ତ ଜୀବାଶ୍ମ ଇନ୍ଧନ ଉତ୍ତୋଳନ ଶେଷ କରିବା ଆବଶ୍ୟକ। ଏହା ସ୍ପଷ୍ଟ ଯେ, ନିର୍ଗମନ ହ୍ରାସ କରିବା ଲାଗି ଅଧିକ ସମୟ ଅପେକ୍ଷା କଲେ ସମସ୍ତେ ଅଧିକ ଦୁଃଖ ଭୋଗିବା। କିନ୍ତୁ ଜୀବାଶ୍ମ ଇନ୍ଧନ କମ୍ପାନୀଗୁଡ଼ିକର ଏକ ଭିନ୍ନ ଦୃଷ୍ଟିକୋଣ ଥିବା ଦେଖାଯାଏ।



ନିୟାମକ ଅଥରିଟିରେ ଦାଖଲ କରିଥିବା ତଥ୍ୟରେ ଆକ୍ସନ ମୋବିଲ କମ୍ପାନୀ ସ୍ପଷ୍ଟ କରିଛି, ଶୂନ୍ୟ ନିର୍ଗମନ ସ୍ତର ହାସଲ କରିବା ସକାଶେ ବଞ୍ଚିବା ପାଇଁ ଆବଶ୍ୟକ ବୈଶ୍ୱିକ ମାନକର ଅଧୋଗତିକୁ ସମାଜ ଗ୍ରହଣ କରିବା ସମ୍ଭାବନା ବହୁତ କମ୍। ସେମାନଙ୍କ କାର୍ଯ୍ୟକଳାପର ଜଳବାୟୁଗତ ପ୍ରଭାବ ସମ୍ପର୍କରେ ଭଲ ଭାବେ ଅବଗତ ଥିଲେ ବି ସେହି କମ୍ପାନୀଗୁଡ଼ିକ ବିପୁଳ ଲାଭ ପାଇବା ଲାଗି ନିଜ ଜଳବାୟୁ ବିଜ୍ଞାନୀମାନଙ୍କ କଥା ବି ଶୁଣୁନାହାନ୍ତି। ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ଏକ୍ସନ ମୋବିଲ ୨୦୨୨ରେ ୫୬ ବିଲିୟନ ଡଲାର ଲାଭ କରିଥିଲା, ଯାହାର ସିଇଓ ପାଇଥିଲେ ୩୬ ମିଲିୟନ ଡଲାର। ଉଗାଣ୍ଡାରେ ଟୋଟାଲ ଏନର୍ଜିର ଟଲେଙ୍ଗା ପ୍ରୋଜେକ୍ଟ ସ୍ଥାନୀୟ ଲୋକଙ୍କର ବ୍ୟାପକ କ୍ଷତି କରିଥିଲା ଏବଂ କୃଷି କ୍ଷେତ୍ରରେ ଦୂଷିତ ଜଳର ବନ୍ୟା ସୃଷ୍ଟି କରିଥିଲା। ଏହା କରି କମ୍ପାନୀ ଗତବର୍ଷ ୩୬ ବିଲିୟନ ଡଲାର ପାଇଥିଲା। ସେଥିପାଇଁ ଫ୍ରେଞ୍ଚ ରିଭର ପେଣ୍ଟିଂରେ ଥିବା ଆପ୍ତବାକ୍ୟ 'ଯଦି ପାଣି ନାହିଁ, ତେବେ ସେମାନଙ୍କୁ ତେଲ ପିଇବାକୁ ଦିଆଯାଉ' ଏକ ବିଚାରଧାରା ଯାହା ଲୋକମାନଙ୍କୁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ଉତ୍ସାହିତ କରେ। ହେଲେ ଜୀବାଶ୍ମ ଇନ୍ଧନ ଶିଳ୍ପର କାର୍ଯ୍ୟକଳାପ ସମସ୍ତଙ୍କୁ ପ୍ରଭାବିତ କରୁଥିଲେ ମଧ୍ୟ ସେମାନେ କ୍ଷମତା ଓ ପ୍ରଭାବ ତ୍ୟାଗ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି।

ଶୂନ୍ୟ ନିର୍ଗମନ ସ୍ତରକୁ ପରିବର୍ତ୍ତନ ହେଲେ ଜୀବନ ମାନରେ ଅତ୍ୟଧିକ ହ୍ରାସ ହେବ ବୋଲି ଯାହା ଜୀବାଶ୍ମ ଇନ୍ଧନ ଶିଳ୍ପଗୁଡ଼ିକ ଦାବି କରନ୍ତି, ତାହା ବାସ୍ତବରେ ଘଟିବ ନାହିଁ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଜୀବାଶ୍ମ ଇନ୍ଧନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କେହି ବି ଦାବି କରୁନାହାନ୍ତି। ଜଳବାୟୁ ମଡେଲଗୁଡ଼ିକ ପ୍ରକାଶ କରନ୍ତି ଯେ, ଏହାକୁ ସମାଧାନ କରିବା ଲାଗି ସବୁଠୁ ଭଲ ଉପାୟ ହେଉଛି ନୂତନ ଅନୁସନ୍ଧାନକୁ ବନ୍ଦ କରି ଅଧିକ ପ୍ରଭାବୀ ପଦ୍ଧତିକୁ ପରିବର୍ତ୍ତନ କରିବା, ଯାହା ଏବକାର ଗଚ୍ଛିତ ସଂସାଧନର ଖୁବ୍ କମ୍ ବ୍ୟବହାର କରିବ। ସ୍ୱଚ୍ଛ ଶକ୍ତି ମାଧ୍ୟମରେ ସାମ୍ପ୍ରତିକ ଜୀବନ ମାନ ବଜାୟ ରଖିବା ପାଇଁ ଆବଶ୍ୟକ ଭିତ୍ତିଭୂମି ଗଢ଼ାଯାଉଥିବାବେଳେ ଏଭଳି ପଦ୍ଧତି ଆପଣାଇବାକୁ ପଡ଼ିବ। ସବୁଜ କ୍ଷେତ୍ରକୁ ପରିବର୍ତ୍ତନ ଏକ ସମାଧାନ ନୁହେଁ, ବରଂ ଏହା ଏକ ପ୍ରତିବଦ୍ଧତା। ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଅକ୍ଷୟଶକ୍ତି ଓ କମ୍ ଶକ୍ତିରେ ଅଧିକ ଲାଭ ପାଇବା ଭଳି ପଦ୍ଧତି ଦ୍ୱାରା ଘର, ଅଫିସ, ସହର ଓ ଶିଳ୍ପଗୁଡ଼ିକ ସହ ବିକାଶଶୀଳ ଦେଶରେ ଅନେକ କୋଟି ଲୋକଙ୍କ ଶକ୍ତି ଚାହିଦା ପୂରଣ କରିପାରିବା। ସବୁଜ ଶକ୍ତି କ୍ଷେତ୍ରକୁ ପରିବର୍ତ୍ତନ ହେଲେ ତାହା ନୂତନ ନିଯୁକ୍ତି ସୃଷ୍ଟି କରିବ, ବାୟୁ ଓ ଜଳର ମାନରେ ଉନ୍ନତି ଆଣିବ ଏବଂ ଜଳବାୟୁ ପରିବର୍ତ୍ତନର ସବୁଠୁ ଖରାପ ପ୍ରଭାବ କମାଇବାରେ ସାହାଯ୍ୟ କରିବ। ଏହା ବିପଦରେ ଥିବା ଦେଶ ଓ ଜନସମୁଦାୟଗୁଡ଼ିକୁ ଗମ୍ଭୀର ପାଣିପାଗ ଘଟଣାଗୁଡ଼ିକର ମୁକାବିଲା କରିବାକୁ ସକ୍ଷମ କରାଇବ।

ଏହା ନିଶ୍ଚିତ ଯେ, ଶକ୍ତି କ୍ଷେତ୍ରରେ ଏଭଳି ପରିବର୍ତ୍ତନ ପାଇଁ ପାଣ୍ଠି ଯୋଗାଣ ଏକ କଠିନ ଆହ୍ୱାନ। ଏଥିପାଇଁ ସମ୍ମିଳିତ ରଣନୀତି ଓ ପ୍ରକ୍ରିୟା ଆବଶ୍ୟକ। ଉଦାହରଣ ସ୍ୱରୂପ, ବାର୍ବାଡସ ପ୍ରଧାନମନ୍ତ୍ରୀ ମିୟା ଅମୋର ମୋଟଲେଙ୍କ ବ୍ରିଜ୍‌ଟାଉନ ଇନିସିଏଟିଭ (ଜଳବାୟୁ ପ୍ରଭାବକୁ ମୁକାବିଲା କରିବାରେ ନୂଆ ପଦ୍ଧତି ଲାଗି ପଦକ୍ଷେପ) ବୈଶ୍ୱିକ ପାଣ୍ଠି ଯୋଗାଣରେ ଜରୁରୀ ସୁଧାର ଉପରେ ଜୋର ଦିଏ। ସେହିପରି ନିକଟରେ ନାଇରୋବିରେ ଆଫ୍ରିକା ଜଳବାୟୁ ସମ୍ମିଳନୀ ବିଶ୍ୱ ସ୍ତରରେ କାର୍ବନ ଟାକ୍ସ (ଅତ୍ୟଧିକ ସବୁଜ ବାଷ୍ପ ନିର୍ଗମନ କରୁଥିବା ଶିଳ୍ପ ଉପରେ ଲଗାଯାଉଥିବା ଜରିମାନା) ପାଇଁ ସହମତିଭିତ୍ତିକ ପ୍ରସ୍ତାବରେ ଶେଷ ହୋଇଛି।

ଭବିଷ୍ୟତର ସଫଳତା ପାଇଁ ଆଉ ଏକ ବିଚାରକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଏବଂ ଅନେକ ପ୍ରତିଷ୍ଠିତ ଅର୍ଥନୀତିଜ୍ଞ ଓ ଜଳବାୟୁ କାର୍ଯ୍ୟକର୍ତ୍ତାମାନେ ସାମ୍ନାକୁ ଆଣିଛନ୍ତି। ଜଳବାୟୁ ପରିବର୍ତ୍ତନଜନିତ କ୍ଷତି ପୂରଣ କରିବା ଏବଂ ଅତ୍ୟଧିକ କାର୍ବନ ନିର୍ଗମନ କରୁଥିବା ଜୀବାଶ୍ମ ଇନ୍ଧନକମ୍ପାନୀଗୁଡ଼ିକର ପ୍ରଚୁର ଲାଭ ଅର୍ଥରେ ସବୁଜ ଶକ୍ତି କ୍ଷେତ୍ରକୁ ପରିବର୍ତ୍ତନ ପାଇଁ ଏହି ବିଚାର ଉତ୍ସାହିତ କରେ। ନଭେମ୍ବରରେ ସଂଯୁକ୍ତ ଆରବ ସଂଘ (ୟୁଏଇ)ରେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍୨୮) ପାଇଁ ବିଶ୍ୱ ପ୍ରସ୍ତୁତ ହେଉଥିବାବେଳେ ଏହି ପ୍ରସ୍ତାବ ଉପରେ ଗମ୍ଭୀରତାର ସହ ବିଚାର କରିବା ଉଚିତ। ବିଶ୍ୱର ସର୍ବବୃହତ୍ ପ୍ରଦୂଷଣକାରୀଙ୍କୁ ଦାୟୀ କରିବା ଉଭୟ ନୈତିକତା ଦୃଷ୍ଟିରୁ ନ୍ୟାୟସଙ୍ଗତ ଓ ଆର୍ଥିକ ଦଗିରୁ ବି ସମ୍ବେଦନଶୀଳ।

ସାମ୍ପ୍ରତିକ ସମୟରେ ଅସଂଖ୍ୟ ରାଜନୈତିକ ଓ ଆର୍ଥିକ ଉତ୍ଥାନପତନ ମଧ୍ୟରେ ଅଗ୍ଲି ନଦୀରେ କରାଯାଇଥିବା ଜଳବାୟୁ ଚିତ୍ରକଳା ସେଭଳି ଦୃଷ୍ଟି ଆକର୍ଷଣ କରିପାରିନାହିଁ। କିନ୍ତୁ ମୁଁ ଆଶାକରେ, ଏହି ଶକ୍ତିଶାଳୀ ଛବିର ବିଚାର ଯେଭଳି ମୋତେ ପ୍ରଭାବିତ କରିଛି ତାହା ଅନ୍ୟମାନଙ୍କ ମଧ୍ୟରେ ପ୍ରତିଧ୍ୱନିତ ହେଉ। ଶେଷରେ କୁହାଯାଇପାରେ ଯେ, ଏହି ଗ୍ରହ ଆମର ଏକମାତ୍ର ଘର। ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହେଉଥିବା ଏବକାର ବିପଦକୁ ଦେଖିଲେ ଆମ ପାଖରେ ଆଉ କୌଣସି ବିକଳ୍ପ ନାହିଁ, କେବଳ ପୃଥିବୀକୁ ବଞ୍ଚାଇ ରଖିବା ଲାଗି ଆମକୁ ସଂଗ୍ରାମ କରିବାକୁ ହେବ।

**ମୁଖ୍ୟ କାର୍ଯ୍ୟନିର୍ବାହୀ,**
**ଆଫ୍ରିକା ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏନର୍ଜି ଗଭର୍ନାନ୍ସ**

## ଏଇ ଭାରତରେ

ବର୍ଜ୍ୟର ପୁନଃ ଉପଯୋଗ ଏବେ ପରିବେଶ ସୁରକ୍ଷାର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଏ କ୍ଷେତ୍ରରେ ଭାରତରେ ଯେଉଁ କେତେଜଣ ପ୍ରୟାସ କରୁଛନ୍ତି, ସେମାନଙ୍କ ମଧ୍ୟରେ ମୁମ୍ବାଇର ମା'ପୁଅଙ୍କର ଏକ ଟିମ୍ ଅନ୍ୟତମ। ନାଓମି ଓ ୟୋହନା ପରେରା ଭଙ୍ଗା ଟାଇଲ ଓ ସମୁଦ୍ରରେ ଭାସି ଆସି ବେଳାଭୂମିରେ ପଡ଼ିଥିବା କାଠ ସଂଗ୍ରହ କରି ସେଥିରେ ଆକର୍ଷଣୀୟ ଫର୍ଣ୍ଣିଚର ତିଆରି କରୁଛନ୍ତି। ସେମାନେ ୨୦୧୮ରେ ଦି ଡ୍ରୁଇଡ ଗାର୍ଡେନ ସଂସ୍ଥା ଗଢ଼ି ତା' ମାଧ୍ୟମରେ ଏହି କାର୍ଯ୍ୟ ଚଳାଇଛନ୍ତି। ଏଥିପାଇଁ ସେମାନେ ଏକ ଟିମ୍ ଗଢ଼ିଛନ୍ତି। ପ୍ରତି ମାସରେ ୟୋହନା ଓ ତାଙ୍କ ଟିମ୍ ଗୋରାଇ ମାଛଧରା ଗାଁ ନିକଟ ବେଳାଭୂମିକୁ ଯାଇ ସେଠାରୁ ବର୍ଜ୍ୟକାଠ ସଂଗ୍ରହ କରୁଛନ୍ତି। ଏହାସହ ମୁମ୍ବାଇର ବିଭିନ୍ନ ସ୍ଥାନରୁ ଭଙ୍ଗା ଟାଇଲ ସଂଗ୍ରହ କରୁଛନ୍ତି। ସଂଗୃହୀତ କାଠରେ ବହିଥାକ, ମିରର ଷ୍ଟାଣ୍ଡ,ସାଇଡ୍ ଟେବୁଲ, ୱାଲ୍ ଆର୍ଟ, ବେଞ୍ଚ, ଚେୟାର, ଷ୍ଟୁଲ୍, ନେମ୍ ପ୍ଲେଟ, କ୍ୟାଣ୍ଡେଲ ହୋଲ୍‌ଡର ଏବଂ ସୁଇଂ ସେଟ୍ ଆଦି ତିଆରି କରୁଛନ୍ତି। ଏଗୁଡ଼ିକୁ ସେମାନେ ବିଭିନ୍ନ ହୋଟେଲ, ହସ୍ପିଟାଲ ଓ ସଂସ୍ଥାଗୁଡ଼ିକୁ ଯୋଗାଉଛନ୍ତି। ଭଙ୍ଗା ଟାଇଲ ଉପଯୋଗ କରି ସେଥିରେ ବିଭିନ୍ନ ମୋଜାଇକ ଆର୍ଟ କରାଯାଉଛି।

## ଚିରନ୍ତନୀ

କାଟି ବିଶ୍ୱର ସକଳ ନିଗଡ଼ ବନ୍ଧନ
ଶତ ଆଶା ପୀରତିର ମଧୁ ନିବନ୍ଧନ
ସକଳ ସ୍ନେହ ମମତା
ମରମ ନିଭୃତ କଥା,
କରିବି ଏ କୋଣେ ତାର ସମାଧି ସାଧନ,
ସକଳ ମଧୁର ସ୍ମୃତି ପ୍ରୀତି ଆରାଧନ। –(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | 2 | | | | | |
| | | | | | 9 | 8 | 7 | 3 |
| | | 9 | | | 7 | | 4 | |
| | | | | 2 | 1 | | | |
| 1 | | 7 | 4 | | | | | |
| | | | 7 | 9 | | | 2 | |
| | | | 3 | | | 5 | | 4 |
| | 8 | | | 1 | 2 | 6 | | |
| | 6 | | | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 1 | 7 | 4 | 6 | 2 | 9 | 5 |
| 2 | 4 | 6 | 5 | 8 | 9 | 1 | 7 | 3 |
| 9 | 5 | 7 | 1 | 2 | 3 | 6 | 4 | 8 |
| 1 | 3 | 4 | 6 | 9 | 5 | 7 | 8 | 2 |
| 6 | 9 | 8 | 3 | 7 | 2 | 5 | 1 | 4 |
| 5 | 7 | 2 | 8 | 1 | 4 | 9 | 3 | 6 |
| 7 | 2 | 3 | 9 | 5 | 8 | 4 | 6 | 1 |
| 8 | 1 | 5 | 4 | 6 | 7 | 3 | 2 | 9 |
| 4 | 6 | 9 | 2 | 3 | 1 | 8 | 5 | 7 |

ଗତକାଲିର ଉତ୍ତର

# ଭାରତର ଦୁଇ ପଡ଼ୋଶୀ ଦେଶ



ବୈକୁଣ୍ଠନାଥ ମିଶ୍ର

ପଡ଼ୋଶୀଟିଏ ଉତ୍ତମ ବନ୍ଧୁତ୍ୱର ନିଦର୍ଶନ ହୋଇପାରେ କିମ୍ବା ଶତ୍ରୁତା ଆଚରଣ ବି କରିପାରେ। ଏହା ପରିବାର, ଗୋଷ୍ଠୀ, ସମାଜ ଏବଂ ସର୍ବୋପରି ଦେଶ ଦେଶ ମଧ୍ୟରେ ଦେଖାଯାଏ। ଜଣେ ଉତ୍ତମ ପଡ଼ୋଶୀ ସେହି ଯେ ସୁଖଦୁଃଖରେ ଆନ୍ତରିକତାର ସହଭାଗିତା ସ୍ଥାପନ କରେ। ଗୋଟିଏ ଦେଶର ପଡ଼ୋଶୀ ଯଦି ଉତ୍କଟ ଶତ୍ରୁତା ଆଚରଣ କରେ ତେବେ ଦୁଇଦେଶ ମଧ୍ୟରେ ତିକ୍ତତା ବୃଦ୍ଧିପାଏ ଓ ଉଭୟ ଦେଶର ସାଧାରଣ ଜନତା ଏଥିରେ ଦୁଃଖ ଭୋଗ କରନ୍ତି। ଭାରତର ଦ୍ରୁତ ବିକାଶ ତା'ର ପଡ଼ୋଶୀ ଦେଶ ବିଶେଷ ଭାବେ ପାକିସ୍ତାନକୁ ଈର୍ଷାନ୍ୱିତ କରିଛି। ଫଳ ସ୍ୱରୂପ ପାକିସ୍ତାନ ପ୍ରତ୍ୟକ୍ଷ ବା ପରୋକ୍ଷରେ ଭାରତରେ ଆତଙ୍କୀ କାର୍ଯ୍ୟକଳାପ ଜାରିରଖିଛି। ପାକିସ୍ତାନର ସାଧାରଣ ଜନତା ମଧ୍ୟ ସେ ଦେଶର ସରକାରୀ ବ୍ୟବସ୍ଥାକୁ ବିରୋଧ କରିବା ଆରମ୍ଭ କଲେଣି। ଭାରତ ପରି ପାକିସ୍ତାନ କାହିଁକି ସଫଳତା ଅର୍ଜନ କରି ପାରୁନାହିଁ ବୋଲି ସେ ଦେଶର ଶିକ୍ଷିତ ନାଗରିକ ପ୍ରଶ୍ନ ଉଠାଇଲେଣି। ଏପରି କି ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ ମଧ୍ୟ ଏ ବିଷୟରେ ପ୍ରଶ୍ନ ଉଠାଇଛନ୍ତି। ସମ୍ପ୍ରତି ଲଣ୍ଡନରେ ଥିବା ସରିଫ୍ ପ୍ରଶ୍ନ କରିଛନ୍ତି ଭାରତ ପରି ପାକିସ୍ତାନ କାହିଁକି ସଫଳତା ହାସଲ କରିପାରୁନାହିଁ- ଏ ବିଷୟରେ ପାକିସ୍ତାନ ନେତୃମଣ୍ଡଳୀ ସମୀକ୍ଷା କରିବା ଆବଶ୍ୟକ। ଚନ୍ଦ୍ରୟାନ-୩ର ସଫଳତା ଓ ଜି-୨୦ ସମ୍ମିଳନୀରେ ସଫଳ ଆୟୋଜନ ପରେ ପାକ୍ ଗଣମାଧ୍ୟମଗୁଡ଼ିକ ଭାରତକୁ ପ୍ରଶଂସା କରିଛନ୍ତି, ଯାହା ସେ ଦେଶର ଶାସକଙ୍କୁ ବିବ୍ରତ କରିଛି। ବଡ଼କଥା ହେଲା, ପାକିସ୍ତାନ ଜନ୍ମିତ ସ୍ୱିଡେନ ରାଜନୀତି ବିଶେଷଜ୍ଞ ଭାବେ ସୁପରିଚିତ ଇସ୍ତିଆଜ ଅହମ୍ମଦ କହିଛନ୍ତି ଯେ, ଭାରତରେ ବସବାସ କରୁଥିବା ମୁସଲମାନମାନେ ପାକିସ୍ତାନ ମୁସଲମାନଙ୍କ ତୁଳନାରେ ଯଥେଷ୍ଟ ଭଲରେ ଅଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ ଏତେ ସଂଖ୍ୟକ ମୁସଲମାନ ଯଦି ଭାରତରେ ସୁଖରେ ରହି ପାରୁଛନ୍ତି, ତେବେ ପାକିସ୍ତାନରେ ଏହା କାହିଁକି ସମ୍ଭବ ହେଉନାହିଁ ? ଇସ୍ତିଆଜ ଭାରତର ସମାନ ନାଗରିକ ସଂହିତା (ୟୁସିସି)କୁ ସମର୍ଥନ କରି କହିଛନ୍ତି ଯେ ଏହାଦ୍ୱାରା ସବୁ ସମ୍ପ୍ରଦାୟ ସମାନଭାବେ ଆଇନଗତ ସୁବିଧା ପାଇବେ, ଯାହାଫଳରେ ବିକାଶ ଅବଶ୍ୟମ୍ଭାବୀ। ଇସ୍ତିଆଜ ପୁଣି କହିଛନ୍ତି ଭାରତଠାରୁ ଅଲଗା ହେବା ଥିଲା ଏକ ଭୁଲ୍ ନିଷ୍ପତ୍ତି। ଅବଶ୍ୟ ବିଭାଜନ ପରେ ଆମେରିକା ଓ ବିଶ୍ୱବ୍ୟାଙ୍କ ସହାୟତାରେ ପାକିସ୍ତାନ ଆର୍ଥିକ ପ୍ରଗତି ହାସଲ କରିଥିଲା। କିନ୍ତୁ ୧୯୬୫ର ଯୁଦ୍ଧ ପାକିସ୍ତାନକୁ ପ୍ରଭୂତ କ୍ଷତି ପହଞ୍ଚାଇଲା ଓ ପାକ୍ ଅର୍ଥନୀତି ଭୟଙ୍କର ପ୍ରଭାବିତ ହେଲା। ବିଶେଷକରି ୧୯୭୧ରେ ବାଂଲାଦେଶ ପାକିସ୍ତାନଠାରୁ ଅଲଗା ହେବାପରେ ପାକିସ୍ତାନର ଆର୍ଥିକ ଅଧୋଗତି ତୀବ୍ରତର ହେଲା। ବାଂଲାଦେଶ ଶିଳ୍ପ ସମୃଦ୍ଧ ହୋଇ ବିକାଶ ପଥରେ ଅଗ୍ରସର ହେଲା। ବାଂଲାଦେଶର ବୟନଶିଳ୍ପ ଉତ୍ପାଦ ବିଶ୍ୱବିଖ୍ୟାତ। ପାକିସ୍ତାନ ପ୍ରାୟତଃ ଶିଳ୍ପଶୂନ୍ୟ ହୋଇଗଲା। ଇସ୍ତିଆଜ କହିଛନ୍ତି ଆତଙ୍କବାଦ ପ୍ରୋତ୍ସାହନ ବ୍ୟୟଭାର ପାକିସ୍ତାନର ଆର୍ଥିକ ଦୁର୍ଗତିର ଅନ୍ୟତମ କାରଣ। ଉଦ୍‌ବେଗର କଥା ପାକିସ୍ତାନର ଗଣତାନ୍ତ୍ରିକ ସରକାର ପରିବର୍ତ୍ତେ ଶାସନ ବ୍ୟବସ୍ଥା ଅଙ୍କୁଶ ସେନାହାତକୁ ଚାଲିଯିବା ଦ୍ୱାରା ପାକିସ୍ତାନରେ ଅରାଜକତା ବ୍ୟାପିଗଲା। ମୋଟାମୋଟି ଇସ୍ତିଆଜଙ୍କ ମତହେଲା ପାକିସ୍ତାନ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବା ବନ୍ଦକଲେ ଭାରତ ସହ ସମ୍ପର୍କ ସୁଧୁରିବାର ସୁଯୋଗ ସୃଷ୍ଟିହେବ ଓ ଦୁଇଦେଶ ମଧ୍ୟରେ ଉତ୍ତମ ବୁଝାମଣା ସ୍ଥାପିତ ହୋଇ ପ୍ରଗତିର ପଥ ଉନ୍ମୁକ୍ତ ହେବ। ଇସ୍ତିଆଜଙ୍କ ସର୍ବଶେଷ ମତହେଲା ଯେ ଭାରତରେ ସାମାଜିକ ସୁରକ୍ଷା ଓ ବିଶେଷକରି ମହିଳାମାନଙ୍କର ସ୍ୱାଧୀନତା ସେ ଦେଶକୁ ଆଗକୁ ନେଇଥିବା ବେଳେ, ପାକିସ୍ତାନ ଏ କ୍ଷେତ୍ରରେ ବହୁ ପଛରେ ପଡ଼ିଛି।

ଅପରପକ୍ଷେ ଅନ୍ୟତମ ଦକ୍ଷିଣ ଏସୀୟ ପଡ଼ୋଶୀ ଦେଶ ଭୁଟାନ କଥା ଚିନ୍ତା କରାଯାଉ। ଭୁଟାନର ସମୁଦାୟ ବାଣିଜ୍ୟିକ କାରବାରର ଦୁଇ/ତୃତୀୟାଂଶ କେବଳ ଭାରତ ସହ ହୋଇଥାଏ। ଭୁଟାନ ଜଳବିଦ୍ୟୁତ ଉତ୍ପାଦନରେ ପୃଥିବୀ ବିଖ୍ୟାତ। ବଳକା ଜଳବିଦ୍ୟୁତ ଭାରତ ସମେତ ପୃଥିବୀର ଅନେକ ଦେଶକୁ ଯୋଗାଇଦିଏ ଭୁଟାନ। ଯଦିଓ ଚାଇନା ଭାରତ ବିରୋଧରେ ଭୁଟାନକୁ ଉସୁକାଉଛି, ଭୁଟାନ କିନ୍ତୁ ଭାରତ ସହ ତା'ର ବନ୍ଧୁଭାବାପନ୍ନ ମନୋଭାବକୁ ପରିହାର କରିନାହିଁ। ଭୁଟାନର ପ୍ରଧାନମନ୍ତ୍ରୀ ଲୋଟେ ସେରିଂ ନିକଟରେ ସୂଚନା ଦେଇଛନ୍ତି ଯେ, ଯେଉଁ ବିଶ୍ୱସ୍ତରୀୟ କମ୍ପାନୀମାନେ ଭାରତରେ ପୁଞ୍ଜିନିବେଶ କରୁଛନ୍ତି ଓ ଅନ୍ୟ ଯେଉଁମାନେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ସେମାନଙ୍କୁ ଭୁଟାନ ପ୍ରତି ଆକର୍ଷିତ କରିବା ପାଇଁ ନୂଆଦିଲ୍ଲୀକୁ ଅନୁରୋଧ କରାଯାଇଛି। ଭୁଟାନର ପର୍ଯ୍ୟଟନ ଶିଳ୍ପ ଅତ୍ୟନ୍ତ ବ୍ୟବସ୍ଥିତ। ଅନ୍ୟ ଦେଶ ତୁଳନାରେ ଭାରତୀୟ ପର୍ଯ୍ୟଟକଙ୍କୁ ପର୍ଯ୍ୟଟନ ଖର୍ଚ୍ଚର ଏକ ବଡ଼ ରିହାତି ଘୋଷଣା ଭାରତୀୟଙ୍କୁ ସେ ଦେଶପ୍ରତି ଆକୃଷ୍ଟ କରିବ ବୋଲି ଭୁଟାନ ଆଶାବାଦୀ। ଭୁଟାନ ସମ୍ପ୍ରତି ଉତ୍କଟ ବେକାରିକୁ ସାମନା କରୁଥିବା ବେଳେ ଖୁବ୍‌ଶୀଘ୍ର ଏଥିରୁ ମୁକ୍ତିଲାଭ କରିବା ପାଇଁ ଆଶାବାଦୀ। ବଡ଼କଥା ହେଲା ଭୁଟାନ ପାକିସ୍ତାନ ପରି ସନ୍ତ୍ରାସବାଦକୁ ପ୍ରୋତ୍ସାହନ ଦିଏନାହିଁ। ଚାଇନାର ବିସ୍ତାରବାଦୀ ରାଜନୀତିକୁ ଭୁଟାନ ଭଲଭାବରେ ବୁଝିସାରିଛି। ନେପାଳପରି ଚାଇନାକୁ ସେ ସମର୍ଥନ କରିନାହିଁ। ଭୁଟାନ ଦୃଷ୍ଟିରେ ଭାରତ ହିଁ ଏକମାତ୍ର ନିର୍ଭରଯୋଗ୍ୟ ପଡ଼ୋଶୀ ଦେଶ। ବିଗତ ୨୦୦୦ ମସିହାଠାରୁ ୨୦୨୩ ମଧ୍ୟରେ ଭାରତ ଭୁଟାନରେ ୮୬ ନିୟୁତ ଡଲାର ପୁଞ୍ଜି ନିବେଶ କରିସାରିଛି, ଯାହା ଭୁଟାନର ପ୍ରଗତି ପ୍ରତି ଭାରତର ଏକ ବଡ଼ ଅବଦାନ। ଭୁଟାନ ବୁଝିସାରିଛି ଯେ ଭାରତର ସେପରି କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ। ଭାରତ ମଧ୍ୟ ଭୁଟାନର ବିକାଶରେ ସହଭାଗିତା ପାଇଁ ହାତ ବଢ଼ାଇଛି।



**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

# କାଳିଦାସ ଓ ନବରାତ୍ରି



ଅନୀତା ପଟ୍ଟନାୟକ

ମୋର ଜଣେ ନାତି ପଚାରିଲା ନବରାତ୍ରିରେ କ'ଣ ହୁଏ? ମୁଁ କହିଲି ନବରାତ୍ରିର ପ୍ରଥମ ତିନି ଦିନ ମହାକାଳୀଙ୍କର ପୂଜା କରାଯାଏ। ଦ୍ୱିତୀୟ ତିନି ଦିନ ମହାଲକ୍ଷ୍ମୀଙ୍କର ପୂଜା କରାଯାଏ ଓ ତୃତୀୟ ତିନି ଦିନ ମା'ସରସ୍ୱତୀଙ୍କର ପୂଜା କରାଯାଏ। ତୁମେ କାଳିଦାସଙ୍କ ନାମ ଶୁଣିଥିବ। ସେ ସୁନ୍ଦର ସୁନ୍ଦର ନାଟକ ଓ ମହାକାବ୍ୟ ରଚନା କରିଛନ୍ତି। ସେଥିମଧ୍ୟରୁ ରଘୁବଂଶମ୍, ମେଘଦୂତମ୍, ଅଭଧାନ ଶକୁନ୍ତଳମ୍, ବିକ୍ରମ ଉର୍ବଶୀୟମ୍, ଋତୁସଂହାର ଇତ୍ୟାଦି ସର୍ବାଜନ ଆଦୃତ। ଲୋକମତ ଅନୁସାରେ କାଳିଦାସ ଉଜ୍ଜୟିନୀରେ ଜନ୍ମଗ୍ରହଣ କରିଥିଲେ। ପିଲାଦିନୁ ସେ ତାଙ୍କର ମାତାପିତାଙ୍କୁ ହରାଇଥିଲେ। ତାଙ୍କର ସାଧାରଣ ଜ୍ଞାନ ନ ଥିଲା। ସେ ମହାକାଳୀଙ୍କୁ ପୂଜା କରୁଥିଲେ ଓ କାଳୀଙ୍କୁ ଆରାଧନା କରୁଥିଲେ। ଅନେକଙ୍କ ମତରେ କାଳୀଙ୍କର ଭକ୍ତ ଥିବାରୁ ତାଙ୍କର ନାମ କାଳିଦାସ ହୋଇଥିଲା। ଅନ୍ୟ ଅର୍ଥରେ ସେ କାଳୀଙ୍କ ଦାସ ହୋଇଥିବାରୁ ତାଙ୍କ ନାମ କାଳିଦାସ ହୋଇଥିଲା।

ମନୁଷ୍ୟର ତିନୋଟି ଗୁଣ ଅଛି। ଯଥା ସତ୍ତ୍ୱ, ରଜ ଓ ତମ। ମା' କାଳୀ ତମ ଗୁଣକୁ ନାଶ କରୁଥିବାର ପ୍ରତୀକ। ତମଗୁଣ ନାଶ ହେଲେ ଜଣେ ରଜଗୁଣରେ ପ୍ରବେଶ କରିପାରେ ଓ ରଜଗୁଣକୁ ପରିତ୍ୟାଗ କରିପାରିଲେ ସେ ସତ୍ତ୍ୱଗୁଣରେ ପ୍ରବେଶ କରେ। ନାତୁଣୀ କହିଲା ଜେଜେମା' ତୁମେ କହୁଥିଲ ଲୋକକଥା ଅନୁଯାୟୀ କାଳିଦାସ ଗରିବ ଥିଲେ ଓ ଗାଈ ଚରାଉଥିଲେ। ସେ ମହାକାଳ ଓ ମହାକାଳୀଙ୍କୁ ପୂଜାକରି ତମଗୁଣକୁ ପରିହାର କରିବା ପରେ ରାଜସିକ ଗୁଣରେ ଅଭିସିକ୍ତ ହୋଇପାରିଥିଲେ କି? ଏବେ ମୁଁ ବୁଝି ପାରିଲି ନବରାତ୍ରି, ଦଶହରାରେ ଅନେକ ଜାଗାରେ ଶିବଙ୍କ ମଣ୍ଡପ (ମହାକାଳ)ଙ୍କର ମଧ୍ୟ କାହିଁକି ପୂଜା କରାଯାଏ।

ମୁଁ କହିଲି ଉଜ୍ଜୟିନୀର ରାଜାଙ୍କର ଝିଅ ବିଦ୍ୟୋମା ଅତ୍ୟନ୍ତ ଜ୍ଞାନୀ ଥିଲେ। ତାଙ୍କର ଗୁରୁଙ୍କ ନାମ ଥିଲା ବରରୁଚି। ବିଦ୍ୟୋମା ନିଜର ଜ୍ଞାନ ଯୋଗୁ ଗର୍ବିତ ହୋଇ ପଣ୍ଡିତମାନଙ୍କୁ ଯୁକ୍ତିତର୍କରେ ହରାଇବା ସହିତ ନିଜର ଗୁରୁ ବରରୁଚିଙ୍କୁ ମଧ୍ୟ ଅପମାନିତ କରିଥିଲେ। ବିଦ୍ୟୋମା ପଣ ରଖିଥିଲେ ତାଙ୍କୁ ବିଦ୍ୟାରେ ଯିଏ ହରାଇବ ସେ ତାକୁ ବିବାହ କରିବେ। ଏପରି ଗର୍ବୀ ନାରୀକୁ ଶିକ୍ଷା ଦେବା ପାଇଁ ଗୁରୁ ବରରୁଚି ଓ ଅନ୍ୟ ପଣ୍ଡିତମାନେ ଏକ ଯୋଜନା କଲେ। ଦିନେ ରାସ୍ତାରେ ଯାଉ ଯାଉ ସେମାନେ ଦେଖିଲେ ଅତ୍ୟନ୍ତ ବଳିଷ୍ଠ ସୁନ୍ଦର ଯୁବକ ଗଛ ଡାଳରେ ବସି ସେହି ଡାଳକୁ କୁରାଢ଼ିରେ କାଟୁଛନ୍ତି। ସେମାନେ ସେହି ଯୁବକଙ୍କୁ ଗଛରୁ ଓହ୍ଲାଇ ସ୍ନାନ କରାଇ ରାଜବସ୍ତ୍ର ପିନ୍ଧାଇ ରାଜାଙ୍କ ନିକଟକୁ ନେଲେ ଓ ରାଜକନ୍ୟାଙ୍କର ଉପଯୁକ୍ତ ପାତ୍ର ଆଣିଛନ୍ତି ବୋଲି କହିଲେ। କାଳୀଦାସ ମୌନବ୍ରତ ରଖିଛନ୍ତି ବୋଲି ରାଜାଙ୍କୁ ଜଣାଇଲେ। ରାଜକନ୍ୟାଙ୍କୁ କାଳିଦାସଙ୍କ ସମ୍ମୁଖକୁ ଅଣାଗଲା ଓ ପ୍ରଶ୍ନ ପଚାରିବାକୁ କୁହାଗଲା। ରାଜକନ୍ୟା ତର୍ଜନୀରେ କାଳିଦାସଙ୍କୁ ନିର୍ଦ୍ଦେଶ କଲେ। ଯାହାର ଅର୍ଥ ଥିଲା ଈଶ୍ୱର ଏକ ଓ ଅଦ୍ୱିତୀୟ। କାଳିଦାସ ଭାବିଲେ ଏ ରାଜକନ୍ୟା ମୋର ଗୋଟିଏ ଆଖି ଫୁଟାଇବ ବୋଲି କହୁଛି। ତେଣୁ ସେ ଦୁଇଟି ଆଙ୍ଗୁଠି ରାଜକନ୍ୟାଙ୍କ ଆଡ଼କୁ ନିର୍ଦ୍ଦେଶ କଲେ। ଯାହାର ଅର୍ଥ ଥିଲା ତୁ ମୋର ଗୋଟିଏ ଆଖି ଫୁଟାଇବୁ କହୁଛୁ ମୁଁ ତୋର ଦୁଇଟି ଆଖି ଫୁଟାଇ ଦେବି। କିନ୍ତୁ ବରରୁଚି ଓ ଅନ୍ୟ ପଣ୍ଡିତମାନେ ତାଳି ମାରି ଏହାକୁ ସ୍ୱାଗତ କଲେ ଓ କହିଲେ ଏହାର ଅର୍ଥ ହେଉଛି ଈଶ୍ୱର ଏକ ନୁହନ୍ତି ସେ ଦୁଇ ଯାହାକି ଆତ୍ମା ଓ ପରମାତ୍ମା। ଏହି ଉତ୍ତରରେ ଅତ୍ୟନ୍ତ ପ୍ରୀତ ହୋଇ ବିଦ୍ୟୋମା ବିବାହ ପାଇଁ ରାଜି ହୋଇଥିଲେ ଓ ବିବାହ ସମ୍ପନ୍ନ ହୋଇଥିଲା। କିନ୍ତୁ ଚତୁର୍ଥୀ ରାତିରେ ଓଟ ବୋବାଳି ଶବ୍ଦକୁ ଅପଭ୍ରଂଶ କରି କହିବାରୁ ବିଦ୍ୟୋମା କାଳିଦାସଙ୍କୁ ଘରୁ ବିତାଡ଼ିତ କରିଥିଲେ। ଏଥିରେ ଅପମାନିତ ହୋଇ ଜୀବନକୁ ଝାସ ଦେବା ପାଇଁ କାଳିଦାସ ନଦୀକୁ ଡେଇଁପଡ଼ିଲେ। ତମଗୁଣ ଓ ରାଜସିକ ଗୁଣକୁ ପରିତ୍ୟାଗ କରି ସତ୍ତ୍ୱଗୁଣରେ ପ୍ରବେଶ କରିଥିବା କାଳିଦାସଙ୍କୁ ମା' ମହାସରସ୍ୱତୀ ସାତଥର ପାଣିରେ ବୁଡ଼ାଇ ତାଙ୍କର ସାତ ଜନ୍ମର ଅଜ୍ଞାନ ଅନ୍ଧକାରକୁ ଦୂର କରି ଜ୍ଞାନାଲୋକରେ ଉଦ୍ଭାସିତ କରିଥିଲେ। କଥାରେ ଅଛି କାଳିଦାସ 'କଜ୍ଜଳପୁରିତ ଲୋଚନ ଧାରେ' ଗାନ କରିବା ଆରମ୍ଭ କରିଥିଲେ। କିନ୍ତୁ କି ଦୁଃଖର ବିଷୟ ସ୍ତୁତିରେ ମା'ଙ୍କର ପାଦଆଡ଼ୁ ବର୍ଣ୍ଣନା ନ କରି ସେ ମୁହଁ ଆଡ଼ୁ ସ୍ତୁତି କରିଥିଲେ। ତେଣୁ ଯୁବ ସମାଜ ନବରାତ୍ରିରେ ନାରୀମାନଙ୍କର ପଦବନ୍ଦନା କରିବା ଉଚିତ।

ସରସ୍ୱତୀଙ୍କ ପ୍ରସାଦ ଲାଭ କରି ସେ ଭୋଜ ରାଜାଙ୍କର ନଅରକୁ ଆସି ବିଦ୍ୟୋମାଙ୍କର ଘରର କବାଟ ଖୋଲିବାକୁ ଅନୁରୋଧ କରି କହିଲେ ଅନାବୃତଂ କପାଟଂ ଦେହି। ତା'ର ଉତ୍ତରରେ ବିଦ୍ୟୋମା କହିଲେ ଅସ୍ତି କଶ୍ଚିତ ବାକ୍ ବିଶେଷ (କିଛି କହିବାର ଅଛି) ତା'ର ଉତ୍ତରରେ ତାଙ୍କ କଣ୍ଠରୁ ଅସ୍ତିରେ କୁମାର ସମ୍ଭବମ୍, କିଚିତ୍‌ରେ ମେଘଦୂତମ୍ ଓ ବାକ୍‌ରେ ରଘୁବଂଶମ୍ ପରି ତିନୋଟି ମହାକାବ୍ୟ ଝରି ଆସିଥିଲା। ଏହାପରେ ସେ ରାଜ ଦରବାରରେ ରାଜକବି ଭାବରେ ଅଭିଷିକ୍ତ ହୋଇଥିଲେ। ସେ ଜାଣିଥିଲେ ଈର୍ଷା ଓ ଦ୍ୱେଷରୁ ମୁକ୍ତିଲାଭ କରିବାର ଏକମାତ୍ର ଉପାୟ ମହାକାଳୀ ଉପାସନା।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସେକ୍ଟର-୧୦, ସିଡିଏ, କଟକ, ମୋ-୯୬୯୨୯୮୦୦୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚୟନରେ ଦୁର୍ନୀତି

ମହାଶୟ,

ସେପ୍ଟେମ୍ବର ୧୫ ରେ ଓଡିଶା ସବୋର୍ଡିନେଟ ଷ୍ଟାଫ ସିଲେକ୍ସନ କମିଶନ ତରଫରୁ ପ୍ରକାଶିତ ପିଇଓ ଲିଖିତ ପରୀକ୍ଷା ଫଳକୁ ଦେଖି ପରୀକ୍ଷାରେ ଶତ ପ୍ରତିଶତ ଠିକ୍ ଉତ୍ତର ଦେଇଥିବା ଅନେକ ମେଧାବୀ ଛାତ୍ରୀଛାତ୍ରଙ୍କ ଚାକିରି ପାଇବା ଆଶା ଧୂଳିସାତ ହୋଇଯାଇଛି। ସର୍ବମୋଟ ୨୩୧୮ ଗୋଟି ପଦବୀ ପାଇଁ ୬୯୫୪ ଜଣଙ୍କୁ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଯାଇଛି ; ଅର୍ଥାତ ପ୍ରତି ୩ ଜଣଙ୍କ ମଧ୍ୟରୁ ଜଣଙ୍କୁ ଅନ୍ୟାନ୍ୟ ଆନୁଷଙ୍ଗିକ ଟେଷ୍ଟ ପରେ ନିଯୁକ୍ତି ଦିଆଯିବ। ଅନେକ ପରୀକ୍ଷାର୍ଥୀଙ୍କ ଅଭିଯୋଗ ହେଉଛି ଯେ ଏସବୁ ଚାକିରି ପରୀକ୍ଷା ପୂର୍ବରୁ ୧୦ରୁ ୧୫ ଲକ୍ଷ ଟଙ୍କାରେ ବିକ୍ରି ହୋଇସାରିଛି। କୋଟି କୋଟି ଟଙ୍କାର କଳାଧନ ରଖିଥିବା ନେତା, ଅମଲା ଓ ମାଫିଆ ପ୍ରମୁଖଙ୍କ ପିଲା ଚାକିରି ପାଉଛନ୍ତି। ଦୁଃଖର ବିଷୟ ଏଭଳି ଅନିୟମିତତା ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟକୁ ଯିବାକୁ ପିଲାଙ୍କ ପାଖରେ ଅର୍ଥ ନାହିଁ। ସୁତରାଂ ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରାଯିବା ଉଚିତ। ଅନ୍ୟଥା ଓଡ଼ିଶାର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୫ ରାଉଣ୍ଡ ଗୁଳି ଫୁଟାଇ ୫ ଲକ୍ଷ ନେଇଗଲେ**

**କେନ୍ଦୁଝର:** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ନୟାକୋଟ ଥାନା ଫୁଲଝର ସ୍ୱପ୍ନେଶ୍ୱର ପେଟ୍ରୋଲ ପମ୍ପରେ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ୫ ରାଉଣ୍ଡ ଗୁଳି ଫୁଟାଇ ୫ଲକ୍ଷ ଟଙ୍କା ନେଇଯାଇଛନ୍ତି। ପେଟ୍ରୋଲ ପମ୍ପ ମାଲିକ କ୍ଷେତ୍ରମୋହନ ମହାନ୍ତଙ୍କ ଅଭିଯୋଗ ଆଧାରରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। କର୍ମଚାରୀଙ୍କୁ ୪ ବନ୍ଧୁକଧାରୀ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ପରେ ୫ରାଉଣ୍ଡ ଗୁଳି ଫୁଟାଇ ଏହାର ଆଇରନଚେଷ୍ଟରୁ ୫ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଆଇରନ ଚେଷ୍ଟ ସହ ସିସିଟିଭି ଲୁଟିନେଇଥିଲେ। ଥାନାରେ ମାମଲା (ନଂ.୯୫/୨୩) ରୁଜୁ ହୋଇଛି।

# ବେନାମୀ ବ୍ୟାଙ୍କ ଆକାଉଣ୍ଟ ରାକେଟ୍ ଧରିଲା ଏସ୍‌ଟିଏଫ୍

## ମାଷ୍ଟରମାଇଣ୍ଡଙ୍କ ସମେତ ୩ ଗିରଫ

- ୧୫ରୁ ୨୦ ହଜାର ଟଙ୍କାରେ ସାଇବର ଠକଙ୍କୁ ବିକ୍ରି କରୁଥିଲେ
- ଏଯାଏ ୫ ହଜାର ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ୍ ବିକ୍ରି ସୂଚନା



ଭୁବନେଶ୍ୱର,୧୯।୧୦(ସତ୍ୟଜିତ୍ ରାଉତ)

ନିରୀହ ଗାଁ ଲୋକଙ୍କୁ ଫସାଇ ଖୋଲୁଥିଲେ ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ୍। ପରେ ଏହାକୁ ସାଇବର ଅପରାଧୀଙ୍କୁ ବିକ୍ରି କରି କମାଉଥିଲେ ବିପୁଳ ଟଙ୍କା। ଏଭଳି ଏକ ବେନାମି (ମ୍ୟୁଲ୍) ବ୍ୟାଙ୍କ ଆକାଉଣ୍ଟ୍ ର୍ୟାକେଟ୍‌କୁ ଓଡ଼ିଶା କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଧରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଷ୍ଟରମାଇଣ୍ଡ୍ ତଥା ପଶ୍ଚିମବଙ୍ଗ ପଶ୍ଚିମ ମେଦିନାପୁର ଜିଲା ମୋହନପୁର ଥାନା ଅନ୍ତର୍ଗତ ରାମପୁରା ଅଞ୍ଚଳର ଏସ୍.କେ. ଜାମିରଉଦ୍ଦିନ୍, ବାଲେଶ୍ୱର ଜିଲା ରାଇବଣିଆ ଥାନା ଅନ୍ତର୍ଗତ ବରହମ୍‌ପୁର ଅଞ୍ଚଳର ଏସ୍.କେ. ଜାହାଙ୍ଗିର୍ ଓ ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳରେ ରହୁଥିବା ବାଲେଶ୍ୱର ରାଇବଣିଆ ଥାନା ଅନ୍ତର୍ଗତ ବରହମ୍‌ପୁର ଅଞ୍ଚଳର ଏସ୍.କେ. ହାପିଜୁଲ୍। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା (ନଂ.୨୪/୨୦୨୩) ରୁଜୁ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ଗୁରୁବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ର୍ୟାକେଟ୍‌ର ଅନ୍ୟ ସଦସ୍ୟଙ୍କୁ ଧରିବାକୁ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି।

ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମଙ୍ଗର ତ୍ରିକୋଣୀୟ ଅଞ୍ଚଳରେ ଏହି ର୍ୟାକେଟ୍ ସକ୍ରିୟ ଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ର୍ୟାକେଟର ସଦସ୍ୟମାନେ ବିଶେଷ କରି ବାଲେଶ୍ୱର, ମୟୂରଭଞ୍ଜ, ପୂର୍ବ ମେଦିନାପୁର, ପଶ୍ଚିମ ମେଦିନାପୁର, ପୂର୍ବ ସିଂହଭୂମି, ପଶ୍ଚିମ ସିଂହଭୂମି ଓ ସରାଇକେଲା ଜିଲାରେ ଏପରି ବେଆଇନ କାରବାର ଚଳାଇଥିଲେ। ଜାମିର୍‌ଉଦ୍ଦିନ୍ ୧୦ରୁ ୧୫ଜଣ ଲୋକଙ୍କୁ ମାସକୁ ୧୫ ହଜାର ଟଙ୍କା ଦରମାରେ ନିଯୁକ୍ତି ଦେଇଥିଲେ। ସେମାନେ ଏସବୁ ଜିଲାର ଗ୍ରାମୀଣ ଅଞ୍ଚଳକୁ ଯାଇ ଲୋକଙ୍କୁ ବ୍ୟାଙ୍କ୍ ଆକାଉଣ୍ଟ୍ ଖୋଲିବାକୁ ପ୍ରବର୍ତ୍ତାଉଥିଲେ। ପ୍ରତି ଲୋକଙ୍କୁ ଆକାଉଣ୍ଟ୍ ପିଛା ୨ ହଜାର ଟଙ୍କା ଦିଆଯାଉଥିଲା। ବଡ଼ କଥା ହେଲା, ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ୍‌ରେ ଗ୍ୟାଙ୍ଗର ସଦସ୍ୟମାନେ ଦେଉଥିବା ମୋବାଇଲ୍ ନମ୍ବର ହିଁ ଲିଙ୍କ୍ କରାଯାଉଥିଲା। ଏହାପରେ ଏସବୁ ବ୍ୟାଙ୍କ୍ ଆକାଉଣ୍ଟ ଓ ଲିଙ୍କ୍ ଥିବା ମୋବାଇଲ ନମ୍ବରକୁ ଏହି ର୍ୟାକେଟ୍ ବିଭିନ୍ନ ସାଇବର ଠକମାନଙ୍କୁ ବିକ୍ରି କରୁଥିଲେ। କୋଲକାତା ଓ ଦେଶର ଅନ୍ୟ ପ୍ରାନ୍ତରରେ ଥିବା ସାଇବର ଅପରାଧୀମାନେ ହିଁ ଏହି ଆକାଉଣ୍ଟକୁ କିଣୁଥିଲେ। ସିକ୍ରେଟ୍ ହ୍ୱାଟ୍‌ସଆପ୍ ଗ୍ରୁପ୍, ଫେସ୍‌ବୁକ୍ ପେଜ୍, ଟେଲିଗ୍ରାମ ଚ୍ୟାନେଲ୍ ଆଦି ମାଧ୍ୟମରେ ଏହି ମ୍ୟୁଲ୍ ଆକାଉଣ୍ଟ ବିକାକିଣା କାରବାର ଚାଲୁଥିଲା। ପ୍ରତି ବ୍ୟାଙ୍କ୍ ଆକାଉଣ୍ଟକୁ ୧୫ରୁ ୨୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଅଭିଯୁକ୍ତମାନେ ଏଯାଏ ବିଭିନ୍ନ ମାଧ୍ୟମରେ ୫ ହଜାର ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ ବିକ୍ରି କରିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ତେବେ ଏହି ଆକାଉଣ୍ଟଗୁଡ଼ିକ ପୋଲିସ ତଥା ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସିର ଅନୁରୋଧକ୍ରମେ ବ୍ୟାଙ୍କ କର୍ତ୍ତୃପକ୍ଷ ଫ୍ରିଜ୍ କରିଦେଉଥିବାରୁ ସାଇବର ଅପରାଧୀମାନେ ଆକାଉଣ୍ଟର ଟ୍ରାଞ୍ଜାକ୍ସନ୍ ୧ ଲକ୍ଷ ଛୁଇଁଲା ପରେ ଏହାକୁ ବନ୍ଦ କରିଦେଉଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

# ୫ ଜିଲା ଉଠାଜଳସେଚନ ପ୍ରକଳ୍ପ ଟେଣ୍ଡରକୁ କ୍ୟାବିନେଟ୍ ମୋହର

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

ଡିପ ଜମିଗୁଡ଼ିକୁ ଜଳସେଚନ ସୁବିଧା ପାଇଁ ରାଜ୍ୟ ସରକାର "ବୃହତ୍ ଉଠାଜଳସେଚନ ଯୋଜନା" କାର୍ଯ୍ୟକାରୀ କରିଛନ୍ତି। ଏହାର ଉପଯୋଗିତା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ପାର୍ବତୀ ଗିରି ବୃହତ୍ ଉଠାଜଳସେଚନ ଯୋଜନାକୁ ଅନୁମୋଦନ କରିଛନ୍ତି। ଏହା ମାଧ୍ୟମରେ ୧୦,୭୫୯ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନଦୀ, ଜଳଭଣ୍ଡାର ଏବଂ କେନାଲରୁ ଜଳ ଉତ୍ତୋଳନ କରାଯାଇ ୨,୬୩,୮୦୧ ହେକ୍ଟର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯିବ। ୫ ଜିଲାର ଡିପ ଓ ଉଚ୍ଚ ଜମିକୁ ଜଳସେଚନ ପାଇଁ ଆହ୍ୱାନ କରାଯାଇଥିବା ଟେଣ୍ଡରକୁ କ୍ୟାବିନେଟ୍ ମଞ୍ଜୁରି ମିଳିଛି। ଉପରୋକ୍ତ ପ୍ରକଳ୍ପ ମାଧ୍ୟମରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ଖଡ଼ଖାଇ ଜଳଭଣ୍ଡାର, ଖଇରୀ ନଦୀ, ଖଇରୀ-ବନ୍ଧନ, ବୁଢ଼ାବଲଙ୍ଗ, କଣ୍ଟାଖଇରୀ ଓ ସମାକୋଇ ନଦୀରୁ ଜଳ ଉତ୍ତୋଳନ କରି ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ୧୫,୦୯୦ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବା ସହିତ ପ୍ରକଳ୍ପଗୁଡ଼ିକର ବିଦ୍ୟୁତ ସଂଯୋଗୀକରଣ ଓ ୧୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବ୍ୟକ୍ଷଣ ପାଇଁ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ ପାଇଁ ଆହ୍ୱାନ କରାଯାଇଥିବା ୪୨୩,୭୯,୦୭,୩୦୯ଟଙ୍କା ଓ ୧୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ସକାଶେ ୩୩,୯୮,୮୦,୧୯୫ ଟଙ୍କାର ଟେଣ୍ଡରକୁ ଅନୁମୋଦନ କରାଯାଇଛି। ସେହିପରି ପାର୍ବତୀଗିରି ଉଠାଜଳ ସେଚନ ପ୍ରକଳ୍ପ ମାଧ୍ୟମରେ ଇନ୍ଦ୍ରାବତୀ ଜଳଭଣ୍ଡାରରୁ ନବରଙ୍ଗପୁର ଜିଲାର ୯୯୦ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବା ଓ ପ୍ରକଳ୍ପଗୁଡ଼ିକର ବିଦ୍ୟୁତ ସଂଯୋଗୀକରଣ ଓ ୧୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ଆହ୍ୱାନ କରାଯାଇଥିବା ୩୯୧,୪୨,୪୩,୪୬୦ ଟଙ୍କା ଏବଂ ୧୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ୩୧,୩୯, ୨୨,୩୪୫ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ପାର୍ବତୀଗିରି ଉଠାଜଳସେଚନ ଯୋଜନା ମାଧ୍ୟମରେ ଅନୁଗୋଳ, ଢେଙ୍କାନାଳ ଜିଲାର ମଞ୍ଜୁର ଜଳଭଣ୍ଡାର, ବ୍ରାହ୍ମଣୀ ନଦୀ, ରେଙ୍ଗାଲି ବାମପାର୍ଶ୍ୱ ମୁଖ୍ୟ କେନାଲ ଏବଂ ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲରୁ ଜଳ ଉତ୍ତୋଳନ କରି ଚାପ ନିୟନ୍ତ୍ରିତ ଜଳଯୋଗାଣ ବ୍ୟବସ୍ଥା ଦ୍ୱାରା ଅନୁଗୋଳ ଓ ଢେଙ୍କାନାଳ ଜିଲାର ୧୯,୨୪୨ ହେକ୍ଟର ଜମିକୁ ଜଳସେଚନ ଯୋଗାଇଦେବା ସହିତ ପ୍ରକଳ୍ପଗୁଡ଼ିକର ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ପ୍ରସ୍ତାବ ରହିଛି। ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଡକାଯାଇଥିବା ୫୪୩,୨୦,୦୦,୦୦୦ ଟଙ୍କା ଓ ୧୫ ବର୍ଷପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ନିମିତ୍ତ ଟ.୪୩,୬୦,୦୦,୦୦୦ ଟଙ୍କାର ଟେଣ୍ଡର ଉପରେ ମୋହର ବାଜିଛି।

# ଓଡ଼ିଶା ଗୌରବମୟ ସାମୁଦ୍ରିକ ପରମ୍ପରାର କେନ୍ଦ୍ରବିନ୍ଦୁ ହୋଇ ରହିଥିଲା: ଧର୍ମେନ୍ଦ୍ର




ମୁମ୍ବାଇଠାରେ ଅନୁଷ୍ଠିତ ବିଶ୍ୱ ସାମୁଦ୍ରିକ ଭାରତ ଶିଖର ସମ୍ମିଳନୀ ୨୦୨୩ର ତୃତୀୟ ସଂସ୍କରଣର ଉଦ୍‌ଯାପନୀ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୯।୧୦(ସୁନିତ୍ ମିଶ୍ର)

ଓଡ଼ିଶା ପୁରାତନ କାଳରୁ ଗୌରବମୟ ସାମୁଦ୍ରିକ ପରମ୍ପରାର କେନ୍ଦ୍ରବିନ୍ଦୁ ହୋଇ ରହିଥିଲା। ଆମେ ଆମର ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ଦେବା ଦରକାର ବୋଲି ଗୁରୁବାର ମୁମ୍ବାଇଠାରେ ଅନୁଷ୍ଠିତ ବିଶ୍ୱ ସାମୁଦ୍ରିକ ଭାରତ ଶିଖର ସମ୍ମିଳନୀ ୨୦୨୩ର ତୃତୀୟ ସଂସ୍କରଣର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର ଭାରତର ଗୌରବମୟ ସାମୁଦ୍ରିକ ଐତିହ୍ୟ ଏବଂ ଜାତୀୟ ବିକାଶରେ ଆମ ନାବିକଙ୍କ ପ୍ରମୁଖ ଭୂମିକା ବିଷୟରେ ଆଲୋଚନା କରିଛନ୍ତି। ସେ କହିଛନ୍ତି, ଭାରତରେ ସାମୁଦ୍ରିକ ଶିଳ୍ପ ବହୁ ପୁରୁଣା। ଭାରତର ସଭ୍ୟତା ସହ ନୌବାଣିଜ୍ୟ କାରବାରର ସମ୍ପର୍କ ରହିଆସିଛି। ଏବେ ସମଗ୍ର ବୈଶ୍ୱିକ ଶ୍ରମବଳରେ ୧୨% ନାବିକଙ୍କ ଯୋଗଦାନ ରହିଛି। ଏହାକୁ ୨ ଗୁଣା କରିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ଏଥିପାଇଁ ଜୋର୍ ଦେଇଛନ୍ତି। ଆମେ ଏକ ନୂଆ ଭାରତର ମୂଳଦୁଆ ପକାଇବା ସମୟରେ ଆମର ସାମୁଦ୍ରିକ ଶକ୍ତି ମଧ୍ୟ ବୃଦ୍ଧି କରିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମେ ଏକ ସୁଦୃଢ଼, ଦକ୍ଷତାଭିତ୍ତିକ ଏବଂ ଶିଳ୍ପ-ପ୍ରସ୍ତୁତ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରୁଛୁ। ଜାତୀୟ ଶିକ୍ଷାନୀତି ଦ୍ୱାରା ଆମେ ଆମର ନାବିକମାନଙ୍କୁ ସ୍କିଲ୍, ରି-ସ୍କିଲ୍ ଏବଂ ଅପ୍-ସ୍କିଲ୍ କରିବା ସହ ସେମାନଙ୍କୁ ଭବିଷ୍ୟତ ଏବଂ ଶିଳ୍ପ ପାଇଁ ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ, ସର୍ବାନନ୍ଦ ସୋନୋୱାଲ ଏବଂ ଶାନ୍ତନୁ ଠାକୁରଙ୍କ ସହ ଧର୍ମେନ୍ଦ୍ର ସାକ୍ଷାତ କରିଥିଲେ।

## ଜିଏମ୍‌ୟୁ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ସମ୍ବଲପୁର,୧୯।୧୦(ବି.ଶଙ୍କର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଟ୍ରଷ୍ଟଫଣ୍ଡ ହଷ୍ଟେଲରେ ରହୁଥିବା ଜଣେ ଛାତ୍ରଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଘନଶ୍ୟାମ କରୁଆଁ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେ ରହୁଥିବା ରୁମ ନଂ.୩୮ର ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ମୃତଦେହ ଜବତ କରିଥିଲା। ଘନଶ୍ୟାମ ଜିଏମ୍‌ୟୁ ଯୁକ୍ତତିନି ବାଣିଜ୍ୟ ବିଭାଗ ଶେଷବର୍ଷର ଛାତ୍ର ଥିଲେ। ତାଙ୍କ ଘର କଳାହାଣ୍ଡି ଜିଲା ନର୍ଲା ଅଞ୍ଚଳରେ। ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ସେ ହଷ୍ଟେଲ ରୁମ୍ ଭିତରକୁ ଯାଇ କବାଟ ବନ୍ଦ କରିଦେଇଥିଲେ। ଦୀର୍ଘସମୟ ଧରି କବାଟ ନ ଖୋଲିବାରୁ ସାଙ୍ଗମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇ ଟାଉନ ଥାନା ପୋଲିସ ହଷ୍ଟେଲରେ ପହଞ୍ଚି କବାଟ ଭାଙ୍ଗିଥିଲା। ରୁମ୍ ଭିତରେ ଘନଶ୍ୟାମ ଏକ ଗାମୁଛା ସାହାଯ୍ୟରେ ପଙ୍ଖାରେ ଝୁଲୁଥିବା ପୋଲିସ ଦେଖିଥିଲା। ଟାଉନ ଥାନା ଅଧିକାରୀ ବୁଲୁ ସ୍ୱାଇଁ କହିଛନ୍ତି, ରାତି ହୋଇଯାଇଥିବାରୁ ମୃତଦେହ ହଷ୍ଟେଲରେ ରହିଛି। ଶୁକ୍ରବାର ସକାଳେ ପରିବାର ବର୍ଗ ପହଞ୍ଚିଲେ ପାଞ୍ଚନାମା ହେବ। ଏହାପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବ। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# କୋଟିପତି ଜେଇଙ୍କୁ ଗିରଫ କଲା ଭିଜିଲାନ୍ସ

## ଆୟଠାରୁ ୩୩୧ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଛନ୍ତି ପ୍ରସନ୍ନ

ଭୁବନେଶ୍ୱର,୧୯।୧୦(ସତ୍ୟଜିତ୍ ରାଉତ)



ପ୍ରସନ୍ନ କୁମାର ପାଣି

ଚଢ଼ାଉ ଓ ଯାଞ୍ଚ ପରେ ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟକ୍ରମର ଜୁନିୟର ଇଞ୍ଜିନିୟର (ଟେକ୍ନିକାଲ୍ କନ୍‌ସଲ୍‌ଟାଣ୍ଟ) ପ୍ରସନ୍ନ କୁମାର ପାଣିଙ୍କ ବହୁ କୋଟିର ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୩୩୧ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ହିସାବ କରିଛି। ତେବେ ଏହି ସମ୍ପତ୍ତି ସଂକ୍ରାନ୍ତରେ ପ୍ରସନ୍ନ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଗୁରୁବାର ଏକ ମାମଲା (ନଂ.୨୯/୨୦୨୩) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ପ୍ରସନ୍ନଙ୍କ ସ୍ତ୍ରୀଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଗିରଫ ପରେ ଅଭିଯୁକ୍ତ ପ୍ରସନ୍ନଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଭିଜିଲାନ୍ସର ୧୧ଟି ଟିମ୍ ବୁଧବାର ପ୍ରସନ୍ନଙ୍କ ଘର ସମେତ ଖୋର୍ଦ୍ଧା, ଅନୁଗୋଳ ଓ ପୁରୀ ଜିଲାର ୧୧ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ତେବେ ଚଢ଼ାଉ ସମୟରେ ଭିଜିଲାନ୍ସ ଟିମ୍ ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ଫ୍ରେଣ୍ଡସ କ୍ଲବ୍ ନିକଟରେ ଥିବା ୩ ମହଲା କୋଠା, ତ୍ରିଲୋଚନ ବିହାରରେ ୨ଟି ୩ ମହଲା କୋଠା, ସୁନ୍ଦରପଦା ହାଇଟେକ୍ ପ୍ଲାଜା ପ୍ରଥମ ମହଲାରେ ୧ ଫ୍ଲାଟ୍, ପୁରୀ ଜିଲା ନିମାପଡ଼ା ଅଁଳାପଡ଼ାସ୍ଥିତ ୩ ମହଲା କୋଠା ଠାବ କରିଥିଲା। ଏଥିସହ ଭୁବନେଶ୍ୱର, କଟକ, ପିପିଲି, ନିମାପଡ଼ା, ଜଙ୍କିଆ ଓ ଜଟଣୀରେ ୨୬ଟି ପ୍ଲଟ୍ ମଧ୍ୟ ଠାବ ହୋଇଥିଲା।

# ସିକିମ୍ ରୟତଙ୍କୁ ମିଳିବ ଜମି ଅଧିକାର

## କ୍ୟାବିନେଟ୍ ନିଷ୍ପତ୍ତି

ଭୁବନେଶ୍ୱର,୧୯।୧୦ (ଅନିଲ ଦାସ)

ସିକିମ୍ ଭାବରେ ରେକର୍ଡ ହୋଇଥିବା ଜମିକୁ ଦଖଲ କରୁଥିବା ବ୍ୟକ୍ତିମାନଙ୍କୁ ଓଡ଼ିଶା ଭୂ-ସଂସ୍କାର ଆଇନ, ୧୯୬୦ର ୪ ଧାରାରେ ଉପ-ରୟତ କିମ୍ବା ଅଧସ୍ତନ-ରୟତ କୁହାଯାଏ। ଏହି ସିକିମ ଭାବରେ ରେକର୍ଡ ହୋଇଥିବା ଜମି ଉପରେ ଉପ-ରୟତ କିମ୍ବା ଅଧସ୍ତନ-ରୟତ ଅଥବା ସେମାନଙ୍କର ଉତ୍ତରାଧିକାରୀମାନଙ୍କୁ ସେହି ଜମି ଉପରେ ରୟତ ଅଧିକାର ଦେବା ପାଇଁ ଓଡ଼ିଶା ଭୂ-ସଂସ୍କାର ଆଇନ, ୧୯୬୦ର ୪ ଧାରାର ଆବଶ୍ୟକୀୟ ଉପଧାରାକୁ ସଂଶୋଧନ କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରାଯାଇଛି। ଓଡ଼ିଶା ଭୂ-ସଂସ୍କାର ଆଇନ, ୧୯୬୦ ଅନୁସାରେ ସିକିମ୍ ଜମିରେ ରୟତି ଘୋଷଣା ନିମନ୍ତେ ଆବେଦନ କରିବାର ଶେଷ ଅବଧି ୧୯୭୭ ମସିହା ପର୍ଯ୍ୟନ୍ତ ଥିଲା। ସମସ୍ତ ସିକିମ୍ ଚାଷୀ ଏହି ଅବଧି ଭିତରେ ଆବେଦନ କରିପାରି ନ ଥିଲେ । ଚିଠା ବିଲ୍‌ରେ ସିକିମ ଜମିକୁ ଚାଷ ଓ ବାସଗୃହ ଭାବେ ବ୍ୟବହାର କରୁଥିଲେ, ସେହି ଜମିରେ ରୟତି ଅଧିକାର ପାଇବା ପାଇଁ ଏହି ସଂଶୋଧନ ଆଇନର ବିଜ୍ଞପ୍ତି ପ୍ରକାଶନର ୨ ବର୍ଷ ମଧ୍ୟରେ ରାଜସ୍ୱ ଅଧିକାରୀଙ୍କ ନିକଟରେ ସମ୍ପୃକ୍ତ ଚାଷୀମାନେ ଆବେଦନ କରିପାରିବେ। ଆବଶ୍ୟକତା ଅନୁସାରେ ସରକାର ଏହି ସମୟ ସୀମାକୁ ବୃଦ୍ଧି କରିପାରିବେ। ରାଜସ୍ୱ ଅଧିକାରୀ ଆଦେଶନାମା ଜାରି କଲାବେଳେ ଷ୍ଟାଣ୍ଡାର୍ଡ ଏକର ପିଛା ୧୪,୨୦୦ ଟଙ୍କା ହିସାବରେ କ୍ଷତିପୂରଣ ସ୍ଥିର କରିବେ। ଏହି କ୍ଷତିପୂରଣ ଟଙ୍କା ଉପ-ରୟତ କିମ୍ବା ଅଧସ୍ତନ-ରୟତ ଅଥବା ସେମାନଙ୍କର ଉତ୍ତରାଧିକାରୀମାନେ ଏହି ସିକିମ୍ ଜମିର ମୂଳ ରୟତଙ୍କୁ କିମ୍ବା ଉତ୍ତରାଧିକାରୀମାନଙ୍କୁ ପ୍ରଦାନ କରିବେ। ଏହି କ୍ଷତିପୂରଣ ରାଶିର ପରିମାଣ ସରକାର ସମୟାନୁକ୍ରମେ ପରିବର୍ତ୍ତନ କରିବେ। ଏହାପରେ ଏହି ସିକିମ୍ ଜମି ଉପରେ ଉପ-ରୟତ କିମ୍ବା ଅଧସ୍ତନ-ରୟତ ଅଥବା ସେମାନଙ୍କର ଉତ୍ତରାଧିକାରୀମାନେ ରୟତଭାବରେ ଘୋଷିତ ହେବେ। ଏହି ଜମି ଉପରେ ସେମାନଙ୍କର ବଂଶାନୁକ୍ରମିକ ଓ ହସ୍ତାନ୍ତରଯୋଗ୍ୟ ଅଧିକାର ପ୍ରାପ୍ତି ହେବେ।

# ଓଡ଼ିଶା ଓଭିଇପି କାର୍ଯ୍ୟକ୍ରମକୁ ଆଇଓସି ସଭାପତିଙ୍କ ପ୍ରଶଂସା

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଭିଇପିରେ ଭାଗ ନେଇଥିବା ଓଡ଼ିଶାର ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୯।୧୦(ସୁନିତ୍ ମିଶ୍ର)

ଓଡ଼ିଶା ଅଲିମ୍ପିକ୍ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ(ଓଭିଇପି)ରେ ଭାଗନେଇଥିବା ଓଡ଼ିଶାର ସ୍କୁଲ ଛାତ୍ରୀଛାତ୍ରମାନେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ବୈଠକରେ ଛାତ୍ରୀଛାତ୍ରମାନେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି(ଆଇଓସି)ର ସଭାପତି ଥୋମାସ ବାକ୍‌ଙ୍କ ଚିଠି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି ଚିଠିରେ ଓଡ଼ିଶାରେ ଚାଲିଥିବା ଓଭିଇପି କାର୍ଯ୍ୟକ୍ରମ ଏବଂ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ଏହାର ସଫଳତା ସହ ଅବଦାନକୁ ପ୍ରଶଂସା କରାଯାଇଥିଲା।

ଚିଠିରେ ଆଇଓସି ସଭାପତି ଥୋମାସ ବାକ୍ ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଏବଂ ଓଡ଼ିଶା ରିଜ୍ଞେ ପ୍ରକଳ୍ପ ପାଇଁ ଆଇଓସି ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଉତ୍ତମ ସହଯୋଗ ପାଇଁ ପ୍ରଶଂସା କରିଛନ୍ତି। ଆଇଓସି ଅଧିବେଶନରେ ଓଡ଼ିଶାର ଅନେକ ପିଲାଙ୍କୁ ଭେଟିବା ଅତ୍ୟନ୍ତ ଆନନ୍ଦଦାୟକ ବୋଲି ସେ କହିଛନ୍ତି। ମୁମ୍ବାଇରେ ଆୟୋଜିତ ସମ୍ମାନଜନକ ଅନ୍ତର୍ଜାତୀୟ ଆଇଓସି ଅଧିବେଶନରେ ଯୋଗଦେବାର ଅନନ୍ୟ ଓ ପ୍ରେରଣାଦାୟକ ଅନୁଭୂତିକୁ ଛାତ୍ରୀ ଭାରତୀ ଶବର, ମହମ୍ମଦ ହମ୍ମାଦ ନୁରେନ୍, ପ୍ରତ୍ୟାଶା ସାହୁ, ସୌମ୍ୟ ରଞ୍ଜନ ବାରିକ ଓ ଶୁଚିସ୍ମିତା ସାହୁ ଉତ୍ସାହର ସହ ବର୍ଣ୍ଣନା କରିଥିଲେ। ସେଠାରେ ପିଲାଙ୍କ ଲାଗି ଅନ୍ୟତମ ସ୍ମରଣୀୟ ଆକର୍ଷଣ ଥିଲା କିମ୍ବଦନ୍ତୀ ଅଲିମ୍ପିଆନ୍ ଅଭିନବ ବିନ୍ଦ୍ରାଙ୍କ ସହ ଗୋଟିଏ ମଞ୍ଚରେ ଏକାଠି ହେବା। କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ଯୁବ ପ୍ରତିଭାମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହି ସୁଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସଦୃଶ। ମୁଖ୍ୟମନ୍ତ୍ରୀଙ୍କ ସହ ହୋଇଥିବା ଏହି ବୈଠକ ସେମାନଙ୍କ ପାଇଁ ଅତୁଳନୀୟ ସଫଳତା ଥିଲା ଏବଂ ଓଡ଼ିଶାର ଅଗଣିତ ଛାତ୍ରୀଛାତ୍ରଙ୍କ ମାନସିକତା ପାଇଁ ଏକ ପ୍ରେରଣା ଥିଲା। ଆଇଓସି ଅଧିବେଶନ ଭଳି ବିଶ୍ୱସ୍ତରୀୟ ମଞ୍ଚରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିବାରୁ ଏହା ରାଜ୍ୟ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ପ୍ରକାଶକରି ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଥିଲେ। ବୈଠକରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଉପସ୍ଥିତ ରହି ଓଡ଼ିଶା ପାଇଁ ଗୌରବ ଆଣିଥିବାରୁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସର ଓଡ଼ିଶାର ଅସାଧାରଣ ସାମର୍ଥ୍ୟ ଓ ପ୍ରତିଭାକୁ ପ୍ରମାଣିତ କରୁଛି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ଓଡ଼ିଶା ଗର୍ବିତ ଏବଂ କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ସେମାନଙ୍କ ଭବିଷ୍ୟତର ପ୍ରୟାସକୁ ସାକାର କରିବା ପାଇଁ ରାଜ୍ୟ ସମସ୍ତ ପ୍ରକାର ସାହାଯ୍ୟ ଏବଂ ସମର୍ଥନ କରିବାକୁ ଆଗ୍ରହୀ ୫-ଟି ସଚିବ କହିଛନ୍ତି। ୨୦୨୨ ମେ ୨୪ରେ ମୁଖ୍ୟମନ୍ତ୍ରୀ ରାଉରକେଲା ଓ ଭୁବନେଶ୍ୱରର ୯୦ଟି ବିଦ୍ୟାଳୟରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଅଲିମ୍ପିକ୍ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ଖୋର୍ଦ୍ଧା, ସୁନ୍ଦରଗଡ଼, ଗଞ୍ଜାମ, ପୁରୀ ଓ କଟକ ସମେତ ୫ ଜିଲାର ୨୫୦ ବିଦ୍ୟାଳୟରେ ଓଭିଇପି କାର୍ଯ୍ୟକ୍ରମ ଚାଲିଥିବାରୁ ୨ରୁ ୧୦ମ ଶ୍ରେଣୀରେ ଦେଢ଼ ଲକ୍ଷ ଛାତ୍ରୀଛାତ୍ର ସାମିଲ ହେଉଛନ୍ତି। ୫୦୦ ଶିକ୍ଷକଙ୍କୁ ମାଷ୍ଟର ଟ୍ରେନର ଭାବେ ତାଲିମ ଦିଆଯାଇଛି।




# ଆମ୍ବୁଲାନ୍ସ ସହ ଧକ୍କାହୋଇ ଓଲଟିଲା ବସ୍

ଭଦ୍ରକ,୧୯।୧୦(ସନାତନ ରାଉତ)

ଭଦ୍ରକ-ଆଗରପଡ଼ା ରାସ୍ତାର ଅରଞ୍ଜି ନିକଟରେ ଗୁରୁବାର ଅପରାହ୍ନରେ ଏକ ବସ୍ ଆମ୍ବୁଲାନ୍ସ ସହ ଧକ୍କା ହେବାରୁ ରାସ୍ତାପାର୍ଶ୍ୱ ନୟନଯୋରିକୁ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ବେଳେ ଜଣେ ଯୁବକ ଗୁରୁତର ହୋଇଛନ୍ତି।



## ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ, ଜଣେ ଗୁରୁତର

ସୂଚନା ଅନୁଯାୟୀ, 'କ୍ରୀଷ୍ଣା' ନାମକ ଯାତ୍ରୀବାହୀ ବସ୍ ଭଦ୍ରକରୁ ଆଗରପଡ଼ା ଅଭିମୁଖେ ଯାଉଥିଲା। ଅରଞ୍ଜି ନିକଟରେ ସାମ୍ନାରୁ ଆସୁଥିବା ଏକ ଆମ୍ବୁଲାନ୍ସ ସହ ବସ୍ ଧକ୍କା ହୋଇ ନୟନଯୋରିକୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ କାଚ ଭାଙ୍ଗି ବସ୍‌ରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସହ ଆହତମାନଙ୍କୁ ନିକଟସ୍ଥ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବଲାଙ୍ଗୀରର ଶଙ୍କର ବିସି(୩୩), ଆଗରପଡ଼ା ଥାନା ଅଞ୍ଚଳର ତପନ କୁମାର ପଣ୍ଡା(୪୫), ପୂଜାରାଣୀ ନାୟକ(୧୬), ବର୍ଷାରାଣୀ ଜେନା(୧୮), ନିବେଦିତା ମଣ୍ଡଳ(୩୦), ତପନ କୁମାର ପଲେଇ(୨୦), ମୀନାକ୍ଷୀ ପାଣିଗ୍ରାହୀଙ୍କ ସମେତ ୨୦ ଆହତ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଗୁରୁତର ଜଣକ ହେଲେ କାଦବରାଙ୍ଗ ପଞ୍ଚାୟତ ବନ୍ତଳା ଗ୍ରାମର ସିଦ୍ଧାର୍ଥ ଗାନ୍ଧୀ ରାଉତ (୧୮)। ତେବେ ଆହତଙ୍କ ମଧ୍ୟରେ ଅଧିକାଂଶ କଲେଜ ଛାତ୍ରୀ ଅଛନ୍ତି। ସନ୍ଧ୍ୟାରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା ଓ ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ବିଷୟରେ ପଚାରି ବୁଝିଥିଲେ।



ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୦ ଅକ୍ଟୋବର, ୨୦୨୩

**କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ: ପ୍ରତି ଜିଲାରେ ଅଧିକାରୀ ନିଯୁକ୍ତି ନିର୍ଦ୍ଦେଶ**

କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନ ରୋକିବା ଲାଗି ପୋଶ୍ ଆଇନର ପ୍ରଭାବୀ କାର୍ଯ୍ୟକାରିତା ନିମନ୍ତେ ୪ ସପ୍ତାହ ମଧ୍ୟରେ ପ୍ରତି ଜିଲାରେ ଜଣେ ଲେଖାଏ ଅଫିସର ନିଯୁକ୍ତ କରିବାକୁ ସୁପ୍ରିମକୋର୍ଟ ଗୁରୁବାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର ୨୦୧୩ରେ ପୋଶ୍ (କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ପ୍ରତିକାର ଓ ନିରାକରଣ) ଆଇନ କାର୍ଯ୍ୟକାରୀ କରିଥିଲେ। ଉକ୍ତ ଆଇନର ଉପଯୁକ୍ତ କାର୍ଯ୍ୟକାରିତାକୁ ତଦାରଖ ଓ ସମନ୍ୱୟ ରକ୍ଷା ଲାଗି ନୋଡାଲ ଅଧିକାରୀ ନିଯୁକ୍ତ ହେବେ।



## ନୱାଜ ଶରିଫ୍‌ଙ୍କୁ ଜାମିନ

ଇସ୍‌ଲାମାବାଦ,୧୯।୧୦(ପି.ଟି.)



ପାକିସ୍ତାନକୁ ଶନିବାର ଫେରିବାକୁ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କୁ ଇସ୍‌ଲାମାବାଦ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି ମିଳିଛି। ଆଭେନ୍‌ଫିଲ୍ଡ ଏବଂ ଅଲ୍-ଅଜିଜିଆ ଦୁର୍ନୀତି ମାମଲାରେ ଅଦାଲତ ତାଙ୍କୁ ୨୪ ତାରିଖ ପର୍ଯ୍ୟନ୍ତ ସୁରକ୍ଷାମୂଳକ ଜାମିନ ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ତୋଷାଖାନା ଯାନ ମାମଲାରେ ତାଙ୍କ ବିରୋଧରେ ଜାରି ଗିରଫ ପରୱାନାକୁ ପାକିସ୍ତାନର ଏକ ଦୁର୍ନୀତି ନିରୋଧୀ ଅଦାଲତ ସ୍ଥଗିତ ରଖିଛନ୍ତି। ୨ ବର୍ଷ ପୂର୍ବେ ଜାରି ସ୍ଥାୟୀ ଗିରଫ ପରୱାନାକୁ ସ୍ଥଗିତ ରଖିବା ପାଇଁ ପିଏମ୍‌ଏଲ୍-ଏନ୍ ସୁପ୍ରିମୋଙ୍କ ଓକିଲ କାଜି ମୁଶାହିଦ୍ ଇସ୍‌ଲାମାବାଦର ଉତ୍ତରଦାୟୀ କୋର୍ଟ ନଂ.୧ରେ ଆବେଦନ କରିଥିଲେ। ୭୩ ବର୍ଷୀୟ ନୱାଜ ଆଭେନ୍‌ଫିଲ୍ଡ ଏବଂ ଅଲ୍-ଅଜିଜିଆ ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବାବେଳେ ତୋଷାଖାନା ଯାନ ମାମଲାରେ ଫଳାତକ ଅପରାଧୀ ଘୋଷିତ ହୋଇଥିଲେ।




ଗାଜାରେ ଅସ୍ତ୍ରବିରତି ଦାବିରେ ୱାଶିଂଟନ୍‌ର କ୍ୟାପିଟୋଲ ବାହାରେ ଆମେରିକୀୟଙ୍କ ବିକ୍ଷୋଭ।

## ଗାଜାରେ ପହଞ୍ଚିପାରୁନି ସହାୟତା

ଗାଜା ସିଟି,୧୯।୧୦

ଇସ୍ରାଏଲୀ ସାମରିକ ବଳ ଆକାଶମାର୍ଗରୁ ପାଲେଷ୍ଟିନୀୟ ଭୂଖଣ୍ଡରେ ରକେଟ୍ ମାଡ଼ ଜାରି ରଖିଥିବାରୁ ପ୍ରତିଶ୍ରୁତି ମୁତାବକ ଇଜିପ୍ଟରୁ ଗାଜା ଷ୍ଟ୍ରିପ୍‌କୁ ମାନବୀୟ ସହାୟତା ପହଞ୍ଚିପାରିନାହିଁ। ଉତ୍ତର ଗାଜା ଓ ଗାଜା ସିଟିରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ (ଗାଜାର ପ୍ରାୟ ଅଧା ଜନସଂଖ୍ୟା) ଜୀବନ ବଞ୍ଚାଇବା ପାଇଁ ଗଣପଳାୟନ କରିଛନ୍ତି। ପୂର୍ବରୁ ଇସ୍ରାଏଲ ଦ୍ୱାରା 'ସୁରକ୍ଷିତ ଅଞ୍ଚଳ' ଘୋଷିତ ସାଉଥ୍ ଗାଜା ସମେତ ସମଗ୍ର ଭୂଖଣ୍ଡକୁ ଗୁରୁବାର ଏହାର ସୈନ୍ୟମାନେ ଟାର୍ଗେଟ କରିଛନ୍ତି।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବୁଧବାର ଇସ୍ରାଏଲ ଗସ୍ତକରି ଯୁଦ୍ଧ ପ୍ରଭାବିତ ଗାଜା ଷ୍ଟ୍ରିପ୍‌କୁ ମାନବୀୟ ସହାୟତା ପଠାଇବା ପାଇଁ ଇଜିପ୍ଟକୁ ଅନୁମତି ଦେବା ସକାଶେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଅନୁରୋଧ କରିଥିଲେ। ଏହିକ୍ରମେ ନେତାନ୍ୟାହୁ ସୀମିତ (ଖାଦ୍ୟ, ଜଳ ଏବଂ ଔଷଧ) ସହାୟତା ଦେବାକୁ ରାଜି ହୋଇଥିଲେ। ଇଜିପ୍ଟ ରାଷ୍ଟ୍ରପତି ଅବ୍‌ଦେଲ ଫତହ ଅଲ୍-ସିସି ଗାଜା ଷ୍ଟ୍ରିପ୍‌କୁ ପ୍ରଥମେ ୨୦ଟି ଟ୍ରକ୍‌ରେ ସହାୟତା ପଠାଇବେ ବୋଲି ବାଇଡେନ୍ କହିଥିଲେ। କିନ୍ତୁ ଇସ୍ରାଏଲର ରକେଟମାଡ଼ରେ ଗାଜା ଷ୍ଟ୍ରିପ୍ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିବାରୁ ଏହାର ରାସ୍ତା ମରାମତି କରିବା ପାଇଁ ସମୟ ଦରକାର। ଏଥିଲାଗି କାଏରୋ ପଠାଇଥିବା ଟ୍ରକ୍‌ଗୁଡ଼ିକ ଅନେକ ହଜାର ଟନ୍ ମାନବୀୟ ସହାୟତା ନେଇ ଇଜିପ୍ଟ ପଟେ ଛିଡ଼ା ହୋଇରହିଛି। ରାଫାହରେ ପ୍ରାୟ ୧୫୦ ଟ୍ରକ୍ ଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଇଜିପ୍ଟର ଏଲ୍ ଆରିଶ ସହରରୁ କେତେକ ବିମାନରେ ଅତ୍ୟାବଶ୍ୟକ ସାମଗ୍ରୀ ପଠାଇବା ପାଇଁ ଯୋଜନା ଚାଲିଛି। ଜାତିସଂଘର ହ୍ୟୁମାନିଟାରିଆନ୍ ମୁଖ୍ୟ ମାର୍ଟିନ ଗ୍ରିଫିଥ୍‌ସ କହିଛନ୍ତି, ଗାଜାର ଆବଶ୍ୟକତା ପୂରଣ ପାଇଁ ଦୈନିକ ପ୍ରାୟ ୧୦୦ ଟ୍ରକ୍ ସହାୟତା ପଠାଯିବା ଜରୁରୀ। ଗୁରୁବାର ରୁଷିଆ ପକ୍ଷରୁ ୨୭ ଟନ୍ ସହାୟତା ପଠାଯାଇଛି। ଏହି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ଇଜିପ୍ଟରୁ ପରିବହନ କରାଯିବ ବୋଲି ରୁଷିଆର ଜରୁରୀ ସ୍ଥିତି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଲମ୍ବା ଯୁଦ୍ଧ ଚାଲିବ: ନେତାନ୍ୟାହୁ

## ଆତ୍ମରକ୍ଷା ପାଇଁ ଇସ୍ରାଏଲର ପୂର୍ଣ୍ଣ ଅଧିକାର ରହିଛି: ସୁନକ

ଗାଜା ସିଟି/ତେଲ ଆଭିଭ୍/କାଏରୋ,୧୯।୧୦

ହମାସ୍ ସହ ସଂଘର୍ଷର ତ୍ରୟୋଦଶ ଦିନରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହାକୁ ଏକ ଦୀର୍ଘକାଳୀନ ଯୁଦ୍ଧ ଭାବେ ଅଭିହିତ କରି ଏଥିପାଇଁ ସେ ବ୍ରିଟେନ୍‌ର ନିରନ୍ତର ସମର୍ଥନ ଲୋଡ଼ିଛନ୍ତି।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ଗୁରୁବାର ଇସ୍ରାଏଲରେ ପହଞ୍ଚିଛନ୍ତି। ଏହି ଅବସରରେ ସେ ଇସ୍ରାଏଲକୁ ଦୃଢ଼ ସମର୍ଥନ ଜଣାଇଛନ୍ତି। ହମାସ୍ ବିରୋଧୀ ଯୁଦ୍ଧରେ ଆତ୍ମରକ୍ଷା ପାଇଁ ଇସ୍ରାଏଲର ପୂର୍ଣ୍ଣ ଅଧିକାର ଥିବା ସୁନକ ପ୍ରକାଶ କରିଛନ୍ତି। ନେତାନ୍ୟାହୁଙ୍କ ସହ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ସୁନକ କହିଛନ୍ତି, ଗାଜାବାସୀଙ୍କ କ୍ଷତି ନ ଘଟିବା ଦିଗରେ ତେଲ୍ ଆଭିଭ୍ ପକ୍ଷରୁ ନିଆଯାଉଥିବା ସତର୍କତାମୂଳକ ପଦକ୍ଷେପ ଉଲ୍ଲେଖନୀୟ। ବ୍ରିଟିଶ୍ ନାଗରିକମାନଙ୍କୁ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ ସୁଯୋଗ ଦେଇଥିବାରୁ ଧନ୍ୟବାଦ। ଇସ୍ରାଏଲୀଙ୍କୁ ବ୍ରିଟେନ୍‌ର ସମର୍ଥନ ଜଣାଇବା ପାଇଁ ସେ ଏହି ଗସ୍ତ କରିଛନ୍ତି। ପାଲେଷ୍ଟିନୀୟମାନେ ମଧ୍ୟ ହମାସ୍ ବର୍ବରତାର ଶିକାର ହୋଇଥିବା ସୁନକ କହିଛନ୍ତି।



ଋଷି ସୁନକଙ୍କ ସହ ବେଞ୍ଜାମିନ୍ ନେତାନ୍ୟାହୁ।

ଅକ୍ଟୋବର ୭ରେ ଗାଜାର ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲକୁ ଅନୁପ୍ରବେଶ କରିବା ସହ ୫,୦୦୦ ରକେଟ୍ ମାଡ଼ କରିଥିଲେ। ଏଥିରେ ଜର୍ଜରିତ ଇସ୍ରାଏଲ ହମାସ୍‌କୁ ସମୂଳେ ନାଶ କରିବା ପାଇଁ ପ୍ରତିଜ୍ଞା କରିଥିଲା। ସେବେଠୁ ଇସ୍ରାଏଲ ପକ୍ଷରୁ ଗାଜା ଉପରେ ବୋମା, ମିଶାଇଲ ଓ ରକେଟ୍ ବର୍ଷା ଜାରି ରହିଛି। ଏଥିରେ ୩,୭୮୫ ପାଲେଷ୍ଟିନୀୟ ନିହତ ହୋଇଥିବାବେଳେ ପ୍ରାୟ ୧୨,୫୦୦ ଆହତ ହୋଇଥିବା ହମାସ୍ ଦ୍ୱାରା ପରିଚାଳିତ ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ଅନ୍ୟପକ୍ଷେ ହମାସ୍ ଆକ୍ରମଣରେ ଇସ୍ରାଏଲର ୧,୪୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିବାବେଳେ ୨୦୬ ଜଣଙ୍କୁ ଆତଙ୍କବାଦୀମାନେ ପଣବନ୍ଦୀ ରଖିଥିବା ଇସ୍ରାଏଲର ଜଣେ ମୁଖପାତ୍ର କହିଛନ୍ତି। ହମାସ୍ ଆକ୍ରମଣରେ ୩୨ ଆମେରିକୀୟ ନିହତ ହେବା ସହ ବିଶ୍ୱବ୍ୟାପୀ ଉତ୍ତେଜନା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ୱାଶିଂଟନ୍ ପକ୍ଷରୁ ବିଶ୍ୱର ବିଭିନ୍ନ ଭାଗରେ ବସବାସ କରୁଥିବା ଆମେରିକୀୟମାନଙ୍କୁ ଅଧିକ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି। ଇସ୍ରାଏଲ-ହମାସ୍ ଯୁଦ୍ଧ ବେଳେ ଅପପ୍ରଚାର ଓ ଗୁଜବ ରୋକିବା ପାଇଁ ସାମାଜିକ ଗଣମାଧ୍ୟମ ମଞ୍ଚ ମେଟା ଓ ଟିକ୍‌ଟକ୍ ଆଗରେ ୟୁରୋପୀୟ ସଂଘ (ଇୟୁ) ଦାବି କରିଛି।

### ଅବ୍ବାସଙ୍କ ସହ କଥାହେଲେ ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ମୁଖ୍ୟ ମହମୁଦ ଅବ୍ବାସ୍‌ଙ୍କୁ ଫୋନ୍ କରି କଥା ହୋଇଛନ୍ତି। ଏହି ଅବସରରେ ସେ ଗାଜା ହସ୍ପିଟାଲରେ ରକେଟ୍‌ମାଡ଼ରେ ନିହତ ଲୋକଙ୍କ ପାଇଁ ସମବେଦନା ଜଣାଇଛନ୍ତି। ଇସ୍ରାଏଲ-ପାଲେଷ୍ଟାଇନ୍ ପ୍ରସଙ୍ଗରେ ଭାରତର ସୈଦ୍ଧାନ୍ତିକ ଆଭିମୁଖ୍ୟ ଦୋହରାଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଆତଙ୍କବାଦ, ହିଂସା ଓ ବିଗୁଡୁଥିବା ସୁରକ୍ଷା ସ୍ଥିତିକୁ ଉପରେ ପ୍ରଧାନମନ୍ତ୍ରୀ ମୋଦି ଚିନ୍ତାବ୍ୟକ୍ତ କରିଛନ୍ତି। ପାଲେଷ୍ଟିନୀୟଙ୍କୁ ଭାରତ ପକ୍ଷରୁ ସହାୟତା ପ୍ରେରଣ ଜାରି ରହିବ ବୋଲି ମୋଦି କହିଛନ୍ତି।

## ନ୍ୟୁଜ୍‌କ୍ଲିକ୍ ବିବାଦ: ଦିଲ୍ଲୀ ପୋଲିସକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୯।୧୦

ନ୍ୟୁଜ୍‌କ୍ଲିକ୍ ପ୍ରତିଷ୍ଠାତା ପ୍ରବୀର ପୁରକାୟସ୍ଥ ଏବଂ ଏହାର ଏଚ୍‌ଆର୍ ମୁଖ୍ୟ ଅମିତ ଚକ୍ରବର୍ତ୍ତୀଙ୍କୁ ଆତଙ୍କବାଦ ନିରୋଧୀ ଆଇନ ୟୁଏପିଏରେ ଗିରଫ କରାଯିବାକୁ ବିରୋଧ କରି ସେମାନେ କରିଥିବା ଆବେଦନ ଆଧାରରେ ସୁପ୍ରିମକୋର୍ଟ ଦିଲ୍ଲୀ ପୋଲିସକୁ ଜବାବ ମାଗିଛନ୍ତି। ପ୍ରବୀର ଓ ଅମିତ ଜେଲରେ ଥିବାରୁ ସେମାନଙ୍କ ଆବେଦନର ଶୀଘ୍ର ଶୁଣାଣି ହେବା ଆବଶ୍ୟକ ବୋଲି ସେମାନଙ୍କ ଓକିଲ କପିଲ ସିବଲ ଓ ଦେବଦତ୍ତ କାମାତ ଅଦାଲତଙ୍କୁ ନିବେଦନ କରିବା ପରେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ପ୍ରଶାନ୍ତ କୁମାର ମିଶ୍ରାଙ୍କ ଖଣ୍ଡପୀଠ ଦିଲ୍ଲୀ ପୋଲିସକୁ ନୋଟିସ ପଠାଇ ୩୦ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ କହିଛନ୍ତି। ଭାରତର ସାର୍ବଭୌମତ୍ୱରେ ବ୍ୟାଘାତ ସୃଷ୍ଟି ଲାଗି ଚାଇନାରୁ ବିପୁଳ ପାଣ୍ଠି ନ୍ୟୁଜ୍‌କ୍ଲିକ୍ ନ୍ୟୁଜ୍ ପୋର୍ଟାଲରେ ବିନିଯୋଗ ହୋଇଥିବା ଅଭିଯୋଗ ଆଧାରରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଗତ ୩ ତାରିଖରେ ପ୍ରବୀର ଓ ଅମିତଙ୍କୁ ଗିରଫ କରିଥିଲା।

## ସାଇବର ଅପରାଧ: ୭୬ ସ୍ଥାନରେ ସିବିଆଇ ଚଢ଼ାଉ

ନୂଆଦିଲ୍ଲୀ,୧୯।୧୦

ସାଇବର ଆର୍ଥିକ ଜାଲିଆତି ଅଭିଯୋଗରେ ସିବିଆଇ ୫ଟି ପୃଥକ୍ ମାମଲା ରୁଜୁ କରିବା ପରେ 'ଅପରେଶନ ଚକ୍ର-୨'ରେ ଦେଶର ୭୬ଟି ସ୍ଥାନରେ ଚଢ଼ାଉ କରିଛି। କ୍ରିପ୍ଟୋକରେନ୍ସି ଜାଲିଆତି ଜରିଆରେ ଏକ ର୍‌ୟାକେଟ୍ ଭାରତୀୟଙ୍କ ୧୦୦ କୋଟି ଟଙ୍କା ବେଆଇନ ଭାବେ ହଡ଼ପ କରାଯାଇଥିବା ନେଇ ଆର୍ଥିକ ଗୋଇନ୍ଦା ସଂସ୍ଥା (ଏଫ୍‌ଆଇୟୁ) ତଥ୍ୟ ଆଧାରରେ ମାମଲା ରୁଜୁ ହୋଇଛି। ସେହିପରି ବିଦେଶୀ ନାଗରିକଙ୍କୁ ଟାର୍ଗେଟ କରିବା ଲାଗି କେତେକ କଲ୍ ସେଣ୍ଟର ଜାଲ୍ କମ୍ପାନୀଗୁଡ଼ିକୁ ବୈଷୟିକ ସହାୟତା ଯୋଗାଉଥିବା ଆମାଜନ ଏବଂ ମାଇକ୍ରୋସଫ୍ଟ ଅଭିଯୋଗ କରିବା ପରେ ଆଉ ୨ ମାମଲା ସିବିଆଇ ରୁଜୁ କରିଛି। ସିବିଆଇ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ହିମାଚଳପ୍ରଦେଶ, ହରିୟାଣା, କେରଳ, ତାମିଲନାଡୁ, ପଞ୍ଜାବ, ଦିଲ୍ଲୀ ଓ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

## ୪ ପୋଲିସଙ୍କୁ ୧୪ ଦିନ ଜେଲ

### ମୁସଲମାନଙ୍କୁ ସର୍ବସାଧାରଣରେ ବାନ୍ଧି ପିଟିଥିଲେ

ଅହମଦାବାଦ,୧୯।୧୦

ଗୁଜରାଟର ଖେଡ଼ା ଜିଲାରେ ୫ ମୁସଲମାନ ଯୁବକଙ୍କୁ ସର୍ବସାଧାରଣରେ ଦଣ୍ଡ ଦେବା ଘଟଣାରେ ଗୁଜରାଟ ହାଇକୋର୍ଟ ଗୁରୁବାର ୪ ପୋଲିସ ଅଫିସରଙ୍କୁ ଦୋଷୀ ସାବ୍ୟସ୍ତ କରି ୧୪ ଦିନ ପାଇଁ ଜେଲ ପଠାଇଛନ୍ତି। ଗତବର୍ଷ ଅକ୍ଟୋବର ୪ରେ ଉକ୍ତ ଜିଲାରେ ଗରବା ଉତ୍ସବବେଳେ ଉକ୍ତ ଯୁବକମାନେ ଟେକା ଫିଙ୍ଗିଥିବା ଅଭିଯୋଗ ହୋଇଥିଲା। ପୋଲିସ ସେମାନଙ୍କୁ ଗିରଫ କରି ଏକ ଖୁଣ୍ଟରେ ବାନ୍ଧି ଲୋକମାନଙ୍କ ଉପସ୍ଥିତିରେ ବେତ୍ରାଘାତ କରିଥିଲା। ଏଥିସହିତ ଅଫିସରମାନଙ୍କୁ ୨,୦୦୦ ଟଙ୍କା ଲେଖାଏ ଜରିମାନା ପୈଠ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ପୈଠ ନ କଲେ ସେମାନଙ୍କୁ ଆଉ ୩ ଦିନ ଜେଲରେ ରହିବାକୁ ପଡ଼ିବ।

## 'ପିଏମ୍‌ଏଲ୍‌ଏ ଧାରା ୫୦ ବଳରେ ଗିରଫ କରିପାରିବନି ଇଡି'

ନୂଆଦିଲ୍ଲୀ,୧୯।୧୦

ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ଧାରା ୫୦ ବଳରେ କୌଣସି ବ୍ୟକ୍ତିଙ୍କୁ ସମନ ଜାରି କରିବା କ୍ଷମତା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ରହିଛି, ତେବେ ଗିରଫ କରିବା କ୍ଷମତା ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଗୁରୁବାର କହିଛନ୍ତି। ୨୦୨୦ରେ ଇଡି ଦାଏର କରିଥିବା ଏତଲା ଖାରଜ ଲାଗି ଆଶିଷ ମିତ୍ତଲଙ୍କ ପିଟିଶନ୍‌ର ଶୁଣାଣି କରି ଜଷ୍ଟିସ୍ ଅନୁପ ଜୟରାମ ଭମ୍ଭାନୀ ଉପରୋକ୍ତ ରାୟ ଦେଇଛନ୍ତି। ଇସିଆଇଆର୍ ଆଧାରରେ ସମସ୍ତ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିବା ପାଇଁ ମିତ୍ତଲ ଆବେଦନ କରିଥିଲେ। ଧାରା ୫୦ରେ ଗିରଫ କରିବା କ୍ଷମତା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇ ନାହିଁ, ଯାହା ବଳରେ ଏହି କେନ୍ଦ୍ରୀୟ ଏଜେନ୍ସିର ଅଧିକାରୀମାନେ କୌଣସି ବ୍ୟକ୍ତିଙ୍କୁ ଗିରଫ କରିଥାନ୍ତି ବୋଲି ଜଷ୍ଟିସ୍ ଭମ୍ଭାନୀ କହିଛନ୍ତି। କେବଳ ସମନ ଜାରି କରିବା, ଦସ୍ତାବିଜ୍ ଦାଖଲ ପାଇଁ ମାଗିବା ଓ ବୟାନ ରେକର୍ଡ କରିବା କ୍ଷମତା ଇଡିର ରହିଛି, ଯାହା ଏକ ଦେୱାନୀ ଅଦାଲତର କ୍ଷମତା ସହ ସମାନ। ଧାରା ୧୯ରେ ଥିବା ଗିରଫ କ୍ଷମତାଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ଧାରା ୧୯ ଏବଂ ୫୦ ସମ୍ପୂର୍ଣ୍ଣ ଅଲଗା ବ୍ୟବସ୍ଥା ବୋଲି ଖଣ୍ଡପୀଠ କହିଛନ୍ତି।

## ଅଙ୍ଗଦାନ କଲା ୪ ଦିନର ଶିଶୁ

ସୁରଟ,୧୯।୧୦

ସନ୍ତାନକୁ ହରାଇବାଠାରୁ ବଡ଼ ଦୁଃଖ ମାଆବାପାଙ୍କ ପାଇଁ ଆଉ କିଛି ନାହିଁ। ଗୁଜରାଟ ସୁରଟ ଅଞ୍ଚଳର ଏକ ଦମ୍ପତି ସେମାନଙ୍କର ନବଜାତ ଶିଶୁର ମୃତ୍ୟୁଜନିତ ଦୁଃଖକୁ ପଛରେ ପକାଇ ଅଙ୍ଗଦାନ କରି ୬ ଜୀବନ ବଞ୍ଚାଇପାରିଛନ୍ତି। ସେମାନଙ୍କ ୪ ଦିନର ସନ୍ତାନ ବ୍ରେନ୍‌ଡେଡ ବୋଲି ଡାକ୍ତର ଘୋଷଣା କରିବା ପରେ ଅଙ୍ଗଦାନ ପାଇଁ ମାଆବାପା ନିଷ୍ପତ୍ତି ନେଇଥିଲେ। ଶିଶୁର ୨ କିଡ୍‌ନୀ, ୨ ଆଖି, ଲିଭର ଏବଂ ପ୍ଲିହାକୁ ୬ ଜଣ ଶିଶୁଙ୍କଠାରେ ଲଗାଯାଇ ଦୀପାବଳୀ ପୂର୍ବରୁ ସେମାନଙ୍କ ଜୀବନରେ ଆଲୋକ ଅଣାଯାଇପାରିଛି। ଅହମଦାବାଦର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କିଡ୍‌ନୀ ଡିଜିଜ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ଜଣେ ୮ ମାସର ଶିଶୁଠାରେ କିଡ୍‌ନୀ ପ୍ରତିରୋପଣ କରାଯାଇଥିବାବେଳେ ନୂଆଦିଲ୍ଲୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ ବାଇଲିଆରି ସାଇନ୍ସରେ ଜଣେ ୧୦ ମାସର ଶିଶୁ ଦେହରେ ଲିଭର ଲଗାଯାଇଛି। ଗତ ୧୩ ତାରିଖରେ ସୁରଟର ବାଲକ ପଟିୟା ଅଞ୍ଚଳରେ ଜନ୍ମ ହୋଇଥିବା ଶିଶୁଟି ହଲଚଲ ନ ହେବା ଓ ନ କାନ୍ଦିବାରୁ ତାକୁ ଏକ ଶିଶୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନଙ୍କ ଉଦ୍ୟମ ସତ୍ତ୍ୱେ ସୁଫଳ ନ ମିଳିବାରୁ ଶିଶୁକୁ ବ୍ରେନ୍‌ଡେଡ୍ ଘୋଷଣା କରାଯାଇଥିଲା।

## ମହଶା ଅମିନୀଙ୍କୁ ଇୟୁ ମାନବାଧିକାର ପୁରସ୍କାର



ଷ୍ଟ୍ରାସ୍‌ବର୍ଗ(ଫ୍ରାନ୍ସ),୧୯।୧୦

### ଇରାନ୍‌ର ମୋରାଲିଟି ପୋଲିସ ବର୍ବରତାର ଶିକାର ହୋଇ ପ୍ରାଣ ହରାଇଥିଲେ

ଗତବର୍ଷ ଉଚିତ ଢଙ୍ଗରେ ବୁର୍ଖା ପିନ୍ଧି ନ ଥିବାରୁ ଇରାନର ମୋରାଲିଟି ପୋଲିସ ଦ୍ୱାରା ହତ୍ୟାର ଶିକାର ହୋଇଥିବା ୨୨ ବର୍ଷୀୟା କୁର୍ଦ୍ଦିଶ ଯୁବତୀ ମହଶା ଅମିନୀଙ୍କୁ ମରଣୋତ୍ତର ଭାବେ ୟୁରୋପୀୟ ସଂଘ (ଇୟୁ)ର ସର୍ବୋଚ୍ଚ ମାନବାଧିକାର ପୁରସ୍କାର ପ୍ରଦାନ କରାଯାଇଛି।

ମାନବାଧିକାର ଓ ମୌଳିକ ସ୍ୱାଧୀନତା ପାଇଁ ଲଢ଼େଇ କରୁଥିବା ବ୍ୟକ୍ତି କିମ୍ବା ଗୋଷ୍ଠୀଙ୍କୁ ୧୯୮୮ରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ନୋବେଲ ଶାନ୍ତି ପୁରସ୍କାର ବିଜେତା ତଥା ସୋଭିଏଟ୍ ବିଦ୍ରୋହୀ ଆଣ୍ଡ୍ରେଇ ସାଖୋର୍ଭଙ୍କ ନାମରେ ଏହି ଇୟୁ ଆୱାର୍ଡ ନାମିତ। ଚଳିତବର୍ଷ ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ଅନ୍ୟମାନଙ୍କ ମଧ୍ୟରେ ଥିଲେ ଭିଲ୍‌ମା ନୁନେଜ ଡେ ଏସ୍କୋରିକା ଏବଂ ରୋମାନ୍ କ୍ୟାଥୋଲିକ୍ ବିଶପ୍ ରୋଲାଣ୍ଡୋ ଅଲ୍‌ଭାରେଜ୍। ଏହି ଦୁଇଜଣ ନିକାରାଗୁଆରେ ମାନବାଧିକାର ସୁରକ୍ଷା ପାଇଁ ଲଢ଼େଇ କରିଥିଲେ। ଏହାବାଦ୍ ପୋଲାଣ୍ଡ, ଏଲ୍‌ସାଲଭାଡୋର ଏବଂ ଆମେରିକାର ୩ ଜଣ ମହିଳାଙ୍କୁ ମନୋନୀତ କରାଯାଇଥିଲା। ସେମାନେ ମୁକ୍ତ, ସୁରକ୍ଷିତ ଓ ଆଇନଗତ ଗର୍ଭପାତ ପାଇଁ ସଂଗ୍ରାମ ଚଳାଇଆସିଛନ୍ତି।

୧୯୯୯ ସେପ୍ଟେମ୍ବର ୨୧ରେ କୁର୍ଦ୍ଦିସ୍ତାନରେ ଜନ୍ମିତ ମହଶା ଅମିନୀ ୨୦୨୨ ସେପ୍ଟେମ୍ବର ୧୩ରେ ନିଜ ଭାଇଙ୍କୁ ଭେଟିବା ପାଇଁ ତେହରାନକୁ ଯାଇଥିଲେ। ସେ ଭଲଭାବେ ମୁହଁ ଢାଙ୍କି ନ ହେବା ଭଳି ପୋଷାକ ପରିଧାନ କରିଥିବା ଦର୍ଶାଇ ଶହୀଦ ହଘାନି ଏକ୍ସପ୍ରେସ୍‌ୱେରେ ଧର୍ମୀୟ ବ୍ୟାପାର ପୋଲିସ ତାଙ୍କୁ ଗିରଫ କରିଥିଲା। ହାଜତରେ ତାଙ୍କୁ ଲାଠିମାଡ଼ କରିବାରୁ ରହସ୍ୟଜନକ ଭାବେ ମହଶାଙ୍କ ମୃତ୍ୟୁ ଘଟିଥିଲା। ଫଳରେ ରକ୍ଷଣଶୀଳ ଇରାନରେ ସରକାର ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ବିକ୍ଷୋଭକାରୀମାନେ ନିଜ ହିଜାବ ଖୋଲି ଚୁଟି କାଟି ବିରୋଧ ପ୍ରଦର୍ଶନ କରିଥିଲେ।

## ଫୁରସତ

### ଏକତା ହିଁ ବଳ



**ଜାତୀୟ ଏକତା ଦିବସ**

ମଣିଷ ଏକାଠି ରହିଲେ ବିଭିନ୍ନ ସମସ୍ୟାର ସହଜରେ ସମାଧାନ ହୋଇପାରିଥାଏ। ତେଣୁ କୁହାଯାଏ ଏକତା ହିଁ ସର୍ବଶ୍ରେଷ୍ଠ ଶକ୍ତି। ଏକତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୨୦ ଅକ୍ଟୋବରରେ ଭାରତରେ ଜାତୀୟ ଏକତା ଦିବସ ପାଳନ କରାଯାଇଥାଏ। ୧୯୬୨ ଅକ୍ଟୋବର ୨୦ରେ ଚାଇନା ୮୦ ହଜାର ସୈନ୍ୟ ନେଇ ଭାରତ ଆକ୍ରମଣ କରିଥିଲା। ଏହି ଯୁଦ୍ଧରେ ବହୁ ଧନ ଜୀବନ ନଷ୍ଟ ହୋଇଥିଲା। ଭାରତ ଯୁଦ୍ଧରେ ପରାସ୍ତ ହୋଇଥିଲା। କିନ୍ତୁ ସମଗ୍ର ଦେଶ ଏକଜୁଟ ହୋଇ ଚାଇନା କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ। ଭାରତୀୟଙ୍କ ଦ୍ୱାରା ଯୁଦ୍ଧ ସମୟରେ ଏକ ହୃଦୟସ୍ପର୍ଶୀ ଏକତା, ଏକଜୁଟ ବୋଧ ଏବଂ ଦଳଗତ ଏକତା ପ୍ରଦର୍ଶିତ ହୋଇଥିଲା। ୧୯୬୬ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ଅନ୍ୟ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ଏକ ପରାମର୍ଶଦାତା କମିଟି ଗଠନ କରାଯାଇଥିଲା। ଭାରତ-ଚାଇନା ଯୁଦ୍ଧ ସମୟର ଏକତାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ୨୦ ଅକ୍ଟୋବରକୁ ଜାତୀୟ ଏକତା ଦିବସ ରୂପେ ପାଳନ କରିବାକୁ କମିଟି ପକ୍ଷରୁ ଘୋଷଣା କରାଯାଇଥିଲା।

### କ୍ୟାଟ୍ରିନା ଗର୍ଭବତୀ ଥିବା ଚର୍ଚ୍ଚା



ମୁମ୍ବାଇ: ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଆଗାମୀ ଫିଲ୍ମ 'ଟାଇଗର ୩'କୁ ନେଇ ବେଶ୍ ଚର୍ଚ୍ଚାରେ। ଅଭିନେତା ଭିକ୍କି କୌଶଲଙ୍କ ସ୍ତ୍ରୀ କ୍ୟାଟ୍ରିନା ପୁଣି ଥରେ ଗର୍ଭବତୀ ଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେଥିରେ କ୍ୟାଟ୍ରିନା ଗର୍ଭବତୀ ଥିବା ଅନୁମାନ କରାଯାଉଛି। ନିକଟରେ କ୍ୟାଟ୍ରିନା ତାଙ୍କ ଫିଲ୍ମର ପ୍ରମୋଶନ୍ ପାଇଁ ହାଇଦ୍ରାବାଦରେ ପହଞ୍ଚିଥିଲେ। ସେଠାରୁ ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ସେ ତାଙ୍କ ପେଟକୁ ଓଢ଼ଣୀରେ ଢାଙ୍କିଥିବା ନଜର ଆସିଛନ୍ତି। ଏଥିରୁ ସେ ତାଙ୍କ ବେବି ବମ୍ପକୁ ଲୁଚାଇବାକୁ ଚେଷ୍ଟା କରୁଥିବା ଜଣାପଡ଼ିଛି। ହେଲେ ଏଥିନେଇ କ୍ୟାଟ୍ରିନା କିଛି ମତ ରଖିନାହାନ୍ତି।

### ବିରଳ ପ୍ରଜାପତି



**ଲକ୍ଷ୍ନୌ:** ଆମେରିକାର ଏବଂ ଜାପାନରେ ଦେଖାଯାଉଥିବା ଲୁନା ମୈଥ ପ୍ରଜାତିର ବିରଳ ପ୍ରଜାପତି ବୁନ୍ଦେଲଖଣ୍ଡର ସାଗରରେ ଦେଖିବାକୁ ମିଳିଛି। ପୂର୍ବରୁ ଏହି ପ୍ରଜାତିର ପ୍ରଜାପତି ହିମାଳୟ, ଉତ୍ତରାଖଣ୍ଡରେ ନଜରକୁ ଆସୁଥିଲେ। ସାଗର ଜିଲାର ଜୈସିନଗର ବ୍ଲକର ମୋଚଲ ଗ୍ରାମପଞ୍ଚାୟତ ସଚିବ ନରେନ୍ଦ୍ର ସିଂ ଠାକୁରଙ୍କ ବଗିଚାରେ ଏହି ପ୍ରଜାପତି ଦେଖାଯାଇଥିଲା। ପ୍ରଜାପତି ଦେହର ରଙ୍ଗ ଧଳା ଏବଂ ଡେଣାର ରଙ୍ଗ ହଳଦିଆ।

## ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ: କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୪୮ (୨୪୭.୭୮) ପଏଣ୍ଟ ଖସି ୬୫,୬୨୯ (୬୫,୬୨୯.୨୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୪୬ (୪୬.୪୦) ପଏଣ୍ଟ ହ୍ରାସ ଘଟି ୧୯,୬୨୫ (୧୯,୬୨୪.୭୦) ଅଙ୍କରେ କାରବାର ବନ୍ଦ କରିଥିଲା।

## ଜେଏସ୍ଏଲ୍‌ର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୧୯।୧୦

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍(ଜେଏସ୍ଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ ଅଫ୍ ଡିରେକ୍ଟରସ) ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨ୟ ତ୍ରୈମାସିକ ପାଇଁ କମ୍ପାନୀର ସ୍ୱତନ୍ତ୍ର ସେଲ୍ସ ଭଲ୍ୟୁମ ୨୬% ବାର୍ଷିକ ଅଭିବୃଦ୍ଧି ସହ ୫୪୩,୬୧୯ ମେଟ୍ରିକ୍ ଟନ୍ ରହିଛି, ଯାହାର କାରଣ ହେଉଛି ଘରୋଇ ବଜାରରେ ଭଲ ଚାହିଦା ତଥା ମାନ୍ଦାବସ୍ଥାରେ ବୈଶ୍ୱିକ ବଜାରର ଚାହିଦାକୁ ପୂରଣ କରିପାରିବା। ଏହି ଅବଧିରେ କମ୍ପାନୀରେ ମୋଟ ଷ୍ଟାଣ୍ଡ ଏଲୋନ ରେଭେନ୍ୟୁ ବାର୍ଷିକ ୧୪% ଅଭିବୃଦ୍ଧି ସହ ୯୭୨୦ କୋଟି ଭାରତୀୟ ମୁଦ୍ରା ରହିଛି। ଯାହାର ଷ୍ଟାଣ୍ଡ ଏଲୋନ ଇବିଆଇଟିଡିଏ ୧୦୭୦କୋଟି ଭାରତୀୟ ମୁଦ୍ରା ରହିଥିବା ବେଳେ ଟିକସ ପରବର୍ତ୍ତୀ ଲାଭ (ପିଏଟି) ୬୦୯ କୋଟି ଭାରତୀୟ ମୁଦ୍ରା ରହିଛି। ଏହି କ୍ୱାର୍ଟରରେ ମୋଟ ଋଣ ୨୧୪୯ କୋଟି ଭାରତୀୟ ମୁଦ୍ରା ରେକର୍ଡ କରାଯାଇଥିବା ବେଳେ ମୋଟ ଋଣ-ଇକ୍ୱିଟି ଅନୁପାତ ୦.୨ ରହିଛି, ଯାହାକି ମେଟାଲ ଶିଳ୍ପ କ୍ଷେତ୍ରରେ ସର୍ବୋତ୍ତମ ବୋଲି କୁହାଯାଉଛି। ସେହିଭଳି ମୋଟ ଋଣ ଓ ଇବିଆଇଟିଡିଏ ଅନୁପାତରେ ଉନ୍ନତି ହୋଇ ୦.୫ ରହିଛି। ଏହି ସମୟରେ ଏକୀକୃତ ମୋଟ ଆୟ ୧୨% ଅଭିବୃଦ୍ଧି ଘଟି ୯୭୯୭ କୋଟି ଭାରତୀୟ ମୁଦ୍ରାରେ ପହଞ୍ଚିଛି। ଏକୀକୃତ ଇବିଆଇଟିଡିଏ ଏବଂ ପିଏଟି ଯଥାକ୍ରମେ ୧୨୩୧ କୋଟି ଭାରତୀୟ ମୁଦ୍ରା ଏବଂ ୭୬୪ କୋଟି ଭାରତୀୟ ମୁଦ୍ରା ରହିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବୋର୍ଡ ଅଫ୍ ଡିରେକ୍ଟରସ ୫୦% ଆନ୍ତରୀଣ ଲାଭାଂଶ ବା ଇକ୍ୱିଟି ପିଛା ଦର ୧ (ଯାହାର ଫେସ୍ ଭାଲ୍ୟୁ ୨ଟଙ୍କା) ଟଙ୍କାକୁ ଅନୁମୋଦନ କରିଛନ୍ତି। ଅର୍ଥ ପରିଶୋଧ ପାଇଁ ସଦସ୍ୟମାନଙ୍କ ଅଧିକାର ନିର୍ଣ୍ଣୟ କରିବା ରେକର୍ଡ ତାରିଖକୁ ୨୦୨୩ ଅକ୍ଟୋବର ୨୮ ସ୍ଥିର କରାଯାଇଛି। ଅପରପକ୍ଷରେ ୨୦୨୩ ନଭେମ୍ବର ୧୭ ଅର୍ଥାତ୍ ଅନୁମୋଦନ ହେବାର ୩୦ ଦିନ ମଧ୍ୟରେ ଲାଭାଂଶ ପରିଶୋଧ କରାଯିବ। ସମୂହ ଦେୟ ପରିମାଣ ପାଖାପାଖି ୮୨ କୋଟି ୩୪ ଲକ୍ଷ ଟଙ୍କା ହେବ।

## ଫୋରମ ମାର୍ଟରେ ସ୍ମାର୍ଟ ବଜାରର ସର୍ବବୃହତ୍ ଆଉଟ୍‌ଲେଟ

ଭୁବନେଶ୍ୱର,୧୯।୧୦ (ଅଭୟ ଦାଶ)

ରିଲାଏନ୍ସ ରିଟେଲର ବୃହତ୍ ଫର୍ମାଟ୍ (ସୁପରମାର୍କେଟ୍) 'ସ୍ମାର୍ଟ ବଜାର'ର ସର୍ବବୃହତ୍ ଆଉଟ୍‌ଲେଟ (ଷ୍ଟୋର) ଭୁବନେଶ୍ୱରର ସତ୍ୟନଗରସ୍ଥିତ ଫୋରମ ମାର୍ଟଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ (ଶୁଭାରମ୍ଭ) ହୋଇଯାଇଛି। ବିଶେଷକରି ଏଠାରେ ଗ୍ରୋସେରି, ଫଳ ଓ ପନିପରିବାଠାରୁ ଆରମ୍ଭକରି ଦୁଗ୍ଧଜାତ ଉତ୍ପାଦ, କିଚେନ ସାମଗ୍ରୀ, ଘରକରଣା ସାମଗ୍ରୀ, ଆପାରେଲ୍, କଞ୍ଜୁମର ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଆଦି ଗ୍ରାହକମାନେ ପାଇପାରିବେ। ଉଲ୍ଲେଖଯୋଗ୍ୟ ,ଓଡ଼ିଶା ବଜାରରେ ସ୍ମାର୍ଟ ବଜାରର ୩୯ ଟି ଆକର୍ଷଣୀୟ ଷ୍ଟୋର ରହିଛି। ଏପରିକି ୫୨,୦୦୦ ବର୍ଗଫୁଟ୍ ସ୍ଥାନରେ ପରିବ୍ୟାପ୍ତ ଉକ୍ତ ଷ୍ଟୋର ଗ୍ରାହକମାନଙ୍କୁ ସର୍ବାଧିକ ସଞ୍ଚୟ ଓ ଉନ୍ନତ ଗ୍ରାହକ ଅନୁଭୂତି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ସେହିଭଳି ପାର୍ଟନର ବ୍ରାଣ୍ଡ୍ ବ୍ୟତୀତ ଉକ୍ତ ଷ୍ଟୋରରେ ରିଲାଏନ୍ସ ରିଟେଲର ନିଜସ୍ୱ ବ୍ରାଣ୍ଡ ମଧ୍ୟ ରହିଛି, ଯେଉଁଥିରେ ୧୧୦ ଉତ୍ପାଦ ବର୍ଗ ଯଥା ପ୍ରକ୍ରିୟାକୃତ ଖାଦ୍ୟ ଓ ପାନୀୟ, ବ୍ୟକ୍ତିଗତ ଯତ୍ନ, ସ୍ୱାସ୍ଥ୍ୟଯତ୍ନ, ହାଇଜିନ୍, ଫାବ୍ରିକ୍, ହୋମ୍ କେୟାର ଓ ହୋମ୍ ଡେକୋର ଆଦି ଆକର୍ଷଣୀୟ ଅଫରରେ ଉପଲବ୍ଧ ରହିଛି। ଏପରିକି ଗ୍ରାହକମାନେ ସ୍ମାର୍ଟ ବଜାର ବିଲିଂ କ୍ଷେତ୍ରରେ ସର୍ବାଧିକ ସଞ୍ଚୟ କରିପାରିବେ। ଉଦାହରଣ ସ୍ୱରୂପ ଜଣେ ଗ୍ରାହକ ୧୯୯୯ଟଙ୍କାର ସର୍ବନିମ୍ନ କ୍ରୟ କ୍ଷେତ୍ରରେ ଏକ କିଲୋ ଚିନିକୁ ମାତ୍ର ୯ ଟଙ୍କାରେ ପାଇପାରିବେ। ବିଶେଷକରି ଗ୍ରାହକମାନଙ୍କୁ ବର୍ଷ ସାରା ସର୍ବାଧିକ ସଞ୍ଚୟ ସୁବିଧା ପ୍ରଦାନ ସହ ଏମ୍ଆରପି ଉପରେ ୫%ର ରିହାତି ଓ ସ୍ୱତନ୍ତ୍ର ଋତୁକାଳୀନ ଅଫର ମଧ୍ୟ ପ୍ରଦାନ କରାଯାଉଛି। ଏହା ସହ ସ୍ମାର୍ଟ ବଜାର ଗ୍ରାହକମାନଙ୍କୁ ଉନ୍ନତମାନର ଉତ୍ପାଦ, ସର୍ବୋତ୍କୃଷ୍ଟ ବ୍ରାଣ୍ଡ, ସଦ୍ୟତମ ଶୁଭାରମ୍ଭ ଓ ବିଶ୍ୱଶ୍ରେଣୀୟ ଶପିଂ ଅନୁଭୂତି ପ୍ରଦାନ କରୁଛି। ରିଲାଏନ୍ସ ରିଟେଲ୍ ଆଗାମୀ ମାସଗୁଡ଼ିକରେ ଭାରତର ବିଭିନ୍ନ ସହର ଓ ଟାଉନରେ ସ୍ମାର୍ଟ ବଜାର ଷ୍ଟୋରର ଶୁଭାରମ୍ଭ କରିବ ବୋଲି ସୂଚନା ମିଳିଛି।

ସେହିପରି ଏହାର ଦକ୍ଷ ଗ୍ରାହକ ଆସୋସିଏଟ୍ସ, ଆକର୍ଷଣୀୟ ଡିଜାଇନ୍ ଓ ଲେଆଉଟ୍ ଏବଂ ସୁଲଭ ମୂଲ୍ୟରେ ଉନ୍ନତମାନର ଉତ୍ପାଦ ନିଶ୍ଚିତ ଭାବେ ଗ୍ରାହକମାନଙ୍କୁ ଆକର୍ଷିତ କରିବାରେ ସଫଳ ହୋଇଛି ଓ ଦୈନନ୍ଦିନ ଜୀବନର ଏକ ଅଂଶ ହୋଇପାରିଛି। ଅପରପକ୍ଷରେ ଉଦ୍‌ଘାଟନୀ ଉତ୍ସବରେ ଆକର୍ଷଣୀୟ ପ୍ରମୋସନାଲ ଅଫର ନିଶ୍ଚିତ ଭାବେ ଗ୍ରାହକମାନଙ୍କୁ ଅଧିକ ଆକର୍ଷିତ କରିବ।ଅପରପକ୍ଷରେ ରିଲାଏନ୍ସ ରିଟେଲ୍‌ତା'ର ବିଭିନ୍ନ ଗ୍ରୋସେରି ଫର୍ମାଟ୍ ସହ ସ୍ମାର୍ଟ ବଜାରର ଗ୍ରାହକମାନଙ୍କର ଦୈନନ୍ଦିନର ଆବଶ୍ୟକତା ଓ ସ୍ୱତନ୍ତ୍ର ଅବସରର ଆବଶ୍ୟକତାକୁ ମଧ୍ୟ ପୂରଣ କରିଥାଏ। ଗ୍ରାହକମାନଙ୍କ ଉପରେ ସର୍ବାଧିକ ଧ୍ୟାନ ପ୍ରଦାନ ସହ ସ୍ମାର୍ଟ ବଜାର ବୃହତ୍ ଫର୍ମାଟ୍ ସୁପର ମାର୍କେଟ୍ ବର୍ଗରେ ଏହାର ବ୍ୟାପକ ଶ୍ରେଣୀୟ ଅଫର ଦ୍ୱାରା ଗ୍ରାହକମାନଙ୍କୁ ସର୍ବୋତ୍ତମ ଶପିଂ ଅନୁଭବ ପ୍ରଦାନ କରୁଛି।

## କାନାରା ବ୍ୟାଙ୍କର ମୁଦ୍ରା ବିନିମୟ ମେଳା

ଭୁବନେଶ୍ୱର, ୧୯।୧୦

କାନାରା ବ୍ୟାଙ୍କର କଟକ ଅଞ୍ଚଳ ପକ୍ଷରୁ ନିକଟରେ ଏକ ମୁଦ୍ରା ବିନିମୟ ମେଳାର ଆୟୋଜନ କରାଯାଇଥିଲା। ଉକ୍ତ ମେଳା ଜରିଆରେ କଟକବାସୀ ଓ ଅନ୍ୟମାନେ ସେମାନଙ୍କର ବିଭିନ୍ନ ପ୍ରକାର ନୋଟ୍‌କୁ ବଦଳାଇ ନୂଆ ନୋଟ ସଂଗ୍ରହ କରିଥିଲେ। ବିଶେଷକରି ସାଧାରଣ ଜନତାଙ୍କ ହିତକୁ ଦୃଷ୍ଟିରେ ରଖି ପୁରୁଣା, ମଇଳା ଏବଂ ଚିରାଫଟା ନୋଟ୍‌କୁ ବ୍ୟାଙ୍କ ବଦଳାଇ ନୂଆ ନୋଟ୍ ଏବଂ କଏନ୍ ଦେବାର ବ୍ୟବସ୍ଥା ଚୌଧୁରୀ ବଜାରସ୍ଥିତ କାନାରା ବ୍ୟାଙ୍କ ଶାଖା ପରିସରର କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭାରତୀୟ ରିଜର୍ଭ ବ୍ୟାଙ୍କର ମହାପ୍ରବନ୍ଧକ ଦେବୀପ୍ରସାଦ ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦ୍ରର ଏବଂ କ୍ଷେତ୍ରୀୟ ମୁଖ୍ୟ ନୀରଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ବ୍ୟାଙ୍କର କରେନ୍ସି ଚେଷ୍ଟର ଅଧିକାରୀ ଏବଂ କଟକ ଚୌଧୁରୀ ବଜାର ଶାଖାର ଅଧିକାରୀ ଓ କର୍ମଚାରୀମାନେ ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

## ବିଓବି ପକ୍ଷରୁ କିଶୋରଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୧୯।୧୦

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏପରିକି ଏସୀୟ କ୍ରୀଡାରେ ଜାଭେଲିନ୍ ଥ୍ରୋ ପ୍ରତିଯୋଗିତାର ରୌପ୍ୟ ପଦକ ହାସଲ କରି ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରି ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣିଥିବା ଓଡ଼ିଆ ପୁଅ କିଶୋର କୁମାର ଜେନାଙ୍କୁ ବିଓବି ପକ୍ଷରୁ କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ସଭାରେ ବିଓବିର ଉପ-ମହାପ୍ରବନ୍ଧକ ଡ. ରମେଶ କୁମାର ମହାନ୍ତି, ଭୁବନେଶ୍ୱର କ୍ଷେତ୍ରର ଉପ-କ୍ଷେତ୍ରୀୟ ପ୍ରବନ୍ଧକ ଦିଲୀପ ଦାସଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ରହି କିଶୋରଙ୍କୁ ଉତ୍ସାହିତ କରିଥିଲେ। କିଶୋର ଆମ ରାଜ୍ୟର ଗୌରବ ଏବଂ ଆଗକୁ ଉନ୍ନତରୁ ଉନ୍ନତ ପ୍ରଦର୍ଶନ କରି କ୍ରୀଡ଼ା ଦିଗରେ ଆହୁରି ଉଚ୍ଚ ସ୍ତରକୁ ଯାଆନ୍ତୁ ବୋଲି ରମେଶ ମତପ୍ରକାଶ କରିଥିଲେ। ଗରିବ ପରିବାରରୁ ଆସି ଅକ୍ଲାନ୍ତ ପରିଶ୍ରମ କରି ଆଜି ସେ ଏହି ସ୍ଥାନରେ ପହଞ୍ଚିଛନ୍ତି ଏବଂ ଏଥିରେ ସରକାରଙ୍କର ବହୁତ ସହଯୋଗ ରହିବା ସହ ସମସ୍ତଙ୍କର ଆଶୀର୍ବାଦ ଥିବା କିଶୋର ମତବ୍ୟକ୍ତ କରିଛନ୍ତି।

## ରେକର୍ଡ ପରିମାଣରେ କୋଇଲା ପରିବହନ

ଭୁବନେଶ୍ୱର,୧୯।୧୦

ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ମାସ (ଅର୍ଦ୍ଧବାର୍ଷିକ) ମଧ୍ୟରେ କୋଇଲା ମନ୍ତ୍ରଣାଳୟ ରେକର୍ଡ ପରିମାଣର କୋଇଲା ପରିବହନ କରିଛି। ଏପରିକି ୨୦୨୩ ଅକ୍ଟୋବର ୧୭ ସୁଦ୍ଧା ମନ୍ତ୍ରଣାଳୟ ପ୍ରାୟ ୫୦୦ ମିଲିୟନ ଟନ (ଏମ୍‌ଟି) କୋଇଲା ପଠାଇବା (ପରିବହନ) ରେ ସକ୍ଷମ ହୋଇଛି। ଅପରପକ୍ଷରେ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ମନ୍ତ୍ରଣାଳୟ ଉଲ୍ଲେଖନୀୟ ସଫଳତା ମୌସୁମୀ ଋତୁ ସତ୍ତ୍ୱେ ହାସଲ କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ୨୦୦ ଦିନ ମଧ୍ୟରେ ୫୦୦ ଏମ୍‌ଟି କୋଇଲା ପରିବହନ କରିବା ଏକ ଉଲ୍ଲେଖନୀୟ ସଫଳତା। ସେହିଭଳି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଉତ୍ପାଦନ ଏବଂ ପରିବହନ (ପଠାଇବା) ହାର ସାଧାରଣତଃ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ ଅପେକ୍ଷା ଅଧିକ ରହିଥାଏ। ତେଣୁ ଚଳିତ ଆର୍ଥିକ ବର୍ଷରେ କୋଇଲା ପରିବହନ (ପ୍ରେରଣ) ୧ ବିଲିୟନ ଟନ୍‌ରୁ ଅଧିକ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଆକଳନ କରାଯାଉଛି। ଗତ ଆର୍ଥିକ ବର୍ଷରେ ମନ୍ତ୍ରଣାଳୟ ନୂତନ ମାଇଲଖୁଣ୍ଟ ହାସଲ କରିଥିଲା। ଏପରିକି ୨୦୨୨ ନଭେମ୍ବର ୯ ସୁଦ୍ଧା ମନ୍ତ୍ରଣାଳୟ ୫୦୦ ଏମ୍‌ଟି କୋଇଲା ପରିବହନ (ପଠାଇବା)ର ବିରଳ ମାଇଲଖୁଣ୍ଟ ହାସଲ କରାଯାଇଛି। ଏହା ସହ ଚଳିତ ଆର୍ଥିକ ବର୍ଷର ୫୦୦ ଏମ୍‌ଟି ପରିବହନ (ପଠାଇବା) ଲକ୍ଷ୍ୟ ୨୩ ଦିନ ପୂର୍ବରୁ ହାସଲ କରାଯାଇଛି। ଏହା ମଧ୍ୟ ଧ୍ୟାନଦେବା ଆବଶ୍ୟକ ଯେ ୫୦୦ ମେଟ୍ରିକ ଟନ କୋଇଲାରେ ୪୧୬.୫୭ ମେଟ୍ରିକ ଟନ୍ କୋଇଲା ବିଦ୍ୟୁତ୍ କ୍ଷେତ୍ର ପାଇଁ ଏବଂ ୮୪.୭୭ ମେଟ୍ରିକ ଟନ୍ ଅଣ-ନିୟାମକ କ୍ଷେତ୍ର ପାଇଁ ପରିବହନ କରାଯାଇଛି। ବିଶେଷକରି ବିଦ୍ୟୁତ୍ କ୍ଷେତ୍ରରେ କୋଇଲା ପରିବହନର ବୃଦ୍ଧି ହାର ବାର୍ଷିକ ୭%ରୁ ଅଧିକ (ବର୍ଷ ପରେ ବର୍ଷ ୭.୨୭%) ରହିଥିଲାବେଳେ ଅଣ-ନିୟାମକ କ୍ଷେତ୍ରରେ ମଧ୍ୟ ବାର୍ଷିକ ୩୮% (ବର୍ଷ ପରେ ବର୍ଷ ୩୮.୦୨%) ରହିଛି।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, खूँटी**

**ई-अल्पकालीन निविदा आमंत्रण सूचना**

ई–अल्पकालीन निविदा संख्याः– 07/2023-24/RWD/KHUNTI — दिनांक– 19.10.2023

कार्यपालक अभियंता, ग्रामीण कार्य विभाग, कार्य प्रमण्डल, खूँटी द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

1. कार्य का नामः–

| क्र० सं० | आईडेन्टीफिकेशन सख्या / पैकेज संख्या | पथ का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल नं० |
|---|---|---|---|---|---|---|
| 1 | RWD/KHUNTI/01/ST PKG/08/2023-24 | गनालोया से गुरमी तक पथ का सुदृढ़ीकरण कार्य (लं०–4.350 कि०मी०)। खूँटी चाईबासा मेन रोड से तापिंगसरा तक पथ का सुदृढ़ीकरण कार्य (लं०–3.350 कि०मी०)। अनीगड़ा से चालम पथ का सुदृढ़ीकरण कार्य (लं०–5.500 कि०मी०)। हेसाहातु से तेरम भाया कानकी तक पथ का सुदृढ़ीकरण कार्य (लं०–2.160 कि०मी०)। हुटार से चामड़ी भाया हड़ाम बड़ाम तक पथ का सुदृढ़ीकरण कार्य (लं०–2.900 कि०मी०)। बिचागुटु से रांगरोम भाया बानेयाडीह बीरडीह तारोडीह तक पथ का सुदृढ़ीकरण कार्य (लं०–4.850 कि०मी०)। | 12,13,41,500.00 | बारह करोड़ तेरह लाख इकतालीस हजार पाँच सौ रू० मात्र। | 9 माह। | प्रथम। |

2 वेबसाईट में निविदा प्रकाशन की तिथिः– 01.11.2023।
3 ई–निविदा प्राप्ति की अंतिम तिथि एवं समयः– 14.11.2023 अपराहन 5:00 बजे।
4 निविदा खोलने की तिथि एवं समयः– 16.11.2023 अपराह्न 3:30 बजे
5 निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, खूँटी, पिन–835210।
6 ई– निविदा प्रकोष्ट का दूरभाष सं०ः– 9431170803

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, खूँटी

PR 309614 Rural Work Department (23-24)_D



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**ANGUL INVESTIGATION DIVISION, ANGUL**
Email id:seidangul@gmail.com
**e-Procurement Notice for Building Work in Odisha**
**Bid Identification No. Building Online AGL-01/2023-24**

No.1511// Dt.18.10.23

**No.A-688:**1.Name of the Work: Building works. 2. Total No. of Work: 1 No. 3. Estimated Cost: Rs.51.90 Lakhs Approx. 4. Class of Contractor: 'B' Class. 5. Period of Completion: 6 (Six) Calendar Months. 6. Other details:

| Procurement Officer | Bid Identification No. | Availability of tender On-line for bidding From | To | Last date & time for seeking tender clarification | Date & Time of Opening of Tender: Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Angul Investigation Division,Angul | Building-On-line-AGL-01/2023-24 | 20.10.2023 at 10.00 A.M. | 04.11.2023 upto 5.30 P.M. | 03.11.2023 upto 1.00 P.M. | 06.11.2023 upto 11.00 A.M. | Will be intimated separately |

(1) For detailed Notice inviting Tenders, Please visit to the website www.tendersorissa.gov.in.
OIPR-32515/11/0001/2324 Sd./- Superintending Engineer, Angul Investigation Division,Angul



**ODISHA HYDRO POWER CORPORATION LIMITED**
OHPC
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT: POST:BALIMELA:DIST:MALKANGIRI (ODISHA) PIN:764051
Phones:06861-291058(O)/ 291048(R), <Email:bhep.balimela@gmail.com, unit.head_balimela@yahoo.com>

**TENDER CALL NOTICE NO.17/2023-24, DATED 18.10.2023**

**No.CAD-2514:**Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| SL. No. | Description of Work | Cost of Tender Paper (Non-refundable) in Rs. | EMD in shape of DD/BC (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | HIRING OF 01 (ONE) NUMBER OF MAHINDRA BOLERO VEHICLE WITH SINGLE DRIVER PROVISION FOR FOUR YEARS UNDER BHEP, BALIMELA | Rs.7080/- (Rupees Seven Thousand Eighty) only | Rs.22,300/- | 25.10.2023 To 11.00 Hrs. on 09.11.2023 | 11.00 Hrs. of 09.11.2023 | 12.00 Hrs. of 09.11.2023 |

For details of the tender documents, terms & conditions please visit our website www.ohpcltd.com.
OIPR-04019/11/0022/2324 Sd./- C&P Head, BHEP, Balimela



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-I, MALKANGIRI**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 13/RWD-I, MKG/2023-24 dt.18.10.2023**

**No.O-1331:**01.Name of the work: - Const. of Buildings & Road Repair works (Detailed in Annexure) 02. Total Number of Works:11 (Eleven) Numbers. 03. Estimated Cost:Rs.2.52 lakhs to Rs.36.96 Lakhs. 04. Class of Contractor: "C" & "D" Class. 05. Period of Completion: (As per Detailed in Annexure). 6.Other details

| Procurement Officer | Bid Identification No. | No. of Works | Availability of Tender on-line for bidding From | To | Last date & Time of seeking tender clarification | Date and time of opening of tender (Double Cover) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Malkangiri | Online Tender-13/RWD-I, MKG/2023-24 | Total 11 Nos. | 01.11.2023 from 11.00 A.M. | 14.11.2023 upto 5.00 PM | 13.11.2023 upto 5.00 P.M. | Bid Opening: 15.11.2023 at 11.00 AM |

Further details can be seen from the website www.tendersorissa.gov.in.
Sd./-Sujit Behera
OIPR-25058/11/0017/2324 Superintending Engineer, R.W.Division-I, Malkangiri



**GOVERNMENT OF ODISHA**
**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR**
Unit-IV, Sachivalay Marg, Bhubaneswar-751001, Fax:0674-2394705, E-mail:cerw_bbsr@yahoo.com
Letter No, 32566, Date:17.10.23
**1st Corrigendum**
**Bid Identification No.Online-07/2023-24 (Bridges) invited vide this office letter No. 30036, dated 27.09.2023**

**No.O-1323:**Partial modification has been made to the TCN of Bid Identification No-Online-07/2022-23 (Bridges) invited vide this office letter No.30036, dated 27.09.2023 for the bridges works listed at Sl.No.01,02,03,04 & 05 due to unavoidable circumstances.

| Sl. No. | Item | Time Schedule as per original TCN | Time Schedule as per corrigendum notice |
|---|---|---|---|
| 1 | Availability of Tender online for bidding | 05.10.2023 at 10.00 A.M. to 19.10.2023 upto 5.00 P.M. | 18.10.2023 at 11.00 A.M. to 01.11.2023 upto 5.00 PM. |
| 2 | Date and time of seeking tender clarification if any | 18.10.2023 upto 2.00 P.M. | 31.10.2023 upto 02.00 PM |
| 3 | Date & Time of opening of tender | 20.03.2023 at 11.00 A.M. | 02.11.2023 at 11.00 A.M. |

All other terms and conditions will remain unaltered.
Sd./- Chief Engineer (Buildings & Bridges)
Rural Works, Odisha, Bhubaneswar
OIPR-25123/11/0030/2324



**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar - 751001
Ref. No. OSCB/HRDD/4525/2023-24 Date: 19.10.2023
**EXPRESSION OF INTEREST**

No. LL-53: Sealed Expression of Interest (EOI) are invited from registered and reputed insurance brokers for Group health Insurance of Directors of the odisha State Cooperative Bank, on behalf of the Managing Director, odisha State Cooperative Bank Ltd., Pandit Jawaharlal Nehru Marg, Bhubaneswar - 751001
The detailed list of 20 Nos. of Directors with their dependants can be obtained only from the official website **www.odishascb.com** from 20.10.2023 to 31.10.2023. For any queries, please consult the HRD Department of OSCB in the office hours or through No. 0674-2374194/155.
OIPR-39012/11/0017/2324 Sd./- Managing Director



**ODISHA TOURISM DEVELOPMENT CORPORATION LIMITED**
(A Government of Odisha Undertaking)
Panthanivas (Old Block), Lewis Road, Bhubaneswar - 751014
**SHORT TENDER CALL NOTICE**

No. CAD-2519: Sealed tenders are invited for supply of Grocery items/Vegetable items/Non-Veg items to the Panthanivas Units/Restaurants of OTDC for a period of 1 (One) year. The detailed information can be obtained from respective Panthanivas Units/Restaurants/Office of Divn. Manager (HS) on all working days. The last date of submitting quotation is by 2.00 P.M. on 31.10.2023.
Sd./- Managing Director
O.T.D.C. Ltd.
OIPR-37002/11/0012/2324



**GOVERNMENT OF ODISHA** No. O-1334
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, DHENKANAL, KAMAKHYANAGAR**
E-mail: rw.kamakhyanagar@yahoo.co.in
**e-Procurement Notice No. 08 Building Work / 2023-24**

1. Name of the Work : Building Works
2. Total No. of Works : 28 (Twenty Eight) Nos.
3. Tender Cost : Rs.24.98 to 39.77 lakhs (Approx.)
4. Class of Contractor : "C" & "B" Class
5. Period of Completion : 06 Calendar Months
6. Availability of Tender Online for Bidding : 31.10.2023 at 11.00 A.M. to 08.11.2023 upto 5.00 P.M.
7. Last date & time of seeking tender clarification : 07.11.2023 upto 4.00 P.M.
8. Date & time of opening of Technical Bid : 10.11.2023 at 11.00 A.M.

Other details can be seen from the website http://tendersorissa.gov.in.
Sd./- Executive Engineer
R.W. Division-II, Dhenkanal
Kamakhyanagar
OIPR-25094/11/0010/2324



**INDIRA GANDHI INSTITUTE OF TECHNOLOGY**
SARANG, DHENKANAL, ODISHA - 759146
No. IGIT/Estt/990 Dated: 13.10.2023
**WALK-IN-INTERVIEW**

No. KK-263: Interested candidates having requisite qualifications may attend the Walk-in-Interview along with all the original testimonials with one set of self attested photo copies and one passport photograph as per the programme below for engagement of Part-Time Guest Faculty (PTGF) for the Academic Session 2023-24. This engagement is purely need-based and temporary. The remuneration will be paid as per the rates approved by SD & TE Department Govt. of Odisha.

| Sl. No. | Discipline | Qualification | Date & Time |
|---|---|---|---|
| 1 | PTGF in Math/Physics/ Chemistry & Metallurgical & Materials Engg. | 1st Class M.Sc./ B.E./B.Tech in respective discipline | Dt.02.11.2023 |

- No TA/DA will be paid for attending the interview.
- Authority reserves the right to cancel the interview/candidature without assigning any reason thereof.

Sd./- Director, IGIT, Sarang
OIPR-14091/11/0078/2324



**Government of Odisha** No. O-1329
**e-Procurement Notice**
E.Mail: rw_boudh@yahoo.co.in
Bid Identification No. Online Tender/07/E.E.R.W. BOUDH/2023-24
**NATIONAL COMPETITIVE BIDDING THROUGH e-Procurement**

Name of the Work : Road Works - 3 Nos.
1. Estimated Cost : Rs.47.19 lakhs to 41.24 (Approximately)
2. Period of Completion : 6 Calendar Months
3. Date & time of availability of Bid documents in the portal : From 26.10.2023, 10.00 A.M. to 04.11.2023, 5.00 P.M.
4. Last date/time for receipt of bids in the portal : 04.11.2023 upto 5.00 P.M.
5. Last date/time for seeking of Tender clarification : 03.11.2023 upto 5.00 P.M.
6. Date & Time of Opening of Tender/Bid : 06.11.2023 at 11.00 A.M.
7. Name & address of the Officer Inviting Bid : Executive Engineer, R.W. Division, Boudh

Further details, Corrigendum(s) etc. can be seen from the e-Procurement portal "https://www.tendersorissa.gov.in".
Sd./- Executive Engineer
R.W. Division, Boudh
OIPR-25061/11/0007/2324



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
MAIN DAM DIVISION, BURLA
At/P.O.: Burla, Dist.: Sambalpur (Odisha) - 768017
No.A-686: Government of Orissa
**"e" Procurement Notice No. MDD-e-09/2023-24 (Online)**
Email Id: semaindamdivn@gmail.com
No. 11694 Date: 18.10.2023

1. No. of Work : 1 No.
2. Estimated Cost : Rs.20.00 lakhs
3. Period of Completion : 2 (Two Calendar) Months
4. Date & time of available of bid document in the portal : 01.11.2023 at 10.00 A.M.
5. Last date/time for receipt of bids in the portal : 10.11.2023 upto 05.00 P.M.
6. Date of opening of bid : 13.11.2023 at 11.00 A.M.
7. Name & address of the Officer Inviting Bid : Superintending Engineer, Main Dam Division, Burla At/P.O.: Burla, Dist.: Sambalpur, Odisha

Email : semaindamdivn@gmail.com
Further details, any corrigendum or addendum can be seen from the e-procurement portal http://tendersorissa.gov.in.
Sd./- Superintending Engineer
OIPR-32017/11/0006/2324 Main Dam Division, Burla



**GOVT. OF ODISHA** No.MM-231
**OFFICE OF THE DIVISIONAL FOREST OFFICER, ANGUL DIVISION, ANGUL**
e-Procurement Notice ANGUL FOREST DIVISION
Bid Identification No.-05 of 2023-24
e-mail ID- dfoangul@gmail.com

1. Number of Works : 06 (Six) Number of Works
2. Approximate estimated Cost : 7.26 to 17.53 lakhs
3. Period of Completion : 03 (Three) Calendar Months
4. Date & Time of availability of bid document in the portal : Dt.18.10.2023 at 10.00 A.M.
5. Last Date/Time for receipt of bid in the portal : Dt.02.11.2023 upto 5.00 P.M.
6. Date of Opening Bid : Dt.04.11.2023 at 11.00 A.M.
7. Name and address of the Office Inviting Bid : Divisional Forest Officer Angul Division, Angul
8. The Bidders have to participate in ONLINE bidding only.

Further details can be seen from the e-Procurement portal https://tendersodisha.gov.in.
Sd./-Divisional Forest Officer
Angul Division, Angul
OIPR-08027/11/0013/2324



**ODISHA HYDRO POWER CORPORATION LTD.**
OHPC
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING
VANIVIHAR CHOUK, JANPATH, BHOINAGAR, BHUBANESWAR-751022
Tel:91-0674-2542983, 2542802, 2545526, Fax:2542102, e-mail:ohpc.co@gmail.com
CIN: U40101OR1995SGC003963
No.OHPC:TECH:C&P:18/2023-24/ 9690 Dated 18.10.2023
**NOTICE INVITING TENDER No.19/2023-24**

**No.CAD-2498:**Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Reputed Firms/Printers having minimum 03 (three) years' experience of printing of Diaries for PSUs/Govt. Departments for the work as mentioned below.

| Description of Services | Cost of Tender Paper (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|
| Designing, Printing & Supply of OHPC Diary-2024 | 4720.00 (Rs.4000.00+ GST @ 18%) | 9,000.00 |

For details of the tender documents, terms and conditions please visit our website **www.ohpcltd.com from dt.25.10.2023**
OIPR-04012/11/0022/2324 C & P Head

**ମେଟ୍ରୋ ପ୍ରକଳ୍ପ ପାଇଁ ଡିପିଆର୍, ବିଜ୍ଞାପନରେ ଅଟକିଯାଇଛନ୍ତି ସରକାର: ଭାଜପା**

ଭୁବନେଶ୍ୱର, (ସୁନିତ୍ ମିଶ୍ର): ଦେଶର ୨୨ ସହର ମେଟ୍ରୋ ରେଳ ସୁବିଧା ପାଇସାରିଲା ପରେ ଏବେ ରାଜ୍ୟ ସରକାରଙ୍କର ମେଟ୍ରୋ କଥା ମନେପଡ଼ିଛି। ଆଉ ଓଡ଼ିଶା ସରକାର ଡିପିଆର୍, ବିଜ୍ଞାପନରେ ଅଟକି ଯାଇଛନ୍ତି ବୋଲି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ତିତୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାଜପା ନେତାଙ୍କୁ ନୀତୀଶଙ୍କ ପ୍ରଶଂସା

ପାଟନା,୧୯।୧୦

ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ଗୁରୁବାର ଏକ କାର୍ଯ୍ୟକ୍ରମରେ ଭାଜପା ନେତାମାନଙ୍କୁ ପ୍ରଶଂସା କରିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସେ ବଞ୍ଚିଥିବା ପର୍ଯ୍ୟନ୍ତ ଭାଜପା ନେତାମାନଙ୍କ ସହ ବନ୍ଧୁତା ଓ ସମ୍ପର୍କ ଜାରି ରହିବ ବୋଲି ନୀତୀଶ କହିଥିଲେ। ଉକ୍ତ ସଭାରେ ନରେନ୍ଦ୍ର ମୋଦି ସରକାରଙ୍କୁ ବିହାର ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାକୁ ନେଇ ରାଜନୈତିକ ମହଲରେ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ପୂର୍ବତନ ସହଯୋଗୀ ତଥା ବର୍ତ୍ତମାନର ବିରୋଧୀ ଭାଜପା ପ୍ରତି ନୀତୀଶ ପୁଣିଥରେ ଆକର୍ଷିତ ହେଉଥିବା ଚର୍ଚ୍ଚା ହେଉଛି। ମୋତିହାରିସ୍ଥିତ ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ନୀତୀଶ କହିଥିଲେ, ଆମେ ସମସ୍ତେ ବନ୍ଧୁ। ଆମ ଭିତରେ ମତ ପାର୍ଥକ୍ୟ ରହିଛି, ଅର୍ଥ ନୁହେଁ ଆମର ବନ୍ଧୁତ୍ୱ ତୁଟିଯାଇଛି। ଜୀବନ ଥିବା ପର୍ଯ୍ୟନ୍ତ ସେମାନେ ମୋ ସହ ଯୋଡ଼ିହୋଇରହିବେ ଓ ଆମେ ଏକାଠି କାମ କରିବୁ। ଉକ୍ତ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଏବଂ ଭାଜପା ଏମ୍‌ପି ରାଧାମୋହନ ସିଂ ଉପସ୍ଥିତ ଥିଲେ। ଭାଜପା ବିରୋଧରେ ଇଣ୍ଡିଆ ମେଣ୍ଟରେ ବିରୋଧୀ ଦଳଗୁଡ଼ିକୁ ଏକାଠି କରାଇବା ଲାଗି ଉଦ୍ୟମର ନେତୃତ୍ୱ ନେଉଥିବା ନୀତୀଶ ମୋତିହାରିରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ଲାଗି କେନ୍ଦ୍ର ସରକାରଙ୍କୁ ଶ୍ରେୟ ଦେଇଥିଲେ। କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ସମୟରେ ସେ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଏହାକୁ ଉକ୍ତ ସରକାର କାର୍ଯ୍ୟକାରୀ କରି ନ ଥିଲା ବୋଲି କହି ନୀତୀଶ ସମାଲୋଚନା କରିଥିଲେ।


ନୀତୀଶ କୁମାର

# ତେଲଙ୍ଗାନାରେ ଜାତି ଜନଗଣନା କରାଯିବ: ରାହୁଲ


ତେଲଙ୍ଗାନାରେ କଂଗ୍ରେସର 'ବିଜୟଭେରି ଯାତ୍ରା' ଅବସରରେ ଏକ ପଥପ୍ରାନ୍ତ ସଭାକୁ ଉଦ୍‌ବୋଧନ ଦେଉଛନ୍ତି ରାହୁଲ ଗାନ୍ଧୀ।

ନୂଆଦିଲ୍ଲୀ,୧୯।୧୦

ତେଲଙ୍ଗାନାରେ କଂଗ୍ରେସ କ୍ଷମତାକୁ ଆସିଲେ ଜାତି ଜନଗଣନା କରାଯିବ ବୋଲି ଦଳର ନେତା ରାହୁଲ ଗାନ୍ଧୀ ଗୁରୁବାର ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେଲଙ୍ଗାନା ବିଧାନସଭା ନିର୍ବାଚନ ନଭେମ୍ବର ୩୦ରେ ଅନୁଷ୍ଠିତ ହେବାକୁ ଯାଉଛି। ଦଳର 'ବିଜୟଭେରି ଯାତ୍ରା'ରେ ଭୁପଲପାଲିରୁ ପେଡ୍ଡାପାଲ୍ଲି ଯିବା ବାଟରେ ଏକ ପଥପ୍ରାନ୍ତ ସଭାକୁ ଉଦ୍‌ବୋଧନ ଦେଇ ରାହୁଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଜାତି ଜନଗଣନା ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି। ଜାତି ଜନଗଣନା ଦେଶ ଆଗରେ ଏକ ବଡ଼ ପ୍ରସଙ୍ଗ। ଦଳିତ, ଆଦିବାସୀ, ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିକୁ ଲୋକଲୋଚନକୁ ଆଣିବା ଲାଗି ଜାତିଗତ ସର୍ଭେ ଏକ୍ସ-ରେ ସଦୃଶ ବୋଲି ସେ କହିଛନ୍ତି। ଦେଶର ପାଣ୍ଠି କିପରି ବିନିଯୋଗ ହେବ, ତାହା ଏଥିରୁ ନିର୍ଦ୍ଧାରଣ କରାଯିବ। ମୋଦି ଏବଂ କେସିଆର କେବେ ଜାତି ଜନଗଣନା କରିବେ ବୋଲଇ ଜନସାଧାରଣ ପ୍ରଶ୍ନ ପଚାରିବାକୁ କଂଗ୍ରେସ ନେତା ଆହ୍ୱାନ ଦେଇଛନ୍ତି। କଂଗ୍ରେସ ଶାସିତ ରାଜ୍ୟ ଛତିଶଗଡ଼, ରାଜସ୍ଥାନ ଏବଂ କର୍ଣ୍ଣାଟକରେ ଜାତି ଜନଗଣନା ପାଇଁ କୁହାଯାଇଛି। ତେଲଙ୍ଗାନାରେ କଂଗ୍ରେସ କ୍ଷମତାକୁ ଆସିଲେ ଜାତି ଜନଗଣନା ଏହି ସରକାରର ପ୍ରଥମ କାର୍ଯ୍ୟ ହେବ ବୋଲି ରାହୁଲ କହିଛନ୍ତି।

# ଜେଡିଏସ୍ ରାଜ୍ୟ ସଭାପତି ପଦରୁ ଇବ୍ରାହିମ୍ ବିଦା

**ବେଙ୍ଗାଲୁରୁ,୧୯।୧୦:** ଜେଡିଏସ୍‌ର କର୍ଣାଟକ ରାଜ୍ୟ ସଭାପତି ପଦରୁ ସିଏମ୍ ଇବ୍ରାହିମ୍‌ଙ୍କୁ ଗୁରୁବାର ହଟାଇ ଦିଆଯାଇଛି। ଏନେଇ ଦଳ ମୁଖ୍ୟ ଏଚ୍‌ଡି ଦେବେଗୌଡା କହିଛନ୍ତି, ଦଳର ସମ୍ବିଧାନ ଅନୁଯାୟୀ ଆମେ ଇବ୍ରାହିମଙ୍କୁ ହଟାଉଛୁ। ଅପରପକ୍ଷେ ଦେବେଗୌଡାଙ୍କ ପୁଅ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀଙ୍କୁ ଦଳର କାର୍ଯ୍ୟକାରୀ ପ୍ରଦେଶ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ସୂଚନାଯୋଗ୍ୟ, ନିକଟରେ ଇବ୍ରାହିମ୍ କହିଥିଲେ, ଆମେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସହ ମେଣ୍ଟକୁ ଗ୍ରହଣ କରୁନାହୁଁ। ଏନେଇ ସେ ଦଳର କେତେକ ନେତାଙ୍କ ସହ ବୈଠକ କରିଥିଲେ। ଏହା ପରେ ସେ ଘୋଷଣା କରିଥିଲେ ଯେ, ତାଙ୍କ ସହିତ ଥିବା ନେତା ପ୍ରକୃତ ଜେଡିଏସ୍। ଆଉ ଆମେ ଦଳର ମୁଖ୍ୟ ଏଚ୍‌ଡି ଦେବେଗୌଡାଙ୍କୁ ଭାଜପା ସହ ନ ଯିବାକୁ କହିବୁ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept., Govt. of Odisha
**GNM** Duration : 3 Year, Eligibility : +2 Pass (Any Stream) 40% Mark
**ANM** Duration : 2 Year, Eligibility : +2 Pass (Any Stream)
**DMRT / DMLT** Duration : 2 Year, Eligibility : +2 Science
**CBCA** Certified Blood Collection Assistant Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**ଦୁର୍ଗା ପୂଜା ଧମାକା**
ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797
7618668625

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ଚାହୁଁଛି, ହେଲେ ପଦ ମୋତେ ଛାଡୁନାହିଁ: ଗେହଲଟ୍

ନୂଆଦିଲ୍ଲୀ,୧୯।୧୦

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଦେବାକୁ ଚାହୁଁଥିଲେ ମଧ୍ୟ ପଦବୀ ମୋତେ ଛାଡୁନାହିଁ ଏବଂ ଭବିଷ୍ୟତରେ ସମ୍ଭବତଃ ଛାଡ଼ି ନ ପାରେ ବୋଲି ଅଶୋକ ଗେହଲଟ୍ ଗୁରୁବାର କହିଛନ୍ତି। ତେବେ ତାଙ୍କଠାରେ ଏପରି କିଛି ରହିଛି, ଯେଉଁଥିପାଇଁ ଦଳ ହାଇକମାଣ୍ଡ ତାଙ୍କୁ ରାଜ୍ୟରେ ତୃତୀୟ ଥର ପାଇଁ ନେତୃତ୍ୱ ନେବା ନିମନ୍ତେ ବାଛିଛନ୍ତି। ଦଳର ନେତୃତ୍ୱ ଯେକୌଣସି ନିଷ୍ପତ୍ତି ନେବେ, ତାହା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେବ ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୨୦ରେ ବରିଷ୍ଠ କଂଗ୍ରେସ ନେତାଙ୍କ ନେତୃତ୍ୱରେ ତାଙ୍କର ଅନୁଗତ ବିଧାୟକମାନେ ଗେହଲଟ୍ ଓ ତାଙ୍କ ସରକାରଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ଗେହଲଟ୍ 'କ୍ଷମା କର ଓ ଭୁଲିଯାଅ' ନୀତି ଆପଣାଇ ଆଗେଇ ଚାଲିଥିବା କହିଛନ୍ତି। ଏଆଇସିସି ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ରାଜସ୍ଥାନ ମୁଖ୍ୟମନ୍ତ୍ରୀ କହିଥିଲେ।

ବିରୋଧୀ ନେତାମାନଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଆୟକର ବିଭାଗ ପକ୍ଷରୁ କରାଯାଉଥିବା କାର୍ଯ୍ୟାନୁଷ୍ଠାନକୁ ଗେହଲଟ୍ ନିନ୍ଦା କରିଛନ୍ତି। ରାଜ୍ୟରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଚଢ଼ାଉ ତୁରନ୍ତ ବନ୍ଦ କରିବା ଲାଗି ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବାକୁ ସେ ଦାବି କରିଛନ୍ତି। ୫ ରାଜ୍ୟରେ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇସାରିଥିବାରୁ ନିର୍ବାଚନ କମିଶନ ମଧ୍ୟ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଗେହଲଟ୍ ଅନୁରୋଧ କରିଛନ୍ତି। କଂଗ୍ରେସରେ ଟିକେଟ ବଣ୍ଟନକୁ ନେଇ କୌଣସି ମତଭେଦ ରହିଛି ବୋଲି ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କୌଣସି ମତପାର୍ଥକ୍ୟ ନାହିଁ, ସବୁକିଛି ସହମତିରେ ନିଷ୍ପତ୍ତି ନିଆଯାଉଛି।

# ଅନୁସୂଚିତ ବର୍ଗ ଲୋକଙ୍କ ସମସ୍ୟା ସମାଧାନ ପାଇଁ ସରକାର ଆଗ୍ରହୀ ନୁହନ୍ତି: ଜୁଏଲ

ଭୁବନେଶ୍ୱର, ୧୯।୧୦(ସୁନିତ୍ ମିଶ୍ର)

ଓଡ଼ିଶା ସମୁଦାୟ ଜନସଂଖ୍ୟାରୁ ଅନୁସୂଚିତ ଜାତି ବର୍ଗଙ୍କ ସଂଖ୍ୟା ପ୍ରାୟ ୨୦% ହେବ। ହେଲେ ଅନୁସୂଚିତ ଜାତି ବର୍ଗଙ୍କୁ ଶିକ୍ଷା, ନିଯୁକ୍ତି ଓ ରାଜନୈତିକ ଆଦି କୌଣସି ଗୋଟିଏ କ୍ଷେତ୍ରରେ ସଂରକ୍ଷଣର ଶତପ୍ରତିଶତ ସୁବିଧା ସୁଯୋଗ ଦିଆଯାଇନାହିଁ । ରାଜ୍ୟରେ ଅନୁସୂଚିତ ଜାତି ବର୍ଗର ବିକାଶ ଓ ସମସ୍ୟା ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କ ଏସ୍‌ସି ଆଡଭାଇଜରି କମିଟି ବୈଠକ ମଧ୍ୟ ଆଦୌ ବସୁନାହିଁ। ଦୀର୍ଘଦିନ ଧରି ରାଜ୍ୟରେ ଅନୁସୂଚିତ ବର୍ଗର ଲୋକଙ୍କ ସମସ୍ୟା ସମାଧାନ ଓ ବିକାଶ ପାଇଁ ରାଜ୍ୟ ସରକାର ଆଦୌ ଆଗ୍ରହୀ ନୁହନ୍ତି। ସେହିପରି ଅନୁସୂଚିତ ଛାତ୍ରବୃତ୍ତି ପ୍ରଦାନରେ ରାଜ୍ୟ ସରକାର ବହୁ ବିଳମ୍ବ କରୁଛନ୍ତି ବୋଲି ଭାଜପା ଏମ୍‌ପି ଜୁଏଲ ଓରାମ କହିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସଭାପତି ବିଭୁପ୍ରସାଦ ତରାଇଙ୍କ ସଭାପତିତ୍ୱରେ ରାଜ୍ୟ ପଦାଧିକାରୀ, ଜିଲା ପ୍ରଭାରୀ ଓ ଜିଲା ସଭାପତିମାନଙ୍କୁ ନେଇ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ଜୁଏଲ ଯୋଗଦେଇ ବିସ୍ତୃତଭାବେ ଅନୁସୂଚିତ ଜାତି ମୋର୍ଚ୍ଚାର ସାଙ୍ଗଠନିକ ଏବଂ ଅନୁସୂଚିତ ଜାତି ମୋର୍ଚ୍ଚାର ନ୍ୟାଯ୍ୟ ଅଧିକାର ଉପରେ ଆଲୋଚନା କରିଥିଲେ।

# ନିର୍ଦ୍ଧାରିତ ମୂଲ୍ୟରୁ ଅଧିକ ଟଙ୍କାର ଟେଣ୍ଡର କରି ଲୁଟ୍ ଚାଲିଛି: କଂଗ୍ରେସ

ଭୁବନେଶ୍ୱର, ୧୯।୧୦(ସୁନିତ୍ ମିଶ୍ର)

ରାଜଧାନୀ ସ୍ଥିତ ନିର୍ମାଣ ସୌଧଠାରେ ଅବସ୍ଥିତ ଆର୍ ଆଣ୍ଡ ବି(ସିଭିଲ)ର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ କଂଗ୍ରେସ ନେତା ମାନସ ରଞ୍ଜନ ଚୌଧୁରୀଙ୍କ ନେତୃତ୍ୱରେ ଗୁରୁବାର ଘେରାଉ କରାଯାଇଥିଲା। ବରଗଡ଼ ଜିଲା ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ଟେଣ୍ଡର କରାଯାଇ ରାଜ୍ୟ ରାଜକୋଷ ଅର୍ଥକୁ ସରକାର ଲୁଟ୍ କରୁଥିବା ଅଭିଯୋଗ ଆଣି କଂଗ୍ରେସ ଏହି ଘେରାଉ କରିଛି। ତେବେ ଏହି ଦୁର୍ନୀତିରେ ଆର୍ ଆଣ୍ଡ ବି (ସିଭିଲ) ବିଭାଗର ଜଣେ ବରିଷ୍ଠ ଅଧିକାରୀ ମୁଖ୍ୟ ଭୂମିକା ତୁଲାଉଥିବା କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଆହୁରି କହିଛି, ସେହି ଅଫିସରଙ୍କ ନିର୍ଦ୍ଦେଶରେ ଟେଣ୍ଡର ଫିକ୍ସିଂ ହେଉଛି। ତାଙ୍କ ତତ୍ତ୍ୱାବଧାନରେ ବରଗଡ଼ ଜିଲାରେ ଅଧିକ ମୂଲ୍ୟର ଟେଣ୍ଡର କରାଯାଇ ସରକାରୀ ଅର୍ଥକୁ ହରିଲୁଟ କରାଯାଉଛି। ନିର୍ବାଚନ ଖର୍ଚ୍ଚ ପାଇଁ ଏଭଳି ଅସାଧୁ ଉପାୟ ଅବଲମ୍ବନ କରାଯାଉଛି। ଯଦି ଏହି ଦୁର୍ନୀତିରେ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହୁଏ ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି କଂଗ୍ରେସ ଚେତାବନୀ ଦେଇଛି।


# Classified Everyday 0674-2580101, 2549949


REAL ESTATE

## SALE

ଘରବାରି ପଟ୍ଟା Plots, Resale Hotel / house at Puri Town, ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। 7008067338, 9090746445. D-75242

Readymade 3 BHK Duplex with land 1530 sqft. for sale @ 65 Lakhs onwards near Pahala (Jagannathpur). Contact: 9348838338. D-1601

ଗଙ୍ଗପଡ଼ା ଛକରୁ 400 Mtr. 1350/-, Retanga Railway Station ପୂର୍ବରୁ 1250/-. 8658864750. D-75241

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

Twincity ମଧ୍ୟଭାଗରେ Grand Bazar, (Nakhara NH-16) ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି plot ସୁଲଭ ମୂଲ୍ୟରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249310759. D-75238

ପୁରୀ ସାତଶଙ୍ଖରେ 34000 sqft ଫାର୍ମହାଉସ 40ଟି ନଡ଼ିଆଗଛ, ମାଛପୋଖରୀ ଥାଇ ତୁରନ୍ତ ବିକ୍ରିହେବ- 7008833643. D-75245

Commercial plot suitable for Health Clinic or any Other Business purpose 3 sides road facing to NH Nakhara to Niali road frontage 60 foot facing to south 10000sft. 8 k.m. from Nakhara. 8249851363. D-75049

ଭୁବନେଶ୍ୱର ମୌଜା କଣ୍ଟିଲୋ ବ୍ରହ୍ମକୁଣ୍ଡଳରେ, 30' road, ଘରବାରି Boundary, ଥାଇ ପ୍ଲଟ୍‌ମିଳୁଛି- 9348884684. D-75244

Plot sale near AIIMS Hospital, Bhubaneswar. Contact : 9777433701. D-75240

ଘରବାରି ବାସୋଉପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। 9439924161. D-75236

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

Flat for sale 3BHK at Bijunagar, Patia Rs.90lakhs. M: 9827769868, Phone No.- 06743513969. D-71065

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - 9437205314, 9937513595. D-75243

Bhubaneswar/ Nakhara/ Pahala ଛକ ପାଖରେ ଘରବାରି ବାସୋପଯୋଗୀ ପ୍ଲଟ୍ free boundary, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘରକରି ପାରିବେ। 9178704897. D-75247

## PURCHASE

ଭୁବନେଶ୍ୱରରେ ଘର କଲା ଭଳି କିସମ- ଘରବାରି yellow zone ଥାଇ ପିଚୁ ରାସ୍ତାକୁ ଲାଗି ଜାଗା ଆବଶ୍ୟକ ଅଛି। 9799798009ରେ Whatsapp କରନ୍ତୁ। D-74589




Spa Kerala body Massage only best Therapist @699/- Bhubaneswar. 9337672475. D-1602

Full body relax massage refresh your body with trend therapist. 9827090587. D-1580

Asribada Panchakarma herbal SPA Kesharimall, Bhubaneswar. Contact : 8926173473. D-75051

Newly open health benefits Spa special offer @ 999. Contact: 7749034655. D- 75157

Full body massage by expert therapist positively health benefits. 9938843929. D-75159

Relax, Refresh your body, Mind at Saikrupa Spa with best therapies. 8984068077. D-1502

## LOST

ମୁଁ ଶ୍ରୀ ସୁକାନ୍ତ କୁମାର ପରିଡା, ପିତା-ତ୍ରିନାଥ ପରିଡା, (ଗ୍ରାମ)/ (ପୋଷ୍ଟ)/(ପୋଲିସ)- ବେଷ୍ଟପୁର, କଟକପଡା, ଜିଲ୍ଲା- ପୁରୀ, ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଛି ଯେ ମୋର ଗୋଟିଏ କବଲା ନଂ- ୧୧୪୮୧୧୦୭୨୭୦ ଏବଂ ଗୋଟିଏ ପଟ୍ଟା ଖାତା ନଂ- ୧୦୨/ ୨୭୪ ଏ.୦.୧୨ ଡିସିମିଲ, ମୌଜା- କଟକପଡା, ତା- ୧୨.୧୦.୨୦୨୩ ଦିନ ମୋର କୌଣସି ଅସାବଧାନ ଯୋଗୁ ସବ୍‌ରେଜିଷ୍ଟ୍ରର ଅଫିସରେ ଓରିଜିନାଲ ପଟ୍ଟା ଓ କବଲା ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି, ଉକ୍ତ କବଲା ଏବଂ ପଟ୍ଟାକୁ ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ କରୁଛି।
ଓକିଲ- ଦିପକ କୁମାର ସାହୁ, ମୋ- ୬୭୩୭୦୫୮୭୮୫ D-1614

Notice is hereby given from Sri Jayanarayan Mohapatra that at present, I have lost the original ROR No. 521/2866 which was kept in my handbag while going to Court from my residence at Puri on dt 15.10.2023 and despite my best efforts, failed to trace the same. Therefore, if anybody has found the same, please contact with my Mobile Number: 9438320540. D-1616

## AFFIDAVIT

I, Vinod Bhura, S/o- Late Shantilal Bhura, resident of Block-A, Flat No- 163, Pahal, Utkal Heights, NH-16, Pahal, Bhubaneswar, Bhubanpur, Khorda, Odisha- 752101 declare by this affidavit No- C.F-13, Date.- 21.07.2023 that now onwards I shall be known as VINOD KUMAR BHURA for all future purposes. D-1615

By an affidavit before Notary Public, Rayagada, I have changed my name from IPPILI SUSHMA to IPPILI PRABHAVATHI for purposes. D-1613

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଗୌତମ ପ୍ରସାଦ ପଣ୍ଡା
ଆବିର୍ଭାବ: ୨୦।୦୭।୧୯୭୫
ତିରୋଧାନ: ୧୩।୧୦।୧୯୯୧
(ଆଶ୍ୱିନ ଶୁକ୍ଳ ଷଷ୍ଠୀ ତିଥି)
ଆଜି ୩୨ତମ ଶ୍ରାଦ୍ଧବାର୍ଷିକ ଅବସରରେ ତୋର ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।
:ଶୋକସନ୍ତପ୍ତ:
ମାତା: ଲଳିତା ପଣ୍ଡା, ନନା: ସିଦ୍ଧାର୍ଥ କୁମାର ପଣ୍ଡା, ଭାଉଜ: ଶାନ୍ତିଲତା ପତି, ଭାଇ: ମିଟୁ, ଲୁଲୁ, ବାବୁଲି ଓ ଟୁଲୁ, ଭାଇବୋହୂ: ସିଲା, ଟିନା, ଟୋପା, ସିଲୁ, ଭଉଣୀ: ଲିଲି ଓ ମାମି, ଭିଣୋଇ: ଜୟଦୀପ ମିଶ୍ର ଓ ଲକ୍ଷ୍ମୀନାରାୟଣ ମିଶ୍ର ଏବଂ ବନ୍ଧୁବର୍ଗ।
ଧ-୧୬୦୮

**ତୃତୀୟ ଶ୍ରାଦ୍ଧବାର୍ଷିକୀ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅଚ୍ୟୁତାନନ୍ଦ ସାହୁ
ତିରୋଧାନ : ୨୨.୦୯.୨୦୨୦
ଜନ୍ମସ୍ଥାନ: ଗାଡ଼କଣ, ବାସସ୍ଥାନ: ଇଞ୍ଚଣା
ଚାହିଁ ଚାହିଁ ତିନିବର୍ଷ ବିତିଗଲା, ତୁମେ ସର୍ବଦା ମନେପଡୁଛ। ଯେଉଁଠି ଥାଅ, ଯେପରି ଥାଅ ଭଲରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଏବଂ ପରୋପକାରିତା ସର୍ବଦା ଆମ୍ଭମାନଙ୍କ ପାଇଁ ଅତୁଟ ହୋଇ ରହିବ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ : ସାହୁ ପରିବାର ଓ ବନ୍ଧୁବର୍ଗ।
ଧ-୭୫୨୪୬

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





ପୁଣେର ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଗୁରୁବାର ବାଂଲାଦେଶ ବିପକ୍ଷ ମ୍ୟାଚ ଉପଭୋଗ ଅବସରରେ ଉଲ୍ଲସିତ ଭାରତୀୟ ଦର୍ଶକ।



ଉଇକେଟ ନେବାପରେ ସାଥୀ ଖେଳାଳିଙ୍କ ସହ ଖୁସି ମନାଉଛନ୍ତି ଯଶପ୍ରୀତ୍ ବୁମ୍ରା।

# ଆହତ ହୋଇ ପଡ଼ିଆ ଛାଡ଼ିଲେ ପାଣ୍ଡ୍ୟା



ହାର୍ଦ୍ଦିକ ପାଣ୍ଡ୍ୟା

**ପୁଣେ,୧୯।୧୦(ପି.ଟି.)**

ଭାରତୀୟ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆହତ ହୋଇ ପଡିଆ ଛାଡିଛନ୍ତି। ପୁଣେରେ ଖେଳା ଯାଇଥିବା ବାଂଲାଦେଶ ବିପକ୍ଷ ମ୍ୟାଚରେ ବୋଲିଂ କରୁଥିବା ସମୟରେ ସେ ଆହତ ହୋଇଥିଲେ। ମ୍ୟାଚ୍‌ର ନବମ ଓଭର ବୋଲିଂ କରିବାକୁ ଆସିଥିବା ପାଣ୍ଡ୍ୟା ବୋଲିଂ ଫଲୋ ଥ୍ରୁରେ ବଲ୍ ରୋକିବାକୁ ପ୍ରୟାସ କରିଥିବା ବେଳେ ତାଙ୍କ ଗୋଇଠି ମୋଡି ହୋଇ ଯାଇଥିଲା। ଓଭରର ତୃତୀୟ ବଲରେ ଲିଟନ୍ ଦାସ ଏକ ଷ୍ଟ୍ରେଟ୍ ଡ୍ରାଇଭ୍ ମାରିଥିବା ବେଳେ ଏହାକୁ ଅଟକାଇବାକୁ ଚେଷ୍ଟା କରିଥିଲେ ପାଣ୍ଡ୍ୟା। ବଲ୍ ରୋକିପାରି ନ ଥିବା ବେଳେ ଗୋଡ ଘୋଷାଡି ହୋଇ ଯାଇଥିଲା। ପାଣ୍ଡ୍ୟା ଛିଡା ହେବାକୁ ଅସମର୍ଥ ଥିବାବେଳେ ବିରାଟ କୋହଲି ଆଉ ୩ଟି ବଲ୍ ପକାଇ ଓଭର ସମାପ୍ତ କରିଥିଲେ। ସୂର୍ଯ୍ୟକୁମାର ଯାଦବ ସବ୍‌ଷ୍ଟିଚ୍ୟୁଟ୍ ଫିଲ୍ଡର ଭାବରେ ପଡିଆକୁ ଆସିଥିଲେ। ବିସିସିଆଇ ମେଡିକାଲ ଟିମ୍ ହାର୍ଦ୍ଦିକଙ୍କ ଯତ୍ନ ନେଉଥିବା ବେଳେ ସ୍କାନ ପରେ ରିପୋର୍ଟ ଆସିବ ବୋଲି ଜଣାପଡିଛି। ବିଶ୍ୱକପରେ କୋହଲିଙ୍କର ଏହା ଚତୁର୍ଥ ଓଭର। ପୂର୍ବରୁ ୨୦୧୧ କ୍ରିକେଟ ବିଶ୍ୱକପର କ୍ୱାର୍ଟର ଫାଇନାଲ ଓ ଫାଇନାଲରେ ସେ ଗୋଟିଏ ଲେଖାଏ ଓଭର ବୋଲିଂ କରିଥିଲେ। ଏହା ବ୍ୟତୀତ ୨୦୧୫ ଅଷ୍ଟ୍ରେଲିଆ ବିପକ୍ଷ ସେମି ଫାଇନାଲରେ ମଧ୍ୟ ୧ ଓଭର ବୋଲିଂ କରିଥିଲେ।

## ଭାରତ-ବାଂଲାଦେଶ ସ୍କୋର ବୋର୍ଡ

**ବାଂଲାଦେଶ ଇନିଂସ**

ତାନଜିଦ୍ ହସନ- ଏଲବିଡବ୍ଲ୍ୟୁ- କୁଲଦୀପ-୫୧
ଲିଟନ ଦାସ-କ-ଗିଲ୍-ବୋ-ଜାଡେଜା-୬୬
ନାଜମୁଲ ହୋସେନ ଶାନ୍ତୋ-ଏଲ୍‌ବିଡବ୍ଲ୍ୟୁ-ଜାଡେଜା-୮
ମେହିଦି ହସନ ମିରାଜ-କ-ରାହୁଲ-ବୋ-ସିରାଜ-୩
ତୋହିଦ ହ୍ରିଦୟ-କ-ଗିଲ୍-ବୋ-ଠାକୁର-୧୬
ମୁସ୍‌ଫିକର ରହିମ-କ-ଜାଡେଜା-ବୋ-ବୁମ୍‌ରା-୩୮
ମହମୁଦୁଲ୍ଲା-ବୋ-ବୁମ୍‌ରା-୪୬
ନାସୁମ ଅହମଦ-କ-ରାହୁଲ-ବୋ-ସିରାଜ-୧୪
ମୁସ୍ତାଫିଜୁର ରହମନ-ନଟଆଉଟ-୧
ଶୋରିଫୁଲ୍ ଇସ୍‌ଲାମ-ନଟଆଉଟ-୭
ଅତିରିକ୍ତ-୬
**ମୋଟ:** (୫୦ ଓଭର/୮ ଉଇକେଟ) ୨୫୬ ରନ।
**ଉଇକେଟ ପତନ:** ୧/୯୩, ୨/୧୧୦, ୩/୧୨୯, ୪/୧୩୭, ୫/୧୭୯, ୬/୨୦୧, ୭/୨୩୩, ୮/୨୪୮।

**ବୋଲିଂ (ଭାରତ)**

ଯଶପ୍ରୀତ ବୁମ୍‌ରା ୧୦-୧-୪୧-୨
ମହମଦ ସିରାଜ ୧୦-୦-୬୦-୨
ହାର୍ଦ୍ଦିକ ପାଣ୍ଡ୍ୟା ୦.୩-୦-୮-୦
ବିରାଟ କୋହଲି ୦.୩-୦-୨-୦
ଶାର୍ଦ୍ଦୁଳ ଠାକୁର ୯-୦-୫୯-୧
କୁଲ୍‌ଦୀପ ଯାଦବ ୧୦-୦-୪୭-୧
ରବୀନ୍ଦ୍ର ଜାଡେଜା ୧୦-୦-୩୮-୨।

**ଭାରତ ଇନିଂସ**

ରୋହିତ ଶର୍ମା-କ-ତୋହିଦ ହ୍ରିଦୟ-ବୋ-ହସନ ମହମୁଦ-୪୮
ଶୁବମନ ଗିଲ୍-କ-ମହମୁଦୁଲ୍ଲା-ବୋ-ମେହିଦି ହସନ-୫୩
ବିରାଟ କୋହଲି-ନଟ ଆଉଟ-୧୦୩
ଶ୍ରେୟସ ଆୟର-କ- ମହମୁଦୁଲ୍ଲା-ବୋ-ମେହିଦି ହସନ ମିରାଜ-୧୯
କେ.ଏଲ୍. ରାହୁଲ- ନଟ ଆଉଟ-୩୪
ଅତିରିକ୍ତ:-୪
**ମୋଟ:** (୪୧.୩ ଓଭର/୩ ଉଇକେଟ) ୨୬୧ ରନ।
**ଉଇକେଟ ପତନ:** ୧/୮୮, ୨/୧୩୨, ୩/୧୭୮।

**ବୋଲିଂ (ବାଂଲାଦେଶ)**

ଶୋରିଫୁଲ୍ ଇସ୍‌ଲାମ ୮-୦-୫୪-୦
ମୁସ୍ତାଫିଜୁର ରହମନ ୫-୦-୨୯-୦
ନାସୁମ ଅହମଦ ୯.୩-୦-୬୦-୦
ହସନ ମହମୁଦ ୮-୦-୬୫-୧
ମେହିଦି ହସନ ମିରାଜ ୧୦-୦-୪୭-୨
ମହମୁଦୁଲ୍ଲା ୧-୦-୬-୦।

# ବ୍ୟାଟିଂ, ବୋଲିଂରେ ଉନ୍ନତି ଲକ୍ଷ୍ୟ

**ବେଙ୍ଗାଲୁରୁ,୧୯।୧୦(ପି.ଟି.)**

ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବିଶ୍ୱକପ୍‌ର ୧୮ତମ ମ୍ୟାଚ୍‌ରେ ଶୁକ୍ରବାର ପରସ୍ପରକୁ ଭେଟିବେ ପାକିସ୍ତାନ ଓ ଅଷ୍ଟ୍ରେଲିଆ। ଉଭୟ ଦଳ ଏହି ମ୍ୟାଚ୍‌ରେ ନିଜର ବ୍ୟାଟିଂ ଓ ବୋଲିଂରେ ଉନ୍ନତି ଆଣିବାକୁ ଚେଷ୍ଟା କରିବେ। ଅଷ୍ଟ୍ରେଲିଆ ଦୁଇଟି ପରାଜୟ ପରେ ବିଜୟ ଧାରାକୁ ଫେରିଥିବା ବେଳେ ପାକିସ୍ତାନର ବ୍ୟାଟିଂ ଓ ବୋଲିଂ ଦୁର୍ବଳତା ଭାରତ ବିପକ୍ଷ ମ୍ୟାଚରେ ପଦାରେ ପଡିଛି। ଉଭୟ ଦଳର ବ୍ୟାଟିଂ ଓ ବୋଲିଂରେ ତଥା ଦଳ ଚୟନକୁ ନେଇ ରହିଥିବା ଦୁର୍ବଳତାକୁ ଏଡାଇବାକୁ ଚେଷ୍ଟା କରିବେ। ପାକିସ୍ତାନ ଦଳ ସର୍ବଦା ଚାପରେ ଭଲ ପ୍ରଦର୍ଶନ କରିଥାଏ। ଏହାର ଉଦାହରଣ ହେଉଛି ୧୯୯୨ ବିଶ୍ୱକପ୍। ଦଳ ଯେଉଁ ସ୍ଥିତିରୁ ଯାଇ ବିଶ୍ୱକପ୍ ଜିତିଥିଲା ତାହା ପ୍ରଶଂସନୀୟ। ଶ୍ରୀଲଙ୍କା ବିପକ୍ଷରେ ୩୪୫ ରନ୍‌କୁ ସଫଳତାର ସହ ଚେଜ୍ କରି ବିଶ୍ୱରେକର୍ଡ କରିଥିବା ବେଳେ ଭାରତ ବିପକ୍ଷରେ ମାତ୍ର ୧୯୧ ରନ୍‌ରେ ଅଲଆଉଟ ହୋଇ ଅସ୍ଥିର ପ୍ରଦର୍ଶନର ଉଦାହରଣ ଦେଇଥିଲା। ଅନ୍ୟପକ୍ଷରେ ୫ ଥରର ବିଶ୍ୱ ଚାମ୍ପିୟନ ସର୍ବଦା ନିଜର ଲଢୁଆ ମନୋଭାବ ପାଇଁ ପ୍ରସିଦ୍ଧ। ପ୍ରଥମ ଦୁଇ ମ୍ୟାଚ୍ ହାରିଥିଲେ ମଧ୍ୟ ଶ୍ରୀଲଙ୍କା ବିପକ୍ଷରେ ବିଜୟ ହାସଲ କରିଥିଲା। ଏହି ବିଜୟ ସହ ଦଳ ଆତ୍ମବିଶ୍ୱାସରେ ରହିଥିବା ବେଳେ ଏହା ପାକିସ୍ତାନ ବିପକ୍ଷରେ ସହାୟକ ହେବ। ସେହିପରି ଉଭୟ ଦଳ ମଧ୍ୟରେ ଦିନିକିଆ ପ୍ରଦର୍ଶନକୁ ଧ୍ୟାନରେ ରଖିଲେ ଅଷ୍ଟ୍ରେଲିଆ ଆଗୁଆ ରହିବ। ପାକିସ୍ତାନ ବିପକ୍ଷରେ ଦଳର ବିଜୟ ରେକର୍ଡ ୬୯-୩୪ ରହିଥିବା ବେଳେ ଦିନିକିଆ ବିଶ୍ୱକପ୍‌ରେ ଏହି ରେକର୍ଡ ୬-୪ ରହିଛି।



ଅଧିନାୟକ ବାବର ଆଜମଙ୍କ ସହ ପାକିସ୍ତାନ ଦଳର ଅଭ୍ୟାସ।

ପାକିସ୍ତାନ ଦଳର ଟପ୍ ଅର୍ଡର ବର୍ତ୍ତମାନ ସୁଦ୍ଧା କ୍ଲିକ୍ କରିନାହିଁ। ଫାଖର ଜମାନ ବାଦ୍ ପଡିଥିବା ବେଳେ ଇମାମ୍ ଉଲ ହକ୍ ୩ ମ୍ୟାଚ୍‌ରୁ ମାତ୍ର ୬୩ ରନ୍ ସଂଗ୍ରହ କରିଛନ୍ତି। ଅନ୍ୟତମ ଓପନର ଅବଦୁଲ୍ଲା ଶଫିକ୍ ଗୋଟିଏ ଶତକ ହାସଲ କରିଥିବା ବେଳେ ତାଙ୍କୁ ଇମାମଙ୍କ ସହାୟତା ଆବଶ୍ୟକ। ସେହିପରି ପାକିସ୍ତାନ ବ୍ୟାଟିଂ ଲାଇନଅପ୍‌ର ମେରୁଦଣ୍ଡ ଥିବା ବାବର ଆଜମଙ୍କ ବ୍ୟାଟ ଚଳିତ ଟୁର୍ନାମେଣ୍ଟରେ ନୀରବ ରହିଛି। ଭାରତ ବିପକ୍ଷରେ ଏକ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ବାବର ନେଦରଲାଣ୍ଡ ଓ ଶ୍ରୀଲଙ୍କା ବିପକ୍ଷରେ ବିଫଳ ହୋଇଥିଲେ। ଅଷ୍ଟ୍ରେଲିଆର ଦୃଢ ପେସ୍ ବୋଲିଂ ଲାଇନଅପ୍ ବିପକ୍ଷରେ ବାବର କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ। ଉଇକେଟ କିପର ମହମ୍ମଦ ରିଜ୍‌ୱାନ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ପ୍ରତି ମ୍ୟାଚ୍‌ରେ ସେ ଭଲ ସ୍କୋର କରିବା ସହ ପାକିସ୍ତାନକୁ ଏକାକୀ ମ୍ୟାଚ୍ ବିଜୟୀ କରିଛନ୍ତି। ଅନ୍ୟପକ୍ଷରେ ମଧ୍ୟକ୍ରମରେ ସୌଦ୍ ଶକିଲ୍ ତାଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରୁଛନ୍ତି। ତେବେ ଇଫତିଖାର ଅହମଦଙ୍କ ଫର୍ମ ମୁଣ୍ଡବିନ୍ଧାର କାରଣ ପାଲଟିଛି। ପାକିସ୍ତାନ ବୋଲର ଅତ୍ୟନ୍ତ ସାଧାରଣ ବୋଲିଂ କରିଛନ୍ତି। ପେସର୍ ଶାହିନ୍ ଆଫ୍ରିଦି ଓ ହାରିସ୍ ରୌଫ୍ ନିଜ ପୂର୍ବ ଫର୍ମ ବଜାୟ ରଖିବାରେ ସମର୍ଥ ହୋଇ ନ ଥିବା ବେଳେ ଦୁଇ ସ୍ପିନର ଶାଦାବ ଖାନ୍ ଓ ମହମ୍ମଦ ନୱାଜଙ୍କ ପ୍ରଦର୍ଶନ ଦୁର୍ବଳ ରହିଛି। ଏହି ମ୍ୟାଚ୍‌ରେ ଉଭୟଙ୍କ ମଧ୍ୟରୁ ଜଣଙ୍କୁ ବାଦ୍ ଦେଇ ଉସାମା ମୀରଙ୍କୁ ଖେଳାଇପାରେ ପାକିସ୍ତାନ।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ମଧ୍ୟ ସମାନ ସମସ୍ୟା ଦେଇ ଗତି କରୁଛି। ଭାରତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦଳ ଶୋଚନୀୟ ପରାଜୟ ବରଣ କରିଥିବା ବେଳେ ଏହା ଦଳର ବ୍ୟାଟିଂ ଲାଇନ୍‌ଅପ୍ ଉପରେ ସୃଷ୍ଟି କରିଥିଲା ବଡ ପ୍ରଶ୍ନବାଚୀ। ମାର୍ନସ୍ ଲାବୁଶେନ୍ ଏକମାତ୍ର ଅଷ୍ଟ୍ରେଲୀୟ ବ୍ୟାଟର ଭାବରେ ୩ ମ୍ୟାଚ୍‌ରୁ ୧୦୦ ରୁ ଅଧିକ ରନ୍ ସ୍କୋର କରିଛନ୍ତି। ବ୍ୟାଟିଂ ୟୁନିଟ୍ ଭାବରେ ଅଷ୍ଟ୍ରେଲିଆକୁ ଏହାର ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡିବ। ଦଳର ପେସ୍ ବୋଲରମାନେ ଚମତ୍କାର ବୋଲିଂ କରିଥିବା ବେଳେ ଆଡାମ ଜାମ୍ପାଙ୍କୁ ବାଦ୍ ଦେଲେ ଦଳ ପାଖରେ ଆଉ କ୍ୱାଲିଟି ସ୍ପିନର ନାହାନ୍ତି। ସେହିପରି ଚିନ୍ନାସ୍ୱାମୀର ବାଉନ୍ସି ଉଇକେଟ ଓ ଛୋଟ ଗ୍ରାଉଣ୍ଡ ଅଷ୍ଟ୍ରେଲିଆ ଦଳ ପାଇଁ ବେଶ୍ ଲାଭଦାୟକ ରହିବ। ଏହି ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବାକୁ ପାକିସ୍ତାନ ଆରମ୍ଭରୁ ରାଜି ନ ଥିବା ବେଳେ ଏହା ଅଷ୍ଟ୍ରେଲିଆକୁ ମନସ୍ତାତ୍ତ୍ୱିକ ଫାଇଦା ପ୍ରଦାନ କରିବ। ଏହା ସହିତ ଏହି ମ୍ୟାଚ୍‌ରେ ରନ୍ ଭୋଜି ଦେଖିବାକୁ ମିଳିବ।

**ଦିନିକିଆ ବିଶ୍ୱକପ**




**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ପାକିସ୍ତାନ**

ସ୍ଥାନ: ବେଙ୍ଗାଲୁରୁ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଶ୍ରୀଲଙ୍କା ଦଳରେ ଯୋଗଦେବେ ମାଥ୍ୟୁସ, ଚାମିରା

**ନୂଆଦିଲ୍ଲୀ, ୧୯।୧୦ (ପି.ଟି.)**

ଭେଟେରାନ ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ ଓ ପେସ୍ ବୋଲର ଦୁଷ୍ମନ୍ତ ଚାମିରା ଶୁକ୍ରବାର ଶ୍ରୀଲଙ୍କା ଦଳରେ ରିଜର୍ଭ ଖେଳାଳି ଭାବେ ଯୋଗଦେବେ। ଦେଶର କ୍ରିକେଟ ବୋର୍ଡ ଗୁରୁବାର ଏହା ଘୋଷଣା କରିଛି। ଉଭୟ ମାଥ୍ୟୁସ ଓ ଚାମିରା ଗତଥର ଜୁନ୍ ମାସରେ ଆଫଗାନିସ୍ତାନ ବିପକ୍ଷରେ ଏକ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିଛନ୍ତି। ୩୬ ବର୍ଷୀୟ ମାଥ୍ୟୁସ ହେଉଛନ୍ତି ଜଣେ ଭେଟେରାନ ଖେଳାଳି। ସେ ୨୧୧ ଗେମ୍ ଖେଳି ପାଖାପାଖି ୬୦୦୦ ରନ ସଂଗ୍ରହ କରିଥିବା ବେଳେ ୧୨୦ ଉଇକେଟ ଅକ୍ତିଆର କରିଛନ୍ତି। ସେ ବେଶି ବୋଲିଂ ନ କରି ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଖେଳିଛନ୍ତି। ୩୧ ବର୍ଷୀୟ ଡାହାଣହାତୀ ପେସ୍ ବୋଲର ଚାମିରା ୪୪ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ବେଳେ ୫୦ ଉଇକେଟ ଅକ୍ତିଆର କରିଛନ୍ତି। ଚଳିତ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଏହାର ପରବର୍ତ୍ତୀ ମ୍ୟାଚ ଅକ୍ଟୋବର ୨୧ରେ ଲକ୍ଷ୍ନୌରେ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୪ | ୪ | ୦ | ୮ | +୧.୯୨୩ |
| ଭାରତ | ୪ | ୪ | ୦ | ୮ | +୧.୬୫୯ |
| ଦକ୍ଷିଣ ଆଫ୍ରିକା | ୩ | ୨ | ୧ | ୪ | +୧.୩୮୫ |
| ପାକିସ୍ତାନ | ୩ | ୨ | ୧ | ୪ | -୦.୧୩୭ |
| ଇଂଲଣ୍ଡ | ୩ | ୧ | ୨ | ୨ | -୦.୦୮୪ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୨ | -୦.୭୩୪ |
| ବାଂଲାଦେଶ | ୪ | ୧ | ୩ | ୨ | -୦.୭୮୪ |
| ନେଦରଲାଣ୍ଡ୍ସ | ୩ | ୧ | ୨ | ୨ | -୦.୯୯୩ |
| ଆଫଗାନିସ୍ତାନ | ୪ | ୧ | ୩ | ୨ | -୧.୨୫୦ |
| ଶ୍ରୀଲଙ୍କା | ୩ | ୦ | ୩ | ୦ | -୧.୫୩୨ |




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୦/୨୦୨୩ Bhubaneswar, Friday, October 20/ 2023

# ସିକ୍କିମ୍ ବିପକ୍ଷରେ ଓଡ଼ିଶାର ସହଜ ବିଜୟ


ପ୍ରୟାସ ସିଂ


ସନ୍ଦୀପ ପଟ୍ଟନାୟକ


ସୁନୀଲ ରାଉଳ

**ଭୁବନେଶ୍ୱର,୧୯।୧୦**
**(ସରୋଜ ଜେନା)**

ନଭି ମୁମ୍ବାଇର ଡିଓ୍ୱାଇ ପାଟିଲ କ୍ରିକେଟ ଷ୍ଟାଡିୟମରେ ଖେଳା ଯାଇଥିବା ସୟଦ ମୁସ୍ତାକ ଅଲୀ ଟ୍ରଫିର ଗ୍ରୁପ୍ ବିର ଏକ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିଛି ଓଡ଼ିଶା। ଗୁରୁବାର ଓଡ଼ିଶା ୧୦୪ ରନ୍‌ରେ ସିକ୍କିମ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୨୦ ଓଭରରେ ୫ ଉଇକେଟ ହରାଇ ୨୧୦ ରନ୍ କରିଥିଲା। ପ୍ରୟାସ ସିଂ ୭୫ ଓ ସନ୍ଦୀପ ପଟ୍ଟନାୟକ ୭୧* ରନ୍ କରିଥିଲେ। ଜବାବରେ ସିକ୍କିମ ୧୭.୨ ଓଭରରେ ୧୦୬ ରନ୍‌ରେ ଅଲଆଉଟ ହୋଇଥିଲା।

ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ସ୍ୱସ୍ତିକ ସାମଲ (୧୦), ଶୁଭ୍ରାଂସୁ ସେନାପତି (୨୩) ଓ ଗୋବିନ୍ଦ ପୋଦ୍ଦାର(୩) ବିଫଳ ହୋଇଥିଲେ। ତେବେ ସନ୍ଦୀପ ପଟ୍ଟନାୟକ(୭୧* ରନ୍) ଓ ପ୍ରୟାସ ସିଂ (୭୫ ରନ୍) ଚତୁର୍ଥ ଉଇକେଟରେ ୧୨୧ ରନ୍ ଯୋଡିଥିଲେ। ସନ୍ଦୀପ ୪୫ ବଲ୍ ଖେଳି ୬ ଚୌକା ଓ ୪ ଛକା ମାରିଥିଲେ। ପ୍ରୟାସ ଆକ୍ରମଣାତ୍ମକ ବ୍ୟାଟିଂ କରି ୩୪ ବଲ୍ ଖେଳି ୭ ଚୌକା ଓ ୫ ଛକା ମାରିଥିଲେ। ସିକ୍କିମ ପକ୍ଷରୁ ସୁମିତ ସିଂ ୨ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଡି ସପତୁଲ୍ଲା, ପ୍ଲାଜୋର ତମାଙ୍ଗ ଓ ଜିତେନ୍ଦର ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସୟଦ ମୁସ୍ତାକ ଅଲୀ ଟ୍ରଫି**

ଜବାବରେ ସିକ୍କିମ ୧୦୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଅଧିନାୟକ ନୀଲେଶ ଲାମିଚାନେ ସର୍ବାଧିକ ୨୮ ରନ୍ କରିଥିବା ବେଳେ ୫ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଓଡ଼ିଶା ପକ୍ଷରୁ ସୁନୀଲ ରାଉଳ ୪ ଓ ଦେବବ୍ରତ ପ୍ରଧାନ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଭିଷେକ ଯାଦବ ୨ ଓ ହର୍ଷିତ ରାଠୋଡ ୧ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୨୦ ଓଭରରେ ୨୧୦/୫ (ପ୍ରୟାସ ସିଂ-୭୫, ସନ୍ଦୀପ ପଟ୍ଟନାୟକ-୭୧*, ଶୁଭ୍ରାଂସୁ ସେନାପତି-୨୩, ସୁମିତ ସିଂ-୨/୨୧, ଏମ୍‌ଡି ସପତୁଲ୍ଲା-୧/୧୧, ଜିତେନ୍ଦ୍ର ଶର୍ମା-୧/୩୨)। ସିକ୍କିମ ୧୭.୨ ଓଭରରେ ୧୦୬/୧୦(ନୀଲେଶ ଲାମିଚାନେ-୨୮, ସୁମିତସିଂ-୧୯, ସୁନୀଲ ରାଉଳ-୪/୨୪, ଦେବବ୍ରତ ପ୍ରଧାନ-୩/୧୪, ଅଭିଷେକ ଯାଦବ-୨/୧୬)।

# ମେସିଙ୍କ ରୋଜଗାର ୨୦.୪ ନିୟୁତ ଡଲାର

**ନ୍ୟୁୟର୍କ,୧୯।୧୦(ଏପି)**

**ମେଜର ଲିଗ୍ ସକ୍କର**

ମେଜର ସକ୍କର ଲିଗ୍ (ଏମ୍‌ଏସ୍‌ଏଲ୍) ପାଇଁ ଇଣ୍ଟର ମାୟାମି ଦଳ ସହିତ କରିଥିବା ଚୁକ୍ତି ଦ୍ୱାରା ଲିଓନେଲ ମେସି ବାର୍ଷିକ ୨୦.୪ ନିୟୁତ ଡଲାର ରୋଜଗାର କରୁଛନ୍ତି। ୩୬ ବର୍ଷୀୟ ଷ୍ଟାର ଖେଳାଳିଙ୍କ ମୂଳ ବେତନ ହେଉଛି ୧୨ ନିୟୁତ ଡଲାର। କ୍ଷତିପୂରଣ ଗ୍ୟାରେଣ୍ଟି ରାଶି ସହ ତାଙ୍କର ମୋଟ ଆୟ ହେଉଛି ୨୦,୪୪୬, ୬୬୭ ଡଲାର ବୋଲି ଏମ୍‌ଏସ୍‌ଏଲ୍ ପ୍ରକାଶ କରିଛି। ମେସି ୨୦୨୫ ସିଜନ ପର୍ଯ୍ୟନ୍ତ ଏହି ରାଶି ପାଇବେ। ତନ୍ମଧ୍ୟରେ ମାର୍କେଟିଂ ବୋନସ ଏବଂ ଏଜେଣ୍ଟ ଫି' ସାମିଲ ରହିଛି। ଏମ୍‌ଏସ୍‌ଏଲ୍‌ରେ ସେ ସର୍ବାଧିକ କ୍ଷତିପୂରଣ ରାଶି ପାଉଛନ୍ତି। ତାଙ୍କ ପଛକୁ ପଛ ରହିଛନ୍ତି ଟରଣ୍ଟୋର ଲୋରେଞ୍ଜୋ ଇନସିନେ (୧୫.୪ ନିୟୁତ ଡଲାର), ସିକାଗୋର ଝେର୍ଡାନ ଶାକ୍ୱିରି (୮୧,୫୩,୦୦୦ ଡଲାର), ଲସ୍ ଏଞ୍ଜେଲ୍ସ ଗାଲାକ୍ସିର ଜାଭିଏର୍ ହର୍ନାଣ୍ଡେଜ(୭୪,୪୩, ୭୫୦ ଡଲାର), ଟରଣ୍ଟୋର ଫେଡ୍ରିକୋ ବର୍ନାରଡେସ୍‌ଚି (୬୨,୯୫,୩୮୧ ଡଲାର) ଓ ଅଷ୍ଟିନର ସେବାଷ୍ଟିଆନ ଡ୍ରିୟୁସି (୬୦,୨୨,୫୦୦ ଡଲାର)। ଲିଗ୍‌ରେ ଖେଳାଳିମାନଙ୍କ କ୍ଷତିପୂରଣ ଗ୍ୟାରେଣ୍ଟି ଭାବେ ସର୍ବାଧିକ ମୋଟ ୩୯.୪ ନିୟୁତ ଡଲାର ବ୍ୟୟ କରୁଛି। ଏହା ପଛକୁ ପଛ ରହିଛନ୍ତି ଟରଣ୍ଟୋ (୩୨.୩ ନିୟୁତ ଡଲାର), ଏଲଏଞ୍ଜେଲ୍ସ ଗାଲାକ୍ସି (୨୫ ନିୟୁତ ଡଲାର) ଏବଂ ଏଲ୍‌ଏଏଫ୍‌ସି (୨୦.୮ ନିୟୁତ ଡଲାର)। ଓର୍ଲାଣ୍ଡୋ ସିଟିର ପେ-ରୋଲ୍ ୯. ୬ ନିୟୁତ ଡଲାଲ ରହିଛି ଯାହାକି ଲିଗ୍‌ର ସର୍ବନିମ୍ନ। ମେସି ଏ ତୁଳନାରେ ୨ ଗୁଣାରୁ ଅଧିକ ଆୟ କରୁଛନ୍ତି। ଏମ୍‌ଏଲ୍‌ଏସ୍‌ର ମୋଟ କ୍ଷତିପୂରଣ ରାଶି ୫୦୧ନିୟୁତ ଡଲାରର ୪ ପ୍ରତିଶତ ମେସି ପାଉଛନ୍ତି। ମେସି ମାୟାମି ତରଫରୁ ୫ଥର ଖେଳି ସାରିଛନ୍ତି। ସେ ଦଳ ପାଇଁ ମୋଟ ୨୮୩ ମିନିଟ ଖେଳି ଗୋଟିଏ ଗୋଲ୍ ସ୍କୋର କରିଛନ୍ତି। ସେ ଆହୁରି ମଧ୍ୟ ଦଳକୁ ଉଦ୍‌ଘାଟନୀ ଲିଗ୍ସ କପ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ ୭ଟି ଗେମ୍‌ରେ ୧୦ ଗୋଲ୍ ସ୍କୋର କରିଥିଲେ। ମାୟାମିର ଦ୍ୱିତୀୟ ସର୍ବାଧିକ କ୍ଷତିପୂରଣ ଗ୍ୟାରେଣ୍ଟି ରାଶି ଜୋସେଫ୍ ମାର୍ଟିନେଜ ୪୩,୯୧,୬୬୭ ଡଲାର ପାଉଛନ୍ତି।


ଲିଓନେଲ ମେସି

# ଓଡ଼ିଶାରେ ୪ ରଣଜୀ ମ୍ୟାଚ

**ଭୁବନେଶ୍ୱର, ୧୯।୧୦**
**(ତପନ ସ୍ୱାଇଁ)**

**୨୦୨୩-୨୪ ଘରୋଇ କ୍ରିକେଟ ସିଜନ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୨୦୨୩-୨୪ ଘରୋଇ କ୍ରିକେଟ ସିଜନ କାର୍ଯ୍ୟସୂଚୀ ଅନୁସାରେ ଓଡ଼ିଶାରେ ଏଲିଟ ଗ୍ରୁପ୍-ଡି'ର ୪ଟି ରଣଜୀ ଟ୍ରଫି ମ୍ୟାଚ ଆୟୋଜନ ସ୍ପଷ୍ଟ ହୋଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଗୁରୁବାର ଏହା ସୂଚାଇ ଦିଆଯାଇଛି। ଭେନ୍ୟୁ ତାଲିକା ଦିଆଯାଇ ନ ଥିଲେ ମଧ୍ୟ ୨୦୨୪ ଜାନୁୟାରୀ ୧୯ରୁ ଫେବୃୟାରୀ ୯ ମଧ୍ୟରେ ୪ଟି ମ୍ୟାଚ ଆୟୋଜନ ନେଇ ସ୍ପଷ୍ଟ କରାଯାଇଛି। ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ୨୦୨୪ ଜାନୁୟାରୀ ୧୯ରୁ ୨୨ ପର୍ଯ୍ୟନ୍ତ ଓଡ଼ିଶା ଓ ଜମ୍ମୁ କଶ୍ମୀର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏହାପରେ ଜାନୁୟାରୀ ୨୬ରୁ ୨୯ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ, ଫେବୃୟାରୀ ୨ରୁ ୫ ପର୍ଯ୍ୟନ୍ତ ପୁଡୁଚେରି ଓ ଫେବୃୟାରୀ ୯ରୁ ୧୨ ପର୍ଯ୍ୟନ୍ତ ଉତ୍ତରାଖଣ୍ଡକୁ ଭେଟିବ ଓଡ଼ିଶା।

ସିନିୟର ମହିଳା ଟି୨୦ ଟ୍ରଫି ଗ୍ରୁପ୍ 'ସି' ଲିଗ୍ ଗୁରୁବାରଠାରୁ କଟକର ବାରବାଟୀ ଷ୍ଟାଡିୟମ ଓ ଭୁବନେଶ୍ୱରର କିଟ୍ କ୍ରିକେଟ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ଦୁଇ ଭେନ୍ୟୁରେ ଲିଗ୍ ମ୍ୟାଚଗୁଡ଼ିକ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୨୧ଟି ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ୧୬ ବର୍ଷରୁ କମ୍ ପୁରୁଷ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ପ୍ଲେଟ୍ ଗ୍ରୁପ୍ ଲିଗ୍ ଡିସେମ୍ବର ୧ରୁ ୨୩ ପର୍ଯ୍ୟନ୍ତ ଚାଲିବ। ମ୍ୟାଚଗୁଡ଼ିକ ୩ ଦିନ ବିଶିଷ୍ଟ ହେବ ଏବଂ ଏଥିରେ ମୋଟ ୧୫ଟି ମ୍ୟାଚ ଆୟୋଜନ ହେବ। ୧୯ ବର୍ଷରୁ କମ୍ ପୁରୁଷ କୁଚ୍ ବିହାର ଟ୍ରଫି ଏଲିଟ ଗ୍ରୁପ୍-ଇ ଲିଗ୍‌ର ୩ଟି ମ୍ୟାଚ ନଭେମ୍ବର ୧୭ରୁ ଡିସେମ୍ବର ୧୮ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶା ୩ଟି ମ୍ୟାଚରେ ଯଥାକ୍ରମେ ପୁଡୁଚେରି, ହାଇଦ୍ରାବାଦ ଓ ଛତିଶଗଡ଼କୁ ଭେଟିବ। ମ୍ୟାଚଗୁଡ଼ିକ ୪ ଦିନ ବିଶିଷ୍ଟ ହେବ। ୨୩ ବର୍ଷରୁ କମ୍ ପୁରୁଷ ସି.କେ. ନାଇଡୁ ଟ୍ରଫି ଏଲିଟ୍ ଗ୍ରୁପ୍-ସି ଲିଗ୍‌ର ୩ଟି ମ୍ୟାଚ ୨୦୨୪ ଜାନୁୟାରୀ ୭ରୁ ଫେବୃୟାରୀ ୨୧ ପର୍ଯ୍ୟନ୍ତ ଆୟୋଜନ ହେବ। ଏଥିରେ ୩ଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ସୌରାଷ୍ଟ୍ର, ଝାଡ଼ଖଣ୍ଡ ଓ ପଞ୍ଜାବ ସହିତ ମୁକାବିଲା କରିବ।

# ସଚିନ୍‌ଙ୍କ ରେକର୍ଡ ଭାଙ୍ଗିଲେ କୋହଲି

**ପୁଣେ,୧୯।୧୦**

ଭାରତୀୟ କ୍ରିକେଟର ମାଇଲଷ୍ଟୋନ ମ୍ୟାନ୍ ବିରାଟ କୋହଲି। ଗୁରୁବାର ସେ ନିଜ ନାମରେ ଆଉ ଏକ ରେକର୍ଡ କରିଛନ୍ତି। ଏହା ସହ ସେ ଭାରତୀୟ କିମ୍ବଦନ୍ତୀ କ୍ରିକେଟର ସଚିନ୍ ତେନ୍ଦୁଲକରଙ୍କ ଆଉ ଏକ ରେକର୍ଡ ଭାଙ୍ଗିଛନ୍ତି। ପୁଣେରେ ବାଂଲାଦେଶ ବିପକ୍ଷ ବିଶ୍ୱକପ ମ୍ୟାଚ୍‌ରେ ଅପରାଜିତ ୧୦୩ ରନ୍‌ର ଇନିଂସ ଖେଳି ଦ୍ରୁତତମ ଖେଳାଳି ଭାବରେ ଅନ୍ତର୍ଜାତୀୟ କ୍ରିକେଟରେ ସେ ୨୬ ହଜାର ରନ୍ ପୂରଣ କରିଛନ୍ତି। ସଚିନ୍ ତେନ୍ଦୁଲକର ୬୦୦ ତମ ଅନ୍ତର୍ଜାତୀୟ ଇନିଂସରେ ୨୬ ହଜାର ରନ୍ ସ୍କୋର କରିଥିବା ବେଳେ କୋହଲି ୫୬୭ ତମ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି। ଏହା ସହ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ୍‌ସଂଗ୍ରହକାରୀ ଖେଳାଳିଙ୍କ ମଧ୍ୟରେ ସେ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ୫୬୭ ତମ ଇନିଂସରୁ ସେ ୨୬ ହଜାର୨୬ ରନ୍ ସହିତ ଚତୁର୍ଥ ସ୍ଥାନରେ ରହିଛନ୍ତି।


ବାଂଲାଦେଶ ବିପକ୍ଷ ବିଶ୍ୱକପ ମ୍ୟାଚରେ ଗୁରୁବାର ବୋଲିଂ ଆକ୍ସନରେ ବିରାଟ କୋହଲି।

## କୋହଲିଙ୍କ ଶତକ: ଭାରତର...

କରି ପ୍ୟାଭିଲିୟନ ଫେରିଥିଲେ। ଟପ୍ ଅର୍ଡରରେ ଶାନ୍ତୋ (୮) ଓ ମେହିଦି ହାସନ ମିରାଜ (୩) ଫେଲ୍ ମାରିଥିଲେ। ଆତ୍ମବିଶ୍ୱାସର ସହ ଖେଳି ଅର୍ଦ୍ଧଶତକ ହାସଲ କରିଥିବା ଲିଟନ ଦାସ ୮୨ ବଲ୍‌ରୁ ୬୬ (୭ ଚୌକା) ରନକରି ଆଉଟ ହୋଇଥିଲେ। ଫଳରେ ଏକଦା କୌଣସି ଉଇକେଟ ନ ହରାଇ ୯୩ ରନ କରିଥିବା ବାଂଲାଦେଶ ଇନିଂସ ୨୭.୪ ଓଭର ବେଳକୁ ୧୩୭/୪ ହୋଇଯାଇଥିଲା। ଲୋୟର ମିଡିଲ ଅର୍ଡରରେ ମହମୁଦୁଲ୍ଲାଙ୍କ ୩୬ ବଲ୍‌ରେ ୪୬ (୩ ଚୌକା, ୩ ଛକା) ଓ ମୁଶଫିକର ରହିମଙ୍କ ୩୮ (୧ ଚୌକା, ୧ ଛକା) ରନ ସହାୟତାରେ ବାଂଲାଦେଶ ସ୍କୋର ୨୫୦ ଅତିକ୍ରମ କରିଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ଯଶପ୍ରୀତ୍ ବୁମ୍ରା, ମହମ୍ମଦ ସିରାଜ, ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଏବଂ ଶାର୍ଦ୍ଦୁଳ ଠାକୁର ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବାଂଲାଦେଶ ଇନିଂସର ୯ମ ଓଭରରେ ବୋଲିଂ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ୪ର୍ଥ ବଲ୍ ପକାଇବା ସମୟରେ ବାମପାଦ ମୋଡ଼ି ହୋଇ ଯାଇଥିଲା। ପାଦରେ ଯନ୍ତ୍ରଣା ଯୋଗୁ ପାଣ୍ଡ୍ୟା ଫିଜିଓଙ୍କ ସହାୟତାରେ ପଡ଼ିଆ ଛାଡ଼ିଥିଲେ। ଅଧିନାୟକ ରୋହିତ ଶର୍ମାଙ୍କ ସହ ଆଲୋଚନା

**ପ୍ରଥମ ପୃଷ୍ଠାରୁ...**

ପରେ ବିରାଟ କୋହଲି ଓଭରର ଅବଶିଷ୍ଟ ୩ଟି ବଲ୍ ପକାଇଥିଲେ। ତାଙ୍କ ବୋଲିଂ ସମୟରେ ଷ୍ଟାଡିୟମ କୋଳାହଳରେ ପ୍ରକମ୍ପିତ ହୋଇଥିଲା। କୋହଲି ୩ ବଲ୍‌ରେ ୨ ରନ ବ୍ୟୟ କରିଥିଲେ। ବିଶ୍ୱକପରେ କୋହଲି ବୋଲିଂ କରିବା ଏହା ନୂଆ ନ ଥିଲା। ସେ ପୂର୍ବରୁ ୨୦୧୧ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆ, ଫାଇନାଲରେ ଶ୍ରୀଲଙ୍କା ଏବଂ ୨୦୧୫ ସେମିଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଗୋଟିଏ ଲେଖାଏ ଓଭର ବୋଲିଂ କରିଥିଲେ। ଦିନିକିଆରେ ସେ ଶେଷଥର ପାଇଁ ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ କଲମ୍ବୋରେ ବୋଲିଂ କରିଥିଲେ।

୨୫୭ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ଆକ୍ରମଣର ନେତୃତ୍ୱ ନେଇଥିଲେ ଅଧିନାୟକ ରୋହିତ ଶର୍ମା। ଶୁବମନ ଗିଲ୍ ଯଦିଓ ଆରମ୍ଭରେ ଧୀମା ଖେଳିଥିଲେ ତେବେ ପରେ ଏଥିରେ ସାମିଲ ହୋଇ ଯାଇଥିଲେ। ଓପନିଂ ଯୋଡ଼ିରେ ୭୬ ବଲ୍‌ରୁ ୮୮ ରନ ସଂଗ୍ରହ ପରେ ରୋହିତଙ୍କୁ ଆଉଟ କରି ବାଂଲାଦେଶକୁ ବ୍ରେକ୍ ଥ୍ରୁ ଦେଇଥିଲେ ହାସନ ମେହମୁଦ। ଶର୍ଟବେଲ୍ ରଣନୀତି ହାସନ ଓ ବାଂଲାଦେଶ ପାଇଁ କାମ ଦେଇଥିଲା। ରୋହିତ ବଲ୍‌କୁ ପୁଲ୍ କରିବାକୁ ଯାଇ ଡିପ୍ ବ୍ୟାକୱାର୍ଡ ସ୍କୋୟାର ଲେଗ୍‌ରେ ତୋହିଦ ହ୍ରିଦୟଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୪୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୭ ଚୌକା ଓ ୨ ଛକା ସହାୟତାରେ ୪୮ ରନ କରିଥିଲେ। ଶୁବମନଙ୍କ ସହ କ୍ରିଜରେ ଯୋଗଦେଇ ବିରାଟ କୋହଲି ଇନିଂସକୁ ଆଗେଇ ନେଇଥିଲେ। ତେବେ ଅର୍ଦ୍ଧଶତକ ହାସଲ କରିବାପରେ ଗିଲ୍ ଆଉଟ ହୋଇ ଯାଇଥିଲେ। ଦ୍ୱିତୀୟ ଉଇକେଟରେ ଦୁହେଁ ୪୨ ବଲ୍‌ରୁ ୪୪ ରନର ଭାଗୀଦାରି ଗଢ଼ିଥିଲେ। ୫୫ ବଲ୍‌ର ସମ୍ମୁଖୀନ ହୋଇଥିବା ଗିଲ୍ ୫ ଚୌକା ଓ ୨ ଛକା ସହାୟତାରେ ୫୩ ରନ କରିଥିଲେ। ଶ୍ରେୟସ ଆୟର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ୧୯ ରନ କରିଥିବାବେଳେ ସ୍ପିନର ମେହିଦି ହାସନ ମିରାଜଙ୍କୁ ବଡ଼ ଶଟ୍ ଖେଳିବାକୁ ଯାଇ ମିଡ୍ ଉଇକେଟ ବାଉଣ୍ଡାରୀ ନିକଟରେ ମହମୁଦୁଲ୍ଲାଙ୍କୁ କ୍ୟାଚ ଦେଇଥିଲେ। କୋହଲି କିନ୍ତୁ ଥିଲେ ଦୃଢ଼ ନିଶ୍ଚିତ। ସେ ବାଂଲାଦେଶର ସମସ୍ତ ବୋଲରଙ୍କୁ ଧୂଳେଇ କରି ହାସଲ କରିଥିଲେ କ୍ୟାରିୟରର ୪୮ତମ ଦିନିକିଆ ଶତକ। ଏହି ଅବସରରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ୨୬,୦୦୦ ରନ ମଧ୍ୟ ପୂରଣ କରିଥିଲେ। ଲୋକେଶ ରାହୁଲ ୩୪ ରନରେ ଅପରାଜିତ ରହିଥିଲେ। ଅସମାପ୍ତ ୪ର୍ଥ ଉଇକେଟରେ କୋହଲି ଓ ରାହୁଲ ୭୪ ବଲ୍‌ରୁ ୮୩ ରନର ଭାଗୀଦାରି ଗଢ଼ିଥିଲେ।

# ରିଟେନ୍ ଖେଳାଳିଙ୍କ ତାଲିକା ପ୍ରକାଶକଲେ ଫ୍ରାଞ୍ଚାଇଜ୍

**ନୂଆଦିଲ୍ଲୀ,୧୯।୧୦(ପି.ଟି.)**


ରିଟେନ ହୋଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ମେଗ୍ ଲାନିଂ ଓ ମୁମ୍ବାଇ ଇଣ୍ଡିଆନ୍ସର ହରମନପ୍ରୀତ କୌର।

**ଓମେନ୍ସ ପ୍ରିମିୟର ଲିଗ୍**

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସିଜନ ପାଇଁ ପ୍ରକାଶ ପାଇଛି ରିଟେନ୍‌ସନ୍ ତାଲିକା। ନିଲାମୀ ପୂର୍ବରୁ ସମସ୍ତ ଫ୍ରାଞ୍ଚାଇଜ୍ ଗୁରୁବାର ଏହି ତାଲିକା ପ୍ରକାଶ କରୁଥିବା ବେଳେ ବରିଷ୍ଠ ଖେଳାଳିଙ୍କ ମଧ୍ୟରେ ହରମନ୍‌ପ୍ରୀତ୍ କୌର, ମେଗ୍ ଲାନିଙ୍ଗ ଓ ସ୍ମୃତି ମାନ୍ଧନା ରିଟେନ୍ ହୋଇଛନ୍ତି। ୫ ଫ୍ରାଞ୍ଚାଇଜିରେ ସମୁଦାୟ ୮୯ ଖେଳାଳି ରହିଥିବା ବେଳେ ଏହା ମଧ୍ୟରୁ ୬୦ ଖେଳାଳିଙ୍କୁ ରିଟେନ୍ କରାଯାଇଛି। ରିଟେନ୍ ହୋଇଥିବା ୬୦ ଖେଳାଳିଙ୍କ ମଧ୍ୟରେ ୨୧ ଜଣ ବିଦେଶୀ ଖେଳାଳି ସାମିଲ ଅଛନ୍ତି। ପ୍ରଥମ ସିଜନରେ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଏହାର ଅଧିନାୟିକା ହରମନ୍‌ପ୍ରୀତ୍ କୌରଙ୍କ ସମେତ ହିଲି ମାଥ୍ୟୁସ, ୟାସ୍ତିକା ଭାଟିଆ, ନାଟାଲି ସ୍କିଭର ବ୍ରଣ୍ଟ, ଆମେଲିଆ କେର୍ ଓ ଇସାବେଲ ଓଙ୍ଗଙ୍କୁ ରିଟେନ୍ କରିଛି।

ପ୍ରଥମ ସିଜନରେ ରନର ଅପ୍ ରହିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଏହାର ୧୫ ଖେଳାଳିଙ୍କୁ ରିଟେନ୍ କରିଛି। ଏହା ମଧ୍ୟରେ ୫ ଜଣ ବିଦେଶୀ ଖେଳାଳି ସାମିଲ ଅଛନ୍ତି। ତୃତୀୟ ସ୍ଥାନରେ ରହିଥିବା ୟୁପି ୱାରିୟର୍ଜ ଏହାର ସମସ୍ତ ବିଦେଶୀ ଖେଳାଳିଙ୍କୁ ରିଟେନ୍ କରିଥିବା ବେଳେ ଦକ୍ଷିଣ ଆଫ୍ରିକୀୟ ବୋଲର ସବନିମ୍ ଇସମାଇଲ୍‌ଙ୍କୁ ରିଲିଜ କରିଛି। ଏହା ବ୍ୟତୀତ ଦେବିକା ବୈଦ୍ୟ, ସିମରନ୍ ଶେଖ୍ ଓ ଶିବାଳି ସିନ୍ଦେଙ୍କୁ ମଧ୍ୟ ଦଳ ରିଲିଜ୍ କରିଛି।

**ରିଟେନ୍‌ସନ୍ ପରେ ୫ ଦଳର ଖେଳାଳି ତାଲିକା:**

ଦିଲ୍ଲୀ କ୍ୟାପିଟାଲ୍ସ: ରିଟେନ୍ ଖେଳାଳି: ଆଲିସ୍ କାପ୍‌ସି, ଅରୁନ୍ଧତୀ ରେଡ୍ଡୀ, ଜେମିମା ରୋଡ୍ରିଗ୍ୱେଜ୍, ଜେସ୍ ଜୋନାସେନ୍, ଲଉରା ହାରିସ୍, ମାରିଜେନ୍ କାପ୍, ମେଗ୍ ଲାନିଙ୍ଗ, ମିନ୍ନୁ ମଣି, ପୁନମ୍ ଯାଦବ, ସ୍ନେହା ଦୀପ୍ତି, ତାନିୟା ଭାଟିଆ, ତିତାସ୍ ସାଧୁ। ରିଲିଜ୍ ଖେଳାଳି: ଅପର୍ଣ୍ଣା ମଣ୍ଡଳ, ଜାସିଆ ଅଖତର, ତାରା ନୋରିସ୍।

**ଗୁଜରାଟ ଜାଏଣ୍ଟ୍ସ**

ରିଟେନ୍ ଖେଳାଳି: ଆସ୍‌ଲେ ଗାର୍ଡନର, ବେଥ୍ ମୁନି, ଦୟଲାନ୍ ହେମଲତା, ହରଲିନ୍ ଦେଓଲ୍, ଲୌରା ଓଲ୍ଭାର୍ଡ୍ଟ, ଶବନମ୍ ଶକିଲ୍, ସ୍ନେହ ରାଣା, ତନୁଜା କନୱର। **ରିଲିଜ୍ ଖେଳାଳି:** ଆନାବେଲ ସଦରଲାଣ୍ଡ, ଅଶ୍ୱିନୀ କୁମାରୀ, ଜର୍ଜିଆ ୱେୟାରହାମ୍, ହର୍ଲି ଗାଲା, କିମ୍ ଗାର୍ଥ, ମାନସୀ ଯୋଶୀ, ମୋନିକା ପଟେଲ, ପାରୁଣିକା ସିସୋଦିଆ, ସବିନେନୀ ମେଘନା, ସୋଫିଆ ଡଙ୍କଲି, ସୁଷମା ବର୍ମା।

**ମୁମ୍ବାଇ ଇଣ୍ଡିଆନ୍ସ:**

ରିଟେନ୍ ଖେଳାଳି: ଅମନଜୋତ କୌର, ଆମେଲିଆ କେର୍, କ୍ଲୋଏ ଟ୍ରାୟନ୍, ହରମନ୍‌ପ୍ରୀତ୍ କୌର୍, ହିଲି ମାଥ୍ୟୁସ୍, ହୁମାଇରା କାଜି, ଇସାବେଲ ଓଙ୍ଗ, ଜିନ୍ତିମଣି କାଲିଟା, ନାଟାଲି ସ୍କିଭର, ପୂଜା ବସ୍ତ୍ରକାର, ପ୍ରିୟଙ୍କା ବାଲା, ସାଇକା ଇସାକ୍, ୟାସ୍ତିକା ଭାଟିଆ। **ରିଲିଜ୍ ଖେଳାଳି:** ଧାରା ଗୁଜ୍ଜର, ହିଥର୍ ଗ୍ରାହାମ୍, ନୀଲମ ବିସ୍ତ, ସୋନମ ଯାଦବ।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର:**

**ରିଟେନ୍ ଖେଳାଳି:** ଆଶା ଶୋବନା, ଦିଶା କସାଟ, ଏଲିସ୍ ପେରୀ, ହିଥର ନାଇଟ୍, ଇନ୍ଦ୍ରାଣୀ ରୟ, କନିକା ଆହୁଜା, ରେଣୁକା ସିଂ, ରିଚା ଘୋଷ, ଶ୍ରେୟାଙ୍କା ପାଟିଲ, ସ୍ମୃତି ମନ୍ଧାନା, ସୋଫି ଡିଭାଇନ୍। **ରିଲିଜ୍‌ଖେଳାଳି:** ଡେନ୍‌ଭାନ୍‌ନିକର୍କ, ଏରିନ୍ ବର୍ନସ, କୋମଲ ଜଞ୍ଜାଡ, ମେଗାନ ଶୁଟ୍, ପୁନମ ଖେମନାର, ପ୍ରୀତି ବୋଷ, ଶାହାନା ପୱାର।

**ୟୁପି ୱାରିୟର୍ଜ:**

ରିଟେନ୍ ଖେଳାଳି: ଆଲିସା ହିଲି, ଅଞ୍ଜଳି ଶ୍ରାବଣୀ, ଦୀପ୍ତି ଶର୍ମା, ଗ୍ରେସ୍ ହାରିସ୍, କିରଣ ନଭଗିରେ, ଲରେନ୍ ବେଲ୍, ଲକ୍ଷ୍ମୀ ଯାଦବ, ପାର୍ଶଭି ଚୋପ୍ରା, ରାଜେଶ୍ୱରୀ ଗାଏକ୍ୱାଡ, ଏସ୍ ୟଶସ୍ରୀ, ଶ୍ୱେତା ଶେରାୱତ, ସୋଫି ଏକେଲଷ୍ଟୋନ୍, ଟାହ୍ଲିଆ ମ୍ୟାକଗ୍ରା। ରିଲିଜ୍ ଖେଳାଳି: ଦେବିକା ବୈଦ୍ୟ, ଶବନିମ୍ ଇସମାଇଲ୍, ଶିବାଳି ସିନ୍ଦେ, ସିମରନ୍ ଶେଖ୍।

# ଭେଙ୍କଟେଶ୍ୱର ଆନ୍ତଃ ବିଦ୍ୟାଳୟ କ୍ରିକେଟ


ଅତିଥିଙ୍କ ଗହଣରେ ବିଜେତା ଚନ୍ଦ୍ରଶେଖରପୁର ଭେଙ୍କଟେଶ୍ୱର ସ୍କୁଲର ଖେଳାଳିମାନେ।

**ଭୁବନେଶ୍ୱର, ୧୯।୧୦**
**(ତପନ ସ୍ୱାଇଁ)**

ଚନ୍ଦ୍ରଶେଖର ପତି ସ୍ମାରକୀ ଭେଙ୍କଟେଶ୍ୱର ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ଚନ୍ଦ୍ରଶେଖରପୁର ଶାଖା ବିଜେତା ଏବଂ ରସୁଲଗଡ଼ ଶାଖା ରନରଅପ୍ ହୋଇଛି। ପ୍ରତିଯୋଗିତାରେ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୩ଟି ଶାଖା ଭାଗ ନେଇଥିଲେ। ରସୁଲଗଡ଼ସ୍ଥିତ ଭେଙ୍କଟେଶ୍ୱର ସ୍କୁଲ ପଡ଼ିଆରେ ଅନୁଷ୍ଠିତ ପ୍ରତିଯୋଗିତାକୁ ବିଦ୍ୟାଳୟର ଚେୟାରମ୍ୟାନ ସୂର୍ଯ୍ୟପ୍ରକାଶ ପତି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ମୁଖ୍ୟ ପ୍ରଶାସକ ହିମାଂଶୁ ଶେଖର ପତି, ଶକ୍ତି ପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ମ୍ୟାନେଜିଂ କମିଟି ମୁଖ୍ୟ ଶଶାଙ୍କ ଶେଖର ପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଧକ୍ଷ ଜି. ରାମ କିଶୋର ଧନ୍ୟବାଦ ଅର୍ପଣ କରିଥିଲେ। ମ୍ୟାନେଜର ବସନ୍ତ କୁମାର ତ୍ରିପାଠୀ, ପ୍ରଶାସକ ବିଜୟ କୁମାର ନାୟକ, ଏସ୍.ଏମ୍‌ଏ. ନବି, ଏସ୍. ଉଦ୍‌ଗାତା ଏବଂ ବିଥିକା ଛୋଟରାୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୧୨+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୦/୨୦୨୩ (୨୦ ପୃଷ୍ଠା) Bhubaneswar, Friday, October 20/2023 Page 20 ₹ 7.00





HOCKEY INDIA
प्रवेश नि:शुल्क
झारखण्ड
महिला एशियन चैंपियंस ट्रॉफी 2023
मरङ गोमके जयपाल सिंह मुंडा एस्ट्रोटर्फ स्टेडियम, रांची
भारत
चीन
जापान
कोरिया
मलेशिया
थाईलैंड
JUHI
ड्रैग फ्लिक स्कोर
27 अक्टूबर - 05 नवम्बर 2023
हॉकी के महासंग्राम का बनें गवाह
WATCH LIVE ON
Title Sponsor
Host Partner
AHF Partners
Official Partner
Official Suppliers
सूचना एवं जनसंपर्क विभाग, झारखण्ड सरकार
PR-309583 (IPRD) 2023-24

ଧରିତ୍ରୀ
DHARITRI





ପୁଣେରେ ଗୁରୁବାର ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ବିଶ୍ୱକପ୍ କ୍ରିକେଟ୍ ମ୍ୟାଚରେ ଶତକ ହାସଲ ପରେ ବିରାଟ କୋହଲି।

# ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

## ବଳାତ୍କାର, ହତ୍ୟା ମାମଲାରେ ସୁନ୍ଦରଗଡ଼ ପୋକ୍ସୋ କୋର୍ଟ ରାୟ

**ସୁନ୍ଦରଗଡ,୧୯।୧୦**
**(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଟାଉନ ଥାନା ଡେଙ୍ଗିଭାଡିରେ ୨୦୧୬ ଅକ୍ଟୋବରରେ ଏକ ୪ବର୍ଷୀୟା ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ଓ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ଜଜ୍ ମହେନ୍ଦ୍ର କୁମାର ସୂତ୍ରଧର ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ସଞ୍ଜୀବ କେରକେଟା(୪୦)ଙ୍କୁ ଫାଶି ଦଣ୍ଡାଦେଶ ଦେଇଛନ୍ତି।

ମାମଲାର ରାୟ ବିବରଣୀରୁ ପ୍ରକାଶ ଯେ, ୨୦୧୬ ଅକ୍ଟୋବର ୨୧ତାରିଖ ରାତିରେ ଉକ୍ତ ନାବାଳିକା ଜଣକ ଘରେ ନିଜ ମା'ଙ୍କ ପାଖରେ ଶୋଇଥିଲେ। ରାତି ପ୍ରାୟ ୧୧ଟା ବେଳେ ଅଭିଯୁକ୍ତ ସଞ୍ଜୀବ ତାଙ୍କୁ ଅପହରଣ କରିନେଇଥିଲେ। ସେଠାରୁ ପ୍ରାୟ ୫୦୦ମିଟର ଦୂରରେ ଥିବା ଏକ ନିର୍ମାଣାଧୀନ କୋଠା ଭିତରେ ବଳାତ୍କାର କରିବା ପରେ ହତ୍ୟା କରି ଫେରାର ହୋଇଯାଇଥିଲେ। ଝିଅକୁ କେହି ଅପହରଣ କରିନେଇଥିବା ମା' ପଡୋଶୀଙ୍କୁ ଜଣାଇଥିଲେ ଏବଂ ପଡୋଶୀଙ୍କ ସହ ଖୋଜାଖୋଜି ପରେ ଝିଅକୁ ନ ପାଇ ରାତି ୩ଟାରେ ଟାଉନ ଥାନାରେ ରିପୋର୍ଟ କରିଥିଲେ। ପ୍ରଥମେ ଟାଉନ ଥାନା ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାର ୩ ଦିନ ପରେ ନିଖୋଜ ଶିଶୁକନ୍ୟାଙ୍କ ଗଳିତ ମୃତଦେହ ନିର୍ମାଣାଧୀନ କୋଠରିରୁ ପୋଲିସ ଜବତ କରିଥିଲା। ଘଟଣାର ତଦନ୍ତ କରି ପୋଲିସ ଅକ୍ଟୋବର ୨୬ରେ ସଞ୍ଜୀବଙ୍କୁ ଗିରଫ କରିଥିଲା। ଜେରା ପରେ ଅଭିଯୁକ୍ତ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ପରେ ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ଏକ ମାମଲା (ନଂ.୨୮୪/୧୬) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ପୋକ୍ସୋ କୋର୍ଟ ଜଜ୍ ବ୍ୟବଚ୍ଛେଦ ରିପୋର୍ଟ ଓ ୩୫ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଏହି ଫାଶି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ଜଜ୍ ମୃତା ଶିଶୁକନ୍ୟାଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା ସରକାରଙ୍କ ପକ୍ଷରୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ପରିଚାଳନା କରୁଥିଲେ। ଏହି ଜଘନ୍ୟ ମାମଲାରେ ଜିଲା ଓକିଲ ସଂଘର ନିଷ୍ପତ୍ତି କ୍ରମେ ଅଭିଯୁକ୍ତଙ୍କ ସପକ୍ଷରେ କୌଣସି ଓକିଲ ମାମଲା ଲଢି ନ ଥିଲେ। ଅଭିଯୁକ୍ତଙ୍କ ବିରୋଧରେ ପୋକ୍ସୋ କୋର୍ଟର ଏହି କଠୋର ଦଣ୍ଡାଦେଶ ସମାଜରେ ଘଟୁଥିବା ଏଭଳି ଅମାନବୀୟ ଘଟଣା ପାଇଁ ଏକ ଦୃଷ୍ଟାନ୍ତମୂଳକ ରାୟ ହେବ ବୋଲି ସ୍ୱତନ୍ତ୍ର ପ୍ରସିକ୍ୟୁଟର ମିଶ୍ର ପ୍ରକାଶ କରିବା ସହ ପୀଡିତାଙ୍କ ପରିବାର ଏହି ରାୟକୁ ସ୍ୱାଗତ କରିଛନ୍ତି। ଅନ୍ୟ କୌଣସି ବ୍ୟକ୍ତି ଏଭଳି ନାରକୀୟ କାଣ୍ଡ ଘଟାଇବା ପାଇଁ ସାହସ କରିବେ ନାହିଁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ବସ୍ଷ୍ଟାଣ୍ଡ ରକ୍ଷଣାବେକ୍ଷଣରେ ନିୟୋଜିତ ହେବ ମିଶନ ଶକ୍ତି

**ଭୁବନେଶ୍ୱର,୧୯।୧୦(ଅନିଲ ଦାସ)**

ରାଜ୍ୟରେ ବସ୍ଷ୍ଟାଣ୍ଡଗୁଡ଼ିକର ରକ୍ଷଣାବେକ୍ଷଣ ସହ ଜନସାଧାରଣଙ୍କ ସୁବିଧାକୁ ଉନ୍ନତ କରିବା ପାଇଁ ଜିଲା ପ୍ରଶାସନ ଉପଯୁକ୍ତ ତଥା ବୃତ୍ତିଗତ ସୁବିଧା ପରିଚାଳନା ସେବା ସଙ୍ଗଠନ (ଏଫ୍ଏମ୍ଏସ୍) ଏବଂ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)ର ମହିଳାମାନଙ୍କୁ ନିୟୋଜିତ କରି ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧାକୁ ସୁନିଶ୍ଚିତ କରିବେ। ଏହି ଯୋଜନା ୨୦୨୨-୨୦୨୩ ରୁ ୨୦୨୫-୨୦୨୬ ପର୍ଯ୍ୟନ୍ତ ରହିବ ଏବଂ ଏହି ପ୍ରକଳ୍ପ ପାଇଁ ପ୍ରାୟ ୩୭୩.୧୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏବେ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୭ଟି ନୂତନ ବସ୍ଷ୍ଟାଣ୍ଡର ଉଦ୍ଘାଟନ ସମ୍ପନ୍ନ ହୋଇଛି।

ରାଜ୍ୟବାସୀଙ୍କୁ ଉନ୍ନତ ପରିବହନ ସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ୫୫ଟି ବ୍ଲକସ୍ତରୀୟ ବସ୍ଷ୍ଟାଣ୍ଡର ନିର୍ମାଣ, ନବୀକରଣ ଏବଂ ରକ୍ଷଣାବେକ୍ଷଣ କରୁଛନ୍ତି। ଏଥିସହିତ ଆଠଗଡ଼, ବଲାଙ୍ଗୀର, ଜୟପୁର ଓ ମୋଟୁ ବସ୍ଷ୍ଟାଣ୍ଡର ରକ୍ଷଣାବେକ୍ଷଣ ଯୋଜନା ଆରମ୍ଭ କରିଛନ୍ତି। ଏହା ରାଜ୍ୟର ସଂଯୋଗ, ଅନ୍ତର୍ଭୁକ୍ତ ଅଭିବୃଦ୍ଧି, ସାମାଜିକ ଏକତା, ଆର୍ଥିକ ବିକାଶ ଏବଂ ପରିବେଶ ସ୍ଥିରତାକୁ ପ୍ରୋତ୍ସାହିତ କରିବ।

ପ୍ରସ୍ତାବିତ ବସ୍ଷ୍ଟାଣ୍ଡ ଦ୍ୱାରା ବିଶେଷକରି ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ରହୁଥିବା ଲୋକମାନଙ୍କୁ ଉନ୍ନତମାନର ପରିବହନ ସୁବିଧା ପ୍ରଦାନ କରାଯିବ। ବସ୍ଷ୍ଟାଣ୍ଡଗୁଡିକ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଫଳରେ ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏତଦ୍ବ୍ୟତୀତ ବସ୍ଷ୍ଟାଣ୍ଡ ନିକଟରେ ଥିବା ଦୋକାନ, ରେଷ୍ଟୁରାଣ୍ଟ ଏବଂ ପରିବହନ ସମ୍ବନ୍ଧୀୟ ସେବା ବ୍ୟବସାୟ ପାଇଁ ସୁଯୋଗ ସୃଷ୍ଟି କରିବ। ପ୍ରତ୍ୟେକ ବ୍ଲକରେ ଏକ ବସ୍ଷ୍ଟାଣ୍ଡ ରହିବା ଦ୍ୱାରା ଗମନାଗମନ ସୁବିଧା ସହ ଜରୁରିକାଳୀନ ସ୍ଥିତିରେ ଶୀଘ୍ର ସ୍ଥାନାନ୍ତର, ଜରୁରିକାଳୀନ ଚିକିତ୍ସା ପରିବହନ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଚିକିତ୍ସା ସଙ୍କଟ ପରି ବିପର୍ଯ୍ୟୟ ସମୟରେ ତୁରନ୍ତ ରିଲିଫ୍ ଯୋଗାଣ ଓ ଆବଣ୍ଟନ ଆଦିରେ ବ୍ୟବହାର କରାଯାଇପାରିବ। ଏହି ଯୋଜନା ଅଧୀନରେ ଜନସାଧାରଣଙ୍କୁ ଉନ୍ନତ ସୁବିଧା ପ୍ରଦାନ କରିବା ପାଇଁ ନୂତନ ବସ୍ଷ୍ଟାଣ୍ଡର ବିକାଶ କରାଯିବ। ଏହି ଯୋଜନା ଦ୍ୱାରା ସରକାରୀ ସମ୍ପତ୍ତିର ମୁଦ୍ରୀକରଣ, ପ୍ରବର୍ତ୍ତନ ଏବଂ ସୁରକ୍ଷା ସୁନିଶ୍ଚିତ ହୋଇପାରିବ।

# କୋହଲିଙ୍କ ଶତକ: ଭାରତର ଦମ୍ଦାର ବିଜୟ

**ପୁଣେ, ୧୯।୧୦**

ବିରାଟ କୋହଲିଙ୍କ ସ୍ମରଣୀୟ ଶତକ ସହାୟତାରେ ଭାରତ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ଦମ୍ଦାର ବିଜୟ ହାସଲ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ୭ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୮ ଉଇକେଟ ହରାଇ ୨୫୬ ରନ କରିଥିଲା। ଜବାବରେ ଭାରତ କୋହଲିଙ୍କ ଦ୍ରୁତ ଶତକ ବଳରେ ୪୧.୩ ଓଭରରେ ୩ ଉଇକେଟ ହରାଇ ୨୬୧ ରନ ସଂଗ୍ରହ କରି ନେଇଥିଲା। ଭାରତ ବିଜୟୀ ହେବାପାଇଁ ୧ ରନ ଆବଶ୍ୟକ କରୁଥିବାବେଳେ ୯୭ ରନରେ ଥିବା କୋହଲି ଛକା ମାରି ଶତକ ପୂରଣ କରିଥିଲେ। ୯୭ ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ୧୦୩ ରନକରି ଅପରାଜିତ ରହିଥିବା କୋହଲି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚଳିତ ବିଶ୍ୱକପରେ ଭାରତର ଏହା କ୍ରମାଗତ ଚତୁର୍ଥ ବିଜୟ। ଫଳରେ ୮ ପଏଣ୍ଟ ସହିତ ଦଳ ଟେବୁଲର ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ବାଂଲାଦେଶ। ଶକିବ ଅଲ୍ ହାସନ ଆହତ ଥିବାରୁ ଏହି ମ୍ୟାଚରେ ନଜମୁଲ ହୋସେନ ଶାନ୍ତୋ ବାଂଲାଦେଶ ଦଳର ନେତୃତ୍ୱ ନେଇଥିଲେ। ଅଧିନାୟକଙ୍କ ନିଷ୍ପତ୍ତିକୁ ଦୁଇ ଓପନର ତନଜିଦ ହାସନ ଓ ଲିଟନ ଦାସ ଉଚିତ ସାବ୍ୟସ୍ତ କରିଥିଲେ। ଦୁହେଁ ଭାରତୀୟ ବୋଲରଙ୍କୁ ସଫଳ ମୁକାବିଲା କରି ଓପନିଂ ଯୋଡ଼ିରେ ୮୮ ବଲ୍‌ରୁ ୯୩ ରନ ସଂଗ୍ରହ କରି ଦଳପାଇଁ ବଡ଼ ସ୍କୋରର ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦୁଇ ଓପନର ଅର୍ଦ୍ଧଶତକ ହାସଲ କରିଥିଲେ। ମାତ୍ର ୧୫ତମ ଓଭରର ୪ର୍ଥ ବଲ୍‌ରେ ତନଜିଦଙ୍କୁ ସ୍ପିନର କୁଲଦୀପ ଯାଦବ ଏଲବିଡବ୍ଲ୍ୟୁ ଆଉଟ କରିବାପରେ ବାଂଲାଦେଶ ଇନିଂସ ଦିଗହରା ହୋଇ ଯାଇଥିଲା। ତନଜିଦ ୪୩ ବଲ୍‌ରୁ ୫୧ (୫ ଚୌକା, ୩ ଛକା) ରନ **(ଖେଳ ପୃଷ୍ଠାରେ)**

# ରାଜଧାନୀରେ ହେବ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୧୯।୧୦(ଅନିଲ ଦାସ)**

ଓଡ଼ିଶା ସରକାର ଓ ଶ୍ରୀ ଭିଲେ ପାର୍ଲେ କେଲବାଣୀ ମଣ୍ଡଳ (ଏସ୍ଭିକେଏମ)ର ମିଳିତ ସହଭାଗିତାରେ ରାଜଧାନୀ ଭୁବନେଶ୍ୱରରେ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାକୁ ଯାଉଛି। ଏହି ବିଶ୍ୱବିଦ୍ୟାଳୟ ଏକ ଶିକ୍ଷଣ କେନ୍ଦ୍ର ଭାବେ କାର୍ଯ୍ୟ କରିବ, ଯାହା ଶିକ୍ଷା କ୍ଷେତ୍ରରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଛାତ୍ରୀଛାତ୍ରଙ୍କ ଯୋଗଦାନକୁ ବୃଦ୍ଧି କରିବ। ବିଶେଷକରି ରାଜ୍ୟର ଛାତ୍ରୀଛାତ୍ରମାନେ ଏହା ଦ୍ୱାରା ଉପକୃତ ହେବେ। ସରକାର ଉପରୋକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୪୦ ଏକର ଜମି ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଗଉଡକାଶିପୁର ଗ୍ରାମରେ ଯୋଗାଇ ଦେଇଛନ୍ତି। ଓଡ଼ିଶାର ମୂଳବାସିନ୍ଦା ଛାତ୍ରୀଛାତ୍ରଙ୍କ ପାଇଁ ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ନିମନ୍ତେ ଅଗ୍ରାଧିକାର ଦିଆଯିବ। ଓଡ଼ିଶା ସରକାରଙ୍କ ସହାୟତାରେ କ୍ୟାମ୍ପସ୍‌ର ଭିତ୍ତିଭୂମି ବିକାଶ ଓ ଅନ୍ୟାନ୍ୟ ସୁବିଧା ପର୍ଯ୍ୟାୟକ୍ରମେ କରାଯିବ। ଏନେଇ ଗୁରୁବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି।

ସରକାରୀ କଲେଜଗୁଡ଼ିକରେ ପିଲାଙ୍କୁ

**କ୍ୟାବିନେଟ୍ ନିଷ୍ପତ୍ତି**

ବିଭିନ୍ନ ସେବା ଯୋଗାଇ ଦେବା ଏବଂ କଲେଜ ପ୍ରଶାସନିକ କାର୍ଯ୍ୟର ସଫଳ ରୂପାୟନ ପାଇଁ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଓଡ଼ିଶା ସରକାରୀ କଲେଜ ଅମଲା ସେବା (ନିଯୁକ୍ତି ପଦ୍ଧତି ଓ ସେବାସର୍ତ୍ତ) ନିୟମାବଳୀ-୨୦୨୩ ପ୍ରସ୍ତୁତି ପ୍ରସ୍ତାବକୁ କ୍ୟାବିନେଟ୍ ମୋହର ମାରିଛି।

ସରକାରୀ କଲେଜରେ କନିଷ୍ଠ ସହାୟକ ପଦବୀ ପୂରଣ ନିମନ୍ତେ ନିଯୁକ୍ତି ପଦ୍ଧତି ସହିତ କନିଷ୍ଠ ସହାୟକ ପଦବୀରୁ ବରିଷ୍ଠ ସହାୟକ ପଦବୀ ଓ ବରିଷ୍ଠ ସହାୟକ ପଦବୀରୁ ଉପବିଭାଗ ଅଧିକାରୀ ପଦବୀକୁ ପଦୋନ୍ନତି ନିମନ୍ତେ ବ୍ୟବସ୍ଥା ରହିଛି। ଯେଉଁ ପ୍ରାର୍ଥୀ ବିଜ୍ଞାନ କିମ୍ବା କଳା କିମ୍ବା ବାଣିଜ୍ୟରେ +୩ ପାସ୍ କରିଥିବେ କିମ୍ବା ତତ୍ତୁଲ୍ୟ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ହୋଇଥିବେ, କମ୍ପ୍ୟୁଟର ତଥା ସୂଚନା ଓ ବୈଷୟିକ ପ୍ରୟୋଗରେ ମୌଳିକ ଦକ୍ଷତା ଥିବ ଏବଂ ୨୧ ବର୍ଷ ବୟସ ପୂର୍ଣ୍ଣ କରିଥିବେ, ସେମାନେ କନିଷ୍ଠ ସହାୟକ ପଦବୀ ନିମନ୍ତେ ଯୋଗ୍ୟ ବିବେଚିତ ହେବେ।

ଟାଙ୍ଗୀ-ଚୌଦ୍ୱାର ତହସିଲ ଅନ୍ତର୍ଗତ ଚାରବାଟିଆର କେଦାରେଶ୍ୱର ମୌଜାରେ ୧୯୬୧ରେ ନିର୍ମିତ ୨୨୮ ଗୋଟି ଲେବର ଟେନମେଣ୍ଟ ମଧ୍ୟରୁ ୧୧୬ଟିର ଏ.୪.୬୪ ଡି. ଜମିକୁ ୧୧୬ ଜଣ ଯୋଗ୍ୟ ବିବେଚିତ ଆବଣ୍ଟନ ଗ୍ରହୀତାଙ୍କ ସପକ୍ଷରେ ଆବଣ୍ଟନ ଦିନଠାରୁ ୯୯ ବର୍ଷ ପାଇଁ ଲିଜ୍ ସୂତ୍ରରେ ପ୍ରଦାନ କରାଯିବ। କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଉକ୍ତ ଜମିର ଲିଜ୍ ପ୍ରିମିୟମ ମୁକ୍ତ ହେବ।

ଯୋଗ୍ୟ ବିବେଚିତ ଆବଣ୍ଟନ ଗ୍ରହୀତାଙ୍କ ସପକ୍ଷରେ ସର୍ବାଧିକ ଏ ୦.୦୪ ଅର୍ଥାତ୍ ୧୭୪୨ ବର୍ଗ ଫୁଟ ଜମି ଲିଜ୍‌ରେ ଦିଆଯିବ । ଯେଉଁ କ୍ଷେତ୍ରରେ ଆବଣ୍ଟନ ଗ୍ରହୀତା ଏ ୦.୦୪ରୁ କମ୍ ଜମି ଉପରେ ଦଖଲରେ ଥିବେ ସେତିକି ଜମିକୁ ତାଙ୍କ ସପକ୍ଷରେ ଲିଜ୍ ପ୍ରଦାନ କରାଯିବ। ଆବଣ୍ଟନ ଗ୍ରହୀତା ଏ ୦.୦୪ ରୁ ଅଧିକ ଜମି ଦଖଲରେ ରଖୁଥିଲେ ସେହି ଅଧା ଜମିକୁ ସରକାର ନିଜ ଦଖଲକୁ ଆଣିବେ। ଏଥିସହିତ ମୁଣ୍ଡାରୀ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ମୁଣ୍ଡାରୀ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପ୍ରସ୍ତାବକୁ ଗତବର୍ଷ ସରକାର ସୁପାରିସ କରିଥିଲେ।

# ୨୪ରେ ବାତ୍ୟାରୂପ ନେଇପାରେ ଲଘୁଚାପ

- **ଓଡ଼ିଶା ଉପକୂଳ ଦେଇ ବାଂଲାଦେଶ ଯିବ**
- **୨୩ରୁ ୨୬ ଉପକୂଳବର୍ତ୍ତୀ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ସମ୍ଭାବନା**

**ଭୁବନେଶ୍ୱର,୧୯।୧୦(ଅନିଲ ଦାସ)**

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଆଣ୍ଡାମାନ ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆସନ୍ତା ୨୧ ତାରିଖରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ୨୨ ତାରିଖ ବେଳକୁ ଅଧିକ ଘନୀଭୂତ ହୋଇ ଡିପ୍ରେସନ(ଅବପାତ) ଓ ୨୪ରେ ଏହା ଡିପ୍ ଡିପ୍ରେସନ (ଗଭୀର ଅବପାତ)ରେ ପରିଣତ ହୋଇ ସାମୁଦ୍ରିକ ଝଡ଼ ରୂପ ନେବ ବୋଲି କେତେକ ପାଣିପାଗ ମଡେଲ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସମ୍ଭାବ୍ୟ ବାତ୍ୟା ୨୨ ତାରିଖ ବେଳକୁ ଆନ୍ଧ୍ର ଉପକୂଳକୁ ମୁହାଁଇବ। ୨୩ ତାରିଖରେ ଓଡ଼ିଶା ଉପକୂଳ ମୁହାଁ ହେବ। ଉପକୂଳରୁ ୭୦ରୁ ୮୦ କି.ମି. ଦୂର ସମୁଦ୍ର ଦେଇ ୨୬ ତାରିଖ ରାତ୍ରି କିମ୍ବା ୨୭ ତାରିଖ ସକାଳେ ପଶ୍ଚିମବଙ୍ଗର ସୁନ୍ଦରବନ କିମ୍ବା ବାଂଲାଦେଶରେ ସ୍ଥଳ ଭାଗ ଛୁଇଁବ ବୋଲି ଅନୁମାନ କରାଯାଉଛି। ସମୁଦ୍ରରେ ଥିବାବେଳେ ଏହାର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ କି.ମି. ହେବ ବୋଲି ଆକଳନ କରାଯାଉଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ୬୦ରୁ ୭୦ କି.ମି. ବେଗରେ ପବନ ବହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । ଏପରିକି ପୁରୀ, ଖୋର୍ଦ୍ଧା, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅକ୍ଟୋବର ୨୩ରୁ ୨୬ ତାରିଖ ଯାଏ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବର୍ଷା ହେବ ବୋଲି ଅନୁମାନ କରାଯାଇଛି।

# କ୍ୟାପିଟାଲ ହସ୍ପିଟାଲରେ ହେବ ନାର୍କୋ ଟେଷ୍ଟ

**ଭୁବନେଶ୍ୱର, ୧୯।୧୦**
**(ଅସମାପିକା ସାହୁ)**

ଓଡ଼ିଶାରେ ହେବ ନାର୍କୋ ଟେଷ୍ଟ। ଫଳରେ ଅଭିଯୁକ୍ତ କିମ୍ବା ଅପରାଧୀର ନାର୍କୋ ଟେଷ୍ଟ ତଥା ମିଛଧରା ପରୀକ୍ଷା ପାଇଁ ଆଉ ମୁମ୍ବାଇ, ପୁଣେ କିମ୍ବା ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ହିଁ ନାର୍କୋ ଆନାଲିସିସ୍ ଟେଷ୍ଟ କରାଯିବ। ଆସନ୍ତା ମାସରୁ ଏହି ଟେଷ୍ଟ ଆରମ୍ଭ ହେବ ବୋଲି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। କ୍ୟାପିଟାଲ ହସ୍ପିଟାଲ ଅପରେଶନ ଥିଏଟର(ଓଟି)ରେ ନାର୍କୋ ଟେଷ୍ଟ କରାଯିବ। ଏଥିଲାଗି ରାଜ୍ୟ ଫରେନ୍ସିକ୍ ଲାବ୍(ଏସ୍ଏଫ୍ଏଲ୍)କୁ ଆବଶ୍ୟକ ଉପକରଣ ଆସିସାରିଛି। ଏ ନେଇ ବୁଧବାର ଏସ୍ଏଫ୍ଏଲ୍‌ର ଅଧିକାରୀ ଓ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକ ପରେ ନାର୍କୋ ଟେଷ୍ଟ ସଂକ୍ରାନ୍ତରେ ସୂଚନା ଦେଇ ଡା. ସାହୁ କହିଲେ, ଏଥିପାଇଁ ଏବେ କ୍ୟାପିଟାଲ ହସ୍ପିଟାଲ ଆନାସ୍ଥେସିଆ ଓ ମାନସିକ ରୋଗ ବିଶେଷଜ୍ଞଙ୍କର ପ୍ରଶିକ୍ଷଣ ଚାଲିଛି। ହସ୍ପିଟାଲ ଓଟିରେ ନିଶା ଇଞ୍ଜେକ୍ସନ ପ୍ରୟୋଗ କରାଯିବା ସହ ଟେଷ୍ଟ କରାଯିବ। ଯେହେତୁ ଏହି ଇଞ୍ଜେକ୍ସନର ପାର୍ଶ୍ୱ ପ୍ରତିକ୍ରିୟା ରହିଛି, ସେଥିପାଇଁ ଟ୍ରେନିଂ ଦିଆଯାଉଛି। ଆସନ୍ତା ମାସରୁ ହସ୍ପିଟାଲରେ ଟେଷ୍ଟ ଆରମ୍ଭ ହୋଇଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ହତ୍ୟା, ଗଣବଳାତ୍କାର, ଦଙ୍ଗା ଭଳି ବହୁ ସଙ୍ଗିନ ଅପରାଧ ମାମଲାରେ ଅଭିଯୁକ୍ତଙ୍କଠାରୁ ସତ ବାହାର କରିବା ପାଇଁ ସେମାନଙ୍କର ନାର୍କୋ ଟେଷ୍ଟ କରାଯାଇଥାଏ। ଏହି ଟେଷ୍ଟ ପାଇଁ ଉଭୟ ଅଭିଯୁକ୍ତ ଓ କୋର୍ଟଙ୍କ ଅନୁମତି ଆବଶ୍ୟକ ହୋଇଥାଏ। ଏହାର ରିପୋର୍ଟକୁ ତଦନ୍ତକାରୀ ଅଧିକାରୀ ପ୍ରମାଣ ଭାବେ କୋର୍ଟରେ ଉପସ୍ଥାପନ କରିପାରିବେ ନାହିଁ। କେବଳ ତଦନ୍ତରେ ସହଯୋଗ ବା ସତ କ'ଣ ତାହା ଜାଣିବା ପାଇଁ ଅଭିଯୁକ୍ତର ଏଭଳି ଟେଷ୍ଟ କରାଯାଇଥାଏ।

# ପ୍ରଥମ ପୁରୁଷ ଗର୍ଭନିରୋଧୀ ଇଞ୍ଜେକ୍ସନ ନିରାପଦ

## କ୍ଲିନିକାଲ ପରୀକ୍ଷାରୁ ସ୍ପଷ୍ଟ ହେଲା | ଆଇଆଇଟି ଖଡ଼ଗପୁରରେ ବିକଶିତ

**ନୂଆଦିଲ୍ଲୀ,୧୯।୧୦(ପି.ଟି.)**

ବିଶ୍ୱର ପ୍ରଥମ ପୁରୁଷ ଗର୍ଭନିରୋଧୀ ଇଞ୍ଜେକ୍ସନର କ୍ଲିନିକାଲ ପରୀକ୍ଷା ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ସମ୍ପୂର୍ଣ୍ଣ କରିଛି। କୌଣସି ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ନ ଥିବାବେଳେ ଏହା ବେଶ୍ ଫଳପ୍ରଦ ଏବଂ ନିରାପଦ ବୋଲି ପରୀକ୍ଷାରୁ ଜଣାପଡ଼ିଛି। ଏହି ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷାରେ ୨୫ରୁ ୪୦ ବର୍ଷ ବୟସବର୍ଗର ୩୦୩ ଜଣଙ୍କୁ ସାମିଲ କରାଯାଇଥିଲା। ଗତ ମାସରେ ଉକ୍ତ ପରୀକ୍ଷା ସମ୍ପର୍କରେ ଆଣ୍ଡ୍ରୋଲୋଜି ପତ୍ରିକାରେ ପ୍ରକାଶ ପାଇଛି। ହସ୍ପିଟାଲ ଆଧାରିତ ଏହି



କ୍ଲିନିକାଲ ପରୀକ୍ଷା ନୂଆଦିଲ୍ଲୀ, ଉଦ୍ଧାମପୁର, ଲୁଧିଆନା, ଜୟପୁର ଏବଂ ଖଡଗପୁରରେ କରାଯାଇଥିଲାବେଳେ ନୂଆଦିଲ୍ଲୀର ଆଇସିଏମ୍ଆର୍ ସବୁ ପରୀକ୍ଷା କେନ୍ଦ୍ର ସହ ସମନ୍ୱୟ ରଖିଥିଲେ। ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ପାଇଁ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଇଣ୍ଡିଆ (ଡିସିଜିଆଇ) ଅନୁମତି ଦେଇଥିବାବେଳେ ସମ୍ପୃକ୍ତ ସେଣ୍ଟରଗୁଡ଼ିକର ଏଥିକାଲ କମିଟି ଏହାକୁ ଅନୁମୋଦନ କରିଥିଲା। ଟ୍ରାଏଲ୍‌ରେ ୩୦୩ ଜଣ ସୁସ୍ଥ, ଯୌନ ସକ୍ରିୟ ଏବଂ ବିବାହିତ ପୁରୁଷ ଏବଂ ସେମାନଙ୍କ ସୁସ୍ଥ ଓ ଯୌନକ୍ଷମ ସ୍ତ୍ରୀଙ୍କୁ ନିଆଯାଇଥିଲା, ଯେଉଁମାନେ ଫାମିଲି ପ୍ଲାନିଂ କ୍ଲିନିକ୍ କିମ୍ବା ଭାସେକ୍ଟୋମି ଅଥବା ନୋ ସ୍କାଲପେଲ୍ ଭାସେକ୍ଟୋମି କରିବାକୁ ଆସିଥିଲେ। ପୁରୁଷମାନଙ୍କୁ ୬୦ ମିଲିଗ୍ରାମ 'ରିଭର୍ସିବଲ୍ ଇନ୍‌ହିବିଶନ ଅଫ୍ ସ୍ପର୍ମ ଅଣ୍ଡର ଗାଇଡାନ୍ସ' (ଆର୍ଆଇଏସ୍ୟୁଜି) ଦିଆଯାଇଥିଲା। ଏହାର ଗର୍ଭନିରୋଧୀ କ୍ଷମତା ୯୯.୦୨ ପ୍ରତିଶତ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ପୁରୁଷ ଓ ମହିଳାମାନଙ୍କ ପାଇଁ ଥିବା ଅନ୍ୟ ସମସ୍ତ ଗର୍ଭନିରୋଧକ ତୁଳନାରେ ଆର୍ଆଇଏସ୍ୟୁଜି ସର୍ବାଧିକ ଫଳପ୍ରଦ ବୋଲି କୁହାଯାଇଛି। ଜନସଂଖ୍ୟା ନିୟନ୍ତ୍ରଣ ଲାଗି ପୁରୁଷ ଗର୍ଭନିରୋଧକର ଆଧୁନିକ ପଦ୍ଧତିର ବିକାଶ କରିବା ଜରୁରୀ ଥିଲା। ଆର୍ଆଇଏସ୍ୟୁଜି ଏ ଦିଗରେ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ଆଇଆଇଟି ଖଡଗପୁରରେ ଡ. ସୁଜୟ କେ. ଗୁହାଙ୍କ ଟିମ୍ ଉକ୍ତ ଇଞ୍ଜେକ୍ସନକୁ ବିକଶିତ କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅସିତ୍



@ ଆଦିତ୍ୟ



@ ବିଚିତ୍ରମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୨୦୨୪ ରଥଯାତ୍ରାରେ ରତ୍ନଭଣ୍ଡାର ଖୋଲିବା ପ୍ରକୃଷ୍ଟ ସମୟ: ଗଜପତି

ପୁରୀ,୧୯।୧୦(ଅଜିତ୍ ମହାନ୍ତି): ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲି ତାହାର ମରାମତି କରିବା ନେଇ ବିଭିନ୍ନ ମହଲରୁ ଦାବି ହେଉଛି। ଏପରି କି ଗତ ଅଗଷ୍ଟ ୪ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୨୪ ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ଭିତର ରତ୍ନଭଣ୍ଡାର ଖୋଲାଯିବ। ଏହାପୂର୍ବରୁ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରାଯାଇ ରତ୍ନଭଣ୍ଡାରର ସ୍ଥିତି ଯାଞ୍ଚ କରାଯିବ। ଏଏସ୍ଆଇ, ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଇଞ୍ଜିନିୟର ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ କରାଯିବାପରେ ସରକାରଙ୍କୁ ଏନେଇ ଅବଗତ କରାଯିବ। ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବାରୁ ସେହି ସମୟ ହିଁ ରତ୍ନଭଣ୍ଡାର ଯାଞ୍ଚର ପ୍ରକୃଷ୍ଟ ସମୟ ବୋଲି ପରିଚାଳନା କମିଟିରେ ମତପ୍ରକାଶ ପାଇଥିଲା। ତେବେ ପରିଚାଳନା କମିଟିରେ ଏପରି ନିଷ୍ପତ୍ତିକୁ ଅନେକ ବ୍ୟକ୍ତି ପସନ୍ଦ କରି ନ ଥିଲେ। ଭାଜପାର ଏକ ପ୍ରତିନିଧି ଦଳ ଗଜପତି ମହାରାଜଙ୍କୁ ଭେଟି ରତ୍ନଭଣ୍ଡାର ସମ୍ପର୍କରେ ଆଲୋଚନା କରିଥିଲେ। ଏନେଇ ଗୁରୁବାର ଗଜପତି ମହାରାଜ ପ୍ରତିକ୍ରିୟା ପ୍ରଦାନ କରି ପରିଚାଳନା କମିଟିରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଅବଗତି କରାଇଛନ୍ତି। ୨୦୨୪ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲିବା ସହ ଗଣତି ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ରଥଯାତ୍ରା ହିଁ ପ୍ରକୃଷ୍ଟ ସମୟ, କାରଣ ସେହି ସମୟରେ ଅନ୍ୟପର୍ବ କିଛି ନ ଥାଏ। ବର୍ତ୍ତମାନ କିମ୍ବା ଆଗାମୀ କିଛି ମାସ ମଧ୍ୟରେ ଖୋଲିବା ଉଚିତ୍ ନୁହେଁ। ଯଥାଶୀଘ୍ର ଏଏସ୍ଆଇ ଅଧିକ୍ଷଙ୍କ ପକ୍ଷରୁ ରତ୍ନଭଣ୍ଡାର କାନ୍ଥ ଲେଜର ସ୍କାନିଂ କରାଯିବ। ବର୍ତ୍ତମାନର ସ୍ଥିତି ପରଖିବା ପାଇଁ ସ୍କାନିଂ ଭିତର ବେଢା ପଟ କରାଯିବ ବୋଲି ଗଜପତି କହିଛନ୍ତି।

# ଆଜିଠୁ ସ୍କୁଲ ଛୁଟି

ଭୁବନେଶ୍ୱର, ୧୯।୧୦(ଅସମାପିକା ସାହୁ)- ପୂଜା ପାଇଁ ରାଜ୍ୟରେ ଶୁକ୍ରବାରଠାରୁ ସ୍କୁଲ ଛୁଟି ହେବ। ଆସନ୍ତା ୨୯ ତାରିଖ ଯାଏ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ପୂଜା ଛୁଟିରେ କେତେକ ଜିଲାରେ ଶିକ୍ଷକଙ୍କୁ ପାଳି କରି ବିଦ୍ୟାଳୟ ଆସିବାକୁ କୁହାଯାଇଥିବା ଜଣାପଡ଼ିଛି। ୪ର୍ଥ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରଣରେ ସାମିଲ ହୋଇଥିବା ଉକ୍ତ ବିଦ୍ୟାଳୟଗୁଡ଼ିକୁ ପୂଜା ଛୁଟି ସମୟରେ ଜିଲା ତଥା ରାଜ୍ୟର ଅଧିକାରୀମାନେ ପରିଦର୍ଶନରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ କର୍ମଚାରୀ ଉପସ୍ଥିତ ରହିବା ଦରକାର। ତେଣୁ ଏହି ଅବଧି ମଧ୍ୟରେ ରୋଷ୍ଟର ଡ୍ୟୁଟି ଲାଗୁ କରିବାକୁ ଉକ୍ତ ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।


## GOVERNMENT OF ODISHA
## ODIA LANGUAGE, LITERATURE & CULTURE DEPARTMENT
## HAREKRUSHNA MAHTAB STATE LIBRARY, BHUBANESWAR
## ADVERTISEMENT

No. ASD-Estt.-II-13/2023/1945/HKMSL Dated: 17.10.2023

No. RR-38: Applications are invited from the retired Government Officers/ Employees for engagement as OSDs for 11 Posts in the Harekrushna Mahtab State Library, Bhubaneswar on contractual basis against the following vacant posts for a period of one year or till the vacancy is filled up, whichever is earlier as per the terms and conditions as stated bellow:

| Sl. No. | Name of the Post | Nos. of Post |
|---|---|---|
| 01 | Librarian - II | 01 |
| 02 | Assistant Librarian | 05 |
| 03 | Library Assistant | 01 |
| 04 | Jr. Storekeeper | 01 |
| 05 | Jr. Assistant | 01 |
| 06 | Library Attendant | 02 |

Total-11

1. Officers who have from retired from Government service on attaining the age of superannuation and below the age of sixty five years having good service records and are physically fit shall be eligible to be considered for engagement.
2. Officers against whom department proceeding or criminal cases are pending or contemplated or who have been penalized for misconduct during the period of preceding five years of retirement are not eligible to apply.
3. The engagement will be made as per terms and conditions as laiddown vide GA Department Resolution No. 23750/Gen. Dt.27.08.2014.
4. The Consolidated remuneration of the Consultants/OSDs will be fixed as per Finance Department O.M. No. 7022/F Dt.17.03.2018 and revised O.M. No. 24533 Dt.29.09.2022.
5. The engaged officers are subject to 'Odisha Government Servants Conduct Rules, 1957' and are liable to be proceeded against for their misconduct, omissions and commissions as per the provisions under the
6. The engagement can be terminated at any time by the competent authority due to unsatisfactory performance. On the contrary if any OSD desires to resign he shall do so by giving one month's prior written notice to the competent authority.
7. On being selected, the applicant will furnish an undertaking at the time of joining the duty as regards truthfulness and correctness of the information furnished by him/her.
8. Interested retired Officers fulfilling the above criteria may apply in the enclosed format to the Director HKM State Library, Bhubaneswar through e-mail id **hkmsl@rediffmail.com / hkmsl2022@gmail.com** by 27th October, 2023.

**Sd./- Director, HKM, State Library**

**APPLICATION FORM FOR ENGAGEMENT OF RETIRED GOVT. OFFICERS/EMPLOYEES AS OSD/CONSULTANT AGAINST THE VACANT POST OF LIBRARIAN - II, ASSISTANT LIBRARIAN, LIBRARY ASSISTANT, JR. STOREKEEPER, JR. ASSISTANT AND LIBRARY ATTENDANT ON CONTRACTUAL BASIS**

Affix Passport Size Photo

1. Name of the Applicant :
2. Father's Name :
3. Date of Birth :
4. Educational Qualification :
5. Date of Retirement :
6. Post hold at the time of retirement :
7. Pay Level under ORSP Rules, 2017 : At the time of retirement
8. Present Address :
9. Permanent Address :
10. Work Experience : (May attached separate sheet)
11. Contact Details
    i. Mobile No. :
    ii. Email ID :

Place :
Date : Full Signature of the Applicant

OIPR-03016/11/0003/2324



## BERHAMPUR MUNICIPAL CORPORATION

No.C-1672: **QUOTATION CALL NOTICE**

QCN No.14431 Dt.18.10.23

| | | |
|---|---|---|
| 1 | Procurement officer Publisher/ Officer Inviting the Quotation | Commissioner Berhampur Municipal Corporation |
| 2 | Nature of Work | Empanelment of Implementing Agencies for Rejuvenation of water Bodies under BeMC. |
| 3 | Nos. of Work | 1 No. |
| 4 | Period of Availability of the Bid documents | From 15.00 hrs. of 18.10.23 to 17.00 hrs. of 02.11.23 |
| 5 | Last date & time for submission of the sealed Envelopes through Regd.Post/ Speed Post/ by hand in the single window of BeMC located inside. The office premises of BeMC within office hours only containing the EMD, cost of the bid documents, document as asked for the fullfil the eligibility criteria of the bidder for each work. | 17.00 hrs. of 02.11.23 |
| 6 | Date & Time of Opening of the Bids | 11.30 hrs. onwards on Dt.3.11.23 |
| 7 | Detail Quotation Call Notice and other detail can be seen in | www.berhampur.gov.in. |

Sd./- Commissioner
OIPR-13035/11/0034/2324 Berhampur Municipal Corporation



## SAMBALPUR UNIVERSITY
Jyoti Vihar, Burla-768019
Sambalpur,Odisha
(Accredited with Grade 'A' by NAAC)
ସମ୍ବଲପୁର ବିଶ୍ୱବିଦ୍ୟାଳୟ
ଜ୍ୟୋତି ବିହାର, ବୁର୍ଲା-୭୬୮୦୧୯
ସମ୍ବଲପୁର, ଓଡ଼ିଶା

No.5990/Estt.I-3/D/03 Date:17.10.2023

### NOTIFICATION

**No.CAD-2493:** Nominations are invited for felicitation of person(s) on occasion of the celebration of the 57th Foundation day of Sambalpur University, from Individuals/ recognized organizations working in the field(s) of Literature/ Culture/ Education/ Science/ Technology/ Social works etc. Person(s) so nominated should be distinguished & have remarkable contribution for development of Literature, Art, Culture, Education, Science, Technology, Social work, Games & Sports or other such field and must belong to the geographical jurisdiction of Sambalpur University, i.e, Athamallik subdivision of Angul, Bargarh, Boudh, Deogarh, Jharsuguda, Sambalpur and Sundargarh district.

Nominations along with a resume of his/her achievements and contributions as well as complete bio-data should be submitted in sealed cover superscribed with **"NOMINATION FOR AWARD OF RECOGNIZATION BY THE SAMBALPUR UNIVERSITY ON THE FOUNDATION DAY"** so as to reach to the Registrar, Sambalpur University, Jyoti Vihar, Burla through Speed/ Registered post latest by **09.11.2023, 05:00 PM.**

**Sd./- Registrar**
OIPR-11010/11/0015/2324



## OFFICE OF THE EXECUTIVE ENGINEER, DEOGARH (R&B) DIVISION, DEOGARH

No. B-1118 E-mail ID: eepwddeogarh@gmail.com

### INVITATIONS FOR BIDS (IFB)

Letter. No. 3921 Invitation for Bids Dtd. 16.10.2023

**Bid Identification No. EE PWD DGR No. 12 of 2023-24**

| | | | |
|---|---|---|---|
| 1. | The Executive Engineer, Deogarh (R&B) Division, Deogarh on behalf of Governor of Odisha invites percentage rate bids in single/double cover system in ONLINE MODE only for Construction of Building and Road works as detailed below. | | |
| 2. | Nature of Work | : | Building works |
| 3. | No. of Works | : | Building 2 Nos. |
| 4. | Bid Cost. | : | Rs.10,000/- & Rs.6,000/- |
| 5. | Class of Contractor | : | "C" & "B" Class |
| 6. | Availability of Bid Documents in the website | : | From Dt.20.10.2023 to 17.00 hours of Dt.30.10.2023 |
| 7. | Date of Opening of Technical Bid | : | Dt.31.10.2023 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **http://www.tendersorissa.gov.in**. Any addendum/corrigendum/ cancellation of tender can also be seen in the said website only. | | |

Sd./- Executive Engineer
OIPR-34061/11/0010/2324 Deogarh (R&B) Division



## The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2525 OSIC GST No. 21AAACO2101M1Z1

### TENDER CALL NOTICE

Tender Notice No.4968/OSIC/MKT Dt.18.10.2023

The Odisha Small Industries Corporation Ltd., Cuttack invites sealed bids from experienced registered Distributors/ Dealers/ Manufacturers for procurement, supply & installation of Interactive Panels to High Schools and Colleges under Transformation of High Schools and Colleges under 5-T initiative in Mayurbhanj District. The detail specifications, quantity of the items along with terms and conditions is available in OSIC website. Any corrigendum/changes/modifications will appear in OSIC website: **www.osicltd.in** only and all the bidders are further advised to keep referring OSIC website for any updates with reference to this advertisement.

By order of MD
OIPR-14073/11/0066/2324 Sd/-General Manager(O)



## ODISHA LIFT IRRIGATION CORPORATION LTD.
(A Government of Odisha Undertaking)
Plot No. N-17/2, Nayapalli, Bhubaneswar-751 012
Phone No. : (0674)2390195(Off), Fax No. (0674)2395844,
E-Mail ID: olicltd123@bsnl.in olicltd@ymail.com, http://odishalift.com

### NATIONAL COMPETITIVE BIDDING THROUGH e-Procurement

No.IT-02/2023-7460/OLIC, Dated 19.10.2023

**No.CAD-2522:** The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of deep bore wells in different districts of Odisha state. Interested Bidders may visit website: www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

A. Brief description of Work : Installation, electrification, energisation & commissioning of deep borewells in Balangir, Subarnapur, Sundargarh, Nuapada, Nabarangapur, Kalahandi, Mayurbhanja & Sambalpur districts (12 Packages)
B. Estimated cost of works : Varies from Rs. 1302.80 Lakhs to Rs. 393.90 Lakhs
C. Date and time of availability of bid document in the portal: From dt. 20.10.2023 to dt. 06.11.2023 (up to 17.00 hours)
D. Last date / time for receipt of bid in the Portal-dt. 06.11.2023 up to 17.00 hours
E. Last date of seeking clarification- dt. 27.10.2023 up to 17.00 Hours
F. Technical Bid will be opened on - dt. 07.11.2023 at 11.00 hours.
Any Addendum/ corrigendum/ Cancellation of tender will be available in the said website.
Authority reserves the right to accept /reject any or all the tenders, increase or decrease the quantities of work put to bidding without assigning any reasons thereof.

SD./-MANAGING DIRECTOR
OLIC LTD., BHUBANESWAR
OIPR-32432/11/0037/2324



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-2508

## OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

### Tender Call Notice No.

File No.BBSR/ELECT/E-4480/23-24/2705, Dated 16/10/2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, installation, testing & commissioning of village Electrification Works with Service Connection to Un-electrified House holds under BGJY (20-21) in different villages of different Blocks in Rayagada District in total nine packages as detailed below:

| | | |
|---|---|---|
| **Procurement Officer for all packages below:** | **D.H. (Elect) IDCO, IDCO Tower, Janpath, Bhubaneswar** | |
| **Availability of Tenders on-line for bidding for all packages below:** | **Availability of Tender online for bidding** | |
| | From | To |
| | 17.00 Hours of 26.10.2023 | 17.00 Hours of 06.11.2023 |
| Name of the packages | Bid ID No. | |
| 1 | 2 | |
| Pkg-1 in 3 villages : Kurukuti, Jairpanga & Badibaju of Piskapanga GP in CHANDRAPUR Block | Bid ID No. BBSR/ELECT/e-55/23-24 | |
| Pkg-2: In 2 villages, Gatiguda of Budubali GP & Kharinala of Hanumantapur GP in CHANDRAPUR Block | Bid ID No. BBSR/ELECT/e-56/23-24 | |
| Pkg-3: In three villages: Badanala Dhepasahi & Sabaramala Chowk of Jagdalpur GP & Kamalabada of Sarikama GP in MUNIGUDA Block | Bid ID No. BBSR/ELECT/e-57/23-24 | |
| Pkg-4: In three villages; Tulasipadar, Denguluma & Dudujangi of Budabali GP in MUNIGUDA Block | Bid ID No. BBSR/ELECT/e-58/23-24 | |
| Pkg-5: In two villages; Melenda of Dimiriguda GP & Suruguda-1 of Hanumantpur GP in MUNIGUDA Block | Bid ID No. BBSR/ELECT/e-59/23-24 | |
| Pkg-6: In village Karadanga of Laxmipur GP MUNIGUDA Block | Bid ID No. BBSR/ELECT/e-60/23-24 | |
| Pkg-7: In village Temagudi of Agulo GP in MUNIGUDA Block | Bid ID No. BBSR/ELECT/e-61/23-24 | |
| Pkg-8: In 2 villages: Sardigamu & Karadua of Chandrapur GP in CHANDRAPUR Block | Bid ID No. BBSR/ELECT/e-62/23-24 | |
| Pkg-9: In village Poduguda of Chandrapur GP in CHANDRAPUR Block | Bid ID No. BBSR/ELECT/e-63/23-24 | |

Further details can be seen from the e-procurement portal www.tendersorissa.gov.in Corrigendum or Addendum if any will not be published in newspapers and can be seen in e-Procurement portal as well as in IDCO website.

Sd./- Divisional Head (Elect.)
IDCO, Bhubaneswar
OIPR-14003/11/0252/2324



## ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍/ IREL (India) Limited
Unleashing Values
ଓସ୍‌କମ୍/OSCOM, ମାଟିଖାଲୋ/Matikhalo-761045

ଅଧିସୂଚନା ନଂ.: ଆଇଆର୍‌ଇଏଲ୍/ଓଏସ୍/ଏଏ/୨୦୨୩
ଅଧିସୂଚନା ତାରିଖ: ୧୧।୧୦।୨୦୨୩
ଦରଖାସ୍ତ ଗ୍ରହଣର ଶେଷ ତାରିଖ: ୦୪।୧୧।୨୦୨୩

### ଶିକ୍ଷାନବିସ ଅଧିନିୟମ, ୧୯୬୧ ଅଧୀନରେ ବର୍ଷ ୨୦୨୩-୨୪ ପାଇଁ ଶିକ୍ଷାନବିସଙ୍କ ନିୟୋଜନ ନିମନ୍ତେ ଅଧିସୂଚନା

ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍, ଓସ୍‌କମ୍, ମାଟିଖାଲୋ, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଆଣବିକ ଶକ୍ତି ବିଭାଗ (ଡିଏଇ), ଭାରତ ସରକାରଙ୍କ ଅଧୀନସ୍ଥ ଏକ କେନ୍ଦ୍ରୀୟ ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ (ସିପିଏସ୍ଇ), ଯାହା ଖଣି, ଖଣିଜ ପଦାର୍ଥ ପୃଥକୀକରଣ ଏବଂ ଆଣବିକ ଖଣିଜ ପଦାର୍ଥର ମୂଲ୍ୟ ସମ୍ବର୍ଦ୍ଧନ କ୍ଷେତ୍ରରେ କାର୍ଯ୍ୟରତ । ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍ ଦ୍ୱାରା ଉତ୍ପାଦିତ ଖଣିଜ ପଦାର୍ଥ ଏବଂ ବିରଳ ମୃତ୍ତିକା ଯୌଗିକ ବିଭିନ୍ନ ଉଦ୍ୟୋଗତ ତଥା ରଣନୀତିଗତ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ ।

୨.୦ ଶିକ୍ଷାନବିସ ଅଧିନିୟମ, ୧୯୬୧ (ସମୟ ସମୟରେ ସଂଶୋଧିତ ହେଉଥିବା ଅନୁଯାୟୀ) ଅଧୀନରେ ଟ୍ରେଡ୍, ଟେକ୍ନିସିଆନ୍ ଏବଂ ଗ୍ରାଜୁଏଟ୍ ଆପ୍ରେଣ୍ଟାଇସ୍ ଶୃଙ୍ଖଳାରେ ୩୧ ଜଣ ଶିକ୍ଷାନବିସଙ୍କ ନିୟୋଜନ ପାଇଁ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।

୩.୦ ଦରଖାସ୍ତକୁ ଡାକରେ (ସ୍ପିଡ୍ ପୋଷ୍ଟ ବାଞ୍ଛନୀୟ) ମୁଦା ଲଫାପାରେ ପଠାଯିବା ଆବଶ୍ୟକ ଏବଂ ଲଫାପାର ଉପରିଭାଗରେ ନିମ୍ନଲିଖିତ ବାକ୍ୟ ଉଲ୍ଲେଖ କରିବା ଆବଶ୍ୟକ:-

'ଅଧିସୂଚନା ନଂ. ଆଇଆର୍‌ଇଏଲ୍/ଓଏସ୍/ଏଏ/୨୦୨୩ ବାବଦରେ ଶିକ୍ଷାନବିସଙ୍କ ନିୟୋଜନ ପାଇଁ ଦରଖାସ୍ତ
ଶୃଙ୍ଖଳା: ....................................'

୪.୦ ଦରଖାସ୍ତଗୁଡ଼ିକୁ ବିଭାଗୀୟ ମୁଖ୍ୟ, ଏଚ୍ଆର୍ଏମ୍, ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍, ଓସ୍‌କମ୍, ସ୍ଥାନ/ପୋଷ୍ଟ: ମାଟିଖାଲୋ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୪୫ଙ୍କ ଠିକଣାରେ ପଠାଯିବା ଆବଶ୍ୟକ । ଏହା ଆମ କାର୍ଯ୍ୟାଳୟରେ ଶେଷ ତାରିଖ, ଅର୍ଥାତ୍ ତା୦୪।୧୧।୨୦୨୩ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ଆହୁରି ମଧ୍ୟ, ସବିଶେଷ ଅଧିସୂଚନା ଏବଂ ଦରଖାସ୍ତ ଫର୍ମାଟ୍ ଡାଉନ୍‌ଲୋଡ୍ କରିବା ପାଇଁ ଆମ ୱେବ୍‌ସାଇଟ୍ **http://www.irel.co.in** ପରିଦର୍ଶନ କରି 'କ୍ୟାରିୟର୍' ବିକଳ୍ପ ଉପରେ କ୍ଲିକ୍ କରନ୍ତୁ ।

ବିଭାଗୀୟ ମୁଖ୍ୟ, ଏଚ୍ଆର୍ଏମ୍
CBC 48129/12/0031/2324 ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍



## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER MINOR IRRIGATION DIVISION, KHARIAR
E-mail: eemidivision_khariar@rediffmail.com

### e-PROCUREMENT NOTICE

Bid Identification Notice No. 02/SE MIDKHR/2023-24

Lt. No. 1339/MIDKHR Dt.: 17.10.2023

No. A-684: The Superintending Engineer, M.I. Division, Khariar, Dist.: Nuapada on behalf of Governor of Odisha invites Percentage Rate Bids in Single Cover System through e-procurement to be received in online mode only for the works as detailed in the table below. The bid should be submitted online in the website **www.tendersodisha.gov.in** by eligible contractors.

| | | | |
|---|---|---|---|
| 1. | Name of Work | : | Construction of Civil Works under M.I. Division, Khariar |
| 2. | Total No. of Works | : | 07 (Seven) Nos. only |
| 3. | Estimated Cost | : | Varies from 8.5 lakhs to 14.00 lakhs approximately |
| 4. | Class of Contractor | : | As mentioned against work |
| 5. | Period of Completion | : | As mentioned against work |
| 6. | Date and time of availability of Bid | : | From 10.00 A.M. on 01.11.2023 and upto 5.30 P.M. on 15.11.2023 document in portal |
| 7. | Last date/time for receipt of Bid | : | Upto 5.30 P.M. on 15.11.2023 document in portal |
| 8. | Date/time of opening of Technical Bid | : | From 11.00 A.M. on 16.11.2023 at O/o. M.I. Division, Khariar, Nuapada |
| 9. | Name and Address of Officer | : | Superintending Engineer, M.I. Division, Khariar, Nuapada Officer Inviting the Bid |
| 10. | Mode of Payment of Bid cost and Bid Security | : | Online |

Sd./- Superintending Engineer
OIPR-32090/11/0002/2324 M.I. Division, Khariar



## NOTICE INVITING BID
## Odisha State Medical Corporation Limited (OSMCL)
Infront of Ram Mandir, Convent Square, Unit-III, Bhubaneswar- 751001
Tel.: (0674) 2380950, Website:www.osmcl.nic.in, Email:drugs-osmcl@gov.in

**Bid Ref.No.: OSMCL/2023-24/DRUGS-DHS-RE-TENDER/07 Date:19.10.2023**

**No.CAD-2515:Online Bids** through e-Tender portal (https://tendersodisha.gov.in.) are invited from eligible bidders for **supply of Drugs & Medical Consumables (Re-Tender) as per the particulars mentioned below:**

| Sl. No. | Particulars | Date and Time | |
|---|---|---|---|
| 1. | Date & Time of release of bid | 19.10.2023, 3 PM | |
| 2. | Date & Time for submission of queries by E-mail id- drugs-osmcl@gov.in | 27.10.2023, upto 5.00 PM | |
| 3. | Date & Time of Online bid submission | Start Date & Time | End Date & Time |
| | | 01/11/2023, 3 PM | 21.11.2023, 6.00 P.M. |
| 4. | Date & Time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time | End Date & Time |
| | | 22.11.2023, 10 AM | 29.11.2023, 11.00 AM |
| 5. | Date & Time of online Technical bid opening | 29.11.2023, 11.30 AM | |
| 6. | Date of Opening of Price Bid | To be informed to the qualified bidders | |

The Bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept/ reject any part thereof or all the bids without assigning any reason thereof.

OIPR-10112/11/0028/2324 Sd./- Managing Director, OSMC Ltd., Odisha



See Career Appointment on every Wednesday & Saturday



## Government of Odisha
## Higher Education Department

**Timeline for admission into B.Ed. Courses at Vikram Dev University, Jeypore, Koraput under SAMS for the Academic Session 2023-24**

**No.N-92:** Timeline for admission into B.Ed. Courses at Vikram Dev University, Jeypore, Koraput for the Academic year 2023-24 under SAMS is given below. Any change in the timeline will be published on the website https://te.samsodisha.gov.in/.

| Sl# | Activities | Timeline |
|---|---|---|
| 1 | Reporting of interested applicants for submission of CAF along with relevant documents for participating in this admission process at Vikram Dev University, Jeypore, Koraput | 18th -Oct-2023 to 20th -Oct-2023 & 25th -Oct-2023 to 27th -Oct-2023 (10:00 AM ) to ( 05:00 PM ) |
| 2 | Preparation of the merit list among the reported applicants by the Vikram Dev University, Jeypore, Koraput | 30th -Oct-2023 & 31st -Oct-2023 |
| 3 | Publication of the merit list among the reported applicants at the Notice Board/ University's website & inform them via Call/SMS by the Vikram Dev University, Jeypore, Koraput | 1st -Nov-2023 ( 02:00 PM ) |
| 4 | Reporting of applicants to take admission at Vikram Dev University, Jeypore, Koraput, where the admission fees will be deposited directly at the University's account along with Admission updation in HEI's e-Space | 2nd -Nov-2023 & 3rd -Nov-2023 (10.00 AM to 06.00 PM ) |

**Important Notice**

- *The applicants, who had appeared and qualified in the B.Ed. Entrance Test -2023 under SAMS can participate in this admission process.*
- *The applicants, who have already taken admission in any of the HEIs coming under SAMS in the Academic Sesssion: 2023-24 are not allowed to participate in this admission process at Vikram Dev University, Jeypore, Koraput*
- *The applicants are instructed to visit the Notice board of the concerned University to know their selection status.*

OIPR-11001/11/0037/2324 Sd./- Deputy Director, PTC Section

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଏମ୍ସରେ ଇ- ପେମେଣ୍ଟ ଫ୍ୟାସିଲିଟି ଉଦ୍‌ଘାଟନ, ଏମ୍ସ, ସକାଳ ୯ଟା।
- ରେଳ ଉପଭୋକ୍ତା ସମିତି, ଓଡ଼ିଶା ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା, ରେଳ ସଦନ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା।
- ସୋସାଇଟି ଫର ନେଚର ଏଜୁକେଶନ ଆଣ୍ଡ ହେଲ୍‌ଥ (ଏସ୍ଏନ୍ଇଏଚ୍) ପକ୍ଷରୁ ବୈଠକ, ଏସ୍ଏନ୍ଇଏଚ୍ ପରିସର, ଅପରାହ୍ନ ୩ଟା।
- କଳିଙ୍ଗ ଗର୍‌ବା ରାସ-୨୦୨୩, ଜନତା ମଇଦାନ, ସନ୍ଧ୍ୟା ୬ଟା।
- ନବରାତ୍ରି ଉପଲକ୍ଷେ ମାସିକ ସାହିତ୍ୟ ଆସରର ସ୍ୱତନ୍ତ୍ର ଉପସ୍ଥାପନା, ଓଡ଼ିଶା ଲେଖକ ସମବାୟ ସମିତି ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ, ସନ୍ଧ୍ୟା ୬ଟା।

# ବସ୍‌ଷ୍ଟାଣ୍ଡ, ବସ୍‌ଷ୍ଟପ୍‌ରେ ଅସମ୍ଭାଳ ଭିଡ଼

## ଘରୋଇ ବସ୍ ଧର୍ମଘଟ, ଯାତ୍ରୀ ଛାନିଆ



ଭୁବନେଶ୍ୱର,୧୯।୧୦
(ସତ୍ୟଜିତ୍ ରାଉତ/ସୂର୍ଯ୍ୟକାନ୍ତ ବେହେରା)

ପାର୍ବଣ ଋତୁ ଆରମ୍ଭ ହୋଇବେଳେ ଛୁଟି ଯୋଗୁ ଲୋକମାନେ ଏବେ ସହରରୁ ଘରମୁହାଁ ହୋଇଛନ୍ତି। ଏପରି ସ୍ଥଳେ ଜିଲା ମୁଖ୍ୟାଳୟକୁ ସରକାରଙ୍କ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ଘରୋଇ ବସ୍ ମାଲିକ ସଂଘ ଶୁକ୍ରବାରଠାରୁ ଧର୍ମଘଟ କରିବ। ସଂଘର ଏଭଳି ଚରମ ନିଷ୍ପତ୍ତି ପାଇଁ ରାଜ୍ୟରେ ଚଳାଚଳ କରୁଥିବା ପ୍ରାୟ ୧୪ହଜାର ଘରୋଇ ବସ୍ ସମ୍ପୂର୍ଣ୍ଣ ବନ୍ଦ ହେବ। ତେବେ ବସ୍ ଧର୍ମଘଟ ଖବର ଜାଣି ଦୂରଦୂରାନ୍ତରକୁ ଯିବାକୁ ଚାହୁଁଥିବା ଯାତ୍ରୀଙ୍କ ମନରେ ଛନକା ପଶିଛି। ଦଶହରା ପାଇଁ ଶୁକ୍ରବାରଠାରୁ ସ୍କୁଲ ଏବଂ ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଗାଁ, ବନ୍ଧୁବାନ୍ଧବ ଘର ଓ ପର୍ଯ୍ୟଟନସ୍ଥଳୀ ଆଦି ଯିବାପାଇଁ ଯୋଜନା କରିଥିବା ଲୋକମାନେ ଚିନ୍ତାରେ ପଡ଼ିଛନ୍ତି। ତେଣୁ ଏହି ଧର୍ମଘଟର ପୂର୍ବରୁ ଯାତ୍ରୀମାନେ ବସ୍‌ଷ୍ଟାଣ୍ଡ ଓ ବସ୍‌ଷ୍ଟପ୍ ମୁହାଁ ହୋଇଛନ୍ତି। ଗୁରୁବାର ଅପରାହ୍ନରୁ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଶତାଧିକ ଯାତ୍ରୀଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ଭୁବନେଶ୍ୱରରେ ଥିବା ବିଭିନ୍ନ ଅଞ୍ଚଳର ଲୋକମାନେ ବସ୍ ଯୋଗେ ଘରକୁ ଯିବା ପାଇଁ ଯୋଜନା କରି ଧାଇଁଥିଲେ। ଏପରିକି ବରମୁଣ୍ଡା ବସ୍‌ଷ୍ଟାଣ୍ଡର ଟିକେଟ୍ କାଉଣ୍ଟର ପାଖରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଭିଡ଼ ଯୋଗୁ ବସ୍‌ରେ ଯିବାକୁ ଲୋକମାନେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହୋଇଥିଲେ। ବରମୁଣ୍ଡା ବସ୍ ଷ୍ଟାଣ୍ଡ ବ୍ୟତୀତ ସହରର ସତ୍ୟନଗର, କଳ୍ପନା, ହଂସପାଳ, ଖଣ୍ଡଗିରି ଆଦି ସ୍ଥାନରେ ମଧ୍ୟ ବସ୍‌କୁ ଅପେକ୍ଷା କରି ଯାତ୍ରୀଙ୍କ ଭିଡ଼ ସୃଷ୍ଟି ହୋଇଥିଲା। ଏପଟେ ସରକାର ଲିଖିତ ପ୍ରତିଶ୍ରୁତି ନ ଦେଲା ପର୍ଯ୍ୟନ୍ତ ମାଲିକ ସଂଘ ବସ୍ ଧର୍ମଘଟ ନିଷ୍ପତ୍ତିରେ ଅଟଳ ରହିଛି। ଏପରିସ୍ଥଳେ ଧର୍ମଘଟ କାରଣରୁ ଶୁକ୍ରବାଠାରୁ ପରିବହନ ସେବା ଗୁରୁତର ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି।

### ଯାତ୍ରୀଙ୍କ ମୁହଁରୁ...

"ପୁରୀ ଜିଲା କଣାସସ୍ଥିତ ଏକ କୁକୁଡ଼ା ଫାର୍ମରେ ସ୍ୱାମୀ ଏବଂ ମୁଁ କାମରେ କରୁଛୁ। ଶୁକ୍ରବାରଠାରୁ ବସ୍ ଚଳାଚଳ ବନ୍ଦ ହୋଇଯିବା ଖବର ଶୁଣି ଆମେ ଘରକୁ ଯିବାକୁ ଯୋଜନା କରିଥିଲୁ। ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଅପରାହ୍ନ ପ୍ରାୟ ୩ଟାରୁ ଆସି ବାଲିଗୁଡ଼ା ବସ୍‌କୁ ଅପେକ୍ଷା କରିଛୁ। ଏଠାରେ ଭିଡ଼ ଯୋଗୁ ଦୀର୍ଘସମୟ ପର୍ଯ୍ୟନ୍ତ ହଇରାଣ ହେଉଛୁ।

**– ସଞ୍ଜୁକ୍ତା ବଳିଆରସିଂ, କନ୍ଧମାଳ ଜିଲା କୋଟଗଡ଼ା**

"ପିଏଚ୍.ଡି. ପରୀକ୍ଷା ଦେବାକୁ ଗୋଟିଏ ଦିନ ପାଇଁ ଭୁବନେଶ୍ୱର ଆସିଥିଲି। ଘରକୁ ଯିବା ପାଇଁ ସନ୍ଧ୍ୟାରୁ ବରମୁଣ୍ଡା ଆସିଛି। ଷ୍ଟାଣ୍ଡରେ ଦୀର୍ଘସମୟ ଭିଡ଼ରେ ଫସିରହି ବସ୍ ଟିକେଟ୍ କରିଛି। ଦୁର୍ଗାପୂଜା ସମୟରେ କୌଣସି ଦାବି ପାଇଁ ସଂଘ ପକ୍ଷରୁ ବସ୍ ଚଳାଚଳ ବନ୍ଦ କରିବା କଥା ନୁହେଁ। ସରକାର ମଧ୍ୟ ସଂଘର ଦାବିକୁ ବୁଝିଲେ ଭଲ ହୁଅନ୍ତା। ଷ୍ଟାଣ୍ଡରେ ଏଭଳି ଅସମ୍ଭାଳ ଭିଡ଼ ପାଇଁ ବିରକ୍ତ ଲାଗୁଛି।

**– ଲୋକେଶ ମହନ୍ତ, ବଲାଙ୍ଗୀର**

"ମେଡିକାଲ୍ କାମରେ ଭୁବନେଶ୍ୱର ଆସିଥିଲି। କାମ ସାରି ଘରକୁ ଯିବାପାଇଁ ସନ୍ଧ୍ୟା ୬ରୁ ବସ୍‌ଷ୍ଟାଣ୍ଡରେ ବସିଛି। ଯାତ୍ରୀଙ୍କ ତୁଳନାରେ ଟିକେଟ୍ ନାହିଁ। ଘରକୁ କେମିତି ଯିବି ଚିନ୍ତାରେ ପଡ଼ିଛି। ଏଭଳି ଅସମୟରେ ବସ୍ ଧର୍ମଘଟ କରିବାର ନଥିଲା।

**– ଅମିୟ କୁମାର ବେହେରା, କେଉଁଝର ବଡ଼ବିଲ୍**

## ଡିସେମ୍ବର ୧୫ରୁ କୋଣାର୍କରେ ଇକୋ ରିଟ୍ରିଟ୍

ପୁରୀ, ୧୯।୧୦(ଅଜିତ୍ ମହାନ୍ତି)

କୋଣାର୍କ ମେରାଇନ ଡ୍ରାଇଭଠାରେ ଆଗାମୀ ଡିସେମ୍ବର ୧୫ରୁ ଇକୋ ରିଟ୍ରିଟ୍ ଆରମ୍ଭ ହେବ। ଏ ସମ୍ପର୍କରେ ଏକ ବୈଠକ ଗୁରୁବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ। ପୂର୍ବ ବର୍ଷର ଅଭିଜ୍ଞତା ଓ ଅନୁଭବକୁ ଆଧାର କରି ଚଳିତ ବର୍ଷର ଇକୋ ରିଟ୍ରିଟ୍‌କୁ ଅଧିକ ଆକର୍ଷଣୀୟ ଭାବେ ଆୟୋଜନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଯେଉଁ ବିଭାଗର ଯାହା ଦାୟିତ୍ୱ ତାହାକୁ ନିଷ୍ଠାପର ଓ ଧାର୍ଯ୍ୟ ସମୟ ପୂର୍ବରୁ ସାରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗ ପ୍ରତ୍ୟେକଙ୍କ ସହ ସମନ୍ୱୟ ରଖି କାମ କରି ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ସହଯୋଗ କରିବାକୁ ଜିଲାପାଳ କହିଥିଲେ। ପର୍ଯ୍ୟଟନ ବିଭାଗ, ଜିଲା ପ୍ରଶାସନ ଏବଂ ଇ-ଫାକ୍ଟର ଏଜେନ୍ସିର ମିଳିତ ସହଯୋଗରେ ଇକୋ ରିଟ୍ରିଟ୍ ଡିସେମ୍ବର ୧୫ରୁ ୨୦୨୪ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଲକ୍‌ଜରି ଟେଣ୍ଟ ବ୍ୟବସ୍ଥା କରାଯିବ, ଯେଉଁଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ। ଇକୋ ରିଟ୍ରିଟ୍ ସମୟରେ ଜଳକ୍ରୀଡ଼ା, ବିଚ୍ ସ୍ପୋର୍ଟସ, ଇଣ୍ଡୋର ଗେମ୍ ଇତ୍ୟାଦି ବ୍ୟବସ୍ଥା ଉପଲବ୍ଧ ହେବ। ନିରବଚ୍ଛିନ୍ନ ବିଦ୍ୟୁତ, ପାଣି, ମୋବାଇଲ ନେଟୱାର୍କ ସହ ଚିକିତ୍ସା, ଅଗ୍ନି ନିର୍ବାପକ, ପାର୍କିଂ, ସୁରକ୍ଷା, ୨୪ ଘଣ୍ଟିଆ ଲାଇଫ ଗାର୍ଡ ବ୍ୟବସ୍ଥା କରାଯିବ। ପର୍ଯ୍ୟଟକଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଆସୁଥିବା ପର୍ଯ୍ୟଟକମାନେ ଯେପରି ଏକ ସୁଖଦ ଅନୁଭବ ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ମା' କନକଦୁର୍ଗା ମହୋତ୍ସବ ଉଦ୍‌ଯାପିତ

ବାଲିପାଟଣା,୧୯।୧୦ (ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ବାଗଲପୁରରେ ମା' କନକଦୁର୍ଗା ମହୋତ୍ସବର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ସତ୍ୟପ୍ରିୟ ବେହେରା ଯୋଗଦେଇ କହିଥିଲେ, ନିଷ୍ଠାର ସହିତ ମହୋତ୍ସବ ଭଳି ଏକ ସଂସ୍କୃତି ସମ୍ପନ କାର୍ଯ୍ୟ କଲେ ଗ୍ରାମାଞ୍ଚଳରେ ଭାଇଚାରା ବଜାୟ ରହିବ। ସଂଳାପ ଲେଖକ ଡ.ରଜନୀରଞ୍ଜନ ଦାସ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ କହିଥିଲେ, ମହୋତ୍ସବ ମାଧ୍ୟମରେ ଯୁବକ ଓ ସଂସ୍କୃତି ପ୍ରେମୀମାନେ ପାରମ୍ପରିକ କଳା, ସଂସ୍କୃତିକୁ କାଳଜୟୀ କରି ରଖିବ। ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ କହିଥିଲେ, ସାଂସ୍କୃତିକ କାର୍ଯକ୍ରମ ପ୍ରକୃତିକୁ ସତେଜ ରଖେ। ଯୁବନେତା ଶିବ ମଲ୍ଲିକ କହିଥିଲେ, ବଣମଲ୍ଲିକୁ ଲୋକଲୋଚନକୁ ମହୋତ୍ସବ ହିଁ ଆଣିପାରିବ। ବରିଷ୍ଠ ନେତା ମାଗୁଣି ସେଠି କହିଥିଲେ, ଭଲପାଇବାର ଏକ ନିଷ୍ଠୁର ସତ୍ୟକୁ ମହୋତ୍ସବ ବଞ୍ଚାଇ ରଖିବ। ସେହିପରି ସମାଜସେବୀ ରଞ୍ଜନ କୁମାର ମହାପାତ୍ର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଭାପତି ପ୍ରଳୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଶୁତୋଷ ଚୌଧୁରି ଓ ପୁଷ୍ପଲତା ବେହେରା ମଞ୍ଚ ପରିଚାଳନା କରିଥିଲେ।

### ରାମହରି ଜେନା ପାଇବେ 'ସୁରେଶ ସୃଜନ ସମ୍ମାନ'

ଭୁବନେଶ୍ୱର,୧୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନାଙ୍କୁ ଚଳିତ ବର୍ଷ ନିମନ୍ତେ 'ସୁରେଶ ସୃଜନ ସମ୍ମାନ' ପ୍ରଦାନ କରାଯିବ। ସୁରେଶ ବଳବନ୍ତରାୟ ଫାଉଣ୍ଡେଶନ ପକ୍ଷରୁ ଏହି ସମ୍ମାନ ଘୋଷଣା କରାଯାଇଛି। ଜଣେ ଚିତ୍ରକର, ପ୍ରିଣ୍ଟମେକର୍, ଭିଜୁଆଲାଇଜର୍ ଓ କଳା-ସମାଲୋଚକ ଭାବରେ ଜଣାଶୁଣା ଜେନା ଦେଶ ତଥା ବିଦେଶରେ ଏକାଧିକ ଚିତ୍ର ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାର କଳା- ପରିମଣ୍ଡଳକୁ ପରିପୁଷ୍ଟ କରିବାରେ ଜେନାଙ୍କ ଭୂମିକା ରହିଛି। ଚଳିତ ମାସ ୨୬ ତାରିଖ ସନ୍ଧ୍ୟାରେ ହେବାକୁ ଥିବା 'ସୁରେଶ ସମାବେଶ'ରେ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟର ପ୍ରଫେସର ତଥା ଲୋକସଂସ୍କୃତି ବିଶାରଦ ଡ. ସଦାନନ୍ଦ ଶାହୀ, 'ୟୁନେସ୍କୋ' ଭାଷା ପୁରସ୍କାର ବିଜେତା ଡ. ମହେନ୍ଦ୍ର କୁମାର ମିଶ୍ର ଓ ପୂର୍ବତନ ଏମ୍‌ପି ତଥା ସୁଲେଖକ ଡ. ପ୍ରସନ୍ନ ପାଟଶାଣୀଙ୍କ ଗହଣରେ ଜେନାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଫାଉଣ୍ଡେଶନର ସମ୍ପାଦିକା ଅଧ୍ୟାପିକା ଡ. ଅନନ୍ୟା ଅନୁରୂପା ପ୍ରକାଶ କରିଛନ୍ତି ।

## 'ମୋ କଲେଜ' ପାଣ୍ଠିକୁ ୫୦ଲକ୍ଷ ଦେଲେଣି ଡା. ନାରାୟଣୀ ପଣ୍ଡା



ଭୁବନେଶ୍ୱର, ୧୯।୧୦(ଅସମାପିକା ସାହୁ)

ପାଠ ପଢ଼ିବା ପାଇଁ ଥିଲା ତାଙ୍କର ପ୍ରବଳ ଇଚ୍ଛା। କିନ୍ତୁ ପରିବାର ବୋଝ ଓ ଆର୍ଥିକ ସ୍ଥିତି ଠିକ୍ ନ ଥିବାରୁ ପଢ଼ା ଛାଡ଼ିବାକୁ ବସିଥିଲେ। କିନ୍ତୁ ତାଙ୍କ ଭାଗ୍ୟରେ କିଛି ଅଲଗା ରହିଥିଲା। କଟକ ଏସ୍‌ସିବିରେ ଡାକ୍ତରୀ ଶିକ୍ଷା ପାଇଁ ଗଙ୍ଗାଧର ମେହେର ମହାବିଦ୍ୟାଳୟ ମାସିକ ୨୫ ଟଙ୍କାର ସହାୟତା ପ୍ରଦାନ କଲା। ଫଳରେ ସେ ଜଣେ ସଫଳ ଡାକ୍ତରାଣୀ ହେବା ସହ ରୋଗୀସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବାର ସୌଭାଗ୍ୟ ପାଇଛନ୍ତି। ସେ ହେଉଛନ୍ତି ରାଜ୍ୟର ଖ୍ୟାତନାମା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ନାରାୟଣୀ ପଣ୍ଡା। ଏବେ ୮୬ବର୍ଷ ବୟସରେ ପହଞ୍ଚିଥିଲେ ମଧ୍ୟ ଡା. ପଣ୍ଡା ଗୁରୁଦକ୍ଷିଣା ଦେବାକୁ ଭୁଲି ନାହାନ୍ତି। ତାଙ୍କ ପରି ଗରିବ ମେଧାବୀଙ୍କ ପାଠପଢ଼ା ପାଇଁ ସେ ଅଣ୍ଟା ଭିଡ଼ିଛନ୍ତି। ଏନେଇ ଗୋଟିଏ ବର୍ଷରେ ରାଜ୍ୟ ସରକାରଙ୍କ 'ମୋ କଲେଜ' ପାଣ୍ଠିକୁ ମୋଟ ୫୦ଲକ୍ଷ ଟଙ୍କାର ସହାୟତା ଦେଇସାରିଲେଣି। ନିକଟରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର 'ମୋ କଲେଜ' ପାଣ୍ଠିକୁ ୨୦ ଲକ୍ଷର ଚେକ୍ ପ୍ରଦାନ କରିଛନ୍ତି। ଏହି ଅର୍ଥର ଦୁଇଗୁଣା 'ମୋ କଲେଜ' ପକ୍ଷରୁ ଅନୁଦାନ ମିଳିବ। କଲେଜର ନବ ନିର୍ମିତ ବହୁମୁଖୀ ସମ୍ମିଳନୀ କକ୍ଷ ଓ ଭିତ୍ତିଭୂମିର ବିକାଶ ନେଇ ଏହି ଅର୍ଥ ଖର୍ଚ୍ଚ ହେବ। ବିଶେଷ କରି ସ୍ମାର୍ଟ କ୍ଲାସ, ସାଉଣ୍ଡ ବ୍ୟବସ୍ଥା ଓ ଅନ୍ୟାନ୍ୟ ଆଧୁନିକ ଆସବାବପତ୍ର କିଣା ହେବ। ଏହା ପୂର୍ବରୁ ଡାକ୍ତର ପଣ୍ଡା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର 'ମୋ କଲେଜ' ପାଣ୍ଠିକୁ ୩୦ ଲକ୍ଷର ଆର୍ଥିକ ଅନୁଦାନ ଦେଇଥିଲେ। ଏହି ଅର୍ଥରେ ବିଦ୍ୟାର୍ଥୀଙ୍କୁ ନୂତନ ଜ୍ଞାନକୌଶଳ ପ୍ରଦାନ ପାଇଁ ଅତ୍ୟାଧୁନିକ ଆଇଟି ସେଣ୍ଟର ସ୍ଥାପନ ହୋଇଛି। ଏହାଛଡ଼ା, ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ସ୍ୱତନ୍ତ୍ର 'କର୍ପସ' ପାଣ୍ଠିକୁ ୫ଲକ୍ଷ ଟଙ୍କାର ଚେକ୍ ଦେଇଛନ୍ତି। ଏହି ଅର୍ଥ ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ଗରିବ ମେଧାବୀଙ୍କୁ ଛାତ୍ରବୃତ୍ତି ପୁରସ୍କାର ନିମନ୍ତେ ପ୍ରଦାନ କରାଯିବ। ତେବେ ନାରାୟଣୀଙ୍କ ଏହି ବଦାନ୍ୟତା ସଭିଙ୍କୁ ବହୁ ମାତ୍ରାରେ ପ୍ରେରଣା ଯୋଗାଇଛି। ଏହି ଚେକ୍ ପ୍ରଦାନ କାର୍ଯ୍ୟକ୍ରମ ଡା. ପଣ୍ଡାଙ୍କ ବାସ ଭବନରେ ଆୟୋଜିତ ହୋଇଥିଲା। ତାଙ୍କ ସାନ ଭାଇ ଡା. ରାମକୃଷ୍ଣ ପଣ୍ଡା, ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ, ପ୍ରଫେସର ସମିତା ଆଚାର୍ଯ୍ୟ, ପ୍ରଫେସର ପବିତ୍ର ମୋହନ ବେହେରା ଓ 'ମୋ କଲେଜ' ସଂଯୋଜକ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ମାଟିକୁଣ୍ଡରେ ପରିବେଶର ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ)



ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର , ସଂସ୍କୃତି ମନ୍ତ୍ରଣାଳୟ ଓ ସ୍ୱିଚ୍ଅନ୍ ଫାଉଣ୍ଡେଶନ ସହଯୋଗରେ ଏକ ମେଗା ପଟ୍ ପେଣ୍ଟିଂ ପ୍ରତିଯୋଗିତା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ପ୍ରାୟ ୧୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ନିଜର କଳ୍ପନାକାରୀ ପ୍ରତିଛବିକୁ ମାଟି କୁଣ୍ଡରେ ଚିତ୍ର ମାଧ୍ୟମରେ ଜୀବନ୍ତ ରୂପରେଖ ଦେବାର କଳା କୌଶଳକୁ ପ୍ରକାଶ କରିବାର ସୁଯୋଗ ପାଇଥିଲେ। 'ସ୍ୱଚ୍ଛତା ହି ସେବା' ବିଷୟବସ୍ତୁକୁ ନେଇ ଏକ ଆକର୍ଷଣୀୟ ଏକକ ଅଭିନୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାୟ ୨୦ ଜଣ ଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ କଳାତ୍ମକ କୌଶଳ ମାଧ୍ୟମରେ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଳ ଜେନା କହିଛନ୍ତି, ଚିତ୍ରାଙ୍କନ ଦ୍ୱାରା ହାତ – ଚକ୍ଷୁର ସମନ୍ୱୟ ବଢ଼ିଥାଏ। ଛାତ୍ରଙ୍କ ସୃଜନଶୀଳ ଦକ୍ଷତାକୁ ଆକୃଷ୍ଟ କରିବାର ଏକ ଗୁରୁତ୍ୱପୂର୍ଣ୍ଣ କୌଶଳ, ଏକକ ଅଭିନୟ ଛାତ୍ରମାନଙ୍କ କାର୍ଯ୍ୟଦକ୍ଷତା ଭିତ୍ତିକ କୌଶଳ ମାଧ୍ୟମରେ ବାର୍ତ୍ତା ପହଞ୍ଚାଇବାରେ ସାହାଯ୍ୟ କରେ। ଫାଉଣ୍ଡେଶନର ପରିଚାଳନା ନିର୍ଦ୍ଦେଶକ ବିନୟ ଜାଜୁ କହିଛନ୍ତି, ଶିଶୁ ଓ ଯୁବପିଢ଼ିଙ୍କୁ ପ୍ରକୃତି ସହ ଯୋଡ଼ିବା ଅତ୍ୟନ୍ତ ଜରୁରୀ। ମାଟିପାତ୍ରରେ ଚିତ୍ର ଆଙ୍କିବା ଦ୍ୱାରା ପିଲା ଓ ଯୁବପିଢ଼ିଙ୍କ ମଧ୍ୟରେ ପ୍ଲାଷ୍ଟିକ ପାତ୍ର ବ୍ୟବହାର କରିବା ଅପେକ୍ଷା ପରିବେଶ ଅନୁକୂଳ ପଦ୍ଧତି ଅବଲମ୍ବନ କରିବା ପାଇଁ ସଚେତନତା ସୃଷ୍ଟି ହେବ। ଭୁବନେଶ୍ୱରସ୍ଥିତ ବି. କେ. କଲେଜ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟର ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପାଢୀ କହିଥିଲେ, ମୁଁ ଏହି କଳାତ୍ମକ କାର୍ଯ୍ୟକ୍ରମକୁ ଦେଖି ବହୁତ ଆନନ୍ଦିତ।

## ମୁଖ୍ୟମନ୍ତ୍ରୀଙ୍କ ଆଭାସୀ ଉଦ୍‌ଘାଟନ ଦେଖିଲେ ବାରଙ୍ଗବାସୀ

ବାରଙ୍ଗ,୧୯।୧୦(ଲିଙ୍ଗରାଜ ରାଉତ)

'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ କଟକ ଜିଲାରେ ୧୮୬ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫୩୫୧ଟି ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ବାରଙ୍ଗ ବ୍ଲକର ନରଣପୁର ଫୁଟବଲ ପଡ଼ିଆରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନକୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଦେଖିଥିଲେ। ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବାରଙ୍ଗ ବ୍ଲକ ବିଡିଓ ବିଶ୍ୱରଞ୍ଜନ ବିଶ୍ୱାସ, ତହସିଲଦାର ସ୍ୱସ୍ତିକ ସଂକଳ୍ପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୨୧ରୁ ଆରମ୍ଭ ହେବ ଗୃହଲକ୍ଷ୍ମୀ

ଭୁବନେଶ୍ୱର,୧୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ)



ଓଡ଼ିଶାର ବିବାହିତ ନାରୀମାନଙ୍କୁ ନେଇ ଜୀ ସାର୍ଥକ ପକ୍ଷରୁ ପୁଣି ଏକ ଭିନ୍ନ ଧରଣର ରିୟଲ୍‌ଟି ଶୋ 'ଗୃହଲକ୍ଷ୍ମୀ' ଆରମ୍ଭ ହେବାକୁ ଯାଉଛି। ଚଳିତ ମାସ ୨୧ ତାରିଖରୁ ପ୍ରତ୍ୟେକ ଶନିବାର ଓ ରବିବାର ରାତି ୯ଟା ୩୦ରେ ଏହା ପ୍ରସାରିତ ହେବ। କାର୍ଯ୍ୟକ୍ରମର ସହ ପ୍ରାୟୋଜକ ଭାବେ ଖିମଜୀ ଜୁଏଲର୍ସ ରହିଛି। 'ଗୃହଲକ୍ଷ୍ମୀ'ର ବିଚାରକ ସାଜିବେ ଓଡିଆ ସିନେମା ଜଗତର ତିନି ଲୋକପ୍ରିୟ କଳାକାର ସିଦ୍ଧାନ୍ତ ମହାପାତ୍ର, ମାମା ମିଶ୍ର ଓ ଶ୍ରୀତମ ଦାସ। ଏହି ରିୟଲ୍‌ଟି ଶୋ ହେବ ଓଡିଆ ନାରୀର ଏକ ଅନନ୍ୟ ପରିଚୟ। କାରଣ ଏହି ଶୋ' ମାଧ୍ୟମରେ ଓଡ଼ିଶାର ବଛା ବଛା ସହରରୁ ଆସିଥିବା ନାରୀମାନେ ଦର୍ଶକମାନଙ୍କୁ ସେମାନଙ୍କ ନିଷ୍ଠା ଏବଂ ଭାବନା ସହ ଦର୍ଶକମାନଙ୍କୁ ପ୍ରେରଣା ଯୋଗାଇବେ ବୋଲି ପ୍ରଯୋଜନା ସଂସ୍ଥା ଆଶା କରିଛି। ଏହି ଅନନ୍ୟ ପ୍ରତିଯୋଗିତାରେ ବିବାହିତ ନାରୀମାନେ ୨ଟି ଦଳରେ ଯୁବବର୍ଗ ଓ ପରିପକ୍ୱ ବର୍ଗରେ ବିଭକ୍ତ ହେବେ। ଜୀ-ସାର୍ଥକର ଏହି 'ଗୃହଲକ୍ଷ୍ମୀ' ଶୋ ମନୋରଞ୍ଜନ ସହ ମହିଳାଙ୍କ ପାଇଁ ଏକ ନୂଆ ପରିଚୟ ସୃଷ୍ଟି କରିବାରେ ସହାୟକ ହେବ ଏବଂ ପରିବାର ଓ ଦାୟିତ୍ୱ ମଧ୍ୟରେ ସବୁବେଳେ ଛନ୍ଦି ହୋଇ ରହୁଥିବା ମହିଳାଙ୍କ ଆତ୍ମବିଶ୍ୱାସ ବଢାଇବା ପାଇଁ ମାଧ୍ୟମ ହେବ ବୋଲି ଚ୍ୟାନେଲ ହେଡ୍ ପ୍ରତୀକ ସିଲ ଆଶା ବ୍ୟକ୍ତ କରିଛନ୍ତି।

## ଗୃହ ନିର୍ମାଣ ପ୍ରକଳ୍ପରେ ଆର୍କିଟେକ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୯।୧୦




ଗୃହ ନିର୍ମାଣ ବା ହାଉସିଂ ପ୍ରକଳ୍ପରେ ଆର୍କିଟେକ୍‌ମାନଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ତେଣୁ ପ୍ରତ୍ୟେକ ପଞ୍ଜୀକୃତ ଆର୍କିଟେକ୍ ସେମାନଙ୍କର ଦାୟିତ୍ୱକୁ ଠିକ୍ ଭାବେ ନିର୍ବାହ କରିବା ଉଚିତ ବୋଲି ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ (ଓରେରା) ପକ୍ଷରୁ ଆୟୋଜିତ ଏକ ଦିନିକିଆ କର୍ମଶାଳାରେ ମତ ପୋଷଣ କରାଯାଇଛି। ଉକ୍ତ କର୍ମଶାଳାକୁ ଓରେରା ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ଉଦ୍‌ଘାଟନ କରି ପ୍ରତ୍ୟେକ ଗୃହ ନିର୍ମାଣ ପ୍ରକଳ୍ପ ପାଇଁ ଆର୍କିଟେକ୍‌ଙ୍କ ଭୂମିକା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଓରେରା ପରାମର୍ଶଦାତା ଜେ.ପି.ଜଗଦ୍ଦେବ ଓରେରା ଆଇନ୍ ଅଧୀନରେ ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ତ୍ରୈମାସିକ ବିବରଣୀ ପ୍ରଦାନ ସହ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ପରିସମାପ୍ତି ପ୍ରମାଣପତ୍ର ଦେବା କ୍ଷେତ୍ରରେ ଆର୍କିଟେକ୍‌ମାନଙ୍କର ଗୁରୁ ଦାୟିତ୍ୱ ସମ୍ପର୍କରେ ସେ ବିସ୍ତୃତ ଉଲ୍ଲେଖ କରିଥିଲେ। ସେହିପରି ଓରେରାର ପ୍ରଶାସନିକ ସଦସ୍ୟ ପ୍ରଦୀପ କୁମାର ବିଶ୍ୱାଳ ଓ ନ୍ୟାୟିକ ସଦସ୍ୟ ଗୋପାଳ ଚନ୍ଦ୍ର ପଟ୍ଟନାୟକ ଆର୍କିଟେକ୍‌ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏହି ଅବସରରେ ଓରେରା ଅତିରିକ୍ତ ସଚିବ ଶ୍ରାବଣୀ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଓରେରାର ଓଏସ୍‌ଡି (ଲ୍ୟାଣ୍ଡ) ରବିନାରାୟଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରିମାଟଏଡ୍ ଆର୍ଥ୍ରାଇଟିସ୍‌ରେ ମହିଳାମାନେ ଅଧିକ ପ୍ରଭାବିତ

ଭୁବନେଶ୍ୱର, ୧୯।୧୦(ଅସମାପିକା ସାହୁ)



ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ରୋଗୀଙ୍କ ସହ ଆଲୋଚନା କରୁଛନ୍ତି।

### ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ

ପ୍ରତି ମାସରେ ଏମ୍ସ ଭୁବନେଶ୍ୱରର ଜେନେରାଲ ମେଡିସିନ୍(ଭେଷଜ) ବିଭାଗ ଓପିଡିକୁ ବିଭିନ୍ନ ଗଣ୍ଠିବାତ(ଆର୍ଥ୍ରାଇଟିସ୍) ଓ ଅଟୋଇମ୍ୟୁନ୍ ରୋଗରେ ପୀଡ଼ିତ ପ୍ରାୟ ଏକ ହଜାରରୁ ଅଧିକ ରୋଗୀ ଚିକିତ୍ସା ନିମନ୍ତେ ଆସୁଛନ୍ତି। ପ୍ରତିମାସରେ ୫୦ରୁ ଅଧିକ ରୋଗୀଙ୍କୁ ଏହି ବିଭାଗରେ ଭର୍ତ୍ତି କରାଯାଉଥିବା ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ଗୁରୁବାର ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ ପାଳନ ଅବସରରେ ଆୟୋଜିତ ଏକ ଜନସଚେତନତା କାର୍ଯ୍ୟକ୍ରମରେ ଡା. ବିଶ୍ୱାସ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ଭେଷଜ ବିଭାଗ ମୁଖ୍ୟ ଡା. ଅନୁପମ ଦେ କହିଛନ୍ତି, ମହିଳାମାନେ ଅଧିକାଂଶ କ୍ଷେତ୍ରରେ ରିମାଟଏଡ୍ ଆର୍ଥ୍ରାଇଟିସ୍‌ରେ ଅଧିକ ପ୍ରଭାବିତ ହୁଅନ୍ତି। ସେହିପରି ପୁରୁଷଙ୍କ କ୍ଷେତ୍ରରେ ଆଙ୍କିଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ ଅଧିକ ଦେଖାଯାଇଥାଏ। ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ଡା. ଦେ ସୂଚନା ଦେଇଛନ୍ତି। ଏମ୍ସ ଭୁବନେଶ୍ୱରରେ ଉପରୋକ୍ତ ରୋଗର ଚିହ୍ନଟ ଓ ନିରାକରଣ ନିମନ୍ତେ ବିଭିନ୍ନ ବ୍ୟବସ୍ଥା ଉପଲବ୍ଧ ରହିଛି। ପିଏମ୍ଆର୍ ବିଭାଗ ରହିଥିବାବେଳେ ଚିକିତ୍ସା, ଔଷଧ ସହିତ ଫିଜିଓଥେରାପି ପାଇଁ ପରାମର୍ଶ ଦିଆଯାଉଛି। ବର୍ତ୍ତମାନ ଭାରତରେ ୭ କୋଟିରୁ ଅଧିକ ଲୋକ ଆର୍ଥ୍ରାଇଟିସ୍ ସମସ୍ୟାରେ ପୀଡ଼ିତ। ବୟସାଧିକଜନିତ ସମସ୍ୟା, ସଂକ୍ରମଣ, ଅଟୋଇମ୍ୟୁନ୍ ସମସ୍ୟା ଆଦି ଏହି ରୋଗର କିଛି ପ୍ରମୁଖ କାରଣ ଅଟେ। ମଦ୍ୟପାନ ଓ ଧୂମପାନ ଏହି ରୋଗକୁ ଅଧିକ ବଢ଼ାଇବାର ଆଶଙ୍କା ସୃଷ୍ଟି କରିଥାଏ। ବର୍ତ୍ତମାନ ସମୟରେ ଉପଲବ୍ଧ ଚିକିତ୍ସା ଅତ୍ୟନ୍ତ ପ୍ରଭାବଶାଳୀ। ସନ୍ତୁଳିତ ଖାଦ୍ୟ ଓ ବ୍ୟାୟାମ ସହିତ ଏକ ସୁସ୍ଥ ଜୀବନଶୈଳୀ ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଡା. ଦେ କହିଛନ୍ତି। କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ପିଏମ୍ଆର୍ ବିଭାଗ ମୁଖ୍ୟ ଡା. ଜଗନ୍ନାଥ ସାହୁ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଗୁରୁଦ୍ୱୀପ ଦାସ ପ୍ରମୁଖ ରୋଗ ଉପଚାର ସମ୍ପର୍କରେ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଦୋକାନୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ସୁନାହାର ଲୁଟ୍ ଉଦ୍ୟମ

**ଖୋର୍ଦ୍ଧା,୧୯।୧୦(ପ୍ରଭାତ ପାଣିଗ୍ରାହୀ)**

ପାର୍ବଣରେ ଲୁଟେରାଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ବିଭିନ୍ନ କୌଶଳରେ ଲୁଟ୍ ପାଇଁ ବ୍ୟାଗରେ ଲଙ୍କା ଗୁଣ୍ଡ, ମାରଣାସ୍ତ୍ର ଧରି ବୁଲୁଛନ୍ତି। ଜଣେ ଦୁର୍ବୃତ୍ତ ଦୋକାନୀ ଆଖିରେ ଲଙ୍କା ଗୁଣ୍ଡ ପକାଇ ସୁନାହାର ଲୁଟ କରିବାକୁ ଉଦ୍ୟମ ବେଳେ ଦୋକାନୀ ଧରି ପକାଇବାରୁ ବ୍ୟାଗ ଛାଡି ଦୌଡ଼ି ପଳାଇଥିଲା। ଏଭଳି ଘଟଣା ଘଟିଛି ଖୋର୍ଦ୍ଧା ମୁଖ୍ୟ ରାସ୍ତାରେ ଥିବା ମହାଦେବ ଜୁଏଲର୍ସରେ। ଦୁର୍ବୃତ୍ତ ଜଣଙ୍କ ରୁପା ମୁଦି, ସୁନା ମୁଦି କିଣିବାକୁ ଆସିଥିବା ଦୋକାନୀଙ୍କୁ କହିଥିଲେ। ଏହି ସମୟରେ ଦୁର୍ବୃତ୍ତ ଜଣଙ୍କ ବ୍ୟାଗରୁ ଲଙ୍କା ଗୁଣ୍ଡ କାଢି ଦୋକାନୀଙ୍କ ଆଖିକୁ ଫୋପାଡି ସୁନାହାର ନେବାକୁ ଉଦ୍ୟମ କଲାବେଳେ ଦୋକାନୀ ମାଡ଼ି ବସିବାରୁ ବ୍ୟାଗ ଓ ଚପଲ ଛାଡି ଦୌଡ଼ି ପଳାଇଥିଲେ। ରାସ୍ତାରେ ଦୁର୍ବୃତ୍ତ ଜଣଙ୍କ ଦୌଡୁଥିବା ସିସିଟିଭିରେ କଏଦ ହୋଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ମଦ ଜବତ, ୪ ଗିରଫ

**ବେଗୁନିଆ,୧୯।୧୦(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ଅବକାରୀ ଥାନା ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ପିଚୁକୁଳି ଗ୍ରାମର ଉତ୍ତମ ନାୟକ, ସାନପଦର ଗ୍ରାମର ସଞ୍ଜୟ କୁମାର ଭଞ୍ଜ ଏବଂ ବୋଲଗଡ ଥାନା ବାଙ୍କୋଇ ଗ୍ରାମର ପ୍ରଭାତ କୁମାର ବରାଡ ଓ ହରିପୁର ପାଟଣା ଗ୍ରାମର ପ୍ରଣୟ କୁମାର ସୁବୁଦ୍ଧି। ଏମାନଙ୍କ ନିକଟରୁ ମୋଟ୍ ୮୨ଲିଟର ଦେଶୀ ରନ୍ଧା ମଦ ଏବଂ ୪ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ୪ଟି ମାମଲା (ନଂ ୧୨୭, ୧୨୮, ୧୨୯,୧୩୦/୨୩) ରୁଜୁ କରାଯାଇ ଉପରୋକ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ବେଗୁନିଆ ଅବକାରୀ ଥାନା ଅଧିକାରୀ ଏନ୍.ଜାଗିନ ରାଓ, ଏଏସ୍ଆଇ ରଞ୍ଜନ କୁମାର ଦାସ, ବିରଞ୍ଚି ମହାନ୍ତି, ସିପାହୀ ବିକାଶ ରାଉତ, ମନୋଜ କୁମାର ଜୟସିଂହ, ଚିନ୍ମୟୀ ସେଠି ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।

### ୬୧ ପେଟି ବାଣ ଜବତ, ଗୋଦାମ ସିଲ୍

**ଜଟଣୀ,୧୯।୧୦(ରବୀନ୍ଦ୍ର ନାଥ ମହାକୁଡ଼)**

ଆଗକୁ ଆସୁଛି ଦଶହରା ଓ ଆଲୋକର ପର୍ବ ଦୀପାବଳି। ଏଥିପାଇଁ ବିଭିନ୍ନ ସ୍ଥାନରେ ଏବେଠୁ ବାଣ ବିକ୍ରି ଚାଲିଲାଣି। ତେବେ ବେଆଇନ ଭାବେ ବାଣ ପ୍ରସ୍ତୁତ ହେବା ସହିତ ବିକ୍ରି ଚାଲିଛି। ଗୁରୁବାର ଡେଲାଙ୍ଗ ଥାନା ଏବଂ ହରିରାଜପୁର ଫାଣ୍ଡି ପକ୍ଷରୁ ମିଳିତଭାବେ ମାନପୁରଠାରେ ଥିବା ଏକ ବାଣ ଗୋଦାମ ଉପରେ ଚଢ଼ାଉ କରାଯାଇଛି। ୬୧ ପେଟି ବିଭିନ୍ନ ପ୍ରକାର ବାଣ ଜବତ କରାଯିବ ସହିତ ଉକ୍ତ ଗୋଦାମକୁ ସିଲ୍ କରାଯାଇଛି। ଜବତ ବାଣକୁ ହରିରାଜପୁର ଫାଣ୍ଡିକୁ ନିଆଯାଇଥିବା ଜଣାପଡ଼ିଛି। ଏହି ଚଢ଼ାଉକୁ ନେଇ ବେଆଇନଭାବେ ବେପାର କରୁଥିବା ବାଣ ବ୍ୟବସାୟୀଙ୍କ ମଧ୍ୟରେ ଛନକା ଦେଖାଯାଇଛି। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳରେ ବେଆଇନ ଭାବେ ବାଣ ବିକ୍ରି ହେଉଥିଲେ ମଧ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପିଲାଙ୍କ ସୃଜନଶୀଳତାର ବିକାଶକରେ ସୁରଭି

**ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ), ୧୯।୧୦**



ସୁରଭି କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉଦ୍‌ବୋଧନ ଦେଉଛନ୍ତି।

ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁସାରେ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟ୍ ପ୍ରତିଯୋଗିତା-୨୦୨୩ ସ୍ଥାନୀୟ ବିଜେବି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସ୍ତରୀୟ କୃତୀ ଛାତ୍ରଛାତ୍ରୀଙ୍କୁ ନେଇ ବ୍ଲକ ସ୍ତରୀୟ ପ୍ରତିଯୋଗିତା ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଉଦ୍‌ଘାଟନ ଉତ୍ସବରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାଙ୍କ ସୃଜନାଶୀଳତା ବିକାଶ, ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ସୁରଭି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ଦିଗରେ ସହାୟକ ହୋଇଥାଏ ବୋଲି କହିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ସ୍ୱର୍ଣ୍ଣଲତା ସାମନ୍ତରାଏ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଓ ପିଲାଙ୍କ ପ୍ରତିଭା ବିକାଶ ଉପରେ ଆଲୋକପାତ କରିଥିଲେ। ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଭରତ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟ ବକ୍ତାଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ତାପସ ନାୟକ ଯୋଗଦେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅତିଥିଭାବେ ପ୍ରଧାନଶିକ୍ଷକ ରାଜକିଶୋର ପରିଡ଼ା ଯୋଗଦେଇ ଶିଶୁ ହସିଲେ ଦେଶ ହସିବ ବୋଲି କହିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ଆସନ୍ତା ନଭେମ୍ବର ୧ ରେ ହେବାକୁ ଥିବା ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ରେବତୀ ପଣ୍ଡା, ଅମୀୟ କୁମାର ପରିଡ଼ା, ରବିନାରାୟଣ ପଣ୍ଡା, ଧ୍ରୁବଚରଣ ରଣା, ରବି ସାହୁ, ଅମୀୟ ଜେନା, ବିକାଶ ଘୁଷୁଲି, ରବୀନ୍ଦ୍ର ପ୍ରଧାନ, ଭାଗ୍ୟଶ୍ରୀ ମହାପାତ୍ର, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ଦିବ୍ୟସିଂହ ସୁନ୍ଦୁରି, ସତ୍ୟାନନ୍ଦ ବେହେରା, ପ୍ରଦ୍ୟୁମ୍ନ ମିଶ୍ର, ବଦ୍ରି ରଥ, ମଧୁସୂଦନ ରଥ, ବିଭୁପ୍ରସାଦ ସେନାପତି, ଖୋର୍ଦ୍ଧା ବ୍ଲକର ସମସ୍ତ ଶିକ୍ଷୟତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

# ୨୭ରୁ ଓଡ଼ିଶା ଏଣ୍ଡୋକ୍ରାଇନ୍ ସୋସାଇଟି ସମ୍ମିଳନୀ
## ଯୋଗଦେବେ ୮ଶହରୁ ଊର୍ଦ୍ଧ୍ୱ ଡାକ୍ତର

**ଭୁବନେଶ୍ୱର, ୧୯।୧୦(ଅସମାପିକା ସାହୁ)**

ଓଡ଼ିଶା ଏଣ୍ଡୋକ୍ରାଇନ୍ ସୋସାଇଟିର ୩୨ତିମା ରାଜ୍ୟସ୍ତରୀୟ ଦଶମ ବାର୍ଷିକ ସମ୍ମିଳନୀ ଆସନ୍ତା ୨୭ ତାରିଖରୁ ଭୁବନେଶ୍ୱରଠାରେ ଆୟୋଜିତ ହେବ। ଏହି ସମ୍ମିଳନୀରେ ରାଜ୍ୟର ୮ଶହରୁ ଊର୍ଦ୍ଧ୍ୱ ଡାକ୍ତର ଓ ରାଜ୍ୟ ବାହାରୁ ୮୦ଜଣ ଗବେଷକ ଯୋଗଦେବେ। ସେମାନେ ନିଜ ନିଜ ସନ୍ଦର୍ଭ ଉପସ୍ଥାପନା କରିବା ସହିତ ନୂଆ ଚିକିତ୍ସା ବିଜ୍ଞାନ ଉପରେ ଜ୍ଞାନ ବାଣ୍ଟିବେ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୋସାଇଟି ସଭାପତି ଡା. ଏସ୍‌ଆର ପଟ୍ଟନାୟକ ସୂଚନା ଦେଇଛନ୍ତି। ସାଙ୍ଗଠନିକ ଅଧକ୍ଷ ପ୍ରଫେସର ଡା. ଅଭୟ ସାହୁ କହିଛନ୍ତି, ବିଶେଷ କରି ଗ୍ରାମାଞ୍ଚଳରେ ଏଣ୍ଡୋକ୍ରାଇନ୍ ରୋଗ ଚିକିତ୍ସା ଉପରେ ଡାକ୍ତରଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ ଅତ୍ୟାଧୁନିକ ଚିକିତ୍ସା ଉପରେ ଜ୍ଞାନ ଦିଆଯିବ। ଏହାବ୍ୟତୀତ ଛୋଟପିଲାଙ୍କଠାରୁ ଆରମ୍ଭ କରି ଗର୍ଭବତୀ ମହିଳାଙ୍କ ମଧୁମେହ ଚିକିତ୍ସା ଉପରେ ଆଲୋଚନା ହେବ। ସମ୍ମିଳନୀରେ ସାଙ୍ଗଠନିକ ସମ୍ପାଦକ ଡା.ଗିତେଶ ଅଗ୍ରୱାଲ କହିଛନ୍ତି, ଏଣ୍ଡୋକ୍ରାଇନୋଲୋଜି ସମ୍ବନ୍ଧୀୟ ହାଇପୋଥାଇରଏଡ୍, ଡାଇବେଟିସ୍, ପିସିଓଡ୍, ଆଡ୍ରେନାଲ ଫାଟିଗ୍ ଆଦି ରୋଗ ଓ ଚିକିତ୍ସା ବାବଦରେ ଆଲୋଚନା କରାଯିବ। ନୂତନ ଭାବେ ବିକଶିତ ଔଷଧ ଓ ଚିକିତ୍ସା ପ୍ରଣାଳୀ ବାବଦରେ ଜଣାଇବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଅନ୍ୟମାନଙ୍କ ମଧ୍ୟରେ ସାଇଣ୍ଟିଫିକ୍ ସମ୍ପାଦକ ଡା. ସ୍ୱୟଂ ସିଦ୍ଧ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ରହିଥିଲେ।

# 'ମହୋତ୍ସବ ଭାଇଚାରା ବଜାୟ ରଖେ'

**ବାଲିପାଟଣା,୧୯।୧୦(ଅଭିମନ୍ୟୁ ନାୟକ)**

ବାଲିପାଟଣା ବ୍ଲକ ଅନ୍ତର୍ଗତ ବାଗଲପୁରରେ ମା' କନକଦୁର୍ଗା ମହୋତ୍ସବର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ସତ୍ୟପ୍ରିୟ ବେହେରା ଯୋଗଦେଇ କହିଥିଲେ, ନିଷ୍ଠାର ସହିତ ମହୋତ୍ସବ ଭଳି ଏକ ସଂସ୍କୃତି ସମ୍ପନ କାର୍ଯ୍ୟ କଲେ ଗ୍ରାମାଞ୍ଚଳରେ ଭାଇଚାରା ବଜାୟ ରହିବ। ସଂଳାପ ଲେଖକ ଡ.ରଜନୀରଞ୍ଜନ ଦାସ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ କହିଥିଲେ, ମହୋତ୍ସବ ମାଧ୍ୟମରେ ଯୁବକ ଓ ସଂସ୍କୃତି ପ୍ରେମୀମାନେ ପାରମ୍ପରିକ କଳା, ସଂସ୍କୃତିକୁ କାଳଜୟୀ କରି ରଖିବ। ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ କହିଥିଲେ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରକୃତିକୁ ସତେଜ ରଖେ। ଶିବ ମଲ୍ଲିକ କହିଥିଲେ, ବଣମଲ୍ଲିକୁ ଲୋକଲୋଚନକୁ ମହୋତ୍ସବ ହିଁ ଆଣିପାରିବ। ଆଶୁତୋଷ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ।

# 'ପ୍ରତିଯୋଗିତା ପ୍ରତିଭା ବିକାଶର ଅନ୍ତୁଡ଼ିଶାଳ'


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

**ବେଗୁନିଆ,୧୯।୧୦(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଓ ମିଲେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଡିଆଇଇଟିର ଅଧକ୍ଷ ତାପସ କୁମାର ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବକ୍ତାଭାବେ ଶିକ୍ଷକ ଅକ୍ଷୟ କୁମାର ମହାନ୍ତି ଏବଂ ସମ୍ମାନିତ ଅତିଥିଭାବେ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର, ପରିଚାଳନା କମିଟି ସଭାପତି ବଂଶୀଧର ପାଣିଗ୍ରାହୀ, ବ୍ଲକ ଓଷ୍ଟାର ସଭାପତି ଗଣେଶ୍ୱର ମିଶ୍ର, ଏବିଇଓ ଲକ୍ଷ୍ମୀ ଦେଇ, ଏବିଇଓ ଚନ୍ଦ୍ରକାନ୍ତି ନାୟକ, ଏବିଇଓ ଦାଶରଥି ପ୍ରଧାନ, ମିଳିତ ଶିକ୍ଷକ ସଂଘର ସଭାପତି ରବୀନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଶ୍ରୀନିବାସ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।

ଶିକ୍ଷକ ନାରାୟଣ ମାନସିଂହ ଧନ୍ୟବାଦ ଦେଇଥିଲେ। ୧୫ଟି କ୍ଲଷ୍ଟରର ଶିଶୁମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନାଚ, ଗୀତ, ଡିବେଟ, ଲିଖନ, ଡ୍ରଇଁ, ହସ୍ତାକ୍ଷର ଆଦି ୧୮ଟି ଇଭେଣ୍ଟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ଚୟନ ହୋଇଛନ୍ତି। ବିଚାରକଭାବେ ଅବସରପ୍ରାପ୍ତ ଶିକ୍ଷକ କୁଳମଣି ମିଶ୍ର, ଅକ୍ଷୟ କୁମାର ମହାପାତ୍ର, ସନ୍ତୋଷ କୁମାର ମହାପାତ୍ର, ବସନ୍ତ କୁମାର ଜୟସିଂହ, ରବୀନ୍ଦ୍ର କୁମାର ସାହୁ, ସୁଧାକର ସେଠୀ ଓ ରତିକାନ୍ତ କହଲସିଂହ ଉପସ୍ଥିତ ଥିଲେ। ସେହିପରି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବକ୍ତାଭାବେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ଆଲୁମିନି କମିଟି ସଭାପତି ଶିବ ନାରାୟଣ ମିଶ୍ର, ବିଶ୍ୱାସ କଲେଜ ଅଧକ୍ଷ ଡ.ପ୍ରଜ୍ଞାନ ରଞ୍ଜନ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସିଆରସିସି ହେମନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସମସ୍ତ ୧୫ଟି କ୍ଲଷ୍ଟରର ସିଆରସିସିଙ୍କ ସହିତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକ ସମାରୋହରେ ସହଯୋଗ କରିଥିଲେ।

# ଜନ୍ମମାଟିକୁ ଫେରିଲେ କ୍ରୀଡ଼ାବିତ୍ କିଶୋର

**ବ୍ରହ୍ମଗିରି, ୧୯।୧୦(ସ୍ୱାଧୀନ ଚମ୍ପତିରାୟ)**

ଚଳିତବର୍ଷର ଏସିଆନ୍ ଗେମ୍ସରେ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ଜିତି ଭାରତ ଏବଂ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ପାଲଟିଥିବା କିଶୋର କୁମାର ଜେନା ଗୁରୁବାର ନିଜ ଜନ୍ମମାଟିକୁ ଫେରିଛନ୍ତି। ପୁରୀ ଜିଲା ବ୍ରହ୍ମଗିରିର କୋଠସାହିରେ ଜନ୍ମିତ କିଶୋରଙ୍କୁ ଗ୍ରାମବାସୀ ପାରମ୍ପରିକ ରୀତିନୀତି ଅନୁଯାୟୀ ଦୁବ, ବରକୋଳି ପତ୍ର ଓ ଅରୁଆ ଚାଉଳରେ ବନ୍ଦାପନା କରି ସ୍ୱାଗତ କରିଛନ୍ତି। ସୂଚନା ଅନୁଯାୟୀ, ଚାଇନାରେ ହେଉଥିବା ଏସିଆନ୍ ଗେମ୍ସରୁ କିଶୋର ଫେରି ପ୍ରଥମେ ଗୁରୁବାର ପୁରୀରେ ପହଞ୍ଚି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ପରେ ନିଜ ଗ୍ରାମ ଅଭିମୁଖେ ବାହାରିଥିଲେ। ତାଙ୍କୁ ବ୍ରହ୍ମଗିରିବାସୀ ପୁରୀଠାରୁ ଏକ ବିଶାଳ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ସେ ବ୍ରହ୍ମଗିରିରେ ପହଞ୍ଚିବା ପରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି ନିଜ ଗ୍ରାମକୁ ଯାଇଥିଲେ। କିଶୋରଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ତରଫରୁ ଅଭିନନ୍ଦନ ଦିଆଯାଇଥିଲା। ସେ ନିଜ ଗ୍ରାମରେ ପହଞ୍ଚିବା ପରେ ମହିଳାମାନେ ତାଙ୍କୁ ବନ୍ଦାପନା କରି ପାଛୋଟି ନେଇଥିଲେ। ଏହି ସମୟରେ କୋଠସାହି ଗ୍ରାମ ଉତ୍ସବମୁଖର ହୋଇଉଠିଥିଲା। ଗ୍ରାମବାସୀ ଖୁସିରେ ପରସ୍ପରକୁ ମିଠା ଖୁଆଇବାର ଦୃଶ୍ୟ ନିଆରା ଥିଲା। ନିଜ ପୁଅକୁ ପାଖରେ ପାଇ ତାଙ୍କ ପରିବାର ଆଖିରୁ ଆନନ୍ଦାଶ୍ରୁ ଝରିପଡ଼ିଥିଲା। କିଶୋର କୋଠସାହି ଗ୍ରାମର ଗର୍ବ ଓ ଗୌରବ ଏବଂ ତାଙ୍କ ଯୋଗୁ କୋଠସାହି ଗ୍ରାମ ଆଜି ବିଶ୍ୱବିଦିତ ହେଲା ବୋଲି ଗ୍ରାମବାସୀ କହିଛନ୍ତି। କିଶୋର ଆଗାମୀ ପୀଢିଙ୍କ ପାଇଁ ପ୍ରେରଣାର ଉତ୍ସ। ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସରେ ପଦକ ଜିତି ଓଡ଼ିଶା ପାଇଁ ପୁଣି ଗୌରବ ଆଣିବେ ବୋଲି କିଶୋର ଆଶା ପ୍ରକାଶ କରିଛନ୍ତି।

# ଡିସେମ୍ବର ୧୫ରୁ କୋଣାର୍କରେ ଇକୋ ରିଟ୍ରିଟ୍


ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ପୁରୀ, ୧୯।୧୦(ଅଜିତ୍ ମହାନ୍ତି)**

କୋଣାର୍କ ମେରାଇନ ଡ୍ରାଇଭଠାରେ ଇକୋ ରିଟ୍ରିଟ୍ ଚଳିତ ବର୍ଷ ଡିସେମ୍ବର ୧୫ ତାରିଖରୁ ଆରମ୍ଭ ହେବ ବୋଲି ସ୍ଥିର କରାଯାଇଛି। ଏ ସମ୍ପର୍କରେ ଏକ ବୈଠକ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି। ଜିଲାପାଳ ସମର୍ଥ ବର୍ମା ଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବ ବର୍ଷ ର ଅଭିଜ୍ଞତା ଓ ଅନୁଭବ କୁ ଆଧାର କରି ଚଳିତ ବର୍ଷ ର ଇକୋ ରିଟ୍ରିଟ୍ କୁ ଅଧିକ ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଯେଉଁ ବିଭାଗ ର ଯାହା ଦାୟିତ୍ୱ ତାହାକୁ ନିଷ୍ଠାପର ଓ ଧାର୍ଯ୍ୟ ସମୟ ପୂର୍ବରୁ ସାରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗ ପ୍ରତ୍ୟେକ ଙ୍କ ସହ ସମନ୍ୱୟ ରଖି କାମ କରି ବାହାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ସହଯୋଗ କରିବାକୁ ଜିଲାପାଳ ପରାମର୍ଶ କହିଥିଲେ। ପର୍ଯ୍ୟଟନ ବିଭାଗ ଜିଲା ପ୍ରଶାସନ ଓ ଇ ଫାକ୍ଟର ଏଜେନ୍ସି ର ମିଳିତ ସହଯୋଗ ରେ ଇକୋ ରିଟ୍ରିଟ୍ ଚଳିତ ବର୍ଷ ଡିସେମ୍ବର ୧୫ ରୁ ୨୦୨୪ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ବ୍ୟବସ୍ଥା କରାଯାଇଛି। ଏଥିରେ ଲକଜରି ଟେଣ୍ଟ ବ୍ୟବସ୍ଥା କରାଯିବ ଯେଉଁ ଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ।ଇକୋ ରିଟ୍ରିଟ୍ ସମୟରେ ଜଳକ୍ରିଡ଼ା,ବିଚ ସ୍ପୋର୍ଟସ,ଇଣ୍ଡୋର ଗେମ ଇତ୍ୟାଦି ବ୍ୟବସ୍ଥା ମଧ ଉପଲବ୍ଧ ହେବ। ନିରବଛିନ୍ନ ବିଦ୍ୟୁତ, ପାଣି, ମୋବାଇଲ ନେଟୱାର୍କ ସହ ସ୍ୱାସ୍ଥ୍ୟ ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା,ପାର୍କିଂ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା,୨୪ ଘଣ୍ଟିଆ ଲାଇଫ ଗାର୍ଡ ବ୍ୟବସ୍ଥା କରାଯିବ। ପର୍ଯ୍ୟଟକ ମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ କରାଯିବ ବୋଲି ସ୍ଥିର ହୋଇଛି। ସମସ୍ତ କାର୍ଯ୍ୟ କୁ ସୁନ୍ଦର ଭାବେ ପରିଚାଳନା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେବା ସହ ଆସୁଥିବା ପର୍ଯ୍ୟଟକ ମାନେ ଯେପରି ଏକ ସୁଖଦ ଅନୁଭବ ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମି ରଞ୍ଜନ ସାହୁ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ଅନ୍ୟାନ୍ୟ ବିଭାଗ,ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ଇକୋ ରିଟ୍ରିଟ୍ ର ଆୟୋଜନ କରୁଥିବା ଇ ଫାକ୍ଟର ର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

# ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**କୃଷ୍ଣପ୍ରସାଦ,୧୯।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଚାରିଛକ ସ୍ଥିତ ଗୋପୀନାଥଦେବ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦେବତା କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ସମ୍ମାନିତ ଅତିଥିଭାବେ ବ୍ଲକ କ୍ରୀଡ଼ା ଜୋନ ସମ୍ପାଦକ ଅଜିତ କୁମାର ବାରିକ, ବରିଷ୍ଠ କ୍ରୀଡ଼ା ଶିକ୍ଷକ ତଥା ପୂର୍ବତନ କ୍ରୀଡ଼ା ଜୋନ ସମ୍ପାଦକ ପଦ୍ମଚରଣ ଜେନାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଏଥିରେ ବ୍ଲକ ଅଧୀନ ୨୬ଟି ଉଚ୍ଚ ବିଦ୍ୟାଳୟର ୨ଶହ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ମନୋନୀତ କରାଯାଇଛି। କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ଦାମୋଦର ତରେଇ, ଆର୍ତ୍ତତ୍ରାଣ ପ୍ରଧାନ, ପଞ୍ଚାନନ ଜେନା, ପ୍ରକାଶ ଚନ୍ଦ୍ର ସିଂହ, ରଇବର ମହମ୍ମଦ, ଅଶୋକ କୁମାର ପ୍ରଧାନ, ଅଶୋକ କୁମାର ଜେନା, ସୁବାସ ପ୍ରଧାନ, କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ଧୁଶାସନ ସାହୁ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ଟାଙ୍ଗୀ ସ୍ପୋର୍ଟ୍ସ ଆସୋସିଏଶନ ସେମିଫାଇନାଲରେ

**ଟାଙ୍ଗୀ,୧୯।୧୦(ରଘୁନାଥ ସାହୁ)**

## ପ୍ରଶାନ୍ତ ଓ ହରିହର ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଟାଙ୍ଗୀ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚିଲିକା ଷ୍ଟାଡିୟମ ଠାରେ ଚାଲିଥିବା ପ୍ରଶାନ୍ତ ଓ ହରିହର ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ମ୍ୟାଚ୍ (ଗୁରୁବାର) ଟାଙ୍ଗୀ ସ୍ପୋର୍ଟ୍ସ ଆସୋସିଏଶନ ଓ ଇଟାମାଟି ଫୁଟ୍‌ବଲ ଏକାଡ଼େମୀ ମଧ୍ୟରେ ହୋଇଥିଲା। ତେବେ ମ୍ୟାଚର ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନଥିଲେ। ଫଳରେ ଟାଇବ୍ରେକରରେ ଟାଙ୍ଗୀ ସ୍ପୋର୍ଟ୍ସ ଆସୋସିଏଶନ ୭-୬ ଗୋଲରେ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ପୂର୍ବତନ ଛାତ୍ର ତଥା ଚିଲିକା ନିର୍ବାଚନମଣ୍ଡଳୀ ବିଜେଡି ଯୁବ ନେତା ପ୍ରବାସ କୁମାର ସୁନ୍ଦରାୟ, ନିରଞ୍ଜନ ଦାସ, କ୍ରୀଡା ସଙ୍ଗଠକ ବିଜୟ କୁମାର ରାଉତ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏମ୍.ଏସ୍. ବେଗ, ସୁଶାନ୍ତ କୁମାର ମିଶ୍ର, ବିପିନ କୁମାର ସାମନ୍ତରାୟ ଓ ନନ୍ଦ କିଶୋର ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ବିଶ୍ୱାଳ, ପ୍ରଣୟ ପାଇକରାୟ, କାହ୍ନୁ ପାତ୍ର, କୃଷ୍ଣ ଚନ୍ଦ୍ର ବେହେରା ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

# 'ପ୍ରତିଯୋଗିତାରେ ଅଂଶ ଗ୍ରହଣ ଦ୍ୱାରା ମନୋବଳ ବଢ଼େ'



ମଙ୍ଗଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ବୋଲଗଡ଼,୧୯।୧୦(ଦେବବ୍ରତ ହୋତା)**

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ପିଚୁକୁଳି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ୧୪ଟି କ୍ଲଷ୍ଟରରୁ ଉନ୍ନୀତ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି ପ୍ରତିଭା ପଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଡିବେଟ, କୁଇଜ, ପ୍ରବନ୍ଧ, ସଙ୍ଗୀତ, ନୃତ୍ୟ, ଏକାଙ୍କିକା ଓ କ୍ଷୁଦ୍ର ନାଟକ ପ୍ରତିଯୋଗିତା ହୋଇଥିଲା। ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଏବିଡିଓ ରତିକାନ୍ତ ମିଶ୍ର, ମୁଖ୍ୟ ବକ୍ତାଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ତାପସ କୁମାର ନାୟକ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ ଦ୍ୱାରା ମନୋବଳ ବୃଦ୍ଧି ପାଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଏବିଇଓ ପଦ୍ମ ଚରଣ ବେହେରା, କୈଳାସ ନାଥ ସ୍ୱାଇଁ, ଅମିତା ମିଶ୍ର, ଶିକ୍ଷକ ପରିବାର ସଭାପତି ପ୍ରମୋଦ କୁମାର ସ୍ୱାଇଁ, ଅକ୍ଷୟ କୁମାର ମହାନ୍ତି, ସ୍ୱପ୍ନେଶ୍ୱର ରଥ ପ୍ରମୁଖ ମାଞ୍ଚସୀନ ଥିଲେ। ସେହିପରି ଉଦ୍‌ଯାପନ ସମାରୋହରେ ଜିଲା ପରିଷଦ ମେମ୍ବର ପ୍ରଦୀପ୍ତ ଛୋଟରାୟ, ସୁବାସ ରାୟଗୁରୁ, ସୁନନ୍ଦିତା ସାହୁଙ୍କ ସମେତ ବଡକୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପ୍ରଧାନ, ସମିତି ସଭ୍ୟ ସଞ୍ଜୟ ଗୁମାନସିଂ, ଆଦର୍ଶ ବିଦ୍ୟାଳୟର ଅଧକ୍ଷ ତାପସ ଦ୍ୱିବେଦୀ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ମନମୋହନ କହଲସିଂ ମଞ୍ଚ ପରିଚାଳନା କରିଥିବା ବେଳେ ସାନନ୍ଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଅଞ୍ଜନ ଜୟସିଂହ, ବିଚିତ୍ରା ନନ୍ଦ ରାୟଗୁରୁ ମହାପାତ୍ରଙ୍କ ସମେତ ସିଆରସିସି ବିଶ୍ୱରଞ୍ଜନ ସେଠୀ, ଚିନ୍ତାମଣି ସାହୁ, ରବୀନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା

ପୁରୀ,(ଅଜିତ ମହାନ୍ତି): ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଗୋପିନାଥଦେବ ଡିଗ୍ରୀ କଲେଜ ପରିସରରେ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଧକ୍ଷ ସୁଦର୍ଶନ ମହାରଥୀ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଭାଗନେଇଥିଲେ। ବାଳିକା ବିଭାଗ କ୍ରୀଡ଼ାରେ ମାମାଲି ପ୍ରଧାନ ଓ ବାଳକ ବିଭାଗ କ୍ରୀଡ଼ାରେ ପ୍ରଦୀପ ମହାପାତ୍ର ଶ୍ରେଷ୍ଠ ପ୍ରତିଯୋଗୀ ଭାବେ କୃତିତ୍ୱ ହାସଲ କରିଛନ୍ତି। ସେହିପରି ସାଂସ୍କୃତିକ ବିଭାଗରେ ଶିଳା ବିଶ୍ୱାଳ ଶ୍ରେଷ୍ଠ ପ୍ରତିଯୋଗୀ ବିବେଚିତ ହୋଇଛନ୍ତି। କ୍ରୀଡ଼ା ବିଭାଗର ଉପସଭାପତି ଭାସ୍କର ଚନ୍ଦ୍ର ସାହୁ ଏବଂ ଅଧ୍ୟାପକ ରବିନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଂକ୍ଷେପରେ

## କାତ୍ୟାୟନୀ ବେଶରେ ଦର୍ଶନ ଦେଲେ ମା’ ମଙ୍ଗଳା



କାକଟପୁର,୧୯।୧୦(ଶୁଭଦର୍ଶନ ମିଶ୍ର)

ଓଡ଼ିଶାର ଆଠ ଗୋଟି ସ୍ଥାନରେ ବିଦ୍ୟମାନ ପୁରାଣ ପ୍ରସିଦ୍ଧ ଅଷ୍ଟଚଣ୍ଡୀ ପୀଠ ମଧ୍ୟରୁ କାକଟପୁର ବାସିନୀ ମା’ ମଙ୍ଗଳା ହେଉଛନ୍ତି ଆଦିମାତା। ମା’ ମଙ୍ଗଳାଙ୍କ ବିଭିନ୍ନ ମାସରେ ବିଭିନ୍ନ ଯାନିଯାତ୍ରା ମଧ୍ୟରେ ଶରତ ଋତୁରେ ଶାରଦୀୟ ପାର୍ବଣ ପୂଜା ଅନ୍ୟତମ। ଆଶ୍ୱିନ ମୂଳାଷ୍ଟାମୀଠାରୁ ପାରମ୍ପରିକ ପ୍ରଥାନୁସାରେ ଶାରଦୀୟ ପାର୍ବଣ ପୂଜା ଆରମ୍ଭ ହୋଇ ବିଜୟା ଦଶମୀ (ଦଶହରା)ଦିନ ଶେଷ ହୋଇଥାଏ। ନବପତ୍ରିକା ପୂଜାର ଗୁରୁବାର ଷଷ୍ଠୀ ତିଥି ପୂଜାରେ ମା’ ମଙ୍ଗଳା କାତି ଖର୍ପର ବା କାତ୍ୟାୟନୀ ବେଶରେ ଦର୍ଶନ ଦେଇଛନ୍ତି। ପୂର୍ବରୁ ମା’ଙ୍କୁ ଲାଗି ହୋଇଥିବା ଅସ୍ତ୍ରଶସ୍ତ୍ର ସହିତ କାତି (ଖଣ୍ଡା), ଖର୍ପର, ସରା (ରକ୍ତ ସଂଗ୍ରହ ପାତ୍ର)ପ୍ରଭୃତି ଅସ୍ତ୍ରଶସ୍ତ୍ର ଲାଗି କରାଯାଇଥିଲା। ମହିଷାସୁର ସହିତ ଯୁଦ୍ଧ କରିବାକୁ ଯିବା ପୂର୍ବରୁ ମା’ଦୁର୍ଗା ଯେଉଁ ସବୁ କାର୍ଯ୍ୟ କରିବାକୁ ଚଣ୍ଡୀ ପୁରାଣରେ ବର୍ଣ୍ଣିତ ହୋଇଛି ତଦନୁସାରେ ମା’ମଙ୍ଗଳାଙ୍କୁ ସଜ୍ଜିତ କରାଯାଇଥିଲା। ଏହି ମନୋରମ ବେଶ ଦେଖିବାକୁ ମନ୍ଦିରରେ ବହୁ ଭକ୍ତଙ୍କର ସମାଗମ ହୋଇଥିବାବେଳେ ଶୁକ୍ରବାର ପ୍ରସିଦ୍ଧ ସିଂହବାହିନୀ ବେଶ ଅନୁଷ୍ଠିତ ହେବ ବୋଲି ମା’ମଙ୍ଗଳା ମନ୍ଦିର ସେବାୟତ ମାନସ ଦୀକ୍ଷିତ ପ୍ରକାଶ କରିଛନ୍ତି।

## ବିପୁଳ ପରିମାଣର ବାଣ ଜବତ, ଜଣେ ଗିରଫ

ବଲଙ୍ଗା,୧୯।୧୦(କେଦାରେଶ୍ୱର ନନ୍ଦ)

ବେଆଇନ ଭାବେ ବାଣ ପ୍ରସ୍ତୁତ କରୁଥିବା ଅଭିଯୋଗରେ ବୁଧବାର ରାତିରେ ବଲଙ୍ଗା ପୋଲିସ ୨ଟି ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଛି। ଏଥିସହ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ କାଳିଆପଦା ଗ୍ରାମର ଅର୍ଜ୍ଜୁନ ବେହେରା (୬୨)। ପ୍ରକାଶ ଯେ, ବଲଙ୍ଗା ଥାନା ଅଧୀନ କାଳିଆପଦା ଓ ବେରବୋଇ ଗ୍ରାମରେ ବେଆଇନ ଭାବେ ବାଣ ପ୍ରସ୍ତୁତ ହେଉଥିବା ସୂଚନା ମିଳିଥିଲା। ସୂଚନା ଆଧାରରେ ବଲଙ୍ଗା ଥାନା ଏଏସ୍‌ଆଇ ସୁପ୍ରଭା ମଞ୍ଜରୀ ସାହୁ ଓ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ପ୍ରଥମେ ବେରବୋଇ ଗ୍ରାମର କାଳନ୍ଦୀ ଚରଣ ଦାସଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ କାଳନ୍ଦୀଙ୍କ ଘରୁ ୧୪ଶହ ତାଳଫୋଟକା ଜବତ ହୋଇଥିଲା। ହେଲେ ସେଠାରୁ ଅଭିଯୁକ୍ତ କାଳନ୍ଦୀ ଖସି ପଳାଇଥିଲେ। ପୋଲିସ ଟିମ ପରେ କାଳିଆପଦା ଗ୍ରାମରେ ଚଢ଼ାଉ କରି ଅର୍ଜ୍ଜୁନଙ୍କ ଘରେ ୩ ହଜାର ତାଳଫୋଟକା ଜବତ କରି ତାଙ୍କୁ ଗିରଫ କରିଥିଲା। ଏନେଇ ବଲଙ୍ଗା ଥାନାରେ ପୃଥକ୍ ପୃଥକ୍ ଭାବେ ୨ଟି ମାମଲା ରୁଜୁ କରାଯାଇଛି। ଜବତ ବାଣଗୁଡ଼ିକୁ ପାଣିରେ ବୁଡ଼ାଇ ନଷ୍ଟ କରାଯାଇଥିବା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା କହିଛନ୍ତି।

# ରାଜ୍ୟସ୍ତରୀୟ ଖୋ ଖୋ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ପୁରୀ,୧୯।୧୦(ଅଜିତ୍ ମହାନ୍ତି):

ତାଳବଣିଆ ଖେଳପଡ଼ିଆରେ ଗୁରୁବାର ରାଜ୍ୟସ୍ତରୀୟ ୧୨ତମ ଜୁନିୟର ଏବଂ ୧୬ତମ ସବ୍‌ଜୁନିୟର ବାଳକ ଓ ବାଳିକା ବର୍ଗ ଖୋ ଖୋ ଚାମ୍ପିୟନଶିପ୍ ଉଦଘାଟିତ ହୋଇଛି। ପୁରୀ ଜିଲା ପ୍ରଶାସନ, କ୍ରୀଡ଼ା ବିଭାଗ ଓ ରାଜ୍ୟ ଖୋଖୋ ସଂଘର ମିଳିତ ସହଯୋଗରେ ଏହି ଚାମ୍ପିୟନଶିପ୍ ଆୟୋଜନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇ ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରି କ୍ରୀଡ଼ା ପ୍ରତିଭାର ବିକାଶ ଦିଗରେ ଖୋ ଖୋ ସହାୟକ ହୋଇପାରିବ ବୋଲି କହିଥିଲେ। ରାଜ୍ୟ ସରକାର କ୍ରୀଡ଼ାକୁ ଅଗ୍ରାଧିକାର ଦେଉଛନ୍ତି। ଆମ ଜିଲାର କିଶୋର ଜେନା ଜାଭେଲିନ ଥ୍ରୋରେ ଏସିଆନ ଗେମ୍ସରେ ସଫଳତା ହାସଲ କରି ଯୁବବର୍ଗଙ୍କ ପାଇଁ ପ୍ରେରଣା ସାଜିଛନ୍ତି ବୋଲି ସାହୁ କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଖୋଖୋ ସଂଘର ସଭାପତି ନାରାୟଣ ପାତ୍ର, ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଜିଲା ଆଥ୍‌ଲେଟିକ ଆସୋସିଏଶନର ପୂର୍ବତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ପୂର୍ବତନ ଉପସଭାପତି ରାମଚନ୍ଦ୍ର ଦାସମହାପାତ୍ର ଯୋଗଦାନ କରି ଖୋଖୋ ପ୍ରତିଯୋଗିତାର ଲକ୍ଷ୍ୟ, ଉଦ୍ଦେଶ୍ୟ, ଅତୀତରେ ତାହାର ସ୍ଥିତି ଓ ବର୍ତ୍ତମାନର ଉଜ୍ଜ୍ୱଳ ଅବସ୍ଥା ସମ୍ପର୍କରେ ଆଲୋକପାତ କରିବା ସହ ଆୟୋଜନରେ ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ ଜିଲା ପ୍ରଶାସନକୁ କୃତଜ୍ଞତା ଜଣାଇଥିଲେ। ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କ୍ରୀଡ଼ାର ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଧନ୍ୟବାଦ ଦେଇଥିଲେ। ପୁରୀ ଖୋ ଖୋ ଦଳର ସଦସ୍ୟା ଅନନ୍ୟା ପ୍ରଧାନ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶପଥ ପାଠ କରାଇଥିଲେ। ଉକ୍ତ ଚାମ୍ପିୟନଶିପ୍‌ରେ ବିଭିନ୍ନ ଜିଲାର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ୨୦ରୁ ପ୍ରତିଯୋଗିତା ଆରମ୍ଭ ହୋଇ ୨୨ତାରିଖରେ ଉଦ୍‌ଯାପନ ହେବ। ଏହି ପ୍ରତିଯୋଗିତାରୁ ଶ୍ରେଷ୍ଠ ଖେଳାଳି ଓ ଦଳ ଚୟନ ହେଉଛି ଡିସେମ୍ବରରେ କର୍ନାଟକରେ ହେବାକୁ ଥିବା ଜାତୀୟ ଖୋ ଖୋ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ ବୋଲି ସଂଘ ସମ୍ପାଦକ ମିଶ୍ର ସୂଚନା ଦେଇଛନ୍ତି।



ଖୋଖୋ ଚାମ୍ପିୟନଶିପ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।



କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନେ ଶପଥ ପାଠ କରୁଛନ୍ତି ।

## ସୂର୍ଯ୍ୟ ମନ୍ଦିରରେ ମୂର୍ତ୍ତି ପ୍ରତିଷ୍ଠା

କୋଣାର୍କ,୧୯।୧୦(ଜ୍ୟୋତିରାଜ ମହାନ୍ତି)



ଅର୍କକ୍ଷେତ୍ର କୋଣାର୍କରେ ନିର୍ମାଣାଧୀନ ନୂତନ ମନ୍ଦିରରେ ଗୁରୁବାର ସୂର୍ଯ୍ୟ ନାରାୟଣଙ୍କ ମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ପାଇଁ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ଜୋରଦାର ଆଗେଇ ଚାଲିଛି। କୋଣାର୍କ ଏନ୍ଏସି ଅଧୀନ ଗୁଣେଇ ମୌଜାରେ ସୂର୍ଯ୍ୟମନ୍ଦିର ନିର୍ମାଣ ଶାଳା କମିଟି ପକ୍ଷରୁ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ନିମନ୍ତେ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ରାଜସ୍ଥାନରୁ ମାର୍ବଲ ପଥର ଅଣାଯାଇ କୁଶଳୀ କାରିଗରମାନେ ବିଭିନ୍ନ ମୂର୍ତ୍ତି ନିର୍ମାଣରେ ନିୟୋଜିତ ଅଛନ୍ତି। ମନ୍ଦିର ନିର୍ମାଣ ସରିଲେ ନୀତିରୀତି ଅନୁଯାୟୀ ପ୍ରତ୍ୟେକ ଦିନ ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା କରାଯିବ। ସୂର୍ଯ୍ୟ ପୂଜା ନିମନ୍ତେ ରାଜା ଲାଙ୍ଗୁଳା ନରସିଂହ ଦେବ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ। କାଳକ୍ରମେ ବ୍ରିଟିଶ ଶାସନ ସମୟରେ ଏଠାରେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ବନ୍ଦ ରହିଛି। ଦୀର୍ଘବର୍ଷ ଧରି ସୌରକ୍ଷେତ୍ର କୋଣାର୍କରେ ସୂର୍ଯ୍ୟ ପୂଜା ପୁନଃ ପ୍ରଚଳନ କରିବାକୁ କୋଣାର୍କ ସମେତ ଭାରତ ବାହାରର ସୂର୍ଯ୍ୟ ଉପାସକ, ସଂସ୍କୃତି ଓ ଧାର୍ମିକ ବିଶାରଦଙ୍କ ମହଲରେ ଦାବି ହୋଇଆସୁଥିଲା। ନୂତନ ସୂର୍ଯ୍ୟ ମନ୍ଦିର ନିର୍ମାଣ ଶାଳା କମିଟି ଅଧ୍ୟକ୍ଷ ମୁକେଶ ଜୈନ କୋଣାର୍କରେ ଭବ୍ୟ ମନ୍ଦିର ନିର୍ମାଣ କରି ଏଠାରେ ପୁନଃ ସୂର୍ଯ୍ୟ ପୂଜା କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଭାରତୀୟ ସଂସ୍କୃତିର ମହାନ୍ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ବୋଲି ଅଧ୍ୟକ୍ଷ ଜୈନ ମତବ୍ୟକ୍ତ କରିଛନ୍ତି। ଗତ ଏପ୍ରିଲ ୫ରେ ଏହି ମନ୍ଦିର ନିର୍ମାଣ ନିମନ୍ତେ ବିଧିବଦ୍ଧ ଭାବେ ଭୂମି ପୂଜନ କରାଯାଇଥିଲା।

## ଗଡ଼ିଆରେ ବୁଡ଼ି ୩ ବର୍ଷୀୟ ଶିଶୁର ମୃତ୍ୟୁ

ବଲଙ୍ଗା,୧୯।୧୦(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଧୀନ ବଳରାମପୁର ପାଇକେଣା ସାହିରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଘର ବାଡ଼ିପଟ ଗଡ଼ିଆରେ ଜଣେ ୩ ବର୍ଷୀୟ ଶିଶୁଙ୍କ ମୃତଦେହ ଜବତ କରାଯାଇଛି। ପ୍ରକାଶ ଯେ, ସାହିର ସତ୍ୟଜିତ୍ ଛାଟୋଇଙ୍କ ପୁଅ ପ୍ରତୀକ ଘର ବାରିପଟେ ଖେଳୁଥିବା ସମୟରେ ଗଡ଼ିଆରେ ପଡ଼ିଯାଇଥିଲେ। କିଛି ସମୟ ପରେ ପ୍ରତୀକଙ୍କୁ ତାଙ୍କ ମା’ ନ ପାଇ ପରିବାର ଲୋକଙ୍କୁ ଜଣାଇଥିଲେ। ଖୋଜାଖୋଜି କରିବା ପରେ ବାଡ଼ିପଟ ଗଡ଼ିଆରେ ପ୍ରତୀକ ଭାସୁଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ପ୍ରତୀକଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଡାକ୍ତରଖାନା ପଠାଇ ଦିଆଯାଇଛି।

# ସେବାୟତ ଘରର କୁମାରୀ କନ୍ୟାଙ୍କ ନେତପୂଜା


ସେବାୟତ ଘରର କୁମାରୀ କନ୍ୟାମାନେ ନେତ ପୂଜା କରୁଛନ୍ତି ।

ପୁରୀ,୧୯।୧୦(ଅଜିତ୍ ମହାନ୍ତି):

### ଶ୍ରୀକ୍ଷେତ୍ରରେ ନିଆରା ପରମ୍ପରା

ବଳିରେ ବଳି ନ କର କଳି .. .କାଲି ଆଣିଦେବି ସରୁ ଚକୁଳି ..ସରୁ ଚକୁଳି ଉପରେ ଘିଅ, ଏପରି ଗୀତରେ ଝଙ୍କୃରିତ ହୋଇଥିଲା ମାର୍କଣ୍ଡ ପୁଷ୍କରିଣୀ କୂଳ। ସେବାୟତ ପରିବାରର କୁମାରୀ କନ୍ୟାମାନେ ନେତ ବେଶରେ ସଜେଇ ହୋଇ ଏହି ଗୀତ ବୋଲି ହରପାର୍ବତୀଙ୍କୁ ଆରାଧନା କରିଥିଲେ। ଶ୍ରୀକ୍ଷେତ୍ରର ଅନନ୍ୟ ପରମ୍ପରା ମଧ୍ୟରୁ ନେତା ପିଲା ପରମ୍ପରା ସ୍ୱତନ୍ତ୍ର। ଏହି ପରମ୍ପରା ଆଶ୍ୱିନ ମାସରେ ଶ୍ରୀକ୍ଷେତ୍ରରେ ଦେଖିବାକୁ ମିଳିଥାଏ। ସେବାୟତ ପରିବାରର କୁନିକୁନି ଝିଅମାନେ ବିଭିନ୍ନ ସୁନା ରୁପା ଅଳଙ୍କାରରେ ସଜେଇ ହୋଇ ମାର୍କଣ୍ଡେୟ ପୁଷ୍କରଣୀ କୂଳକୁ ଆସିଥିଲେ। ସୁନ୍ଦର ଓ ଯୋଗ୍ୟ ବରପ୍ରାପ୍ତି ପାଇଁ ଠାକୁରଙ୍କ ନିକଟରେ ମନାସି ପୂଜା କରିଥିଲେ । ଶ୍ରୀକ୍ଷେତ୍ରରେ ବହୁ ପୁରାତନ କାଳରୁ ଏହି ନେତପିଲା ପରମ୍ପରା ଚାଲି ଆସୁଛି। ଶ୍ରୀକ୍ଷେତ୍ରର ସେବାୟତ ପରିବାରରେ ଥିବା କୁନି କୁନି କୁମାରୀ କନ୍ୟାମାନେ ବିଶେଷକରି ଅଢେଇ ବର୍ଷରୁ ୮ବର୍ଷ ବୟସର କୁମାରୀ କନ୍ୟାମାନେ ବିଭିନ୍ନ ପ୍ରକାର ସୁନା ଅଳଙ୍କାରରେ ବେଶଭୁଷାରେ ସଜ୍ଜିତ ହୋଇ ନେତପିଲା ବେଶ ହୋଇ ପୂଜା କରିଥାନ୍ତି। ମୁଖ୍ୟତଃ ପରିବାରର କଲ୍ୟାଣ ତଥା ଭଲବର ବା ସ୍ୱାମୀ ପାଇବା ଉଦ୍ଦେଶ୍ୟରେ ଏହି ପୂଜା ପିଲାମାନେ ପାଳନ କରିଥିବା ଜଣାଯାଏ। ପୁରୀ ଶ୍ରୀମନ୍ଦିରର ସେବାୟତ ପରିବାରରେ ଶାରଦୀୟ ଦୁର୍ଗାପୂଜା ସମୟରେ ଦେଖିବାକୁ ମିଳିଥାଏ ନେତପିଲା ପରମ୍ପରା। ଭାଦ୍ରବ ମାସ ପୂର୍ଣ୍ଣମାଠାରୁ ନେତପୂଜା ଆରମ୍ଭ ହୋଇଥାଏ । ପ୍ରଥମ ୨୧ଦିନ ଧରି ସେବାୟତ ପରିବାରର କୁମାରୀ କନ୍ୟାମାନେ ସନ୍ଧ୍ୟାରେ ଘରେ ଶିବପାର୍ବତୀଙ୍କୁ ପୂଜା କରିଥାନ୍ତି। ସେହିପରି ଆଶ୍ୱିନ ଶୁକ୍ଳପକ୍ଷ ପଞ୍ଚମୀ ତିଥିରୁ ୪ଦିନ ଧରି ବିଭିନ୍ନ ଅଳଙ୍କାର ପରିଧାନ କରି ନେତପିଲା ବେଶରେ ସଜ୍ଜିତ ହୋଇ ମାର୍କଣ୍ଡ ପୋଖରୀ ଠାରେ ମା ବୃନ୍ଦାବତୀଙ୍କ ପାଖରେ ଶିବପାର୍ବତୀଙ୍କ ଉପାସନା କରିଥାନ୍ତି। ପୂଜା କରିବା ସହ ସେଠାରେ ବଳି ଗୀତ ଗାଇଥାନ୍ତି। ଏହି ପୂଜା ସମୟରେ ସ୍ୱତନ୍ତ୍ର ଆଭୂଷଣ ଏବଂ ବସ୍ତ୍ରରେ ଭୂଷିତ ହୋଇଥାନ୍ତି। ବିଭିନ୍ନ ପ୍ରକାର ଫଳ, ନଡ଼ିଆ, ପରିବା, ଗୁଆ ଆଦି ଅର୍ପଣ କରି ପୂଜା କରିବାର ବିଧି ଥିବାବେଳେ ବଳି ଗୀତ ଗାନ କରିଥାନ୍ତି। ପୂଜା ପରେ ନେତପିଲାମାନେ ସେମାନଙ୍କର ସମ୍ପର୍କୀୟଙ୍କ ଘରକୁ ବୁଲିଯିବାର ବିଧି ରହିଛି। ପାର୍ବତୀ ଶିବଙ୍କୁ ପାଇବା ଉଦ୍ଦେଶ୍ୟରେ ଏହି ପୂଜା କରିବାର କିମ୍ବଦନ୍ତୀ ରହିଥିବାରୁ ତାହାକୁ ଅନୁସରଣ କରି ଶିବଙ୍କ ଭଳି ସ୍ୱାମୀ ପାଇବା ଉଦ୍ଦେଶ୍ୟରେ ଏହି ନେତପିଲା ନେତଓଷା ପାଳିତ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଯୁବ ଖବରଦାତା

### ଗୋମାଂସ ଚାଲାଣ ନେଇ ମିଛ ମାମଲାରେ ଫସାଇବା ଘଟଣା

ଚାରିଛକ,୧୯।୨୩(ଶିଶିର ସ୍ୱାଇଁ)

ଏକ ମିଛ ମାମଲାରେ ପୋଲିସ ଜଣେ ଖବରଦାତାଙ୍କୁ ଫସାଇବା ଅଭିଯୋଗରେ ସଂପୃକ୍ତ ଖବରଦାତା ଗୁରୁବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲାକୁ ହାଇକୋର୍ଟ ଗ୍ରହଣ କରିବା ସହ ୪ ସପ୍ତାହ ମଧ୍ୟରେ ଘଟଣାର ତଦନ୍ତ କରି ଉତ୍ତର ରଖିବାକୁ ଚାରିଛକ ପୋଲିସ ଏବଂ ଏସ୍‌ପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଜିଲା ଚାରିଛକ ଥାନା ଅଞ୍ଚଳରେ ବର୍ଷ ବର୍ଷ ଧରି ବେଆଇନ ଗୋ- ମାଂସ ଚୋରା ଚାଲାଣ ଚାଲିଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ଏବଂ ସ୍ଥାନୀୟ ବଜରଙ୍ଗ ଦଳର କର୍ମୀ ଗୋ-ମାଂସ ଗାଡ଼ି ଜବତ କରି ପୋଲିସ ଜିମା ଦେଇଥିବା ନଜିର ରହିଛି। ଗତ କିଛିଦିନ ତଳେ ପୁରୀ ଜିଲା ଚାରିଛକ ଥାନା କଳାପାଞ୍ଚଣ ପଞ୍ଚାୟତ ଖାଦିସାହି ଅଞ୍ଚଳରେ ବେଆଇନ ଭାବରେ ଗୋହତ୍ୟା ଓ ଗୋ- ମାଂସ ଚାଲାଣ ହେଉଥିବା ଖବର ପାଇ ଖବରଦାତା କୈଳାସଚନ୍ଦ୍ର ପାତ୍ର ପହଞ୍ଚିଥିଲେ। କୈଳାସଚନ୍ଦ୍ର ପହଞ୍ଚିବା ପୂର୍ବରୁ ଚାରିଛକ ପୋଲିସ ମଧ୍ୟ ସେଠାରେ ପହଞ୍ଚିଥିଲା। ସେଠାରେ କୈଳାସଚନ୍ଦ୍ର କ୍ୟାମେରି ସମ୍ମୁଖରେ ଗୋ ଚାଲାଣକାରୀଙ୍କ ବାବଦରେ ସମସ୍ତ ସତ କଥା କହିଥିଲେ। ଯାହା ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହୋଇଥିଲା। ଏହାପରେ ପୋଲିସ ଗୋ ହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି କୈଳାସଚନ୍ଦ୍ରଙ୍କ ନାମରେ ଏକ ମାମଲା ରୁଜୁ କରିଥିଲେ। ଗୋ ହତ୍ୟାକାରୀଙ୍କ ଏତଲାକୁ ଭିତ୍ତି କରି ପୋଲିସ ଖବରଦାତାଙ୍କ ନାମରେ ମିଛ ମାମଲା ରୁଜୁ କରି ବାଃ ବାଃ ନେଇଥିବା କୈଳାସଚନ୍ଦ୍ର ପ୍ରକାଶ କରିଛନ୍ତି। ସତ ଘଟଣାକୁ ଚାପି ଦେଇ କୈଳାସଚନ୍ଦ୍ରଙ୍କୁ ଫସା ଯାଇଥିବା ନେଇ ସେ ଚାରିଛକ ପୋଲିସ ବିରୋଧରେ ହାଇକୋର୍ଟଙ୍କ ଆଶ୍ରୟ ନେଇଥିବା ପ୍ରକାଶ କରିଛନ୍ତି।

## ‘ମେରି ମାଟି ମେରା ଦେଶ’


ଶୋଭାଯାତ୍ରାରେ ଅମୃତ କଳସ ନିଆଯାଉଛି ।

ପିପିଲି,୧୯।୧୦(ପ୍ରଭାତ ମହାପାତ୍ର)

ପିପିଲିରେ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ଓ ପୁରୀ ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଗୁରୁବାର ‘ମେରି ମାଟି ମେରା ଦେଶ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ପ୍ରଭାତ ମହାପାତ୍ରଙ୍କ ନେତୃତ୍ୱରେ ସକାଳ ୯ଟାରେ ଶତାଧିକ ମହିଳା ପୁରୁଷ, ଛାତ୍ରୀଛାତ୍ର ବିଭିନ୍ନ ଗାଁରୁ ସଂଗୃହୀତ ପବିତ୍ର ମାଟି କଳସ ନେଇ ପିପିଲି ସଙ୍କଟମୋଚନ ହନୁମାନ ମନ୍ଦିରଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ପିପିଲି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ୧୦ଜଣ ଅବସରପ୍ରାପ୍ତ ସେନା କର୍ମଚାରୀ, ପିପିଲି କଲେଜ ଛାତ୍ରୀଛାତ୍ର, ପିପିଲି କଲେଜ, ଜବାହର ବିଦ୍ୟାପୀଠ, ପିପିଲି ହାଇସ୍କୁଲ ଏନ୍‌ସିସି, ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ର, ସ୍ଥାନୀୟ ବୁଦ୍ଧିଜୀବୀ, ପିପିଲି ଡାକ ବିଭାଗ କର୍ମଚାରୀ ଏବଂ ଆଖପାଖ ଅଞ୍ଚଳର ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ଶୋଭାଯାତ୍ରାକୁ ପିପିଲି ବିଡିଓ ରଶ୍ମିତା ନାଥ ସ୍ୱାଗତ କରି ବ୍ଲକ ସଭାଗୃହକୁ ନେଇଥିବାବେଳେ ସେଠାରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ ହୋଇଥିଲା। ଜାଗୃତି ଯୁବ ସଂଗଠନ ସଭାପତି ପ୍ରଭାତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସଭାରେ ବିଡିଓ ନାଥ, ପିପିଲି ତହସିଲଦାର ପୁନମ ମହାପାତ୍ର ଏବଂ ନେହେରୁ ଯୁବକେନ୍ଦ୍ର ଜିଲା ଯୁବ ସଂଯୋଜକ ଜୟଶଙ୍କର ଜୋଶୀ, ଇଂ ରମେଶଚନ୍ଦ୍ର ଶତପଥୀ, ସଂଗଠନ ଉପଦେଷ୍ଟା ବାମଦେବ ମିଶ୍ର, ସମ୍ପାଦକ ବିଭୁତି ସାମନ୍ତରାୟ, ମନୋଜ ପ୍ରଧାନ, ପ୍ରଫୁଲ୍ଲ ସାହୁ ଏବଂ ଅନୁପ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପତଞ୍ଜଳି ପକ୍ଷରୁ ଯୋଗ ପ୍ରଦର୍ଶନ କରାଯାଇଥିଲା। ଏହାସହ ଅବସରପ୍ରାପ୍ତ ସୈନିକଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସ୍ୱତନ୍ତ୍ର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଛୋଟ ଝିଅ ଓ ସ୍କୁଲ ଛାତ୍ରୀଙ୍କ ଦ୍ୱାରା ଯୋଗ ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା। ବୀର ଓ ମାଟି ପାଇଁ ଏଭଳି ଉତ୍ସର୍ଗୀକୃତ ଓ ସମ୍ମାନୀୟ କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିଡିଓ, ତହସିଲଦାର ଏବଂ ବିଭିନ୍ନ ସଂଗଠନ ଓ ସମାଜସେବୀ ପ୍ରଶଂସା କରିଥିଲେ।

# ବାଲ୍ୟବିବାହ ମୁକ୍ତ ଭାରତ ଗଠନ ସଚେତନତା ଶୋଭାଯାତ୍ରା

ପିପିଲି,୧୯।୧୦(ପ୍ରଭାତ ମହାପାତ୍ର)

ପିପିଲି ବ୍ଲକ ପରିସରରେ ରୁଚିକା ସମାଜ ମଙ୍ଗଳ ସଂଗଠନ ସହ ପିପିଲି ବ୍ଲକ ଓ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଗୁରୁବାର ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ପାଇଁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ରୁଚିକା ସଂଗଠନ ମୁଖ୍ୟ ନିର୍ଦ୍ଦେଶକ ବେଣୁଧର ସେନାପତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ ଯୋଗଦେଇ ସମାଜ ମାଙ୍ଗଳିକ ଏହି କାର୍ଯ୍ୟକ୍ରମକୁ ବହୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଡିଓ ରଶ୍ମିତା ନାଥ, ଏବିଡିଓ ଶୈଳବାଳା ତ୍ରିପାଠୀ, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ଏନ୍ଏସି ଅଧ୍ୟକ୍ଷ ସେକ୍ ବାବୁ, ସିଡିପିଓ ତପସ୍ୱିନୀ ସୁନା, ବିପିଏମ୍ ପ୍ରମୋଦିନୀ ବେହେରା, ପୁରୀ ଡିସିପିଓ ମନୋଜ ତ୍ରିପାଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ, ରୁଚିକା ସଂଗଠନ ସମ୍ପାଦକ ଉମା ଶଙ୍କର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ବାଲ୍ୟବିବାହ ମୁକ୍ତ ଭାରତ ଲକ୍ଷ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପିପିଲି ବ୍ଲକ ପରିସରରୁ ଏକ ବିରାଟ ସଚେତନତା ଶୋଭାଯାତ୍ରା ପିପିଲି ବଜାର ଅଭିମୁଖେ ବାହାରିଥିଲା। ଏଥିରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର, ଏମ୍‌ବିକେ, ବ୍ୟାଙ୍କମିତ୍ର, ସିଆର୍‌ପି ୮ଶହରୁ ଅଧିକ ମହିଳା ପ୍ଲା-କାର୍ଡ ଧରି ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ତେବେ ରୁଚିକା ସଂଗଠନର ପିପିଲି ସଂଯୋଜକ ହେମନ୍ତ ଦାଶ ଏଥିରେ ସଂଯୋଜନା କରିଥିଲେ। ସଂଗଠନର ସଦସ୍ୟ କୃଷ୍ଣଚନ୍ଦ୍ର ବେହେରା, ପ୍ରମୋଦ ବେହେରା, ହରପ୍ରିୟା ଖଟୋଇ, ମମତାମୟୀ ଦାଶ, ସୁପ୍ରିୟା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

# ‘ମୋ ମାଟି ମୋ ଦେଶ’ କାର୍ଯ୍ୟକ୍ରମରେ କଳସ ଶୋଭାଯାତ୍ରା

କୋଣାର୍କ,୧୯।୧୦(ଜ୍ୟୋତିରାଜ ମହାନ୍ତି)

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ପରିଚାଳିତ ପୁରୀ ଜିଲା ନେହେରୁ ଯୁବ କେନ୍ଦ୍ର, ବସନ୍ତ ମଞ୍ଜରୀ ପାଠାଗାର, କୋଣାର୍କ, ଫ୍ରେଣ୍ଡସ କ୍ଲବ, ଶିରିପୁର ଓ ଡାକ ବିଭାଗର ମିଳିତ ସହଯୋଗରେ ଗୁରୁବାର କୋଣାର୍କସ୍ଥିତ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ଏକ ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଡାକ ମଣ୍ଡଳ ଉପଅଧୀକ୍ଷକ ଅଜୟ ସ୍ୱାଇଁ, ପ୍ରତ୍ନତତ୍ତ୍ୱ ବିଭାଗ ସିଇଓ ଦେବେନ୍ଦ୍ର କୁମାର, ନେହେରୁ ଯୁବକେନ୍ଦ୍ରର ପୁରୀ ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, ସମ୍ପାଦକ ହରିଶ୍ଚନ୍ଦ୍ର ଦାସ, ନିମାପଡ଼ା ଉପଡାକ ନିରୀକ୍ଷକ ଶୁଭାଶିଷ ଆଚାର୍ଯ୍ୟ, ଅରୁଣ ପରିଡ଼ା, ଯୁବ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ଜବାହର ନବୋଦୟ ବିଦ୍ୟାଳୟର ଲକ୍ଷ୍ମୀଧର ମଲିକ, ଅବସରପ୍ରାପ୍ତ ସୈନିକ ପ୍ରକାଶଚନ୍ଦ୍ର ପାତ୍ର ପ୍ରମୁଖ ସବୁଜ ପତାକା ଦେଖାଇ କଳସ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପବିତ୍ର ମାଟି ସଂଗ୍ରହ କରାଯାଇ ଶୋଭାଯାତ୍ରା ଯାତ୍ରୀନିବାସଠାରେ ପହଞ୍ଚିବା ପରେ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ ସ୍ୱାଗତ କରିଥିଲେ। ଅବସରପ୍ରାପ୍ତ ସୈନିକ ଜିତେନ ମହାନ୍ତି, ପ୍ରକାଶ ପାତ୍ର ଓ ସ୍ୱଚ୍ଛ ସାଥୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପଞ୍ଚପ୍ରାଣ ଶପଥ ପାଠ ପରେ ରାଷ୍ଟ୍ରୀୟ ସଙ୍ଗୀତ ସହ କାର୍ଯ୍ୟକ୍ରମ ସରିଥିଲା। ଏହାକୁ ସାମାଜିକ କର୍ମୀ ନିରଞ୍ଜନ ତ୍ରିପାଠୀ, ପ୍ରଦୀପ ପ୍ରଧାନ, ଲୋକନାଥ ବେହେରା, ଦିଲ୍ଲୀପ ନାୟକ, ଜ୍ଞାନ ରଞ୍ଜନ ବିଶ୍ୱାଳ, ଭାଗୀରଥି ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କୁ ଅମୃତ କଳସ ହସ୍ତାନ୍ତର କରାଯାଉଛି ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୦ ଅକ୍ଟୋବର, ୨୦୨୩



**ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ, ବାସିଖାଦ୍ୟ ନଷ୍ଟ**

କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ): କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ସିଡିଏ ଅଞ୍ଚଳର ବିଭିନ୍ନ ଖାଦ୍ୟ ଷ୍ଟଲରେ ଚଢ଼ଉ କରାଯାଇଛି। ସେଠାରେ ଥିବା ଖାଦ୍ୟର ନମୁନା ସଂଗ୍ରହ କରାଯାଇ ଲାବରେଟୋରୀରେ ପରୀକ୍ଷା କରାଯାଇଥିଲା। ଏଥିସହ ବାସି ତଥା ନିମ୍ନମାନର ଖାଦ୍ୟ ନଷ୍ଟ କରାଯାଇଥିଲା। ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ସିଏମ୍‌ସି ପକ୍ଷରୁ ଜଣାପଡିଛି।

# ଧାର୍ଯ୍ୟ ସମୟ ପୂର୍ବରୁ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

କଟକ,୧୯।୧୦(କାର୍ତ୍ତିକ ସାହୁ)

ନଭେମ୍ବର ୨୭ ତାରିଖରୁ ଆରମ୍ଭ ହେବାକୁ ଥିବା ଐତିହାସିକ କଟକ ବାଲିଯାତ୍ରାର ମୁଖ୍ୟ ଆକର୍ଷଣ ସାଜିବ କଟକ ଇନ୍ କଟକ ପାଭିଲିଅନରେ ଗ୍ରାମ୍ୟ କଟକର ପ୍ରତିଫଳନ। ଏଥିପାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଏକ ଗ୍ରାମୀଣ କଟକ ମଡେଲ ପ୍ରସ୍ତୁତ କରାଯିବା ସହ ସମାନ୍ତରାଳ ପ୍ରାଣୀସମ୍ପଦ ମେଳା ଆୟୋଜନ ପାଇଁ ସ୍ଥିର ହୋଇଛି। ଚଳିତ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ, ସୁରକ୍ଷିତ ସହ ଆନ୍ତଃବିଭାଗୀୟ ସମନ୍ୱୟ ରକ୍ଷା ଦିଗରେ ଗୁରୁତ୍ୱାରୋପ କରାଯିବ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ବାଲିଯାତ୍ରାର ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ଏକଥା କହିଛନ୍ତି। ଧାର୍ଯ୍ୟ ସମୟ ପୂର୍ବରୁ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଦଳାଇ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ରାସ୍ତାଘାଟ, ମଞ୍ଚ ପ୍ରସ୍ତୁତି ଆଦି କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା କରାଯିବା ସହ ଜଳ ଯୋଗାଣ ନିମନ୍ତେ ଆବଶ୍ୟକ ହେଉଥିବା ପାଇପ ଲାଇନ ମରାମତି ଓ ଆବଶ୍ୟକତା ଅନୁଯାୟୀ ଅଧିକ ପାଇପ ଲାଇନ ବିଛାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ୱାଟ୍‌କୋ ସାଧାରଣ ପରିଚାଳକ ଇଂ.ଦେବବ୍ରତ ମହାନ୍ତିଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧକ୍ଷ ଅନିଲ କୁମାର ସାମଲ ଚଳିତବର୍ଷ ବାଲିଯାତ୍ରାକୁ ଅଧିକ ମନୋରମ କରିବା ନିମନ୍ତେ ସମସ୍ତ ବିଭାଗ ପରସ୍ପର ସମନ୍ୱୟ ରକ୍ଷାପୂର୍ବକ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବିଶେଷକରି ପୂର୍ତ୍ତ, ୱାଟ୍‌କୋ, କଟକ ମହାନଗର ନିଗମ ଓ ଟିପିସିଓଡିଏଲର ଅଧିକାରୀ ତଥା ଯନ୍ତ୍ରୀମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବଶ୍ୟକ ମରାମତି ଓ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଓର୍‌ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର କହିଥିଲେ, ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳାର ଆୟୋଜନ କରାଯିବା ସହ ଷ୍ଟଲ ସଂଖ୍ୟା ୪୦୦କୁ ବୃଦ୍ଧି କରାଯିବ। ଏଥିପାଇଁ ୭୫ଲକ୍ଷ ଟଙ୍କାର ଅନୁଦାନ ରାଶି ଯୋଗାଇ ଦିଆଯିବ। ଯାତ୍ରା ପଡ଼ିଆ ପରିସରରେ ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅଧୀନରେ ବିଭିନ୍ନ ଦକ୍ଷତା ବିକାଶ ତାଲିମ ଦିଆଯିବା ନିମନ୍ତେ ବିଚାରବିମର୍ଶ କରାଯାଉଛି ବୋଲି ସେ କହିଥିଲେ। କଟକ ଡିସିପି ପିନାକ ମିଶ୍ର କହିଥିଲେ, ବହୁ ସଂଖ୍ୟକ ଜନସମାଗମ ଦୃଷ୍ଟିରୁ ଏଥର ପାର୍କିଂ ପାଇଁ ଅଧିକ ସ୍ଥାନ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ୱାଚ୍ ଟାୱାର ନିର୍ମାଣର ଆବଶ୍ୟକତା ରହିଛି। ଉନ୍ନତମାନର ଘୋଷଣା ବ୍ୟବସ୍ଥା ଓ ଏଲ୍‌ଇଡି ଜରିଆରେ ସୂଚନା ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, ଉପକମିଟି ଗଠନ କରି ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ଷ୍ଟଲ ନିର୍ମାଣ ନିମନ୍ତେ ସୁଲଭ ମୂଲ୍ୟରେ ବ୍ୟବସାୟିକ ପ୍ରତିଷ୍ଠାନ ଓ ସରକାରୀ, ବେସରକାରୀ ଅନୁଷ୍ଠାନକୁ ଜାଗା ଆବଣ୍ଟନ କରାଯିବ। ବିଭିନ୍ନ ଶ୍ରେଣୀର ପ୍ରାୟୋଜକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିର୍ଦ୍ଧାରିତ ନୀତି ଅନୁଯାୟୀ ଜାଗା ଆବଣ୍ଟନ କରାଯିବ। କ୍ଷୁଦ୍ର ଓ ନାମମାତ୍ର ବ୍ୟବସାୟୀଙ୍କୁ ଅତି ସ୍ୱଳ୍ପ ମୂଲ୍ୟରେ ବ୍ୟବସାୟ କରିବାକୁ ଅନୁମତି ଦିଆଯିବ। ଯାତ୍ରା ସମୟରେ ସ୍ୱାସ୍ଥ୍ୟସେବା, ଖାଦ୍ୟ ସୁରକ୍ଷା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଅଗ୍ନିଶମ ସେବା, ଆଇନ ଶୃଙ୍ଖଳା, ଯାନବାହନ ନିୟନ୍ତ୍ରଣ ସହ ସମ୍ପୃକ୍ତ ଅଧିକାରୀମାନେ ସେମାନଙ୍କ ପ୍ରସ୍ତୁତିକୁ ସୁନିଶ୍ଚିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମେଳା ପଡ଼ିଆ ବୁଲିବା ପାଇଁ ଇ-ରିକ୍ସା ବ୍ୟବସ୍ଥା କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମହାନଦୀ ଘାଟ ମରାମତି, ନଦୀ ମୁଖ୍ୟଶଯ୍ୟାରେ ବ୍ୟାରିକେଡ୍ ନିର୍ମାଣ ଓ ପରିଦର୍ଶକମାନଙ୍କୁ ଜଳର ଅବସ୍ଥିତି ସମ୍ବନ୍ଧରେ ସୂଚାଇ ଦେବାକୁ ଆଭ୍ୟନ୍ତରୀଣ ଅଞ୍ଚଳ ଆଲୋକୀକରଣ କରିବାକୁ ଜଳସମ୍ପଦ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଜନସାଧାରଣଙ୍କୁ ଅଘଟଣରୁ ସୁରକ୍ଷା ଦେବା ନିମନ୍ତେ ଅଗ୍ନିଶମ ସେବା, ଓଡ୍ରାଫ ଓ ଏନ୍‌ଡିଆରଏଫ୍ ବାହିନୀକୁ ନିୟୋଜିତ କରାଯିବ। ସେହିଭଳି ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ପ୍ରୟାସ ଜାରି ରହିବ ବୋଲି ଜିଲାପାଳ କହିଛନ୍ତି।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ବାଲିଯାତ୍ରାରେ ସ୍ଥାନୀୟ ଗଣମାଧ୍ୟମ ପାଇଁ ସ୍ୱତନ୍ତ୍ର ଲାଉଞ୍ଜ ବ୍ୟବସ୍ଥା କରାଯାଉଥିବା କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ବାଲିଯାତ୍ରା ଆୟୋଜନର ରୂପରେଖ ଉପରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ଶିବ ଟପୋ, କଟକ ସଦର ଉପଜିଲାପାଳ କମଳଜିତ୍ ଦାସ, ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ ତରାଇ, ବାଙ୍କୀ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ ସମେତ ବିଭାଗୀୟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।



ବାଲିଯାତ୍ରା ପ୍ରସ୍ତୁତି ବୈଠକରେ ଆର୍‌ଡିସି, ଜିଲାପାଳ, ସିଡିଏ ଅଧକ୍ଷ ଓ ଡିସିପିଙ୍କ ସହ ଅନ୍ୟମାନେ।

**ବାଲିଯାତ୍ରା ଦ୍ୱିତୀୟ ପ୍ରସ୍ତୁତି ବୈଠକ**

■ଗ୍ରାମ୍ୟ ପ୍ରତିଫଳନରେ ଆକର୍ଷଣ ସାଜିବ କଟକ ଇନ୍ କଟକ

## ସଂକ୍ଷେପରେ

### ପଲିଥିନମୁକ୍ତ ପୂଜା ପାଇଁ ଆହ୍ୱାନ

କଟକ,୧୯।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଚଳିତବର୍ଷ ଦୁର୍ଗାପୂଜାରେ ପଲିଥିନ ବର୍ଜନ କରିବା ପାଇଁ ଶାନ୍ତି କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଛି। ଭକ୍ତମାନେ ପୂଜା ମଣ୍ଡପକୁ ପଲିଥିନ୍‌ରେ ଭୋଗ ନ ଆଣି ଅନ୍ୟ ପାତ୍ରରେ ଆଣିବା ପାଇଁ କଟକ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରି ଦାସ ନିବେଦନ କରିଛନ୍ତି। ସେହିଭଳି ଡିଜେ ମୁକ୍ତ ରୋଷଣୀ ଓ ନିଶାମୁକ୍ତ ଭଶାଣି ପାଳନ କରିବା ପାଇଁ ସେ କହିଛନ୍ତି।

### ଜୁଆ ଆଡ୍ଡାରେ ଚଢ଼ାଉ, ୧୦ ଗିରଫ



କଟକ,୧୯।୧୦ (କାର୍ତ୍ତିକ ସାହୁ)

ଲାଲବାଗ ପୋଲିସ ଜୁଆ ଆଡ୍ଡାରେ ଚଢ଼ାଉ କରିବା ସହ ୧୦ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କାଜିବଜାରର ବିନୋଦ ବେହେରା, ସନ୍ତୋଷ ପାଇକି, ହାତୀପୋଖରୀର ସେକ୍ ଅଫ୍‌ସର, ଝାଞ୍ଜିରୀମଙ୍ଗଳାର ପୂର୍ଣ୍ଣଚନ୍ଦ୍ର ବର୍ଦ୍ଧନ, କାହ୍ନୁ ଚରଣ ସାହୁ, ଚାନ୍ଦିନୀଚୌକ୍‌ର ସୁରେଶ ସିଂହ, ଶିଖରପୁରର ଜଗବନ୍ଧୁ ବେହେରା, ହରିପୁରର ଆକାଶ ବେହେରା, ତିନିକୋଣିଆ ବଗିଚାର କୃଷ୍ଣଚନ୍ଦ୍ର ନାୟକ ଓ ବାଙ୍କାବଜାରର ରିଆଜ ବକ୍ସ। ସେମାନଙ୍କ ନିକଟରୁ ୫୧,୨୦୦ ଟଙ୍କା, ତାସ୍, ୯ଟି ମୋବାଇଲ ଫୋନ୍, ଗୋଟିଏ ବାଇକ୍ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ. ୨୮୩/୨୩) ରୁଜୁ ହୋଇଛି। ଏସ୍‌ଆଇ ଅବିନାଶ ରାଉତଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚୁନଭାଟି ଅଞ୍ଚଳରେ ଥିବା ଜୁଆଆଡ୍ଡାରେ ଗୁରୁବାର ପୂର୍ବାହ୍ନରେ ଚଢାଉ କରିଥିଲେ।

### ଏକୋଏନ୍‌ର ଦକ୍ଷିଣ ଏସିଆ ସଭାପତି ଭାବେ ମନୋନୀତ ହେଲେ ଶରତ ଚନ୍ଦ୍ର ଦାସ

କଟକ,୧୯।୧୦(ଶିଲ୍ପା ପ୍ରିୟଦର୍ଶିନୀ)

ଦକ୍ଷିଣ ଏସିଆର ଚକ୍ଷୁ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ହୋଇଥିବା ଆସୋସିଏଶନ୍ ଅଫ୍ କମ୍ୟୁନିଟି ଅଫ୍‌ଥାଲ୍‌ମୋଲୋଜିଷ୍ଟସ୍ ଅଫ୍ ଇଣ୍ଡିଆ (ଏକୋଏନ୍)ର ବାର୍ଷିକ ଅଧିବେସନରେ କଟକର ଚକ୍ଷୁ ବିଶେଷଜ୍ଞ ଡ. ଶରତ ଚନ୍ଦ୍ର ଦାସଙ୍କୁ ସର୍ବସମ୍ମତିକ୍ରମେ ଦକ୍ଷିଣ ଏସିଆର ସଭାପତି ଭାବରେ ମନୋନୀତ କରାଯାଇଛି। ଛତିଶଗଡର ବିଳାସପୁରସ୍ଥିତ ଗୁରୁ ଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତ ସମେତ ନେପାଳ, ବାଙ୍ଗଲାଦେଶ, ଭୁଟାନ, ଶ୍ରୀଲଙ୍କା ଓ ମାଳଦ୍ୱୀପର ଅନେକ ଚକ୍ଷୁ ବିଶେଷଜ୍ଞ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଏକୋଏନ୍ ଦୀର୍ଘ ବର୍ଷ ଧରି ଦକ୍ଷିଣ ଏସିଆରୁ ଅନ୍ଧତ୍ୱ ଦୂରୀକରଣ, ଡାକ୍ତରୀ ଶିକ୍ଷାର ପ୍ରସାର ଓ ଗବେଷଣା ପାଇଁ କାର୍ଯ୍ୟ କରୁଛି। ଡ. ଦାସ ପୂର୍ବରୁ ଏହାର ସର୍ବଭାରତୀୟ ଉପସଭାପତି ଏବଂ ଓଡ଼ିଶା ରାଜ୍ୟ ଅଫଥାଲମୋଲୋଜିଷ୍ଟ ସୋସାଇଟିର ସଭାପତି, ସମ୍ପାଦକ ଭାବରେ ଦାୟିତ୍ୱ ନିର୍ବାହ କରିଛନ୍ତି। ଏଥିସହ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।



### ବେଆଇନ ରେଳଯାତ୍ରା, ୯୬ ଗିରଫ

କଟକ,୧୯।୧୦ (କାର୍ତ୍ତିକ ସାହୁ)

ପୂଜା ସମୟରେ ରେଳଯାତ୍ରୀମାନଙ୍କୁ ନିରାପଦ ତଥା ଆରାମଦାୟକ ଯାତ୍ରା ପ୍ରଦାନ କରିବା ନିମନ୍ତେ ଆରପିଏଫ୍ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଆର୍‌ପିଏଫ୍ କର୍ମଚାରୀମାନେ କଟକ ରେଳଷ୍ଟେଶନରେ ଗୁରୁବାର ଚଢ଼ାଉ କରି ଟ୍ରେନ୍‌ରେ ବେଆଇନ ଯାତ୍ରା କରୁଥିବା ୯୬ ଜଣଙ୍କୁ ଗିରଫ କରିଛନ୍ତି। କେତେଜଣ ବ୍ୟକ୍ତି ବିନା ଟିକେଟରେ କିମ୍ବା ମହିଳା ଅଥବା ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ବଗିରେ ଯାତ୍ରା କରୁଥିବାବେଳେ ଧରାପଡ଼ିଛନ୍ତି। କଟକ ରେଲୱେ ମାଜିଷ୍ଟ୍ରେଟଙ୍କ କୋର୍ଟରେ ସେମାନଙ୍କୁ ହାଜର କରାଯିବା ପରେ ଜରିମାନା ଆଦାୟ କରି ଛାଡ଼ି ଦିଆଯାଇଛି। ଏହାବାଦ୍ ଟ୍ରେନ୍ ଯାତ୍ରାକୁ ସମୟାନୁବର୍ତ୍ତୀ କରିବା ଓ ଯଥେଷ୍ଟ କାରଣ ନ ଥାଇ ଅନାବଶ୍ୟକ ଭାବେ ରେଳବଗିରେ ଲାଗିଥିବା ଆଲାର୍ମ ଚେନ୍ ଟାଣିବାରୁ ରେଳଯାତ୍ରୀଙ୍କୁ ନିବୃତ୍ତ କରାଇବା ନିମନ୍ତେ ଆର୍‌ପିଏଫ୍ ପକ୍ଷରୁ ଯାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ବିନା କାରଣରେ ଚେନ୍ ଟାଣିଲେ ୧ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଅଥବା ୧ ହଜାର ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡ ଏକକାଳୀନ ପ୍ରଦାନ କରାଯିବାର ବ୍ୟବସ୍ଥା ସମ୍ପର୍କରେ ଷ୍ଟେଶନରେ ଯାତ୍ରୀମାନଙ୍କୁ ଅବଗତ କରାଯାଇଥିଲା।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ଡ. କୃଷ୍ଣଚରଣ ବେହେରାଙ୍କ ତୈଳଚିତ୍ର ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

ନିଆଳି,୧୯।୧୦(ସୁକାନ୍ତ କୁମାର ସିଂହ)

ନିଆଳି ଥାନା ଅନ୍ତର୍ଗତ ସରାକୋର ଗ୍ରାମରେ ଗତ ୮ ତାରିଖରେ ସବର୍ଣ୍ଣ ଏବଂ ଅସବର୍ଣ୍ଣ ଲୋକଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ସବର୍ଣ୍ଣ ଲୋକମାନଙ୍କ ଆକ୍ରମଣରେ ୫ ଜଣ ଅସବର୍ଣ୍ଣ ଲୋକ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ପେଟରେ ତେଣ୍ଟା ପଶିଯିବାରୁ ଅପରେଶନ କରାଯାଇ ବାହାର କରାଯାଇଥିଲା। ଏ ସମ୍ପର୍କରେ ଅସବର୍ଣ୍ଣ ଲୋକଙ୍କ ପକ୍ଷରୁ ନିଆଳି ଥାନାରେ ୨୫ଜଣଙ୍କ ନାମରେ ଅଭିଯୋଗ ହୋଇଥିଲା। ହେଲେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବାରୁ ଅସବର୍ଣ୍ଣ ଲୋକମାନେ ଭୟଭୀତ ଅବସ୍ଥାରେ ଗ୍ରାମରେ ରହିଛନ୍ତି। ଏ ନେଇ ଜାତୀୟ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ନିଆଳି-ନୂଆଗାଁଠାରୁ ଦଳିତମାନଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରି ନିଆଳି ବଜାର ପରିକ୍ରମା କରି ଥାନା ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା କରାଯାଇ ପୋଲିସ ପ୍ରଶାସନକୁ ସମାଲୋଚନା କରାଯାଇଥିଲା। ପରେ ଗ୍ରାମାଞ୍ଚଳ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ୭ଦିନ ଭିତରେ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ମହାସଂଘ ତରଫରୁ ପୁନଶ୍ଚ ଆନ୍ଦୋଳନ କରାଯିବ ବୋଲି କୁହାଯାଇଥିଲା। ଏସ୍‌ଡିପିଓ ସାହୁ ଓ ନିଆଳି ଥାନା ଆଇଆଇସି ତପନ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନରେ ସଂଘ ସଭାପତି ଲିଟୁ ଦାସ, ଅନିଲ ମଲ୍ଲିକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଏସ୍‌ଡିପିଓ ସାହୁ କହିଛନ୍ତି, ଉକ୍ତ ଘଟଣାରେ ୫ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଚଢ଼ାଉ ଜାରି ରହିଛି।

### ମହିଳାଙ୍କୁ ଗାଳିଗୁଲଜ, ସରପଞ୍ଚ ସ୍ୱାମୀଙ୍କ ନାଁରେ ମାମଲା

**କଟକ ସଦର,୧୯।୧୦(ସୁଶାନ୍ତ କୁମାର ଜେନା):** କିଶନ ନଗର ଥାନା ଅନ୍ତର୍ଗତ ଉତ୍ତରକୂଳ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ପ୍ରଦୀପ ବେହେରା ଜଣେ ମହିଳାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୩୦/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଗୃହ ନିର୍ମାଣକୁ ନେଇ ଉକ୍ତ ପଞ୍ଚାୟତ ଅଧୀନ ଚମ୍ପା ଗ୍ରାମର ରାଧାରାଣୀ ଦାସଙ୍କ ପରିବାର ଓ ପଡୋଶୀ ଘରର ଲୋକଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ପଡୋଶୀ ଘରର ଲୋକେ ସ୍ଥାନୀୟ ସରପଞ୍ଚଙ୍କୁ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ କହିଥିଲେ। ପରେ ସରପଞ୍ଚଙ୍କ ପ୍ରତିନିଧି ଭାବେ ବେହେରା ଚମ୍ପା ଗ୍ରାମକୁ ଯାଇ ରାଧାରାଣୀଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏ ସମ୍ପର୍କରେ ରାଧାରାଣୀ ଥାନାରେ ଏତଲା ଦେଇଥିଲେ।

### ୫୦ ଲକ୍ଷ କ୍ଷତିପୂରଣ ଦାବିରେ ଏନ୍‌ଏଚ୍‌ଆର୍‌ସିରେ ମାମଲା

**ଦଳିତ ନାବାଳିକା ହତ୍ୟା ଘଟଣା**

କଟକ,୧୯।୧୦(କାର୍ତ୍ତିକ ସାହୁ)

କଟକ ଜିଲା ନିଆଳି ଥାନା ଅଧୀନ କୋଠମୂଳ ଗ୍ରାମର ଏକ ଦଳିତ ପରିବାରର ନାବାଳିକା ହତ୍ୟା ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ମାମଲା ରୁଜୁ ହୋଇଛି। ଦଳିତ ବ୍ୟକ୍ତି ରୋହିତ ଗୋଚ୍ଛାୟତଙ୍କ ୧୬ ବର୍ଷୀୟା ନାବାଳିକାଙ୍କୁ ଅତି ନୃଶଂସ ଭାବରେ ପୋଡ଼ି ହତ୍ୟା କରାଯିବା ଘଟଣାରେ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏଥିସହ ମୃତ ନାବାଳିକାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କେସ୍ ନଂ.୧୭୩୧୮/୨୦୨୩ରେ ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଆବେଦନ କରିଛନ୍ତି। ଏହି ମାମଲାରେ କଟକ ଗ୍ରାମାଞ୍ଚଳ ଏସ୍‌ପି, ଜିଲାପାଳ, ଡିଜିପି, ରାଜ୍ୟ ଗୃହ ବିଭାଗ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

ମାମଲାର ବିବରଣୀ ଅନୁସାରେ, ସମ୍ପୃକ୍ତା ନାବାଳିକାଙ୍କୁ ସେହି ଗ୍ରାମର ଜଣେ ଯୁବକ ଅପହରଣ କରିଥିଲେ। ଏ ନେଇ ଜୁଲାଇ ୭ ତାରିଖରେ ନିଆଳି ଥାନାରେ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା (ନଂ.୨୪୪/୨୩) ରୁଜୁ କରିଥିଲା। ଏହା ପରଠାରୁ ଯୁବକ ଜଣଙ୍କ ନାବାଳିକାଙ୍କୁ ନେଇ ହାଇଦ୍ରାବାଦ ଚାଲିଯାଇଥିଲେ। କିଛିଦିନ ତଳେ ସେ ଗାଁକୁ ଫେରି ନାବାଳିକାଙ୍କ ପରିବାରକୁ ୨ ଲକ୍ଷ ଟଙ୍କା, ବାଇକ୍, ସୁନାଚେନ୍, ମୁଦି ଆଦି ଦାବି କରିଥିଲେ। ଗତ ୧୭ ତାରିଖରେ ନାବାଳିକାଙ୍କ ପରିବାର ଲୋକେ ବିଶେଷ ସୂତ୍ରରୁ ଖବର ପାଇଥିଲେ ଯେ, ନାବାଳିକାଙ୍କୁ ସମ୍ପୃକ୍ତ ଯୁବକ ଏବଂ ତାଙ୍କ ପରିବାର ଲୋକେ ନିଆଁରେ ପୋଡ଼ି ହତ୍ୟା କରିଛନ୍ତି। ପରେ ମୃତଦେହକୁ ସତ୍କାର କରିଦେଇଛନ୍ତି। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ସଞ୍ଚିତ ଅର୍ଥରେ ଦୁର୍ଗା ମୂର୍ତ୍ତି କରିଛନ୍ତି ଅମିତାଭ

କଟକ,୧୯।୧୦(ଶିଲ୍ପା ପ୍ରିୟଦର୍ଶିନୀ)

**ରୀତିନୀତି ଅନୁଯାୟୀ କରିବେ ପୂଜାର୍ଚ୍ଚନା**

କଟକ ରାଜେନ୍ଦ୍ରନଗର ଅଞ୍ଚଳର ବାସିନ୍ଦା ଅମିତାଭ ସଂଘମିତ୍ରା(୧୫) ନିଜ ସଞ୍ଚିତ ଅର୍ଥରେ ୩ ଫୁଟ ଉଚ୍ଚତାର ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ କରିଛନ୍ତି। ରୀତିନୀତି ଅନୁଯାୟୀ ନିଜ ଘରେ ମା'ଙ୍କ ପୂଜା କରିବେ। ସତ୍ୟଜିତ୍ ଦାସ ଓ ସଂଘମିତ୍ରା ସାହୁଙ୍କ ପୁଅ ଅମିତାଭ ଖାନ୍‌ନଗର ନୋଡ଼ାଲ ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର। ଦୁର୍ଗା ପୂଜାକୁ ନଜରରେ ରଖି ନନ୍ଦଉତ୍ସବ ଦିନ ରୀତିନୀତି ଅନୁଯାୟୀ ମାଟି ଅନୁକୂଳ କରିବା ପରେ ସେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମୂର୍ତ୍ତୀ ତିଆରି ପାଇଁ ନଡ଼ା, ଖଡ଼ମା, ମାଟି, କପଡ଼ା ଓ ରଙ୍ଗ ବ୍ୟବହାର କରାଯାଇଛି। ଷଷ୍ଠୀ, ସପ୍ତମୀ, ମହାଷ୍ଟମୀ, ନବମୀ ଓ ଦଶମୀ ପୂଜା କରାଯିବ। ଦଶମୀ ଦିନ ଦହି ପଖାଳ ଭୋଗ କରିବେ ଅମିତାଭ। ପିଲାବେଳେ ଚିତ୍ରାଙ୍କନରେ ଅମିତାଭଙ୍କ ଆଗ୍ରହ ରହିଥିଲା। ପରେ ମାଟିରେ ଛୋଟ ଛୋଟ ମୂର୍ତ୍ତି ତିଆରି କରିଥିଲେ। ଚଳିତବର୍ଷ ମୂର୍ତ୍ତୀ ତିଆରି କରି ପୂଜା କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏଥିପାଇଁ ସେ ସଞ୍ଚିଥିବା ଅର୍ଥରୁ ମୂର୍ତ୍ତି ତିଆରି କରିଥିଲେ।


ଦୁର୍ଗାମୂର୍ତ୍ତି ନିର୍ମାଣ କରିଥିବା ଅମିତାଭ ସଂଘମିତ୍ରା।



କଟକ ଝୋଲାସାହିସ୍ଥିତ ସାରଙ୍ଗଧର ଶିଶୁ ଉଦ୍ୟାନରେ ସାରଙ୍ଗଧର ଦାସ ସ୍ମୃତି କମିଟି ପକ୍ଷରୁ ବିପ୍ଳବୀ ସାରଙ୍ଗଧର ଦାସଙ୍କ ଜୟନ୍ତୀ ପାଳନ କରାଯାଉଛି।

## କାର୍ଯ୍ୟାଳୟ ଫାଟକରେ ତାଲା ପକାଇଲେ ପୌରାଧକ୍ଷା

ଚୌଦ୍ୱାର,୧୯।୧୦(ଆଶୁତୋଷ ଦାସ)

**କର୍ମଚାରୀଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ**

ଚୌଦ୍ୱାର ପୌରପାଳିକାରେ ନିଯୁକ୍ତ କର୍ମଚାରୀମାନେ କର୍ତ୍ତବ୍ୟରେ ଅବହେଳା କରିବା ସହ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଜନସାଧାରଣଙ୍କ ସମସ୍ୟା ସମାଧାନ ହୋଇପାରୁନାହିଁ। ଏହାକୁ ନେଇ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଜନସାଧାରଣଙ୍କ ରୋଷର ଶିକାର ହେଉଛନ୍ତି। କର୍ମଚାରୀମାନଙ୍କ ଏଭଳି ଦାୟିତ୍ୱହୀନତାରେ ଅସନ୍ତୁଷ୍ଟ ହୋଇ ପୌରାଧକ୍ଷା ସାମଲ ଗୁରୁବାର ପୌର କାର୍ଯ୍ୟାଳୟର ବିଭିନ୍ନ ଅଫିସ୍‌ଗୃହରେ ତାଲା ପକାଇ ଦେଇଥିଲେ। ଏଥିସହ କାର୍ଯ୍ୟରେ ଅବହେଳା କଲେ ଆଉ ଅଫିସ୍‌କୁ ନ ଆସିବା ପାଇଁ କର୍ମଚାରୀମାନଙ୍କୁ ତାଗିଦ କରିଥିଲେ। ଫଳରେ ପୌର କାର୍ଯ୍ୟାଳୟରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ଅଫିସ୍ କର୍ମଚାରୀମାନଙ୍କ ଦାୟିତ୍ୱହୀନତା ଯୋଗୁ ଠିକାରେ ନିଯୁକ୍ତି ପାଇଥିବା କର୍ମଚାରୀମାନେ ୩ମାସ ହେଲା ଦରମା ପାଇନାହାନ୍ତି। ଏଥିରେ ଅସନ୍ତୋଷ ବ୍ୟକ୍ତ କରି ଠିକା କର୍ମଚାରୀମାନେ ଗୁରୁବାର କାର୍ଯ୍ୟବନ୍ଦ କରିଥିଲେ। ପରେ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ମ୍ୟୁନିସିପାଲିଟିର ଇଞ୍ଜିନିୟର, ଜେଇଙ୍କ ସମେତ କର୍ମଚାରୀମାନେ ଅଧକ୍ଷାଙ୍କ ପ୍ରକୋଷ୍ଠକୁ ଯାଇ ନିୟମିତ ଭାବେ ଅଫିସ୍ ଆସିବା ସହ ନ୍ୟସ୍ତ ଦାୟିତ୍ୱ ସୁଚାରୁରୂପେ ପାଳନ କରିବେ ବୋଲି ସାମଲଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ସୂଚନାଯୋଗ୍ୟ, ଆସନ୍ତା ୨୬ରୁ ଚୌଦ୍ୱାରର ପ୍ରସିଦ୍ଧ ରୂପଯାତ୍ରା ଆରମ୍ଭ ହେବ। ଏଠାରେ ବହୁ ଲୋକଙ୍କ ଭିଡ଼ ଲାଗିବ। ଏହାକୁ ଦୃଷ୍ଟିରେ ରଖି ରାସ୍ତାଘାଟ ମରାମତି, ଆଲୋକୀକରଣ, ସଫେଇ ଦାୟିତ୍ୱ ପୌରପାଳିକା ତୁଲାଇଥାଏ। ଚଳିତବର୍ଷ ଏସବୁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ରୂପଯାତ୍ରା ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ପରିସ୍ଥିତିକୁ ଅନୁଧ୍ୟାନ କରି ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ ଓ ବିଧାୟକଙ୍କ ପ୍ରତିନିଧି ବିଷ୍ଣୁଚରଣ ପରିଡ଼ା ପୌର କାର୍ଯ୍ୟାଳୟରେ ପହଞ୍ଚି ପୌରାଧକ୍ଷାଙ୍କୁ ବୁଝାଶୁଝା କରିବା ସହିତ ସମସ୍ୟାର ସମାଧାନ କରିଥିଲେ।



ଷୋଳପୂଜା ଅବସରରେ ମା' କଟକଚଣ୍ଡୀଙ୍କ ଗାୟତ୍ରୀ ବେଶ।। ମା'ଗଡ଼ଚଣ୍ଡୀଙ୍କ ଗାୟତ୍ରୀ ବେଶ।।ମା' ଝାଞ୍ଜିରୀମଙ୍ଗଳାଙ୍କ ଗାୟତ୍ରୀ ବେଶ।। ମା' ବାସନ୍ତୀ ଦୁର୍ଗାଙ୍କ ଗଜଲକ୍ଷ୍ମୀ ବେଶ।। ପିଠାପୁରସ୍ଥିତ ମା' ଧାକୁଲେଇଙ୍କ ବନଦୁର୍ଗା ବେଶ।।ବଡ଼ମ୍ବା ଭଟ୍ଟାରିକାଙ୍କ ଗାୟତ୍ରୀ ବେଶ।।ନୂଆପାଟଣା କଳାପାଟ ଠାକୁରାଣୀଙ୍କ ତ୍ରିପୁରାଭୈରବୀ ବେଶ।ମା' ଚର୍ଚ୍ଚିକାଙ୍କ ସ୍ୱତନ୍ତ୍ର ବେଶ।

**ସଂକ୍ଷେପରେ...**

## କୃଷିମନ୍ତ୍ରୀ ପ୍ରତିନିଧିଙ୍କ ପିତୃ ବିୟୋଗ

**ମଙ୍ଗୁଳି-ଜଗତପୁର,୧୯।୧୦(ମାନସ ସାମଲ)**

କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ସେକ୍ ସାହାଜାନଙ୍କ ବାପା ସେକ୍ କୋର୍‌ବାନ୍(୭୦)ଙ୍କର ଟାଙ୍ଗୀ-ଚୌଦ୍ୱାର ବ୍ଳକ ଅଧୀନ ବ୍ରହ୍ମପୁର ଗ୍ରାମସ୍ଥିତ ବାସଭବନରେ ଗୁରୁବାର ପରଲୋକ ହୋଇଯାଇଛି। ଏହି ଖବର ଜଣାପଡିବା ପରେ ମନ୍ତ୍ରୀ ସ୍ୱାଇଁ, ଆଠଗଡ, ତିଗିରିଆ, ଟାଙ୍ଗୀ-ଚୌଦ୍ୱାରର ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଦସ୍ୟ ପ୍ରମୁଖ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ କବରସ୍ଥାନରେ କବର ଦିଆଯାଇଥିଲା। ବଡଭାଇ ସେକ୍ ରାମଜାନ, ମଝିଆ ଭାଇ ସେକ୍ ରହେମାନ, ସେକ୍ ସୁଲତାନ, ସାନ ପୁଅ ସେକ୍ ଲୋକମାନ, ସେକ୍ ରୋଶନ, ସେକ୍ ରୁସ୍ତମଙ୍କ ସମେତ ୩ ଭ୍ରାଇଁ, ପୁତୁରା ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

## ଗାଡ଼ି ଡିକି ଭାଙ୍ଗି ଲକ୍ଷେ ଟଙ୍କା ଲୁଟ୍

**ସାଲେପୁର,୧୯।୧୦(ଅରବିନ୍ଦ ଭୂୟାଁ):**

ସାଲେପୁର ସାପ୍ତାହିକ ହାଟକୁ ଆସିଥିବା ଜଣେ ବ୍ୟକ୍ତିଙ୍କ ସ୍କୁଟି ଡିକିରୁ ଦୁର୍ବୃତ୍ତମାନେ ଗୁରୁବାର ଲକ୍ଷେ ଟଙ୍କା ନେଇଯାଇଛନ୍ତି। ଏନେଇ ସାଲେପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମର ରାଜମୋହନ ଶତପଥୀ ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସ୍ତ୍ରୀଙ୍କ ଚିକିତ୍ସା ନିମନ୍ତେ ସେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଶାଖାରୁ ୧ ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ନିକଟରେ ଥିବା ସାପ୍ତାହିକ ହାଟର ଏକ ପରିବା ଦୋକାନରୁ ପରିବା କିଣୁଥିଲେ। ଏହି ସମୟରେ ତାଙ୍କ ଡିକି ଭାଙ୍ଗି କୌଣସି ଦୁର୍ବୃତ୍ତ ଉକ୍ତ ଟଙ୍କା ଚୋରି କରି ନେଇଛନ୍ତି। ସେ ପରିବା କିଣିସାରି ଫେରିବାବେଳକୁ ଡିକି ଖୋଲାଥିବା ଦେଖିଥିଲେ। ସେଥିରେ ଟଙ୍କା ନ ଥିବାରୁ ନିକଟରେ ଖୋଜାଖୋଜି କରିଥିଲେ। ନ ମିଳିବାରୁ ଶେଷରେ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ସାଲେପୁର ଥାନା ରୋଡ୍‌ରେ ରହୁଥିବା ଆନନ୍ଦଚନ୍ଦ୍ର ଭୂୟାଁ ହାଟକୁ ପରିବା କିଣିବାକୁ ଯାଇଥିବାବେଳେ ତାଙ୍କ ମୋବାଇଲ୍ ଚୋରି ହୋଇଯାଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ସାଲେପୁର ପୋଲିସ ଉଭୟ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଜାରି ରଖିଥିବା କହିଛି।

# କଟକରେ ୫୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବେ



ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, କଟକ ଡିସିପି ପିନାକ ମିଶ୍ରଙ୍କ ସହ ଅନ୍ୟ ପୋଲିସ ଅଫିସର।

**କମିଶନରେଟ୍ ପୋଲିସର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ**

■ ୬୦୦ ସିସିଟିଭି କ୍ୟାମେରା, ୩୪ ସହାୟତା କେନ୍ଦ୍ର

**କଟକ,୧୯।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)**

ଚଳିତବର୍ଷ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ କମିଶନରେଟ୍ ପୋଲିସ ପକ୍ଷରୁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, କଟକ ଡିସିପି ପିନାକ ମିଶ୍ର, ଅତିରିକ୍ତ ଡିସିପି ଅନିଲ ମିଶ୍ର, ଏସ୍‌କେ ସରିଫ୍‌ଙ୍କ ସମେତ ପୋଲିସ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଚଳିତବର୍ଷ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କଟକ ସହରରେ ମୋଟ ୫୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ। ଏଥିସହ ସହରର ୬ଟି ଜୋନ୍‌ରେ ୩୪ ସହାୟତା କେନ୍ଦ୍ର ଖୋଲାଯିବ। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ୬୦୦ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ସେହିପରି ୮ ଜଣ ଅତିରିକ୍ତ ଡିସିପି, ୩୪ ଜଣ ଡିଏସ୍‌ପି, ୫୦ରୁ ଊର୍ଦ୍ଧ୍ୱ ଇନ୍ସପେକ୍ଟର, ୩୫୦ ସବ୍ ଇନ୍ସପେକ୍ଟର, ୬୩୬ ହୋମ୍‌ଗାର୍ଡ, ୮୦୦ରୁ ଊର୍ଦ୍ଧ୍ୱ କନ୍‌ଷ୍ଟେବଲ, ୧୪୦ ଜଣ ହାବିଲଦାର ନିୟୋଜିତ ହେବେ ବୋଲି ସୂଚନା ମିଳିଛି। ବିଶେଷକରି ସୁନା ଓ ରୁପାମେଢ ମଣ୍ଡପଗୁଡିକରେ ସଶସ୍ତ୍ର ପୋଲିସ ମୁତୟନ ସହ ପୂଜା ମଣ୍ଡପର କର୍ମକର୍ତ୍ତାଙ୍କ ସହିତ ସମନ୍ୱୟ ରଖାଯିବ। ଦଶହରା ବୁଲିବାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, ମଣ୍ଡପ ନିକଟରେ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରିବା ଉପରେ ଗୁରୁତ୍ୱ ଦେବା ପାଇଁ ପୋଲିସ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଡିସିପି ପିନାକ ମିଶ୍ର, ଅତିରିକ୍ତ ଡିସିପି ଅନିଲ ମିଶ୍ର, ଏସକେ ସରିଫ ପ୍ରମୁଖ ଉପସ୍ଥିତଥିଲେ।

# ଆଜି ମଣ୍ଡପରେ ଷଷ୍ଠୀପୂଜା

**କଟକ,୧୯।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)**

ଦଶହରା ପାଇଁ ସଜେଇ ହୋଇଛି ରୌପ୍ୟନଗରୀ କଟକ। ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗୀନ୍ ଆଲୋକମାଳାରେ ଝଲସୁଛି ପୂଜା ମଣ୍ଡପ। ଶୁକ୍ରବାର ମଣ୍ଡପଗୁଡିକରେ ମା'ଙ୍କର ଷଷ୍ଠୀ ପୂଜା ଅନୁଷ୍ଠିତ ହେବ। ଶନିବାର ମଧରାତିରେ ମହାସପ୍ତମୀରେ ମା'ଙ୍କର ଚକ୍ଷୁଦାନ କରାଯିବ। ରବିବାର ମହାଷ୍ଟମୀରେ ସନ୍ଧିପୂଜା ସହ ବିଭିନ୍ନ ମଣ୍ଡପରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ରହିଛି। ସୋମବାର ମହାନବମୀ ଓ ମଙ୍ଗଳବାର ବିଜୟ ଦଶମୀ ପଡୁଛି। କଟକର କେତେକ ମଣ୍ଡପରେ ଚାନ୍ଦି ମେଢ ସାଙ୍ଗକୁ ସୁନା ମୁକୁଟ ଆକର୍ଷଣ ସାଜିବ। କଟକରେ ଚଳିତବର୍ଷ ୪ଟି ପୂଜା କମିଟି ପକ୍ଷରୁ ନୂତନ ଚାନ୍ଦି ମେଢ ନିର୍ମାଣ କରାଯାଇଛି। ମହମ୍ମଦିଆ ବଜାର ପୂଜା ମଣ୍ଡପରେ ନୂତନ ଚାନ୍ଦି ମେଢ଼ ଉଦ୍‌ଘାଟନ ହୋଇଯାଇଥିବାବେଳେ ଶୁକ୍ରବାର ନିମସାହି ମଣ୍ଡପରେ ଚାନ୍ଦି ମେଢ ଉଦ୍‌ଘାଟନ ହେବ। ପୂର୍ବରୁ ସହରରେ ୨୮ଟି ଚାନ୍ଦି ମେଢ ଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୩୧ ଛୁଇଁଛି। ଅପରପକ୍ଷେ ବିଭିନ୍ନ ପୂଜା ମଣ୍ଡପରେ ତୋରଣ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି।

# ସୀତାକାନ୍ତ ମିଶ୍ରଙ୍କ ପରଲୋକ କ୍ରୀଡ଼ାକ୍ଷେତ୍ର ପାଇଁ ଅପୂରଣୀୟ କ୍ଷତି




ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ବାଙ୍କୀ,୧୯।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀର ବିଶିଷ୍ଟ କ୍ରୀଡ଼ା ସଙ୍ଗଠକ ସ୍ୱର୍ଗତ ସୀତାକାନ୍ତ ମିଶ୍ରଙ୍କ ପରଲୋକ ଘଟିଛି। ବାଙ୍କୀ କ୍ରୀଡା ସଂସଦ ପକ୍ଷରୁ ବିଦ୍ୟାରନ୍ ଭବନଠାରେ ଏନେଇ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ କ୍ରୀଡା ସଂସଦ ସାଧାରଣ ସଂପାଦକ ସନ୍ତୋଷ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଧର୍ମପ୍ରସାଦ ମଙ୍ଗରାଜ, କ୍ଷେତ୍ରବାସୀ ଦାଶ, ଜ୍ଞାନେନ୍ଦ୍ର ମୋହନ ମିଶ୍ର, ସମରେନ୍ଦ୍ର ମହାପାତ୍ର, ବୃନ୍ଦାବନ ପ୍ରଧାନ, କ୍ରୀଡ଼ା ସଂସଦ ଉପସଭାପତି ବିବେକାନନ୍ଦ ସାମଲ, ପ୍ରେମାନନ୍ଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ମିଶ୍ରଙ୍କ ପରଲୋକରେ କ୍ରୀଡାଜଗତରେ ଅପୂରଣୀୟ କ୍ଷତିଘଟିଛି। ବାଙ୍କୀର କ୍ରୀଡାର ପ୍ରସାର ନିମନ୍ତେ ତାଙ୍କର ଉଦ୍ୟମ ପ୍ରଶଂସନୀୟ ବୋଲି ଉପସ୍ଥିତ ସଭ୍ୟମାନେ ପ୍ରକାଶ କରିଥିଲେ।

**ମାତକପୁର ଗ୍ରାମର ବ୍ୟବସାୟୀଙ୍କୁ ହତ୍ୟା ମାମଲା:**

■ ଜଣେ ଅଭିଯୁକ୍ତ କୋର୍ଟ ଚାଲାଣ

# ପୂର୍ବ ଶତ୍ରୁତାରୁ ହତ୍ୟା

**ନିଶ୍ଚିନ୍ତକୋଇଲି/ସାଲେପୁର,୧୮।୧୦ (ଅଶୋକ କୁମାର ମହାପାତ୍ର/ଅରିବିନ୍ଦ ଭୂୟାଁ)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଳକ ଜିମ୍ପିପୁର ପଞ୍ଚାୟତ ଅନ୍ତର୍ଗତ ମାତକତପୁର ଗ୍ରାମର ବ୍ୟବସାୟୀ ଦୋଲଗୋବିନ୍ଦ ଦାସଙ୍କ କ୍ଷତବିକ୍ଷତ ମୃତଦେହ ବଳସାହି ଛକ ନିକଟ କେନାଲରୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମାତକତପୁର ଗ୍ରାମର ପ୍ରଦୀପ୍ତ କୁମାର ଦାସ(୪୨)। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୋଲଗୋବିନ୍ଦଙ୍କୁ ହତ୍ୟା କରାଯାଇଥିଲା ବୋଲି ସାଲେପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍.ପି. କୃଷ୍ଣପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ, ଆଇଆଇସି ମନୋଜ କୁମାର ସ୍ୱାଇଁ, ନିଶ୍ଚିନ୍ତକୋଇଲି ଆଇଆଇସି, ଯୁଗଳ କିଶୋର ଦାଶ, ମାହାଙ୍ଗା ଆଇଆଇସିଙ୍କ ସମେତ ବହୁ ପୋଲିସ ଅଧିକାରୀଉପସ୍ଥିତ ଥିଲେ।



ପୋଲିସ କର୍ମଚାରୀଙ୍କ ସହ ଅଭିଯୁକ୍ତ ପ୍ରଦୀପ କୁମାର ଦାସ।

ପୋଲିସ ସୂଚନା ଅନୁଯାୟୀ, ଦୋଲଗୋବିନ୍ଦଙ୍କ ଜହ୍ନିଆ ଛକରେ ଏକ ଗୋଡ଼ି,ସିମେଣ୍ଟ ଓ ରଡ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ସେ ସବୁଦିନ ପରି ଘରୁ ଖାଇବା ପରେ୨୩ ତାରିଖ ରାତିରେ ଦୋକାନକୁ ଶୋଇବାକୁ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ହତ୍ୟା କରି କେନାଲରେ ପକାଇଦେଇଥିଲେ। ଏଥିସହ ଦୋକାନରୁ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଲୁଟି ନେଇଥିଲେ। ଏନେଇ ଦୋଲଗୋବିନ୍ଦଙ୍କ ପୁତୁରା କମଳାକାନ୍ତ ଦାସ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ପହଞ୍ଚି ଅନୁସନ୍ଧାନକାରୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଜରିଆରେ ତଦନ୍ତ କରିଛି। ଘଟଣାସ୍ଥଳରେ ଗ୍ରାମାଞ୍ଚଳ ଏସ୍‌ପି ଏବଂ ଅତିରିକ୍ତ ଏସ୍‌ପି ପହଞ୍ଚି ତଦନ୍ତ କରିଥିଲେ। ଏହି ହତ୍ୟାକାଣ୍ଡରେ ଅନେକ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିଲେ ମଧ ପ୍ରଦୀପ୍ତଙ୍କ ବ୍ୟତୀତ ଆଉ କାହାକୁ ଧରିବାରେ ପୋଲିସ ସକ୍ଷମ ହୋଇନାହିଁ। ଏନେଇ ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୨ ହଜାର ଲିଟର ଦେଶୀ ମଦ ଜବତ: ୨ ଗିରଫ

**ଆଠଗଡ,୧୯।୧୦(ସତ୍ୟ ପ୍ରସାଦ ରଥ)**

ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଥାନା ଅନ୍ତର୍ଗତ ନୂଆବନ୍ଧଠାରେ ଚଢ଼ାଉ କରାଯାଇ ୨୦୦୦ ଲିଟର ଦେଶୀ ମଦ ସହ ଏକ ପିକ୍‌ଅପ୍ ଭ୍ୟାନ ଜବତ କରାଯାଇଛି। ଏହି ଅଭିଯୋଗରେ ଗାଡ଼ି ଚାଳକଙ୍କ ସମେତ ଅନ୍ୟ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, ଆଠଗଡ ଥାନା ଅନ୍ତର୍ଗତ ବଡ଼ଭୂଇଁ ପଞ୍ଚାୟତ ବିଶନାଥପୁରଗ୍ରାମର ସମୀର ରାଉତ ଓ ପପୁନ ବେହେରା।



ଦୁର୍ଗାପୂଜା ଉପଲକ୍ଷେ କଟକ ଚାନ୍ଦିନୀଚୌକ ମୁଖ୍ୟରାସ୍ତା ଆଲୋକମାଳାରେ ସଜାଯାଇଛି।

**କଟକ ଜିଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଶୁଭାରମ୍ଭ**

# ୫୩୫୧ ପ୍ରକଳ୍ପ ପାଇଁ ୧୮୬ କୋଟି ୫୦ ଲକ୍ଷ ଟଙ୍କା

**କଟକ,(କାର୍ତ୍ତିକ ସାହୁ)/କଟକ ସଦର,(ସୁଶାନ୍ତ କୁମାର ଜେନା)/କଣ୍ଟାପଡା, (ସୁର ନାରାୟଣ ସାହୁ)/ନିଆଳି,(ସୁକାନ୍ତ କୁମାର ସିଂହ)/ଆଠଗଡ,(ସତ୍ୟ ପ୍ରସାଦ ରଥ) / ସାଲେପୁର,(ଅରବିନ୍ଦ ଭୂୟାଁ)/ ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର)/ ନିଶ୍ଚିନ୍ତକୋଇଲି, (ଅଶୋକ କୁମାର ମହାପାତ୍ର) /ମାଣିଆବନ୍ଧ (ଅଖିଳ କୁମାର ସାହୁ)/ବଡମ୍ବା,(ମାୟାଧର ମଲ୍ଲିକ)/ ତିଗିରିଆ(ଜାଫର ଖାଁ), ୧୯।୧୦:**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ କଟକ ଜିଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ଗୁରୁବାର ଶୁଭାରମ୍ଭ କରିଛନ୍ତି। ଜିଲାର ୧୪ଟି ବ୍ଲକରେ ୫,୩୫୧ଟି ଉନ୍ନୟନମୂଳକ ପ୍ରକଳ୍ପ ନିମନ୍ତେ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ପ୍ରକଳ୍ପଗୁଡିକ ନିମନ୍ତେ ମୋଟ ୧୮୬ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଓ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯାନ ପ୍ରତି ପଞ୍ଚାୟତ ଓ ଗ୍ରାମର ସାଂସ୍କୃତିକ ଐତିହ୍ୟର ସୁରକ୍ଷା ତଥା ଅତ୍ୟାଧୁନିକ ଭିତ୍ତିଭୂମିର ବିକାଶକୁ ପ୍ରାଥମିକତା ହେବ ବୋଲି ଜଣାପଡିଛି।

କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ୧୧ କୋଟି ୫୦ ଲକ୍ଷ ଟଙ୍କାର ୩୧୮ଟି ପ୍ରକଳ୍ପ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଫକୀରପଡ଼ାଠାରେ ଆୟୋଜିତସମାବେଶରେ ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା, ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ, ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଆମ୍ବାର ସଭାପତି ରଜନୀକାନ୍ତ ସାହୁ, ଉପାଧକ୍ଷା ସୁଭଦ୍ରା ଦାସ, ପ୍ରମୁଖ ଯୋଗଦେଇଥିଲେ। କଣ୍ଟାପଡା ବ୍ଲକର ୧୪ଟି ପଞ୍ଚାୟତରେ ୧୬୩ ପ୍ରକଳ୍ପ ପାଇଁ ୭କୋଟି ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି।




ନିଶ୍ଚିନ୍ତକୋଇଲିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଜେନା ଓ ଅନ୍ୟମାନେ।

ଗୁରୁବାର ଏହି ବ୍ଲକ ଅଧୀନ ଗୁପ୍ତମାଣିକା-ବରାହୀପୁର ଖେଳପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ଏସ୍‌ଏଚ୍‌ଜି ସଦସ୍ୟା ଯୋଗଦେଇଥିଲେ। ବିଡିଓ ବିରଞ୍ଚି ନାରାୟଣ ବେହେରା, ଅତିରିକ୍ତ ବିଡିଓ ରୁବି ତପସ୍ୱିନୀ ଦାସ, ବିତ୍ତୀୟ ଅଧିକାରୀ ନିବାସ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିଆଳି ବ୍ଲକ ଅଞ୍ଚଳରେ ୩୨୮ ପ୍ରକଳ୍ପ ପାଇଁ ୧୧ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ଅବସରରେ ନିଆଳି ହାଇସ୍କୁଲ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇଥିଲେ। ଏଥିରେ ପଞ୍ଚାୟତ ସମିତି ଅଧକ୍ଷ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦସଭ୍ୟ ଦେବାଶିଷ ଷଡ଼ଙ୍ଗୀ, ସୌଦାମିନୀ ମହାପାତ୍ର, ଆଦିତ୍ୟ ପାଣି, ତହସିଲଦାର ବିଦ୍ୟାଧର ପତି, ବିଡିଓ ଉଲ୍ଲାସ ଚନ୍ଦ୍ର ସେଠୀ, ଆଇଆଇସି ତପନ କୁମାର ରାଉତ, ପଞ୍ଚାୟତ ସମିତି ଉପାଧକ୍ଷ ସ୍ୱର୍ଣ୍ଣପ୍ରଭା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆଠଗଡର ୫୦୦ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୫୦ ଲକ୍ଷ ଟଙ୍କା ହିସାବରେ ମୋଟ ୧୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଆଠଗଡ଼ ମହୋତ୍ସବ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମତେ ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇ, ତହସିଲଦାର ପ୍ରିୟବ୍ରତ ଦାସ,ବ୍ଲକ ଅଧକ୍ଷା ମିନତୀ ଆଚାର୍ଯ୍ୟ, ଉପାଧକ୍ଷ ସୁବାସ ଚନ୍ଦ୍ର ମଲ୍ଲିକ, ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ଉପାଧକ୍ଷ ଶୁଭ୍ରଶଙ୍କର ଜ୍ୟୋତି ପ୍ରମୁଖ ଯୋଗଦେଇଥିଲେ। ସାଲେପୁର ବ୍ଲକରେ ୫୩୯ଟି ପ୍ରକଳ୍ପ ପାଇଁ ୧୭.୫୦ କୋଟି ଟଙ୍କାର ଅର୍ଥ ମଞ୍ଜୁର କରାଯାଇଥିଲା। ଏଥିରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ସମେତ ସାଲେପୁର ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ମଣ୍ଡଳ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ରାଉତ, ତହସିଲଦାର ଶିବ ମଲ୍ଲିକ, ପ୍ରମୁଖ ଯୋଗଦେଇଥିଲେ। ବାଙ୍କୀରେ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକା ମନ୍ଦିରର ଉନ୍ନତିକରଣ ପାଇଁ ୧୧.୦୩ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ଏହାଛଡ଼ା ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ମଧ ଅର୍ଥ ମଞ୍ଜୁର କରାଯାଇଛି। କାର୍ଯ୍ୟକ୍ରମରେ ବାଙ୍କୀର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲ୍, ଉପାଧକ୍ଷ ଗୀତାଞ୍ଜଳି ବେଉରା, ଉପଜିଲାପାଳ ଦେବୀପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ନିଶ୍ଚିନ୍ତକୋଇଲିରେ ୩୮୭ଟି ପ୍ରକଳ୍ପ ପାଇଁ ୧୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ମାହାଙ୍ଗାରେ ୫୩୨ଟି ପ୍ରକଳ୍ପ ପାଇଁ ୧୮କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଏଥିରେ ଯୋଗଦେଇଥିଲେ। ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ମହାପାତ୍ର, ଉପାଧକ୍ଷ ଅଶୋକ ଓଝା, ବ୍ଲକ ଅଧକ୍ଷା ରୋଜି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ମ୍ବାରେ ୫୫୩ ପ୍ରକଳ୍ପ ପାଇଁ ୧୯କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ଆୟୋଜିତ ଏହି କାର୍ଯକ୍ରମରେ ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କ ସମେତ ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଉପାଧକ୍ଷା ସ୍ୱର୍ଣ୍ଣଲତା ବେହେରା, ବିଡିଓ ରମେଶ କୁମାର ଜେନା, ପ୍ରମୁଖ ଯୋଗଦେଇଥିଲେ। ତିଗିରିଆରେ ୨୨୨ଟି ପ୍ରକଳ୍ପ ପାଇଁ ୭ କୋଟି ଟଙ୍କାର ଅନୁଦାନ ଦିଆଯାଇଛି। ନୂଆପାଟଣାସ୍ଥିତ ଅର୍ଜୁନ ସୁବୁଦ୍ଧି ହାଇସ୍କୁଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକଙ୍କ ସମେତ ଉପାଧକ୍ଷ ମାନସ ସାହୁ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ବିଡିଓ ପ୍ରଣବ କୁମାର ବେହେରା ଓ ତହସିଲଦାର ଅକ୍ଷୟ କୁମାର ପରିଡ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ସ୍କନ୍ଦମାତା ବେଶରେ ଦର୍ଶନ ଦେଲେ ବନଦୁର୍ଗା



ନିରାକାରପୁର,୧୯।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜାର ଚତୁର୍ଦ୍ଦଶ ଦିବସ ତଥା ନବରାତ୍ରର ପଞ୍ଚମ ଦିବସରେ ବନଦୁର୍ଗା ସ୍କନ୍ଦମାତା ବେଶରେ ଦର୍ଶନ ଦେଇଛନ୍ତି। ଗୁରୁବାର ସକାଳେ ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚଦେବତା ପୂଜା, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡ. କୃପାସିନ୍ଧୁ ପଣ୍ଡା ଓ ପଣ୍ଡିତ ତପନ କୁମାର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ଶିକ୍ଷାବିତ୍ ଅଶୋକ ଦାଶ, ମନୋଜ କୁମାର ଦାସ, ମାନସ ବରାଳ, ବିଷ୍ଣୁପ୍ରିୟା ପଟ୍ଟଯୋଷୀଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ନିରାକାରପୁର,୧୯।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଧାନ କ୍ଷେତରେ ମୋଟର ପମ୍ପ ଯୋଗେ ପାଣି ମଡ଼ାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଙ୍କିଆ ଥାନା କପୁର ପଞ୍ଚାୟତ ମଳିପଡା ଟାଙ୍ଗୀସାହିର ନିତ୍ୟାନନ୍ଦ ପରିଡା(୩୦)। ସୂଚନା ମୁତାବକ, ଜମିରେ ପାଣି ନ ଥିବାରୁ ନିତ୍ୟାନନ୍ଦ ନିକଟ ଜଳାଶୟରୁ ପମ୍ପ ଯୋଗେ ପାଣି ମଡାଇଥିଲେ। ପାଣି ମଡ଼ାଇବା ପରେ ସେ ଓଦା ହାତରେ ପ୍ଲଗରୁ ପିନ ବାହାର କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅବସରପ୍ରାପ୍ତ ରେଞ୍ଜରଙ୍କ ପରଲୋକ

ଟାଙ୍ଗୀ,୧୯।୧୦(ରଘୁନାଥ ସାହୁ)

ଜଙ୍ଗଲ ବିଭାଗର ଅବସରପ୍ରାପ୍ତ ରେଞ୍ଜର ସୁକୁମାର ନନ୍ଦଙ୍କ ନାରୁଣୀ କଲେଜ ରୋଡସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ, ବନ୍ଧୁବତ୍ସଳ ଓ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ, ପୁଅ, ପୁତ୍ରବଧୂ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ସାନ ପୁଅ ଅଶ୍ୱିନୀ କୁମାର ନନ୍ଦ ମୁଖାଗ୍ନି ଦେଇଥିଲେ। ସୁକୁମାରଙ୍କ ବିୟୋଗରେ ଚିଲିକାର ପୂର୍ବତନ ବିଧାୟକ ଡା.ବିଭୂତି ଭୂଷଣ ହରିଚନ୍ଦନ ଶୋକ ପ୍ରକାଶ କରିଛନ୍ତି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଆର୍‌ଡିସି

ଖୋର୍ଦ୍ଧା,୧୯।୧୦(ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଆର୍‌ଡିସି ସୁରେଶ କୁମାର ଦଳାଇ ଏବଂ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ।

- ଲୋକଙ୍କ ଅଭିଯୋଗ ତ୍ୱରିତ ସମାଧାନ କର: ଆର୍‌ଡିସି
- ଅନୁକମ୍ପାରାଶି ହିତାଧିକାରୀଙ୍କୁ ତୁରନ୍ତ ଦିଅ
- ମ୍ୟୁଟେଶନ କେସ୍ ତ୍ୱରିତ ସମାଧାନ କରାଯାଉଛି

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ସୁରେଶ କୁମାର ଦଳାଇ ଗୁରୁବାର ଖୋର୍ଦ୍ଧା ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଜିଲାର ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାରେ ରାଜସ୍ୱ ଆଦାୟ ସନ୍ତୋଷଜନକ ରହିଛି। ଏହାକୁ ଶତପ୍ରତିଶତ କରିବାକୁ ଆର୍‌ଡିସି ପରାମର୍ଶ ଦେଇଥିଲେ। ମ୍ୟୁଟେସନ କେଶ ତ୍ୱରିତ ଫଇସଲା କରାଯାଉଛି। ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ସପ୍ତାହକ ମଧରେ ଲୋକଙ୍କୁ ପଟ୍ଟା ଦିଆଯିବା ବ୍ୟବସ୍ଥା କରାଯାଉଛି। ଏଖାରାଜାତ ମାହଲ ଏବଂ ଶ୍ରୀମନ୍ଦିର ଜମିଜମା ବିବାଦ ସମାଧାନ ପାଇଁ ଗୁରୁତ୍ୱ ଦିଆଯାଉଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ବିଭାଗକୁ ଆସୁଥିବା ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଭୁବନେଶ୍ୱର ଓ ଖୋର୍ଦ୍ଧା ଅବକାରୀ, ସବରେଜିଷ୍ଟ୍ରାର, ଜିଲା ପରିଷଦ, ପରିବହନ, ଯୋଗାଣ, କୃଷି, ଉଦ୍ୟାନ, ସଂସ୍କୃତି, ପର୍ଯ୍ୟଟନ ବିଭାଗ ସହିତ ସମସ୍ତ ଜିଲାସ୍ତରୀୟ ବିଭାଗର ସମୀକ୍ଷା କରିଥିଲେ। ଅଙ୍ଗନୱାଡ଼ି କେନ୍ଦ୍ର, ମିଶନ ଶକ୍ତି ଭବନ, ଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା, ଶୈକ୍ଷିକ ବାତାବରଣ, ଉନ୍ନତ ସ୍ୱାସ୍ଥ୍ୟସେବା ସହ କ୍ରୀଡାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାରେ ପଡି ରହିଥିବା ପେନସନ୍ ଏବଂ ବିଭିନ୍ନ ବିଭାଗୀୟ କେଶ ତୁରନ୍ତ ଫଇସଲ କରି ଡିସେମ୍ବର ୩୧ ସୁଦ୍ଧା ସାରିବାକୁ ତାଗିଦ୍ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ରାଜ୍ୟ ଓ କେନ୍ଦ୍ର ପକ୍ଷରୁ ଆସୁଥିବା ଅଭିଯୋଗ ତଥା ଜିଲାସ୍ତରରେ ଅଭିଯୋଗ ଶୁଣାଣିର ତ୍ୱରିତ ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଜିଲା ଶିଶୁ ଓ ମହିଳା ବିଭାଗ ସମୀକ୍ଷା କରିବା ସହ ମହିଳା ଓ ଶିଶୁଙ୍କ ଯତ୍ନ ଉପରେ ଗୁରୁତ୍ୱରୋପ କରିଥିଲେ। ରାଜ୍ୟ ସରକାର ମିଶନ ଶକ୍ତି ଜରିଆରେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ମମତା ଯୋଜନା, ଅଙ୍ଗନୱାଡ଼ି ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ଜରୁରୀକାଳୀନ ବିଭାଗ ଦ୍ୱାରା ସମୀକ୍ଷା କରି କହିଥିଲେ, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନୁକମ୍ପାମୂଳକ ଆର୍ଥିକ ସହାୟତା ପାଇବା ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଜବରଦଖଲରେ ରହିଥିବା ସରକାରୀ ଜାଗା ଉଚ୍ଛେଦ ସହ ଏହାର ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ୫-ଟି ସ୍କୁଲ, କଲେଜ ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରିଥିଲେ।

ପୂର୍ବାହ୍ନ ୧୧ଟାରେ ଆରଡିସି ଦଳାଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲାପାଳ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଜିଲାପାଳଙ୍କ କକ୍ଷରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି, ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଭୁବନେଶ୍ୱର ଉପଜିଲାପାଳଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପରେ ସମ୍ମିଳନୀ କକ୍ଷରେ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ବିଭାଗ ସ୍ତରୀୟ ଯୋଜନାର ସମୀକ୍ଷା କରିଥିଲେ।

# ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଟାଙ୍ଗୀ,୧୯।୧୦(ରଘୁନାଥ ସାହୁ)

ମୁକ୍ତେଶ୍ୱରଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁନ୍ଦରପୁର ପରିସରରେ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରିସ୍ମା ମାନ୍ଧାତା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସାବିତ୍ରୀ ସାହୁ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଲୀଳ କୁମାର ସ୍ୱାଇଁ, ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ସନ୍ତୋଷ ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ନିଧିଆ ରାଉତ, ପ୍ରଧାନ ଶିକ୍ଷକ ଲିଲିପ୍ତା ଜେନା, ସିଆର୍‌ସିସି ଅମିତ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ଅତିଥିଭାବେ ଯୋଗଦେଇ କହିଥିଲେ, ସୁରଭି କାର୍ଯ୍ୟକ୍ରମ ଯୋଗୁ ଗ୍ରାମାଞ୍ଚଳରୁ ଶିଶୁ ପ୍ରତିଭା ବିକାଶିତ ହୋଇ ରାଜ୍ୟ ପର୍ଯ୍ୟନ୍ତ ପହଞ୍ଚି ପାରୁଛନ୍ତି। ପ୍ରତିଭା ବିକାଶ ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନୀଳାଦ୍ରି ସିଂ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରସନ୍ନ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ। ୧୧ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିଶୁ ପ୍ରତିଭାମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମହେଶ୍ୱର ସେନାପତି, ବାସୁଦେବ ସିଂ, ଝଞ୍ଜା ପ୍ରିୟଦର୍ଶିନୀ, ଦୋଳଗୋବିନ୍ଦ ବରିଶଲ, ବଳଭଦ୍ର ସେଠୀ, ରତ୍ନାକର ବେହେରା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ ସାମନ୍ତରାୟ, ଅନୁରାଗ ଦାସ, ବାବୁରାମ ବେହେରା ପ୍ରମୁଖ ବିଚାରକଭାବେ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗରେ କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀ ସଙ୍ଗୀତା ତାଡ଼, କଳ୍ପନା ମହାପାତ୍ର, ରୋଜାଲିନ ସ୍ୱାଇଁ, ଚିନ୍ମୟ ସାହୁ, ସନ୍ଧ୍ୟାରାଣୀ ମାର୍ଥା, ଜନ୍ମେଜୟ ପାଇକରାୟ, ସୋନାଲି ଶ୍ରୀମୟୀ ସାହୁ, ପରେଶ ସ୍ୱାଇଁ, ସଙ୍ଗୀତା ସ୍ୱାଇଁ, ବିଶ୍ୱଦର୍ଶିନୀ ମିଶ୍ର, ସୁଶ୍ରୀସ୍ମିତା ଦାଶ, କଳିଙ୍ଗ ବେହେରା, ନାରାୟଣ ମଙ୍ଗରାଜ, ମଧୁସ୍ମିତା ବେହେରା, ସୁହାନୀ ଭଞ୍ଜ, ଗୀତାଞ୍ଜଳି ସାହୁ, ବିଶ୍ୱ ଦର୍ଶନୀ ମିଶ୍ର, ରିଙ୍କି ପାତ୍ର, ଦିବ୍ୟଜ୍ୟୋତି ରାଉତ, ପ୍ରାଚିପ୍ରବୀଣା ସାହୁ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତ ସାହୁ, ମାଧବ ମହାରଣା, ଅନସୂୟା ବିଶ୍ୱାଳ, ସତ୍ୟ ନାରାୟଣ ପଣ୍ଡା, ସତ୍ୟ ନାରାୟଣ ପଲେଇ, ପ୍ରତିମା ସାହୁ, ପ୍ରହ୍ଲାଦ ସାହୁ, ରାଧା ଦେଈ, ରଜନୀ ଦେଈ, ମୀନା ଦେଈ, ବୀଣାପାଣି ପରିଡା, ଲଳିତ ନାରାୟଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜମି ଫେରସ୍ତ ଦାବିରେ ଦଳିତ ପରିବାର ଏକାଠି



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ଖୋର୍ଦ୍ଧା,୧୯।୧୦(ପ୍ରଭାତ ପାଣିଗ୍ରାହୀ)

- ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ
- ଘଟଣାର ତଦନ୍ତ କରାଯିବ: ଆରଡିସି

ଖୋର୍ଦ୍ଧା ସାରୁଅ ଶିଳ୍ପାଞ୍ଚଳ ଠାରେ ଓଡ଼ିଶା ଇନଫ୍ରାଟେକ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ଗରିବ, ଦଳିତ ଲୋକଙ୍କ ଜମି ହଡ଼ପ ଘଟଣାକୁ ନେଇ ପୁଣି ଥରେ ଆନ୍ଦୋଳନ ମୁଣ୍ଡ ଟେକିଛି। ଜମି ଫେରସ୍ତ ଏବଂ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଜମି ହରାଇଥିବା ପରିବାର ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ଧାରଣା ଦେଇଥିଲେ। ଏଥିସହ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଏକ ଘରୋଇ ବୈଦ୍ୟୁତିକ ଗଣମାଧମର ଏହା ଅନ୍ୟ ଏକ ସଂସ୍ଥା। ସଂସ୍ଥା କର୍ତ୍ତୃପକ୍ଷ ଦଳିତ ଲୋକଙ୍କୁ ପ୍ରଲୋଭିତ କରି ଅନ୍ଧାରରେ ରଖି ଭବିଷ୍ୟତରେ ଚାକିରି ଦେବା ଆଳ ଦେଖାଇ ଜମି ହଡପ କରିନେଇଛନ୍ତି। ଏଭଳି ଚଞ୍ଚକତା ସମ୍ପର୍କରେ ପୂର୍ବରୁ ୨୦୨୦ରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଦଳିତ ବର୍ଗର ହୋଇଥିବାରୁ ଜମି ହରାଇ ନିଃସ୍ୱ ଅବସ୍ଥାରେ ରହିଛୁ। ଏହି ଘଟଣାର ତଦନ୍ତ କରାଯାଇ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଜମି ଫେରସ୍ତ ବ୍ୟବସ୍ଥା ଦାବି କରିଛନ୍ତି। ଏନେଇ ଆରଡିସି ସୁରେଶ କୁମାର ଦଳାଇ କହିଛନ୍ତି, ଏନେଇ ଜିଲାପାଳଙ୍କ ସହ ଆଲୋଚନା କରିବି। ଘଟଣାର ତଦନ୍ତ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

### ୨ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗାର ଜବତ, ୫ ଗିରଫ

ଖୋର୍ଦ୍ଧା,୧୯।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶାଗୁଆନ ବଗିଚା ଅଞ୍ଚଳରେ ପୋଲିସ ଚଢ଼ାଉ କରି ୨୦ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସାଗୁଆନ ବଗିଚାର ସଦାଶିବ ନାୟକ ଓରଫ ସିଲୁ (୨୩), ଭୋଇସାହିର ସୁଦୀପ୍ତ ନାୟକ ଓରଫ ସିପୁ (୩୫), ଗୁରୁଜଙ୍ଗ ଦ୍ୱାରିକାନଗରର ବଳଭଦ୍ର ବେହେରା ଓରଫ ବଳିଆ (୩୨), ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ହୁମାର ଗ୍ରାମର ଦୁଇଭାଇ ଅଜୟ ପରିଡା (୩୫) ଓ ସୂର୍ଯ୍ୟକାନ୍ତ ପରିଡା (୩୬)। ଏମାନଙ୍କଠାରୁ ୨୦ଗ୍ରାମ ବ୍ରାଉନସୁଗାର ଓ ଏକ ବାଇକ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ। ସୂଚନା ମୁତାବକ, ଶାଗୁଆନ ବଗିଚାର ସଦାଶିବଙ୍କ ଭଡ଼ାଘରେ ବ୍ରାଉନସୁଗାର କାରବାର ଚାଲୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିବା ସହ ବ୍ରାଉନସୁଗାର ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୬୮୫/୨୩)ରୁଜୁପରେ ଉପରୋକ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଦୌଡ଼କୁଦ ପ୍ରତିଯୋଗିତାରେ ୧୬୦ ପ୍ରତିଯୋଗୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ନିରାକାରପୁର,୧୯।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତରେ ଥିବା ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଠାରୁ ଜଲା ବିଦ୍ୟାଳୟସ୍ତରୀୟ ଦୌଡ଼କୁଦ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ରିସ୍ମା ମାନ୍ଧାତା, ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ, ଜିଲା ଶାରୀରିକକ୍ରିୟା ଅଧିକାରୀ ପଠାଣି ଆଗ୍ରାସିଂ, ଗୋଷ୍ଠୀ କ୍ରୀଡ଼ା ସମ୍ପାଦକ ଦିଲ୍ଲୀପ ମୋଦି, ମୋ ସ୍କୁଲ ପରିଚାଳନା ସମିତି ସଭାପତି ଚକ୍ରଧର ତ୍ରିପାଠୀ, ଶିକ୍ଷାବିତ୍ ଦିବ୍ୟସିଂ ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲାର ୧୦ବ୍ଲକର ୧୪ବର୍ଷ ଓ ୧୬ ବର୍ଷରୁ କମ ମୋଟ ୧୬୦ଜଣ ବାଳକ, ବାଳିକା ଅଂଶଗ୍ରହଣ କରିଥିଲେ। ଏଠାରୁ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ଦୌଡ଼କୁଦରେ ଅଂଶ ଗ୍ରହଣ କରିବେ ବୋଲି ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ ସାହୁ ସୂଚନା ଦେଇଛନ୍ତି। ରାମେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ଶର୍ମା ସଭା ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ମୋ ସ୍କୁଲ ପରିଚାଳନା ସମିତି ସମ୍ପାଦକ ବୀରେନ୍ଦ୍ର ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗ୍ୟାସ୍ ଟାଙ୍କି ଫାଟି ଜଳିଗଲା ଦୋକାନ, ବ୍ୟବସାୟୀ ଗୁରୁତର

ନିରାକାରପୁର,୧୯।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)



ନିରାକାରପୁର ଥାନା ଅନ୍ତର୍ଗତ ହରିପୁର ରେଲୱେ ଲେଭଲ କ୍ରସିଂ ନିକଟରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ୟାସ ଟାଙ୍କି ଫାଟିଯିବାରୁ ଏକ ଦୋକାନ ଜଳିଯିବା ସହ ବ୍ୟବସାୟୀ ହରିପୁର ଗ୍ରାମର ଶୁଶୀଳ ଗଜେନ୍ଦ୍ର ଆହତ ହୋଇଛନ୍ତି। ତେବେ ଚିକିତ୍ସା ପରେ ଗଜେନ୍ଦ୍ର ଘରକୁ ଫେରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଅପରାହ୍ନ ୩ଟାରେ ଦୋକାନରେ ଗଜେନ୍ଦ୍ର ଗ୍ୟାସରେ ଚା କରୁଥିବା ସମୟରେ କୌଣସି କାରଣରୁ ପାଖରେ ଥିବା ପେଟ୍ରୋଲରେ ନିଆଁ ଲାଗିଯାଇଥିଲା। ପରେ ଗ୍ୟାସ ଟାଙ୍କିରେ ନିଆଁ ଲାଗିବା ସହ ଫାଟିଯାଇଥିଲା। ଫଳରେ ଦୋକାନଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏଥିରେ ଗଜେନ୍ଦ୍ର ଆହତ ହୋଇଥିଲେ। ସ୍ଥାନୀୟ ମେଡିକାଲରେ ଚିକିତ୍ସା ପରେ ଘରକୁ ଫେରିଥିଲେ। ଦୋକାନରେ ଥିବା ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି।

# ମା'ରାମଚଣ୍ଡୀ କବାଡ଼ି ଟୁର୍ନାମେଣ୍ଟ: ବାରଙ୍ଗ ବିଜୟୀ

ବୋଲଗଡ଼,୧୯।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ କଚେରୀବର କବାଡି ଖେଳପଡିଆରେ ସ୍ଥାନୀୟ ମା'ରାମଚଣ୍ଡୀ କବାଡି ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟର ଦ୍ୱିତୀୟ ଲିଗ ମ୍ୟାଚରେ ଜଟଣୀ ଟିମକୁ ୩ ପଏଣ୍ଟ ଅଧିକ ବ୍ୟବଧାନରେ ହରାଇ ବାରଙ୍ଗ ଟିମ୍ ବିଜୟୀ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ବାରଙ୍ଗ ଟିମ୍ ୧୧ ପଏଣ୍ଟ ହାସଲ କରିଥିବା ବେଳେ ଜଟଣୀ ଟିମ ୧୪ ପଏଣ୍ଟ ପାଇ ଆଗୁଆ ରହିଥିଲା। ତେବେ ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଜଟଣୀ ଟିମ ୨୩ ପଏଣ୍ଟ ଏବଂ ବାରଙ୍ଗ ଟିମ ୨୬ ପଏଣ୍ଟ ପାଇବା ଫଳରେ ବିଜୟୀ ହୋଇଥିଲା। ରେଫରି ଭାବେ ଗୋପାଳ ଚନ୍ଦ୍ର ମାହାନ୍ତି, ଅଜୟ ବଳିୟାରସିଂହ ଏବଂ କାହ୍ନୁ ଚରଣ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଓଷ୍ଟାର ଖୋର୍ଦ୍ଧା ଜିଲା କାର୍ଯ୍ୟକାରୀ ସଭାପତି ଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଭୁବନେଶ୍ୱର ଏମ୍‌ପିଙ୍କ ସ୍ଥାନୀୟ ବ୍ଲକ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ, ତ୍ରିନାଥ ମତଗଜସିଂହ, ପ୍ରଦୀପ ପଟ୍ଟନାୟକ, ସୁମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ।



ଗୁରୁବାର ଖେଳାଯାଉଥିବା କବାଡି ମ୍ୟାଚ୍‌ର ଏକ ଦୃଶ୍ୟ।

# ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରିଲା ଭାଜପା

ଖୋର୍ଦ୍ଧା,୧୯।୧୦(ପ୍ରଭାତ ପାଣିଗ୍ରାହୀ)



ଦାବିପତ୍ର ଦେବାକୁ ଆସିଥିବା ଭାଜପା କର୍ମକର୍ତ୍ତା।

- ଖୋର୍ଦ୍ଧାରେ ଟ୍ରାଫିକ ବିପର୍ଯ୍ୟସ୍ତ, ବଢୁଛି ନିଶା କାରବାର

ଖୋର୍ଦ୍ଧା ସହରରେ ଟ୍ରାଫିକ ବିପର୍ଯ୍ୟସ୍ତ ଏବଂ ବଢ଼ିଚାଲିଥିବା ବ୍ରାଉନ୍‌ସୁଗାର କାରବାର ପ୍ରତିବାଦରେ ଗୁରୁବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ଜିଲା ଆରକ୍ଷୀ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି। ଏଥିସହ ଏକ ଦାବିପତ୍ର ଅତିରିକ୍ତ ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡଙ୍କୁ ପ୍ରଦାନ କରାଯାଇଛି। ତୁରନ୍ତ ପଦକ୍ଷେପ ଗ୍ରହଣ ନ କରାଗଲେ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

ଖୋର୍ଦ୍ଧା ସହରରେ ଜବରଦଖଲ, ରାସ୍ତାକୁ ଲାଗି ରହିଥିବା ବ୍ୟବସାୟିକ ପ୍ରତିଷ୍ଠାନ ଯୋଗୁ ରାସ୍ତା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇ ଓ ଚାରିଚକିଆ ପାର୍କିଂ ଯୋଗୁ ସହର ଟ୍ରାଫିକ ସମସ୍ୟାକୁ ବଢାଉଛି। ରାସ୍ତା ଉପରେ ରହିଥିବା କ୍ୟାବିନ ହଟାଇବା ଲାଗି ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଖୋର୍ଦ୍ଧା- ନୟାଗଡ ରାସ୍ତା, ମୁକୁନ୍ଦପ୍ରସାଦ ଠାରୁ ମେଡିକାଲ ଛକ, ଟ୍ରାଫିକ ଛକ ଠାରୁ ନୂଆବସଷ୍ଟାଣ୍ଡ ଏବଂ ବିଭିନ୍ନ ଛକ ରାସ୍ତାରେ ଟ୍ରାଫିକ ସମସ୍ୟା ବଢିବାରେ ଲାଗିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଅନେକ ସମୟରେ ମେଡିକାଲରୁ ଗୁରୁତର ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ଜାମରେ ଫସି ରହୁଥିବା ନଜିର ରହିଛି। ସେହିପରି ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। କୋଲକାତା, ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧା ସହରକୁ ପ୍ରବେଶ କରୁଛି ବ୍ରାଉନସୁଗାର। ଗ୍ରାମାଞ୍ଚଳ ସମେତ ପଡୋଶୀ ଜିଲାକୁ ପଠାଯାଉଛି। ସହରର ଗୁରୁଜଙ୍ଗ, ସାମନ୍ତରାପୁର, ଠେଙ୍ଗାହାଟ, ଜେମାଦେଇ, ବରୁଣେଇ ଶିଳ୍ପାଞ୍ଚଳ ଏବେ ବ୍ରାଉନସୁଗାର ହବ୍ ସେଣ୍ଟର ପାଲଟିଛି। ଏକାଧିକ ଯୁବକ ଏହାକୁ ରୋଜଗାରର ପନ୍ଥାଭାବେ ଗ୍ରହଣ କରିନେଇଛନ୍ତି। କେତକ ଅଞ୍ଚଳରେ ସପରିବାର ଏହି କାରବାରରେ ଲିପ୍ତ ରହୁଥିବା ଜଣାପଡିଛି। ଏହା ଉପରେ ନିୟନ୍ତ୍ରଣ ଜରୁରୀ ବୋଲି ଭାଜପା ଦାବି କରିଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟଙ୍କ ନେତୃତ୍ୱରେ ପ୍ରଦ୍ୟୁମ୍ନ ହରିଚନ୍ଦନ, ତ୍ରିଲୋଚନ ଦାସ, ଅଭିମନ୍ୟୁ ଘଟୁଆଳ, ସତ୍ୟ ବିଶୋୟୀ, କାଉନସିଲର ଶୁଭଲକ୍ଷ୍ମୀ ମହାରଣା, ବଦ୍ରି ନାରାୟଣ ସାହୁ, ଜିତେନ୍ଦ୍ର ବେହେରା, ସୁଚିସ୍ମିତା ମିଶ୍ର, କାହ୍ନୁ ଚରଣ ସେନାପତି, ବିମଳ କିଶୋର ଦାସ, ଫକୀର ଚରଣ ବେହେରା, ସୁକାନ୍ତ ସାହୁ, ସତ୍ୟରଞ୍ଜନ ପରିଡା, ପ୍ରତାପ ମହାପାତ୍ର, ପ୍ରକାଶ ଚନ୍ଦ୍ର ରାଉତରାୟଙ୍କ ସମେତ ଏକାଧିକ ନେତା, କର୍ମୀ ଉପସ୍ଥିତ ଥିଲେ।

## ଡିଜିଟାଲ ମାଧ୍ୟମରେ ଶିକ୍ଷକଙ୍କୁ ତାଲିମ୍

ଅସ୍ତରଙ୍ଗ,(ପ୍ରଦୀପ୍ତ କୁମାର ଦୀକ୍ଷିତ): ଅସ୍ତରଙ୍ଗ ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟରେ ୟୁଡିଆଇଏସ୍‌ର ପ୍ଲସ୍ ଡିଜିଟାଲ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ତଥ୍ୟ ଅପ୍‌ଲୋଡ୍ ସଂକ୍ରାନ୍ତ ତାଲିମ୍ ପ୍ରଦାନ କରାଯାଇଥିଲା। ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ନୂତନ ଛାତ୍ରୀଛାତ୍ରଙ୍କ ନାମଲେଖା ସହ ନାମ, ଠିକଣା, ମାତାପିତାଙ୍କ ନାମ ସହ ସମସ୍ତ ବିବରଣୀ ଅପଲୋଡ୍, ଡକ୍ୟୁମେଣ୍ଟ ଅପଲୋଡ୍ ସହ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ଜାତୀୟ କୋର୍ଡ ଯାହାକି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସେ ସଂକ୍ରାନ୍ତରେ ତାଲିମ ଦିଆଯାଇଥିଲା। ଏହି ଶିବିରରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଈ, ପ୍ରଶିକ୍ଷକ ଦିଲ୍ଲୀପ କୁମାର ଦଳାଇଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୧୦।୨୦୨୩

| | |
|---|---|
| ୪,୦୭,୭୮୮ ଟଙ୍କା | |
| ସୁନା | ୧୬.୨୫୦ ଗ୍ରାମ୍ |
| ରୁପା | ୬୩.୯୫୦ ଗ୍ରାମ୍ |

# ଡିସେମ୍ବର ୧୫ରୁ କୋଣାର୍କରେ ଇକୋ ରିଟ୍ରିଟ୍

ପୁରୀ, ୧୯।୧୦(ଅଜିତ୍ ମହାନ୍ତି):

କୋଣାର୍କ ମେରାଇନ ଡ୍ରାଇଭଠାରେ ଚଳିତ ବର୍ଷ ଡିସେମ୍ବର ୧୫ ତାରିଖରୁ ଇକୋ ରିଟ୍ରିଟ୍ ଆରମ୍ଭ ହେବ ବୋଲି ସ୍ଥିର କରାଯାଇଛି। ଏ ସମ୍ପର୍କରେ ଏକ ବୈଠକ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ। ପୂର୍ବ ବର୍ଷର ଅଭିଜ୍ଞତା ଓ ଅନୁଭବକୁ ଆଧାର କରି ଚଳିତ ବର୍ଷର ଇକୋ ରିଟ୍ରିଟ୍‌କୁ ଅଧିକ ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଯେଉଁ ବିଭାଗର ଯାହା ଦାୟିତ୍ୱ ତାହାକୁ ନିଷ୍ଠାପର ଓ ଧାର୍ଯ୍ୟ ସମୟ ପୂର୍ବରୁ ସାରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗ ପ୍ରତ୍ୟେକଙ୍କ ସହ ସମନ୍ୱୟ ରଖି କାମ କରି ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ସହଯୋଗ କରିବାକୁ ଜିଲାପାଳ କହିଥିଲେ। ପର୍ଯ୍ୟଟନ ବିଭାଗ, ଜିଲା ପ୍ରଶାସନ ଏବଂ ଇ-ଫାକ୍ଟର ଏଜେନ୍ସିର ମିଳିତ ସହଯୋଗରେ ଇକୋ ରିଟ୍ରିଟ୍ ଚଳିତ ବର୍ଷ ଡିସେମ୍ବର ୧୫ରୁ ୨୦୨୪ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ବ୍ୟବସ୍ଥା କରାଯାଇଛି। ଏଥିରେ ଲକ୍‌ଜରି ଟେଣ୍ଟ ବ୍ୟବସ୍ଥା କରାଯିବ, ଯେଉଁଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ। ଇକୋ ରିଟ୍ରିଟ୍ ସମୟରେ ଜଳକ୍ରୀଡ଼ା, ବିଚ୍ ସ୍ପୋର୍ଟସ୍, ଇଣ୍ଡୋର ଗେମ୍ ଇତ୍ୟାଦି ବ୍ୟବସ୍ଥା ଉପଲବ୍ଧ ହେବ। ନିରବଚ୍ଛିନ୍ନ ବିଦ୍ୟୁତ, ପାଣି, ମୋବାଇଲ ନେଟୱାର୍କ ସହ ସ୍ୱାସ୍ଥ୍ୟ ଚିକିତ୍ସା, ଅଗ୍ନି ନିର୍ବାପକ, ପାର୍କିଂ, ସୁରକ୍ଷା, ୨୪ ଘଣ୍ଟିଆ ଲାଇଫ ଗାର୍ଡ ବ୍ୟବସ୍ଥା କରାଯିବ। ପର୍ଯ୍ୟଟକଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯିବ ବୋଲି ସ୍ଥିର ହୋଇଛି। ସମସ୍ତ କାର୍ଯ୍ୟକୁ ସୁନ୍ଦର ଭାବେ ପରିଚାଳନା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେବା ସହ ଆସୁଥିବା ପର୍ଯ୍ୟଟକମାନେ ଯେପରି ଏକ ସୁଖଦ ଅନୁଭବ ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ଅନ୍ୟାନ୍ୟ ବିଭାଗ, ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଏବଂ ଇକୋ ରିଟ୍ରିଟ୍ ଆୟୋଜନ କରୁଥିବା ଇ -ଫାକ୍ଟର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀମାନେ ।



ପୁରୀ: ଗୁରୁବାର ମା'ବାଙ୍କମୁହାଣ ରାମଚଣ୍ଡୀଙ୍କ ଅନ୍ନପୂର୍ଣ୍ଣା ବେଶ ।

## ସଂକ୍ଷେପରେ

### ଠାକୁର ପୂଜାକୁ କେନ୍ଦ୍ରକରି ଗଣ୍ଡଗୋଳ: ୨ ଆହତ

ବଳଙ୍ଗା,୧୯।୧୦(କେଦାରେଶ୍ୱର ନନ୍ଦ)

ଠାକୁର ପୂଜାକୁ କେନ୍ଦ୍ରକରି ଗୁରୁବାର ସକାଳେ ବଳଙ୍ଗା ଥାନା ନିକଟ ଡେରିକ ଗ୍ରାମରେ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୨ ଜଣ ଆହତ ହୋଇଛନ୍ତି। ଗ୍ରାମର କାର୍ତ୍ତିକ ନାୟକଙ୍କ ସ୍ତ୍ରୀ କୁମ ନାୟକ (୫୦)ଙ୍କ ଅଭିଯୋଗ ଅନୁଯାୟୀ, ସକାଳେ କାର୍ତ୍ତିକ ଗାଁରେ ଥିବା ମହାଦେବଙ୍କ ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ସେହି ଗ୍ରାମର ବିଦ୍ୟାଧର ନାୟକଙ୍କ ପୁଅ ସୋମନାଥ ନାୟକ ଓ କେତେଜଣ ସେଠାରେ କାର୍ତ୍ତିକଙ୍କୁ କ'ଣ ପାଇଁ ପୂଜା ଟଙ୍କା ସବୁ ଖାଇଦେଉଛୁ ବୋଲି କହି ବିଧା ଗୋଇଠା ମାରିଥିଲେ। ଆକ୍ରମଣରେ କାର୍ତ୍ତିକଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ପରିବାର ଲୋକେ ତାଙ୍କର ଚିକିତ୍ସା ନିମନ୍ତେ ପିପିଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅପରପକ୍ଷେ କାର୍ତ୍ତିକଙ୍କ ପରିବାର ଲୋକେ ବିଦ୍ୟାଧରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବା ନେଇ ବିଦ୍ୟାଧର ପାଲଟା ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ୨ଟି ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇଛି।

### ଠାକୁର ଶ୍ରୀଅଭିରାମଙ୍କ ଭକ୍ତ ସମ୍ମିଳନୀ

କଣାସ,୧୯।୧୦(ବିଭୂତି ଭୂଷଣ ତ୍ରିପାଠୀ)

ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ବିରଚିତ ପ୍ରସିଦ୍ଧ ଧର୍ମଗ୍ରନ୍ଥରେ ବେଦ, ଉପନିଷଦ, ସଂହିତା, ମୀମାଂସା ରହିଥିବା ୩୪ତମ ଭକ୍ତଗୋଷ୍ଠୀ ଓ କଳି ଭାଗବତ ଚର୍ଚ୍ଚାର ଦଶମ ଅଧିବେଶନରେ ମତପ୍ରକାଶ ପାଇଛି। କଣାସ ବ୍ଲକ ଗଡ଼ିଶାଗୋଡା ପଞ୍ଚାୟତର ନୂଆଗାଁଠାରେ ଅନୁଷ୍ଠିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ କରମଳା ଶାନ୍ତି ଆନନ୍ଦା ଆଶ୍ରମର ସନ୍ୟାସୀ ଗୋବିନ୍ଦ ଦାସ ମହାରାଜ ଓ ଅନ୍ୟ ସାଧୁସନ୍ଥ ଶ୍ରୀ ଅଭିରାମଙ୍କ ସାହିତ୍ୟ ଓ ଦର୍ଶନ ସମ୍ପର୍କରେ ପ୍ରବଚନ ଦେଇଥିଲେ। କଣାସ ଓ ବ୍ରହ୍ମଗିରି ବ୍ଲକରୁ ୧୨ଟି ପଞ୍ଚାୟତର ଭକ୍ତମାନେ ଯୋଗ ଦେଇଥିଲେ। କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ନିମାଇଁ ରାଉତରା, ଶତ୍ରୁଘ୍ନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭଜନ, ପ୍ରବଚନ ଶେଷରେ ଉଦ୍ଦଣ୍ଡ କୀର୍ତ୍ତନ ଓ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା।

### କେନାଲ ପାଣି ନ ଆସିବାରୁ ଖଲାସି କର୍ମଚାରୀଙ୍କୁ ମାଡ଼

ଡେଲାଙ୍ଗ,୧୯।୧୦ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ଅଧୀନ ବୁଆଲିମାଇନରରେ ପାଣି ନ ଆସିବାରୁ ସ୍ଥାନୀୟ ଯୁବକମାନେ ଗୁରୁବାର ଜଣେ ଖଲାସି କର୍ମଚାରୀଙ୍କୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗତ ୩ ଦିନ ହେବ କେନାଲ ପାଣି ଦେବା ପରେ ମଧ୍ୟ ବୁଆଲିମାଇନର ଘାସ ଓ ଲତା ଯୋଗୁ ଜଳ ସେଚନରେ ବାଧାପ୍ରାପ୍ତ ହୋଇଥିଲା। ଖଲାସି କର୍ମଚାରୀ ଏକରାମ ସା ବୁଆଲି ସନ୍ନିକଟ ଦ୍ୱିଜବରଠାରେ ୨ ଜଣ ଲୋକଙ୍କୁ କେନାଲରୁ ନେଇ ଘାସ ଓ ଲତା ସଫା କରୁଥିଲେ। ସ୍ଥାନୀୟ ଅଞ୍ଚଳର କେତେକ ଯୁବକ କେନାଲରେ ପାଣି କ'ଣ ପାଇଁ ଆସୁନି ବୋଲି କହି ତାଙ୍କୁ ଗାଳିମନ୍ଦ କରିବା ସହିତ ନିଘୁକ ମାଡ଼ ମାରିଥିଲେ। ଖବରପାଇ ଡେଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ସୂଚନାଥାଉକି, ଚଳିତବର୍ଷ ସ୍ୱଳ୍ପ ବର୍ଷା ଯୋଗୁ କେନାଲ ପାଣି ଧାନଚାଷୀଙ୍କ ପାଇଁ ସାହାରା। ହେଲେ କେନାଲ ପାଣି ଠିକ୍ ସମୟରେ ନ ଆସିବାରୁ ଥୋଡ଼ଅ ବାହାରିବାରେ ବିଳମ୍ବ ହେଉଛି। କେତେକ ଚାଷୀଙ୍କ ଧାନ କ୍ଷେତରେ ଧାନ ଗଛ ମଧ୍ୟ ପାଣି ଅଭାବରୁ ମରିବାକୁ ବସିଲାଣି। ଫଳରେ ଜଣେ କର୍ମଚାରୀ ଗୁରୁବାର ଚାଷୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜନ୍ମମାଟିକୁ ଫେରିଲେ କିଶୋର



ଗ୍ରାମବାସୀ କିଶୋର ଜେନାଙ୍କୁ ସ୍ୱାଗତ କରୁଛନ୍ତି।

ବ୍ରହ୍ମଗିରି, ୧୯।୧୦(ସ୍ୱାଧୀନ ଚମ୍ପତିରାୟ):

### ପାରମ୍ପରିକ ରୀତିରେ ବନ୍ଦାପନା ସହ ସ୍ୱାଗତ

ଚଳିତବର୍ଷର ଏସିଆନ୍ ଗେମ୍ସରେ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ଜିତି ଭାରତ ଏବଂ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ପାଲଟିଥିବା କିଶୋର କୁମାର ଜେନା ଗୁରୁବାର ନିଜ ଜନ୍ମମାଟିକୁ ଫେରିଛନ୍ତି। ପୁରୀ ଜିଲା ବ୍ରହ୍ମଗିରିର କୋଠସାହିରେ ଜନ୍ମିତ କିଶୋରଙ୍କୁ ଗ୍ରାମବାସୀ ପାରମ୍ପରିକ ରୀତିନୀତି ଅନୁଯାୟୀ ଦୁବ, ବରକୋଳି ପତ୍ର ଓ ଅରୁଆ ଚାଉଳରେ ବନ୍ଦାପନା କରି ସ୍ୱାଗତ କରିଛନ୍ତି। ସୂଚନା ଅନୁଯାୟୀ, ଚାଇନାରେ ହେଉଥିବା ଏସିଆନ୍ ଗେମ୍ସରୁ କିଶୋର ଫେରି ପ୍ରଥମେ ଗୁରୁବାର ପୁରୀରେ ପହଞ୍ଚି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ପରେ ନିଜ ଗ୍ରାମ ଅଭିମୁଖେ ବାହାରିଥିଲେ। ତାଙ୍କୁ ବ୍ରହ୍ମଗିରିବାସୀ ପୁରୀଠାରୁ ଏକ ବିଶାଳ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ସେ ବ୍ରହ୍ମଗିରିରେ ପହଞ୍ଚିବା ପରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି ନିଜ ଗ୍ରାମକୁ ଯାଇଥିଲେ। କିଶୋରଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ତରଫରୁ ଅଭିନନ୍ଦନ ଦିଆଯାଇଥିଲା। ସେ ନିଜ ଗ୍ରାମରେ ପହଞ୍ଚିବା ପରେ ମହିଳାମାନେ ତାଙ୍କୁ ବନ୍ଦାପନା କରି ପାଛୋଟି ନେଇଥିଲେ। ଏହି ସମୟରେ କୋଠସାହି ଗ୍ରାମ ଉତ୍ସବମୁଖର ହୋଇଉଠିଥିଲା। ଗ୍ରାମବାସୀ ଖୁସିରେ ପରସ୍ପରକୁ ମିଠା ଖୁଆଇବାର ଦୃଶ୍ୟ ନିଆରା ଥିଲା। ନିଜ ପୁଅକୁ ପାଖରେ ପାଇ ତାଙ୍କ ପରିବାର ଆଖିରୁ ଆନନ୍ଦାଶ୍ରୁ ଝରିପଡ଼ିଥିଲା। କିଶୋର କୋଠସାହି ଗ୍ରାମର ଗର୍ବ ଓ ଗୌରବ ଏବଂ ତାଙ୍କ ଯୋଗୁ କୋଠସାହି ଗ୍ରାମ ଆଜି ବିଶ୍ୱବିଦିତ ହେଲା ବୋଲି ଗ୍ରାମବାସୀ କହିଛନ୍ତି। କିଶୋର ଆଗାମୀ ପିଢିଙ୍କ ପାଇଁ ପ୍ରେରଣାର ଉତ୍ସ। ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସରେ ପଦକ ଜିତି ଓଡ଼ିଶା ପାଇଁ ପୁଣି ଗୌରବ ଆଣିବେ ବୋଲି କିଶୋର ଆଶା ପ୍ରକାଶ କରିଛନ୍ତି।

## କ୍ଲଷ୍ଟରସ୍ତରୀୟ ୪ର୍ଥ ମାସିକ ବୈଠକ

ପିପିଲି,୧୯।୧୦(ଦୁର୍ଗା ମାଧବ ମିଶ୍ର)

ସମଗ୍ର ଶିକ୍ଷା, ପୁରୀଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର କ୍ଲଷ୍ଟରସ୍ତରୀୟ ୪ର୍ଥ ମାସିକ ବୈଠକ ଗୋବିନ୍ଦପୁର କ୍ଲଷ୍ଟର ଅଧୀନ ତଳଉ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଚିନ୍ତାମଣି ଓଝା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରଧାନଶିକ୍ଷକ ରବୀନ୍ଦ୍ର ସାହୁ, ସୀତା ନାୟକ, ମଧୁଛନ୍ଦା ମିଶ୍ର, କବିତା କୁମାରୀ ତ୍ରିପାଠୀ, ଶକ୍ତି ପ୍ରସନ୍ନ ମହାନ୍ତି, ସନ୍ଧ୍ୟାରାଣୀ ନାୟକ, ଲକ୍ଷ୍ମୀଧର ପ୍ରଧାନ, ଜୟନ୍ତୀ ଦାସ, ଜୟଲକ୍ଷ୍ମୀ ସ୍ୱାଇଁଙ୍କ ସମେତ ସମସ୍ତ ବିଦ୍ୟାଳୟର ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶ୍ରେଣୀରେ ପଢ଼ାଉଥିବା ଜଣେ ଲେଖାଏଁ ସହକାରୀ ଶିକ୍ଷକ ଯୋଗଦେଇଥିଲେ। ଓଡ଼ିଶା ସ୍କୁଲ ଶିକ୍ଷା ପ୍ରୋଗ୍ରାମ ପ୍ରାଧିକରଣଙ୍କ ଦ୍ୱାରା ସ୍ଥିରୀକୃତ ଏଜେଣ୍ଡା ଯଥା ବିଦ୍ୟାଳୟ ମନିଟରିଂ, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶ୍ରେଣୀରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଲିଟରାସି କିଟ୍ ମାଧ୍ୟମରେ ଶିକ୍ଷାଦାନ, ତୃତୀୟ, ଷଷ୍ଠ, ନବମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଭାଷା ଓ ଗଣିତରେ ମାନ ନିର୍ଦ୍ଧାରଣ ପାଇଁ ନଭେମ୍ବରରେ ହେବାକୁ ଯାଉଥିବା ଷ୍ଟେଟ ଏଜୁକେଶନାଲ ଆଚିଭମେଣ୍ଟ ସର୍ଭେର ନିୟମାବଳୀ ଆଦି ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

# ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ହେବ ନବନିର୍ମାଣ

ପୁରୀ, ୧୯।୧୦(ଅଜିତ୍ ମହାନ୍ତି):

### ପୁରୀର ନାଟ୍ୟବିକାଶ ପାଇଁ ପ୍ରଶାସନ ସଂକଳ୍ପବଦ୍ଧ

ଭାରତର କୋଟି କୋଟି ପର୍ଯ୍ୟଟକ ଶ୍ରୀଜଗନ୍ନାଥ ଭକ୍ତଙ୍କ ସାମାଜିକ ଓ ସାଂସ୍କୃତିକ ବିକାଶ ବିଶେଷତଃ ଉତ୍କଳୀୟ ନାଟ୍ୟ ସଂସ୍କୃତିକୁ ପରିବ୍ୟାପ୍ତ କରିବା ପାଇଁ ପ୍ରଶାସନ ସଂକଳ୍ପବଦ୍ଧ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ଏଥିପାଇଁ ଖୁବ୍‌ଶୀଘ୍ର ପୁରୀର ଏକମାତ୍ର ନାଟ୍ୟ ପ୍ରେକ୍ଷାଳୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ନବନିର୍ମାଣ କରାଯିବା ସହ ପ୍ରେକ୍ଷାଳୟ ନିର୍ମାଣ ଶୈଳୀରେ ପୁରୀର ନାଟ୍ୟନିର୍ଦ୍ଦେଶକ, ଅଭିନେତା, ସଙ୍ଗୀତକାରମାନଙ୍କ ସହଯୋଗ ନିଆଯିବ ବୋଲି ବର୍ମା କହିଛନ୍ତି। ବଡ଼ଦାଣ୍ଡର ଚିହ୍ନଟ ଅଞ୍ଚଳରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ନିର୍ମାଣ, ନିର୍ମାଣ ସମୟରେ ନାଟ୍ୟସଂସ୍ଥାକୁ ରିହାତି ମୂଲ୍ୟରେ ଟାଉନହଲ ପ୍ରଦାନ, ଅନ୍ନପୂର୍ଣ୍ଣା କଳାକାରମାନଙ୍କ ସୁରକ୍ଷା, ରଙ୍ଗମଞ୍ଚ ତଳେ ଏକ ମେଗା ଅଣ୍ଡରଗ୍ରାଉଣ୍ଡ ପାର୍କିଂ, କଳାକାର ଭକ୍ତ ନିବାସ ଓ ପୁରୀରେ ନାଟ୍ୟବିକାଶ ପାଇଁ ଖୁବଶୀଘ୍ର ପ୍ରଶାସନ ସହଯୋଗରେ ଏକ କର୍ମଶାଳାର ଆୟୋଜନ କରାଯିବ। ଏହି ଆଲୋଚନାରେ ନାଟ୍ୟକାର ତଥା ଅଭିନେତା ବଦ୍ରି ମିଶ୍ର, ବରିଷ୍ଠ ଅଭିନେତା ପ୍ରସନ୍ନ ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ, ଚଳଚ୍ଚିତ୍ର ଅଭିନେତା ସମୀର ଶତପଥୀ, ନିର୍ଦ୍ଦେଶକ ସଂଗ୍ରାମ କେଶରୀ ଦାସ ଓ ଗୋବିନ୍ଦ ମହାନ୍ତି ଉପସ୍ଥିତ ରହି ନାଟ୍ୟବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ପ୍ରଦାନ କରିଥିଲେ। ଖୁବ୍‌ଶୀଘ୍ର ପ୍ରଶାସନ ସହଯୋଗରେ କର୍ମଶାଳା ଆୟୋଜନ କରାଯିବ ବୋଲି ମିଶ୍ର ପ୍ରକାଶ କରିଛନ୍ତି।

## ୨ ହାତୀଦାନ୍ତ ଜବତ: ୩ ଗିରଫ

ପୁରୀ,୧୯।୧୦(ଅଜିତ ମହାନ୍ତି):

ହାତୀଦାନ୍ତ ଚୋରା ଚାଲାଣ ଅଭିଯୋଗରେ ତାଳବଣିଆ ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଟାଉନ ଥାନା ଅଧୀନ ଦୋଳମଣ୍ଡପ ସାହି ନୂଆସାହିର ରାହୁଲ ସିଂହ(୨୬), ସୁଆରସାହିର ଦୀପକ କୁମାର ଅଗ୍ରୱାଲ (୪୫) ଏବଂ ଶ୍ୟାମସୁନ୍ଦର ଲାଲ (୬୯)। ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ହାତୀ ଦାନ୍ତ ଜବତ କରିଛି। ଗୋଟିଏ ହାତୀ ଦାନ୍ତର ଲମ୍ବ ୧୬ ସେମି ଓ ୨୮୩ ଗ୍ରାମ। ସେହିପରି ଗର୍ଥ ୧୩ ସେମି ରହିଛି। ଦ୍ୱିତୀୟ ହାତୀଦାନ୍ତର ଲମ୍ବ ୧୨ ସେମି, ଓଜନ ୧୫୯ ଗ୍ରାମ ଏବଂ ଗର୍ଥ ୧୩ ସେମି। ପୋଲିସ ଦୁଇଟି ହାତୀ ଦାନ୍ତ ସହ ଗୋଟିଏ ବାଇକ ଜବତ କରିଛି। ତାଳବଣିଆ ପୋଲିସ ପକ୍ଷରୁ ଏସ୍‌ଡିଇ ନଂ. ୦୮/୨୩ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ସମୟରେ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲା, କେତେଜଣ ବ୍ୟକ୍ତି କେନ୍ଦ୍ରୀୟ ବିଦ୍ୟାଳୟ ପଛପାର୍ଶ୍ୱରେ ହାତୀ ଦାନ୍ତ ବିକ୍ରି ପାଇଁ ଠିଆ ହୋଇଛନ୍ତି । ଖବର ପାଇ ପୋଲିସ ଉକ୍ତ ସ୍ଥାନରେ ପହଞ୍ଚି ୩ଜଣ ବ୍ୟକ୍ତି ଗୋଟିଏ ବାଇକରେ ପାଖରେ ଠିଆ ହୋଇଥିବା ସହ ପ୍ଲାଷ୍ଟିକ୍ ଜରିରେ କିଛି ଥିବା ଦେଖିବାକୁ ପାଇଥିଲା। ସେମାନଙ୍କ ତଲାସି ନେବାରୁ ସେଥିରୁ ହାତୀଦାନ୍ତ ମିଳିଥିଲା। ତେବେ ଆର୍ଥିକ ଲାଭ ପାଇଁ ଏପରି ବ୍ୟବସାୟ କରୁଥିବା ଅଭିଯୁକ୍ତ ସ୍ୱୀକାର କରିଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ ବନ ବିଭାଗକୁ ପୋଲିସ ହସ୍ତାନ୍ତର କରିଛି।

## ୬୧ ପେଟି ବାଣ ଜବତ, ଗୋଦାମ ସିଲ୍

ଜଟଣୀ,୧୯।୧୦(ରବୀନ୍ଦ୍ର ନାଥ ମହାକୁଡ଼):

ଆଗକୁ ଆସୁଛି ଦଶହରା ଓ ଆଲୋକର ପର୍ବ ଦୀପାବଳି। ଏଥିପାଇଁ ବିଭିନ୍ନ ସ୍ଥାନରେ ଏବେଠୁ ବାଣ ବିକ୍ରି ଚାଲିଲାଣି। ତେବେ ବେଆଇନ ଭାବେ ବାଣ ପ୍ରସ୍ତୁତ ହେବା ସହିତ ବିକ୍ରି ଚାଲିଛି। ଗୁରୁବାର ଡେଲାଙ୍ଗ ଥାନା ଏବଂ ହରିରାଜପୁର ଫାଣ୍ଡି ପକ୍ଷରୁ ମିଳିତଭାବେ ମାନପୁରଠାରେ ଥିବା ଏକ ବାଣ ଗୋଦାମ ଉପରେ ଚଢ଼ାଉ କରାଯାଇଛି। ୬୧ ପେଟି ବିଭିନ୍ନ ପ୍ରକାର ବାଣ ଜବତ କରାଯିବ ସହିତ ଉକ୍ତ ଗୋଦାମକୁ ସିଲ୍ କରାଯାଇଛି। ଜବତ ବାଣକୁ ହରିରାଜପୁର ଫାଣ୍ଡିକୁ ନିଆଯାଇଥିବା ଜଣାପଡ଼ିଛି। ଏହି ଚଢ଼ାଉକୁ ନେଇ ବେଆଇନଭାବେ ବେପାର କରୁଥିବା ବାଣ ବ୍ୟବସାୟୀଙ୍କ ମଧ୍ୟରେ ଛନକା ଦେଖାଯାଇଛି। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳରେ ବେଆଇନ ଭାବେ ବାଣ ବିକ୍ରି ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## 'ଦିନାନ୍ତ ଆସର' ତୋରଣ ମୁଖ୍ୟ ଆକର୍ଷଣ

ଅସ୍ତରଙ୍ଗ,୧୯।୧୦
(ପ୍ରଦୀପ୍ତ ଦୀକ୍ଷିତ/ ମମତା ଜେନା)

ପୁରୀ ଜିଲା ଅସ୍ତରଙ୍ଗ ଦୁର୍ଗାପୂଜା ୫୫ବର୍ଷରେ ପହଞ୍ଚିଛି। ମା' ଦୁର୍ଗତିନାଶିନୀଙ୍କ ଆଗମନ ପାଇଁ ଅସ୍ତରଙ୍ଗ ଦୁର୍ଗା କ୍ଲବ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତବର୍ଷ 'ଦିନାନ୍ତ ଆସର' ତୋରଣରେ ମା' ପୂଜା ପାଇବେ। ତୋରଣ କାର୍ଯ୍ୟରେ କଲିକତାର ୬ ଜଣ କାରିଗର ନିୟୋଜିତ ଥିବାବେଳେ କୋଲକାତାର କାରିଗରମାନେ ମା'ଙ୍କ ମୂର୍ତ୍ତି ଗଢୁଛନ୍ତି। ମାସେ ହେବ କାରିଗରମାନେ କାମରେ ଲାଗିପଡ଼ିଛନ୍ତି। ମୂର୍ତ୍ତିର ଉଚ୍ଚତା ୧୧ ଫୁଟ ଓ ମେଢ଼ର ଉଚ୍ଚତା ପ୍ରାୟ ୧୫ରୁ ୨୦ ଫୁଟ ରହିବ। ପ୍ରାୟ ୨୫ଲକ୍ଷରୁ ଊର୍ଦ୍ଧ୍ୱ ବଜେଟରେ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନା ବଜାର, ଯାତ୍ରା ଆୟୋଜନ କରାଯାଇଛି। ତା'ସହ ପୂଜା କମିଟି ମିଳିତ ସହଯୋଗରେ ଓଡ଼ିଶାର ଆଗ ଧାଡ଼ିର ୨ ଯାତ୍ରାନୁଷ୍ଠାନ ଧଉଳି ଗଣନାଟ୍ୟ ଓ ସ୍ୱପ୍ନ ମହଲ ପୂଜା ମାହୋଲରେ ଦର୍ଶକଙ୍କୁ ମନୋରଞ୍ଜନ କରାଇବେ। ମା'ଙ୍କ ନିକଟରେ ପ୍ରତ୍ୟେକ ଦିନ ଖେଚୁଡ଼ି ଭୋଗ ଓ ନବମୀରେ ସ୍ୱତନ୍ତ୍ର ଭୋଗ ଲାଗି ହେବ। ଭିଡ଼କୁ ଲକ୍ଷ୍ୟ ରଖି ଦୁର୍ଗା କ୍ଲବ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ପାର୍କିଂ ସହ ୪୦ରୁ ୫୦ଜଣ ସ୍ୱେଚ୍ଛାସେବୀ ଓ ୧୦ ଜଣ ସୁରକ୍ଷା କର୍ମୀ ନିୟୋଜିତ ରହିବେ। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ। ଏ ନେଇ ଗୁରୁବାର ଅପରାହ୍ନ ସମୟରେ ଦୁର୍ଗା କ୍ଲବ ପକ୍ଷରୁ ସ୍ଥାନୀୟ ପ୍ରଶାସନ, ଗଣମାଧ୍ୟମ ପ୍ରତିନିଧି ଓ କ୍ଲବ ସଦସ୍ୟଙ୍କୁ ନେଇ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। କ୍ଲବ ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂ, ବ୍ଲକ ସାନିଟାରି ଅଧିକାରୀ ବିଭୂତି ଭୂଷଣ ଜେନା, ମେଡିକାଲ କର୍ମଚାରୀ, ଦୁର୍ଗାକ୍ଲବ ଉପଦେଷ୍ଟା ଦୁଷ୍ମନ୍ତ ପରିଡ଼ା, ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ରବୀନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ ।

# ଗ୍ରାମ ଭ୍ରମଣରେ ମା' ମଣିନାଗଦୁର୍ଗା, କନକଦୁର୍ଗା, ମାଳେଶ୍ୱରୀ

ସାକ୍ଷୀଗୋପାଳ,୧୯।୧୦
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ୍)

### ଶାସନ ବୀରରାମଚନ୍ଦ୍ରପୁରରେ ଶାରଦୀୟ ଦୁର୍ଗାପୂଜା



ଗଜପତିଙ୍କ ଦ୍ୱାରା ପ୍ରତିଷ୍ଠିତ ଆଦ୍ୟ ଶାସନ ବୀରରାମଚନ୍ଦ୍ରପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମଣିନାଗଦୁର୍ଗାଙ୍କ ଐତିହ ପରମ୍ପରା ପୂଜାନୀତି ଓ ସଂସ୍କୃତି ସହ ଜଡ଼ିତ ପ୍ରତ୍ୟେକ ଆଧାତ୍ମିକ କାର୍ଯ୍ୟର ସ୍ୱତନ୍ତ୍ରତା ବାରି ହୋଇପଡ଼େ। ଶାରଦୀୟ ଦୁର୍ଗାପୂଜା ପାଇଁ ମା'ଙ୍କ ରୀତିନୀତି ଆଶ୍ୱିନ ମାସ କୃଷ୍ଣପକ୍ଷ ଏକ ବାରଠାରୁ ଆରମ୍ଭ ହୁଏ। ସମ୍ପୂର୍ଣ୍ଣ ଆଧାତ୍ମିକ ପରିବେଶ ମଧ୍ୟରେ ମନ୍ଦିରରେ ପ୍ରତିଷ୍ଠିତ ମା' ମଣିନାଗଦୁର୍ଗା ଓ କନକଦୁର୍ଗା ବାହାର ବିଜେ ହୁଅନ୍ତି। ଏକ ସୁସଜ୍ଜିତ ବିମାନରେ ଗ୍ରାମ ଦେଇ ଫୁଲଅଲସା ମୌଜାର ସାକ୍ଷୀଗୋପାଳ ବଜାର ଚନ୍ଦନ ପୋଖରୀ ନିକଟରେ ଅନ୍ୟତମ ଅଧିଷ୍ଠାତ୍ରୀ ଦେବୀ ମା' ମାଳେଶ୍ୱରୀ ମନ୍ଦିରକୁ ବିଜେ ହୁଅନ୍ତି। ସେହିଠାରେ ମା' ତାଙ୍କ ପ୍ରିୟ ଭଉଣୀ ମାଳେଶ୍ୱରୀଙ୍କୁ ଏହି ଯାତ୍ରା ନିମନ୍ତେ ନିମନ୍ତ୍ରଣ କରିବା ସହ ଶାରଦୀୟ ଦୁର୍ଗାପୂଜାର ଅୟମାରମ୍ଭ ହୁଏ। ଷୋଳପୂଜାରେ ଯୋଗଦେବାକୁ ନିମନ୍ତ୍ରଣ ପର୍ବର ରୀତିନୀତି ସମ୍ପନ୍ନ ପରେ ମାଳେଶ୍ୱରୀଙ୍କୁ ବିଜେ କରାଯାଏ। ରଥ ଉପରେ ତିନି ଭଉଣୀଙ୍କ ମହାମିଳନ ପର୍ବ ଅନୁଷ୍ଠିତ ହୁଏ। ପରେ ସୁସଜ୍ଜିତ ବିମାନ ଦ୍ୱାରା ବାସୁକେରା ଗ୍ରାମ ଦେଇ ନିଜ ଗ୍ରାମକୁ ଆସିବା ସମୟରେ ବାସୁକେର ଗ୍ରାମ କୋଠ ପକ୍ଷରୁ ମା'ଙ୍କୁ ପୂଜାର୍ଚ୍ଚନା ଓ ଏକ ବିଶେଷ ପନ୍ତି ଭୋଗ ଅର୍ପଣ କରାଯାଏ। ଏହା ପରଦିନ ଅର୍ଥାତ ମୂଳାଷ୍ଟମୀ ଦିନ ମା'ଙ୍କ ସହସ୍ରାକୁମ୍ଭ ଅଭିଷେକ କରାଯାଏ। ଗ୍ରାମର ପ୍ରତ୍ୟେକ ଘରୁ ପାଳି ଅନୁଯାୟୀ, ଉପନ ଭୋଗ ଲାଗି ହୋଇଥାଏ। ଏହି ଆଠ ଦିନର ପୂଜା ସମ୍ପର୍ଣ୍ଣ ପରେ ଆଶ୍ୱିନୀ ମାସ ଶୁକ୍ଳ ପକ୍ଷ ପ୍ରତିପଦା ଠାରୁ ମା ଙ୍କୁ ବାହାର ବିଜେ କରାଯାଇଥାଏ। ଏହି ସମୟରେ ଗ୍ରାମବାସୀ ମା'ଙ୍କ ନିକଟରେ ଭୋଗ କରିଥାନ୍ତି। ସପ୍ତମୀ ଦିନ ବଳି ପର୍ବ ନିମନ୍ତେ ଛାଟଖମ୍ବ ପ୍ରସ୍ତୁତ ହୁଏ। ପରଦିନ ମହାଷ୍ଟମୀ ଦିନ ରାତ୍ର ଧୂପ ଓ ବଡ଼ସିଂହାର ନୀତି ପରେ ନିଶାର୍ଦ୍ଧ ରାତ୍ରରେ ତିନି ଭଉଣୀଙ୍କ ଆଜ୍ଞା ମାଳ ବାହାର ମଣ୍ଡପ ନିକଟରେ ଥିବା ସୁସଜ୍ଜିତ ଖଟୁଲିକୁ ବିଜେ କରାଯାଏ। ପରେ ଏକ ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇ ବଳି ପର୍ବ ସମାପ୍ତ କରାଯାଏ। ବଳି ପର୍ବ ପରେ ମା'ଙ୍କୁ ମହାସ୍ନାନ କରାଯାଏ। ଅଷ୍ଟମୀ ଓ ନବମୀ ତିଥିର ସନ୍ଧି ସମୟରେ ସନ୍ଧି ପୂଜା କରାଯାଏ। ଅନ୍ତିମ ଦିବସ ଦଶହରା ପର୍ବ ପାଇଁ ଗ୍ରାମର ପ୍ରତ୍ୟେକଙ୍କ ଘର ଦୁଆରେ ବିଭିନ୍ନ ପ୍ରଜାତିର ଫୁଲ ଓ ରଙ୍ଗୀନ ଅଲୋକମାଳା ଦ୍ୱାରା ସଜ୍ଜିତ କରାଯାଇଥାଏ। ସାନ୍ଧ୍ୟ ଆଳତି ଓ ରାତ୍ର ଧୂପ ପରେ ତିନି ଭଉଣୀ ମନ୍ଦିର ପଛ ଦ୍ୱାର ଦେଇ ବିମାନକୁ ବିରାଜମାନ କରିଥାନ୍ତି। ଶ୍ରୀଗୋପୀନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ଓ ରାଧାରାଣୀ ସମ୍ମୁଖ ଦ୍ୱାର ଦେଇ ବିମାନରେ ବିଜେ କରିଥାନ୍ତି। ଏହି ଯାତ୍ରାରେ ଶାସନ ଗ୍ରାମର ଚାରି ମହାଦେବ ମଧ୍ୟ ବିଜେକରି ଗ୍ରାମ ପରିଭ୍ରମଣ କରି ଦୋଳବେଦିରେ ପନ୍ତି ଭୋଗ କରାଯିବା ପରେ ମହିଷାସୁର ବଧ ନୀତି ସମ୍ପନ୍ନ ହୁଏ। ପରେ ବିମାନ ଦ୍ୱାରା ମା ମଣିନାଗ ଦୁର୍ଗାଙ୍କ ସହ ତିନି ଭଉଣୀ ବାସୁକେର ଗ୍ରାମ ଦେଇ ମାଳେଶ୍ୱରୀଙ୍କୁ ଛାଡିବା ପାଇଁ ଯାଇଥାନ୍ତି। ମାଳେଶ୍ୱରୀଙ୍କୁ ଛାଡି ମଣିନାଗଦୁର୍ଗା ଓ କନକଦୁର୍ଗା ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ସମୟରେ ପୁନଃ ବାସୁକେର କୋଠ ପକ୍ଷରୁ ଠାକୁରାଣୀଙ୍କ ନିକଟରେ ପନ୍ତି ଭୋଗ ହୁଏ। ଏହାପରେ ନିଜ ମନ୍ଦିରକୁ ଫେରନ୍ତି। ସେଠାରେ ମା'ଙ୍କୁ ମହାସ୍ନାନ ପରେ ଶାରଦୀୟ ଦୁର୍ଗାପୂଜା ନୀତି ସମାପନ ହୁଏ।

# ସହରରୁ ଗାଁ ଦାଣ୍ଡିଆ ମୋହ

ଭୁବନେଶ୍ୱର,୧୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ) – ଦଶହରାରେ ଗୁଜରାଟର ଦାଣ୍ଡିଆ ସଂସ୍କୃତି ଏବେ ଓଡ଼ିଶାରେ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ଆଗରୁ ରାଜଧାନୀରେ ଏହା ସୀମିତ ଥିଲା। ଏବେ ଓଡ଼ିଶାର ବିଭିନ୍ନ ଜିଲା ଓ ଗାଁ ମୁହାଁ ହେଲାଣି ଦାଣ୍ଡିଆ। ବାଲେଶ୍ୱର, ଯାଜପୁର ଆଦି ବିଭିନ୍ନ ଜିଲାରେ ଦାଣ୍ଡିଆକୁ ନେଇ ବଡ଼ ଆୟୋଜନ କରାଯାଉଛି। ଦାଣ୍ଡିଆର ଚାହିଦା ଦିନକୁ ଦିନ ବଢୁଥିବାବେଳେ ଏଥିରେ କେବଳ ଯୁବପିଢ଼ୀ ନୁହନ୍ତି, ସବୁ ବର୍ଗର ଲୋକେ ଯୋଡ଼ି ହେବାରେ ଲାଗିଛନ୍ତି। ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଦାଣ୍ଡିଆ ନାଇଟ୍ସର ଆୟୋଜନ କରାଯାଇଥିବାବେଳେ କେତେକ ସ୍ଥାନରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ସୂଚନା ମିଳିଛି।



## ପ୍ରଦର୍ଶନୀ ପଡ଼ିଆରେ ଜମିଲା ଦାଣ୍ଡିଆ ମହୋତ୍ସବ

ପ୍ରୟାସ ଅନୁଷ୍ଠାନ ପକ୍ଷରୁ ନବରାତ୍ର ଦାଣ୍ଡିଆ ମହୋତ୍ସବ ଗୁରୁବାରରୁ ଆରମ୍ଭ ହୋଇଛି। ଯାଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟା ୬ରୁ ରାତି ୧୦ଟା ଯାଏ ଚାଲିବ। ୟୁନିଟ୍-୩ ପ୍ରଦର୍ଶନୀ ପଡିଆ ପରିସରରେ ଏଥର ୨୨ ହଜାର ୫୦୦ ବର୍ଗଫୁଟର ମେଗା ଷ୍ଟେଜ୍‌ର ଆୟୋଜନ କରାଯାଇଛି। ଏଠାରେ ୭ଦିନ ଧରି ଅଭିଜ୍ଞ ନୃତ୍ୟଶିଳ୍ପୀଙ୍କ ତତ୍ତ୍ୱାବଧାନରେ ଦାଣ୍ଡିଆ, ଅତ୍ୟାଧୁନିକ ଏଲ୍ଇଡି ଆଲୋକ ସଜ୍ଜା, ଉନ୍ନତମାନର ଲାଇଭ୍ ବ୍ୟାଣ୍ଡ, ଆଲୋକମାଳାର ସ୍ୱତନ୍ତ୍ର ଷ୍ଟେଜ୍ ସହ ବିଭିନ୍ନ ସ୍ୱାସ୍ଥ୍ୟକର ଖାଦ୍ୟ ପାନୀୟ ଷ୍ଟଲ୍ ବ୍ୟବସ୍ଥା ହୋଇଛି।

## ଜନତା ମଇଦାନରେ କଳିଙ୍ଗ ଗରବା ରାସ

ସେବା ପ୍ରୟାସ ଫାଉଣ୍ଡେଶନ ପକ୍ଷରୁ ଜନତା ମଇଦାନରେ ନବରାତ୍ରିଦାଣ୍ଡିଆ ମହୋତ୍ସବ ବା କଳିଙ୍ଗ ଗରବା ରାସର ଆୟୋଜନ ହୋଇଛି। ୫ଦିନ ଧରି ଏହା ଅନୁଷ୍ଠିତ ହେବ। ନବମୀ ଦିନ ଷ୍ଟେଜ୍ ଉପରେ ରଙ୍ଗ ଖେଳ ହେବ। ବେଷ୍ଟ କଷ୍ଟ୍ୟୁମ୍, ଡ୍ୟାନ୍ସ,ସ୍ପେଶାଲ କପଲ୍‌ଙ୍କୁ ପୁରସ୍କୃତ କରାଯିବ। ସେହିପରି ଦଶମୀ ଦିନ ମିସ୍ ଦାଣ୍ଡିଆ କୁଇନ୍‌ର ଜୁନିୟର ଓ ସିନିୟର ବର୍ଗଙ୍କୁ ମଧ୍ୟ ପୁରସ୍କାର ଦିଆଯିବ।

## ଆଜିଠାରୁ ୪ଦିନିଆ ଦାଣ୍ଡିଆ କାର୍ନିଭାଲ୍

ନେଟ୍‌ୱର୍କ ଇଭେଣ୍ଟ ଆଣ୍ଡ ପ୍ରମୋଶନ ଏବଂ ହୋଟେଲ କ୍ରିଷ୍ଟାଲ କ୍ରାଉନ୍‌ର ମିଳିତ ସହଯୋଗରେ ୪ ଦିନିଆ ଦାଣ୍ଡିଆ କାର୍ନିଭାଲ୍ ଶୁକ୍ରବାରରୁ ଆରମ୍ଭ ହେବ। କ୍ରିଷ୍ଟାଲ କ୍ରାଉନ୍‌ଠାରେ ଅଭିନେତ୍ରୀ, ଅଭିନେତାଙ୍କ ସହ ଡିଜେ ନାଇଟ୍‌ର ବ୍ୟବସ୍ଥା ହୋଇଛି। ଭଳିକିଭଳି ଖାଦ୍ୟପେୟ ସହ ନାଚ, ଗୀତର ପୂରା ବନ୍ଦୋବସ୍ତ କରାଯାଇଛି। ପ୍ରତିଦିନ ନୂଆ ନୂଆ ତାରକା ଯୋଗଦେବେ। ଫଟୋ ଉଠାଇବା ପାଇଁ ମଧ୍ୟ ଆକର୍ଷଣୀୟ ସାଜସଜ୍ଜା ଓ ସେଲ୍ଫି ପଏଣ୍ଟ ବ୍ୟବସ୍ଥା ରହିଛି। ୬ବର୍ଷରୁ ତଳର ପିଲାଙ୍କୁ ଫ୍ରି ଏଣ୍ଟ୍ରି ରଖାଯାଇଛି।

# ରାଜଧାନୀରେ ମୁତୟନ ହେବେ ୩୧ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର,୧୯।୧୦ (ସୂର୍ଯ୍ୟକାନ୍ତ ବେହେରା)




ଶାରଦୀୟ ଦୁର୍ଗାପୂଜା ପାଇଁ ରାଜଧାନୀ ଭୁବନେଶ୍ୱର ଚଳଚଞ୍ଚଳ ହୋଇଉଠିଛି। ଚଳିତ ବର୍ଷ ରାଜଧାନୀର ୧୮୮ ସ୍ଥାନରେ ଦୁର୍ଗାପୂଜା ହୋଇଥିବା ବେଳେ ଶୁକ୍ରବାର ମଣ୍ଡପରେ ମହାଷଷ୍ଠୀ ପୂଜା ହେବ। ତେଣୁ ଏହାପୂର୍ବରୁ ସହରକୁ କିଭଳି କଡ଼ା ସୁରକ୍ଷାରେ ରଖାଯିବ ସେନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଏହାସହ ପୂଜା ନିମନ୍ତେ ସୁରକ୍ଷା ଦାୟିତ୍ୱରେ ୩୧ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ୧୨ ଜଣ ଅତିରିକ୍ତ ଡିସିପି, ୨୩ ଜଣ ଏସିପି, ୪୧ ଜଣ ଇନ୍‌ସପେକ୍ଟର ସହରରେ ନିୟୋଜିତ ହେବେ। ଏହାବାଦ ୧୫୧ ଜଣ ଏସ୍ଆଇ/ଏଏସ୍ଆଇ, ୧୨ ଜଣ ଟ୍ରାଫିକ ଅଫିସର, ୧୧୯ ଜଣ ଟ୍ରାଫିକ କନଷ୍ଟେବଳ, ୭୦ ଜଣ ଏପିଆର କନଷ୍ଟେବଳ ଓ ୨୦୭ ଜଣ ଓଏପିଏଫ କନଷ୍ଟେବଳ, ୨୦୭ ହୋମଗାର୍ଡ, ୧୬ ଜଣ ଟ୍ରାଫିକ୍ ହାବିଲଦାର, ୬୩ ଜଣ ମହିଳା କନଷ୍ଟେବଳ ନିୟୋଜିତ ହେବେ। ୨୦ରୁ ୨୫ ଅକ୍ଟୋବର ଯାଏ ପୋଲିସ ଛାଉଣୀରେ ପୂରା ରାଜଧାନୀ ରହିବ।

ଅପରପକ୍ଷେ ଟ୍ରାଫିକ୍ କଟକଣା ସହ ବ୍ଲକିଂ ଓ ଚେକିଂ କଡ଼ାକଡ଼ି ପାଟ୍ରୋଲିଂ ହେବ। ସହର ଭିତରେ ଭାରିଯାନ ଚଳାଚଳରେ ପ୍ରତିବନ୍ଧକ ରହିବ। ସେହିପରି ସେ ଆହୁରି ମଧ୍ୟ କହିଥିଲେ, ସମୁଦାୟ ତିନିଟି କାଟାଗୋରିରେ ପୂଜା ମଣ୍ଡପକୁ ସୁରକ୍ଷା ଦିଆଯିବ। ଏଥିପାଇଁ ବିଭିନ୍ନ ବିଭାଗ ସହ କମିଶନରେଟ ପୋଲିସର ଜଏଣ୍ଟ ଇନ୍ସପେକ୍ସନ ସରିଛି। ଏହାସହ ୬ଟି ଜାଗାରେ କଣ୍ଟ୍ରୋଲ ରୁମ୍ କରାଯାଇଥିବା କହିଛନ୍ତି। ସେହିପରି ବଟି ଓ ଚାନ୍ଦା ରୋକିବାକୁ ଟୋଲ ଫ୍ରି ନମ୍ବର ଜାରି କରାଯାଇଛି। ପୂରା ସୁରକ୍ଷା ବ୍ୟବସ୍ଥାକୁ ୨୪ ଘଣ୍ଟିଆ ଅନୁଧ୍ୟାନ ଭୁବନେଶ୍ୱର ଡିସିପି କରିବେ। ସେହିପରି ମୁଖ୍ୟ ମଣ୍ଡପ ତଥା ନୟାପଲ୍ଲୀ, ଶହୀଦନଗର, ରସୁଲଗଡ, ଝାରପଡ଼ା, ବରମୁଣ୍ଡା ଦୁର୍ଗାପୂଜା ଭଳି ମଣ୍ଡପରେ ଅଧିକ ସଂଖ୍ୟାକ ଗହଳି ହୋଇଥିବାରୁ ସେଠାରେ ଅଧିକ ପୋଲିସ ସହ ମହିଳା ପୋଲିସ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ରହିବେ। ସେହିପରି ରାତି ୧୦ରୁ ୧୨ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ ବୋଲି ସେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଡିସିପି ପ୍ରତୀକ ସିଂଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ନୂଆଦିଲ୍ଲୀରେ ପରମ୍ପରା ସମ୍ମାନ ଉତ୍ସବ

ଭୁବନେଶ୍ୱର,୧୯।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ନୂଆଦିଲ୍ଲୀସ୍ଥିତ କନଷ୍ଟିଚ୍ୟୁସନ କ୍ଲବଠାରେ ପରିଚୟ ଫାଉଣ୍ଡେଶନ ଆନୁକୂଲ୍ୟରେ ନବମ ପରମ୍ପରା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ପ୍ରତିଷ୍ଠାତା ସଭାପତି ଡ. ରୋଜାଲିନ ପାଟଶାଣୀ ମିଶ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସଂସ୍କୃତି ଓ ପର୍ଯ୍ୟଟନ କେନ୍ଦ୍ର ମନ୍ତ୍ରୀ କେ. ଜେ. ଆଲଫନ୍ସ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ପାଟନା ହାଇକୋର୍ଟ ପୂର୍ବତନ ବିଚାରପତି ଭି. ଏନ. ସିହ୍ନା, ପ୍ରଖ୍ୟାତ ଭାରତ ନାଟ୍ୟମ୍ ଗୁରୁ ପଦ୍ମଶ୍ରୀ ଗୀତା ଚନ୍ଦ୍ରନ, ପୂର୍ବତନ ବୈଦେଶିକ ସଚିବ ଅମରେନ୍ଦ୍ର ଖଟୁଆ, ପୂର୍ବତନ ଏମ. ପି. ଡ. ସୁନୀଲ ବଳରାମ ଗାଏକୋଆଡ, ସୁପ୍ରିମକୋର୍ଟର ବରିଷ୍ଠ ଅଧିବକ୍ତା ଡ. ମୁକୁଳ ବର୍ମା, ପ୍ରଫେସର ମନୀଷ ଚୌଧୁରୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ମାନସୀ ପ୍ରଧାନ, ନୃତ୍ୟଗୁରୁ ଇଲିଆନା ଚିତାରିଷ୍ଟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀଙ୍କ ଟିମ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ ଏବଂ ଓଡ଼ିଶାର ହାତବୁଣା ଶାଢ଼ିକୁ ପ୍ରୋତ୍ସାହନ କରିବାକୁ ମହିଳାମାନେ ଶାଢ଼ି ପରିଧାନ କରି ଚାଲିଥିଲେ ।

# ୧୪ବର୍ଷରେ ଗଜପତି ନଗର ଦୁର୍ଗାପୂଜା

ଭୁବନେଶ୍ୱର,୧୯।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ଗଜପତି ନଗର ଦୁର୍ଗାପୂଜା କମିଟି ପକ୍ଷରୁ ପୂଜା ପାଇଁ ପ୍ରସ୍ତୁତି ସରି ଆସିଲାଣି। ଚଳିତ ବର୍ଷ ଏହା ୧୪ବର୍ଷରେ ପହଞ୍ଚିଛି। ଏଥରର ବଜେଟ ୬ରୁ ୭ଲକ୍ଷ ରହିଛି। ମାଙ୍କ ମୂର୍ତ୍ତିର ଉଚ୍ଚତା ୮ରୁ ୧୨ଫୁଟ ରହିବ। ସପ୍ତମୀରେ ରକ୍ତଦାନ, ଅଷ୍ଟମୀରେ ସନ୍ଧି ପୂଜା ହେବ। ନବମୀରେ ହଜାରେ ଲୋକଙ୍କ ପାଇଁ ଖାଇବା ବ୍ୟବସ୍ଥା କରାଯିବ। ନବମୀ ଓ ଦଶମୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରାଯିବ। କମିଟି ପକ୍ଷରୁ ୩୦ଜଣ ସୁରକ୍ଷାକର୍ମୀ ଓ ସ୍ୱେଚ୍ଛାସେବୀ ୧୦ଜଣ ରହିବେ। ଡିଜେ ସହ ଭସାଣି ସହିଦନଗର ପର୍ଯ୍ୟନ୍ତ ଯିବ। ସେଠୁ ରାଜମହଲ ହୋଇ କୁଆଖାଇ ନଦୀରେ ଭସାଣି ଦିଆଯିବ। କମିଟି ସଭାପତି ବସନ୍ତ କୁମାର ସାହୁ, ସମ୍ପାଦକ ଲକ୍ଷ୍ମୀନାରାୟଣ ବେହେରା, ସହ ସମ୍ପାଦକ ବିଷ୍ଣୁପ୍ରସାଦ କର ଏ ନେଇ ସୂଚନା ଦେଇଛନ୍ତି।


ଗଜପତି ନଗର


ବମିଖାଲରେ ହସ୍ତିନାପୁର ପ୍ରାସାଦ


ରସୁଲଗଡ଼ରେ ତାଇୱାନ ବୁଦ୍ଧ ମନ୍ଦିର


ନୟାପଲ୍ଲୀରେ ମଣିମହଲ

# ମଣ୍ଡପରେ ଆଜି ମହାଷଷ୍ଠୀ

ଦୁର୍ଗାପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି ରାଜଧାନୀ ଭୁବନେଶ୍ୱର। ଶୁକ୍ରବାର ମଣ୍ଡପରେ ମହାଷଷ୍ଠୀ। ଧରାବତରଣ କରିବେ ଦୁର୍ଗତିନାଶିନୀ। ମା'ଙ୍କ ଆବାହନ ଲାଗି ସମସ୍ତେ ଅପେକ୍ଷା କରି ରହିଛନ୍ତି। ସୁସଜ୍ଜିତ ମଣ୍ଡପକୁ ସୁଉଚ୍ଚ ତୋରଣ ଓ ରଙ୍ଗାରଙ୍ଗ ଆୟୋଜନ ସହରକୁ ବେଶ୍ ଆକର୍ଷଣୀୟ କରିଦେଇଛି। ଆସନ୍ତା ୫ଦିନ ଯାଏ ଦେବୀ ଦର୍ଶନଠାରୁ ଆରମ୍ଭ କରି ମେଳାବୁଲାର ମଜାନେବେ ଶ୍ରଦ୍ଧାଳୁ।


ଝାରପଡ଼ାରେ ଗୋଲ୍ଡେନ୍ ପ୍ୟାଲେସ୍


ପଳାଶୁଣିରେ ମଧ୍ୟପ୍ରଦେଶ ଲକ୍ଷ୍ମୀ ନାରାୟଣ ମନ୍ଦିର


ପୁରୁଣା ଷ୍ଟେସନବଜାରରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି


ଶହୀଦନଗରରେ କାଳ୍ପନିକ ତୋରଣ

TATA ଉତ୍ପାଦନ



TANISHQ
presents
Dharohar
Modern Heirlooms

ଏହି ଦୀପାବଳିରେ, ଆସନ୍ତୁ, ଆଉ ଉତ୍ଫୁଲ୍ଲିତ ହୁଅନ୍ତୁ ଆଭାମୟ ବଂଶଗତ ସମ୍ପଦଙ୍କ ଯୋଗେ, ଯାହା ପ୍ରସ୍ତୁତ ହୋଇଛି ଖାସ୍ ଆପଣଙ୍କ ଲାଗି – ଉତ୍ତରାଧିକାରରେ ପ୍ରାପ୍ତର ତତ୍ତ୍ୱାବଧାରକ ଯେ ଆପଣ।



20% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ ଡାଇମଣ୍ଡ ଜ୍ୱେଲରୀ ମୂଲ୍ୟ ଉପରେ

ପାଆନ୍ତୁ 100%*
ଏକ୍ସଚେଞ୍ଜ ମୂଲ୍ୟ ଯେ କୌଣସି ଦୋକାନ ରୁ କିଣିଥିବା ନିଜର ପୁରୁଣା ସୁନା ଉପରେ

AMERICAN EXPRESS
₹10,000 Additional Discount*
on American Express® Cards.
Offer valid from 20th to 26th October 2023. Valid on Minimum Transaction of ₹1,50,000 on Diamond Jewellery & Solitaire Jewellery. T&Cs apply.

To locate your nearest store and know more on 6366920017. Buy online at tanishq.co.in or Download our App *Conditions apply, For T&C visit our website.

Showrooms at **Jeypore:** Ground Floor, S.R Central Mall, Ph: 06854-233227; **Bhubaneswar:** Master Canteen Square & Chandrashekharpur, **Cuttack:** Cantonment Road, **Rourkela:** Keshar Bhavan at Main Road, **Brahmapur:** City high School Road, **Sambalpur:** Buddharaja Road, **Angul:** Amalapada, **Balasore:** Vivekanand Marg, **Jharsuguda:** Beheremal Chowk, **Puri:** Grand Road, **Jajpur Road:** Chorda Road Bypass, **Bargarh:** Bhatli Chowk Road

LOVED IN 70 COUNTRIES

BAJAJ THE WORLD'S FAVOURITE INDIAN

# ଭାରତର ଫେଭରିଟ୍ 150
# ଏକ ପୂରା ନୂଆ ଅବତାରରେ

ଆହୁରି ମାନିଆ ପାଇଁ ସଜ ହୋଇଯାଆନ୍ତୁ, ଯେହେତୁ ଭାରତର ଫେଭରିଟ୍ 150 cc ମୋଟରସାଇକଲ ଏବେ 14.5 PS ର ପାୱର୍, ସୁତୀକ୍ଷ୍ଣ LED ହେଡ୍‌ଲ୍ୟାମ୍ପସ, ଆଉ ଏକବାରେ ସଠିକ୍ ମୋନୋଶକ୍ ସସ୍‌ପେନ୍‌ସନ୍ ରେ ସୁସଜ୍ଜ ।



THE ALL-NEW pulsar N150
DEFINITELY MALE

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ

14.5 PS ପାୱର୍

LED ପ୍ରୋଜେକ୍ଟର୍ ହେଡ୍‌ଲ୍ୟାମ୍ପସ

ନୂଆ ରିଅର୍ ମୋନୋଶକ୍ ସସ୍‌ପେନ୍‌ସନ୍

O&M ODI

72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

ସର୍ତ୍ତ ଓ ନିୟମାବଳୀ ଲାଗିବ । *ପଲ୍‌ସର୍ N150 ପ୍ରକାର ସକାଶେଏକ୍ସ-ଶୋରୁମ୍ ମୂଲ୍ୟ । ବାସ୍ତବିକ କଲର୍ ଆଉ ସହ-ଉପକରଣଗୁଡ଼ିକ ଅଲଗା ହୋଇପାରେ ଅଥବା ମାନକ ଉପକରଣଙ୍କ ଅଂଶ ହୋଇନପାରେ । ନିର୍ଦ୍ଦିଷ୍ଟ ମଡେଲସବୁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ AMC ଉପଲବ୍ଧ । ଅଧିକ ବିବରଣୀ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Balugaon** BHARAT BAJAJ 7381099441 • **Puri MSB BAJAJ 7077735752** • **Pipili MSB BAJAJ 7077735755** • **Cuttack: Badambadi SURAJ BAJAJ 8093066603** • **Rahama** MAITREE BAJAJ 9668801781, **Nayagarh MSB BAJAJ 7790048130** • **Rajsunakhala MSB BAJAJ 9668820967** • **Daspalla MSB BAJAJ 7873925390** • **Phulbani MSB BAJAJ 8917341979** • **Keonjhar JR BAJAJ 9937697094 / 9439008692**• **Angul** JAMUNA BAJAJ 7682899351 • **Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Chandikhole** TARINI BAJAJ 9937310800. **Authorised Service Centre: Balianta 7978570067**, **Balipatna** 9861061389, **Khurda** 9937785586 **Jatni** 8339062656, **Ersama** 8018800801, **Jagamara 9777042612, Sundarpada 9777042612,** **Iginia** 7064422415, **Nimapada 9437030368, Charichak 8018881850, Kakatpur 9776125534, Tangi** 8984562569, **Phulnakhara 9437410737, Niali 9437511829, Choudwar 7735864350, Salepur** 9040452661, **Jagatsinghpur** 9437273939, **Balikuda 9777683351, JajpurTown** 9937888777, **Bhuban 9438570111, Rasol 9938656276/9937513419, Kuakhia** 9937312014, **Chhatia** 9040084846, **Kamakhayanagar 9437079287, Barbil** 9437086335, **Jashipur 9437443161/8117041821**. **Dhenkikote** 9437598479 **Turmunga** 9937428333, **Karanjia** 7504810975, **Udala** 9337004355/56. **Pallahara** 9178494430, **Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576,** **Athgarh** 9937289417, **Bidharpur** 7008503281, **Banki 7978336450, Rambha** 7381099445. **Narsinghpur** 7978288573, **Badamba 9937643504 Adaspur** 9439735529, **Pattamundai** 7064987720, **Balikuda** 9861130954, **Kendrapara** 7008576945, **Nischintakoili** 8917622159